ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 2/2022 Page 16 ₹ 7.00 ★★★★

୪୮ଶ ଭାଗ ୧୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ଲକ୍ଷ୍ମୀଙ୍କୁ ମ୍ୟାଚ ରେଫରି ଦାୟିତ୍ୱ

ଭାରତର ଜି.ଏସ୍. ଲକ୍ଷ୍ମୀ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ଫାଇନାଲରେ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇବେ।

୦୮

୦୨

## ଇମ୍ରାନ୍ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଭଲ ଥିଲା ପାକ୍

ଇମ୍ରାନ ଖାନ୍ କ୍ଷମତାକୁ ଆସିବା ପୂର୍ବରୁ ପାକିସ୍ତାନର ସ୍ଥିତି ଭଲ ଥିବା କହିଛନ୍ତି ତାଙ୍କ ପୂର୍ବତନ ପତ୍ନୀ ରେହମ ଖାନ୍।



# ଦୁର୍ନୀତି ଯୋଗୁ ପୋଲିସ ଛବି ଖରାପ

**ନୂଆଦିଲ୍ଲୀ,୧।୪**

ଦୁର୍ନୀତି, ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ, ନିରପେକ୍ଷତାର ଅଭାବ ଓ ରାଜନେତାଙ୍କ ସହ ଘନିଷ୍ଠ ସମ୍ପର୍କ ଯୋଗୁ ପୋଲିସର ଛବି ଖରାପ ହୋଇଯାଇଛି। ତେଣୁ ଅସୁବିଧାରେ ପଡ଼ିଥିବା ଲୋକେ ଜରୁରୀ ସମୟରେ ପୋଲିସ ନିକଟକୁ ଯିବା ପାଇଁ କୁଣ୍ଠାବୋଧ କରୁଛନ୍ତି ବୋଲି ଶୁକ୍ରବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ସେହିପରି ସିବିଆଇ ଉପରେ ମଧ୍ୟ ସିଜେଆଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସିବିଆଇର କାର୍ଯ୍ୟାନୁଷ୍ଠାନ ଓ ନିଷ୍କ୍ରିୟତା ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିବିଆଇ ଭଳି ଏଜେନ୍ସିଗୁଡ଼ିକୁ ଗୋଟିଏ ଛାତ ତଳକୁ ଆଣିବା ପାଇଁ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ ଆବଶ୍ୟକ ବୋଲି ଜଷ୍ଟିସ୍ ରମନା ମତ ରଖିଛନ୍ତି।

'ଡେମୋକ୍ରାସି: ରୋଲ୍ ଆଣ୍ଡ ରେସ୍‌ପନ୍ସିବିଲିଟିଜ୍ ଅଫ୍ ଇନ୍‌ଭେଷ୍ଟିଗେଟିଭ୍ ଏଜେନ୍ସିଜ୍' ଶୀର୍ଷକ ଡିଜିଟାଲ ଡି.ପି. କୋହଲି ବକ୍ତୃତାମାଳାକୁ ସମ୍ବୋଧନ କରି ଜଷ୍ଟିସ୍ ରମନା କହିଛନ୍ତି, ଶାସନ ବଦଳିବା ପରେ ପୋଲିସ ଅଧିକାରୀମାନଙ୍କୁ ହଇରାଣ ☞ପୃଷ୍ଠା-୪



ଜଷ୍ଟିସ୍ ଏନ୍.ଭି. ରମନା

ସିବିଆଇର କାର୍ଯ୍ୟାନୁଷ୍ଠାନ ଓ ନିଷ୍କ୍ରିୟତା ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛି: ସିଜେଆଇ

**ଆଜିର ସମ୍ପାଦକୀୟ**

କାର୍ଯ୍ୟବୋଝ

**ଆଜିର ମନ୍ତବ୍ୟ**

"ଝିଅ ଓ ପୁଅଙ୍କୁ ବିନା ଭେଦଭାବରେ ସମାନ ସୁଯୋଗ ଦେବା ଉଚିତ। ଝିଅମାନଙ୍କ ସାମର୍ଥ୍ୟକୁ ସ୍ୱୀକୃତି ପ୍ରଦାନରେ ବିଫଳ ହେଲେ ସମାଜ ଉନ୍ନତି କରିପାରିବ ନାହିଁ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଉ ୬ ମାସ ମାଗଣା ରାଶନ ଦେବ ରାଜ୍ୟ

**ଭୁବନେଶ୍ୱର,୧।୪(ବ୍ୟୁରୋ)**

■ ଉପକୃତ ହେବେ ୮.୦୯ ଲକ୍ଷ ହିତାଧିକାରୀ, ଖର୍ଚ୍ଚ ହେବ ୯୧.୭୦ କୋଟି

ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ ଘୋଷଣା କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ)ରୁ ବଞ୍ଚିତ ହୋଇ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍ଏଫ୍ଏସ୍ଏ)ରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଆଉ ୬ ମାସ ପାଇଁ ଅତିରିକ୍ତ ମାଗଣା ଚାଉଳ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ମାଗଣା ଚାଉଳ ମିଳିବ। ଏଥିରେ ରାଜ୍ୟର ୮.୦୯ ଲକ୍ଷ ହିତାଧିକାରୀ ଉପକୃତ ହେବେ। ଏ ବାବଦରେ ୯୧.୭୦ କୋଟି ଟଙ୍କା ଖର୍ଚ୍ଚ ହେବ। ଆସନ୍ତା ୬ ମାସ ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମାସକୁ ମାଗଣାରେ ମୁଣ୍ଡ ପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ମିଳିବ। ପ୍ରତ୍ୟେକ ହିତାଧିକାରୀ ଏପ୍ରିଲ ୨୦୨୨ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମାସିକ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପାଇବେ। ୨୪,୨୭୦ ଟନ୍ ☞ପୃଷ୍ଠା-୪

# ୟୁକ୍ରେନ୍‌ର ରୁଷିଆ ଆକ୍ରମଣ



**କ୍ଷେପଣାସ୍ତ୍ର ମାଡ଼ରେ ଜଳିଗଲା ବେଲଗୋରୋଡ୍ ତୈଳ ଡିପୋ**

**କିଭ୍/ମସ୍କୋ,୧।୪**

ଫେବୃଆରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଆରମ୍ଭ କରିଥିଲା। ସେବେଠୁ ରାଜଧାନୀ କିଭ୍ ସମେତ ଅନେକ ସହରରେ ରୁଷୀୟ ସୈନ୍ୟ ବୋମା, ରକେଟ ଓ କ୍ଷେପଣାସ୍ତ୍ର ମାଡ଼ କରୁଥିବାବେଳେ ୟୁକ୍ରେନୀୟ ସୈନ୍ୟ କେବଳ ଆତ୍ମରକ୍ଷା କରୁଥିଲେ। କିନ୍ତୁ ଏବେ ଓଲଟା ଖବର ଆସିଛି। ଶୁକ୍ରବାର ସକାଳେ ରୁଷିଆ ଭୂଖଣ୍ଡ ଭିତରେ ପଶି ୟୁକ୍ରେନ୍ ଆକ୍ରମଣ କରିଛି। ୟୁକ୍ରେନ୍ ସେନାର ୨ଟି ହେଲିକପ୍ଟର ସୀମାରୁ ୪୦ କି.ମି. ଉତ୍ତରରେ ଥିବା ରୁଷିଆର ବେଲ୍‌ଗୋରୋଡ୍‌ସ୍ଥିତ ଏକ ତୈଳ ଡିପୋକୁ ଟାର୍ଗେଟ କରିଛି। କ୍ଷେପଣାସ୍ତ୍ର ମାଡ଼ରେ ଉକ୍ତ ଡିପୋ ଜଳିପୋଡ଼ି ଛାରଖାର ହୋଇଯାଇଛି। ଯୁଦ୍ଧ ଆରମ୍ଭ ହେବା ପରଠୁ ୟୁକ୍ରେନୀୟ ସୈନ୍ୟ ଦୁଇଟି ହେଲିକପ୍ଟରରେ ପ୍ରଥମ ଥର ପାଇଁ ରୁଷିଆର ବାୟୁସୀମାରେ ପ୍ରବେଶ କରିଛନ୍ତି। ସେମାନେ ବେଲ୍‌ଗୋରୋଡ୍ ତୈଳ ଡିପୋକୁ ଟାର୍ଗେଟ କରି ☞ପୃଷ୍ଠା-୪








Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

**୨ ବିମାନ ମଧ୍ୟରେ ଧକ୍କା: ୪ ପାଇଲଟ ମୃତ**

ଦକ୍ଷିଣ କୋରିଆ ବାୟୁସେନାର ଦୁଇଟି ପ୍ରଶିକ୍ଷଣ ବିମାନ ଶୁକ୍ରବାର ଆକାଶମାର୍ଗରେ ପରସ୍ପରକୁ ଧକ୍କା ଦେବାରୁ ୪ ଜଣ ପାଇଲଟ ପ୍ରାଣ ହରାଇଛନ୍ତି। ବିମାନର ଭଗ୍ନାବଶେଷ ସାଚେଓନ୍‌ରେ ପଡ଼ିଥିବା ଦେଖାଯାଇଛି। ଧ୍ୱଂସ ବିମାନକୁ ଖୋଜି ବାହାର କରିବା ଲାଗି ୩ ହେଲିକପ୍ଟର ସହ ୧୩୦ ସୈନ୍ୟ, ୯୫ ପୋଲିସ ଅଫିସର, ୬୦ ଅଗ୍ନିଶ ନିୟୋଜିତ ହୋଇଥିଲେ। ଅପରାହ୍ନ ୧ଟା ୩୭ ମିନିଟ ସମୟରେ ସାଚେଓନ୍ ସହରର କେଟି-୧ ଏୟାରପ୍ଲେନ୍ ବେସ୍‌ଠାରୁ ଦକ୍ଷିଣକୁ ୬ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଛି।

## ସଂକ୍ଷେପରେ

### ମୋଦିଙ୍କୁ ହତ୍ୟା ଧମକ

**ମୁମ୍ବାଇ,୧।୪** ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୁମ୍ବାଇ ଶାଖାକୁ ଏକ ଧମକପୂର୍ଣ୍ଣ ଇ-ମେଲ୍ ମିଳିଛି। ମେଲ୍ ପଠାଇଥିବା ବ୍ୟକ୍ତିଙ୍କ ପାଖରେ ୨୦ କିଲୋଗ୍ରାମ ଆର୍‌ଡିଏକ୍ସ ରହିଥିବା ସେ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଲକ୍ଷାଧିକ ଲୋକଙ୍କୁ ହତ୍ୟା କରିବା ପାଇଁ ସେ ପ୍ରସ୍ତୁତ ଥିବା ମେଲ୍‌ରେ ଉଲ୍ଲେଖ କରିଛନ୍ତି। ଅଜଣା ବ୍ୟକ୍ତି ଜଣଙ୍କ କେତେଜଣ ଆତଙ୍କବାଦୀଙ୍କୁ ଭେଟିଥିଲେ। ସେମାନେ ତାଙ୍କୁ ଆର୍‌ଡିଏକ୍ସ ଯୋଗାଇଦେବେ। ଖୁବ୍ ସହଜରେ ବୋମା ପାଇଯିବେ ଓ ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପାଇଁ ଯୋଜନା ହୋଇଛି। ୨୦ ସ୍ଲିପର ସେଲ୍ ସକ୍ରିୟ ହୋଇ ଲକ୍ଷାଧିକ ଲୋକଙ୍କୁ ହତ୍ୟା କରିବେ ବୋଲି ଧମକପୂର୍ଣ୍ଣ ମେଲ୍‌ରେ ଉଲ୍ଲେଖ ରହିଛି। ମେଲ୍ ପଠାଇଥିବା ବ୍ୟକ୍ତିଙ୍କୁ ଠାବ କରିବା ଲାଗି ଏନ୍‌ଆଇଏ ଏବଂ ଗୋଇନ୍ଦା ସଂସ୍ଥା ଉଦ୍ୟମ ଚଳାଇଛନ୍ତି।

### ସ୍ତ୍ରୀଙ୍କୁ ଟମାଟୋ କହିଥିବା ବ୍ୟକ୍ତିଙ୍କୁ ହତ୍ୟାକଲେ ସ୍ୱାମୀ

**ପାଟନା,୧।୪:** ବିହାରର ମୁଙ୍ଗେର ଜିଲାରେ ଏକ ଦୁଃଖଦ ଘଟଣା ଘଟିଛି। ସ୍ତ୍ରୀଙ୍କୁ 'ଟମାଟୋ' କହିଦେବାରୁ ଏହାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଖବର ଅନୁଯାୟୀ, ଜଗତପୁର ଗ୍ରାମର ଜଣେ ମହିଳା ଗତ ମଙ୍ଗଳବାର ହାଟରୁ ଫେରୁଥିବାବେଳେ ପଡୋଶୀ ମହେଶ ଦାସ (୫୬) ତାଙ୍କୁ ଟମାଟୋ କହି ଚିଡ଼ାଇଥିଲେ। ସେ ଅସଦାଚରଣ କରିଥିବା ନେଇ ମହିଳା ଜଣଙ୍କ ତାଙ୍କ ସ୍ୱାମୀ ବ୍ରହ୍ମଦେବ ଦାସଙ୍କୁ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ରହ୍ମଦେବ ଅନ୍ୟ ୬ ଜଣଙ୍କୁ ସାଙ୍ଗରେ ନେଇ ମହେଶଙ୍କୁ ଆକ୍ରମଣ କରିଥିଲେ। ସଂଜ୍ଞାହୀନ ଅବସ୍ଥାରେ ମହେଶଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ୨ ମହିଳାଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ଅଛନ୍ତି।

### ପଦୋନ୍ନତିରେ ସଂରକ୍ଷଣ ହଟିଲେ କର୍ମଚାରୀ ଅଶାନ୍ତି ସୃଷ୍ଟି ହୋଇପାରେ: କେନ୍ଦ୍ର

**ନୂଆଦିଲ୍ଲୀ,୧।୪ :** ସରକାରୀ ଚାକିରିରେ ଥିବା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀଙ୍କୁ ପଦୋନ୍ନତି କ୍ଷେତ୍ରରେ ମିଳୁଥିବା ସଂରକ୍ଷଣ ସୁବିଧାକୁ ହଟାଗଲେ ଅଶାନ୍ତି ଓ ବିବାଦ ସୃଷ୍ଟି ହୋଇପାରେ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ସମ୍ବିଧାନ ଅନୁଯାୟୀ ସଂରକ୍ଷଣ ନୀତି କାର୍ଯ୍ୟକାରୀ ହେଉଥିବା ଜଷ୍ଟିସ ନାଗେଶ୍ୱର ରାଓ ଏବଂ ବି.ଆର୍, ଗଭାଇଙ୍କ ଖଣ୍ଡପୀଠରେ ସତ୍ୟପାଠ ଜରିଆରେ କେନ୍ଦ୍ର ସରକାର ଜଣାଇଛନ୍ତି। ଯଦି ଗୋଟିଏ ମାମଲାରେ ଏଥିପାଇଁ ଅନୁମତି ଦିଆ ନ ଯାଏ, ତେବେ ଏସ୍‌ସି/ଏସ୍‌ଟି କର୍ମଚାରୀମାନଙ୍କୁ ପଦୋନ୍ନତିରେ ମିଳୁଥିବା ସଂରକ୍ଷଣ ସୁବିଧା ପ୍ରତ୍ୟାହାର ଆବଶ୍ୟକ ପଡ଼ିବ। ଫଳରେ ଏସ୍‌ସି ଏବଂ ଏସ୍‌ଟି କର୍ମଚାରୀମାନଙ୍କ ପଦାବନତି କରିବା ସହ ସେମାନଙ୍କ ବେତନ ଓ ପେନ୍‌ସନକୁ ପୁନଃ ନିର୍ଦ୍ଧାରଣ କରିବାକୁ ହେବ। ଏଥିସହିତ ଯେଉଁମାନେ ଅଧିକ ବେତନ ଓ ପେନ୍‌ସନ ପାଇଛନ୍ତି, ତାହା ସେମାନଙ୍କଠାରୁ ଆଦାୟ କରିବାକୁ ପଡ଼ିପାରେ, ଯାହା ବିବାଦ ସୃଷ୍ଟି କରିବା ସହ କର୍ମଚାରୀ ଅଶାନ୍ତି ବୃଦ୍ଧି କରିବ ବୋଲି କେନ୍ଦ୍ର ସରକାର କହିଛନ୍ତି।

# ଭାରତ ଯାହା କିଣିବ ରୁଷିଆ ଦେବ

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ପୁଟିନ୍‌ଙ୍କ ଦୂତ



ସେରଗି ଲାଭ୍ରୋଭ | ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ,୧।୪**

ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ମସ୍କୋ ବିରୋଧୀ ଆଭିମୁଖ୍ୟ ଗ୍ରହଣ ପାଇଁ ନୂଆଦିଲ୍ଲୀ ଉପରେ ଚାପ ବଢ଼ିବାରେ ଲାଗିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ସନ୍ଧ୍ୟାରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ ଭେଟିଛନ୍ତି। ରୁଷିଆଠାରୁ ଭାରତ ଯାହା କିଣିବାକୁ ଚାହିଁବ ଆମେ ତାହା ଯୋଗାଇଦେବୁ ବୋଲି ସେ କହିଛନ୍ତି। ସେହିପରି ୟୁକ୍ରେନ୍ ସଙ୍କଟ ପ୍ରସଙ୍ଗରେ ମୋଦି ମଧ୍ୟସ୍ଥ ଭୂମିକା ନେବା ଉପରେ ଲାଭ୍ରୋଭ କହିଛନ୍ତି, ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଦେଶ। ଭାରତ ଯଦି ସମାଧାନ ଦିଗରେ ସେହି ଭୂମିକା ନିଏ ତେବେ ରୁଷିଆ ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେଇପାରେ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିଜ ନିଜ ଉତ୍ତରଦାୟିତ୍ୱ ଭୁଲିଗଲେଣି। ଏଭଳି ପ୍ରକ୍ରିୟାକୁ ଭାରତ ସମର୍ଥନ କରିପାରେ ବୋଲି ଲାଭ୍ରୋଭ କହିଛନ୍ତି। ଯୁଦ୍ଧ ପରେ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୧୦ ଡଲାର ବଢ଼ିଥିବାବେଳେ ରୁଷିଆ ପୂର୍ବ ତୁଳନାରେ ଭାରତକୁ ୩୫ ଡଲାର ରିହାତିରେ ତେଲ ଦେଉଛି। ଏହାସହ ବର୍ଷକୁ ୧୫ ନିୟୁତ ବ୍ୟାରେଲ ଅଶୋଧିତ ତେଲ ରପ୍ତାନି କରିବାକୁ ପ୍ରସ୍ତାବ ଦେଇଛି। ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ ନୂଆଦିଲ୍ଲୀ ଓ ମସ୍କୋ ଟଙ୍କା-ରୁବଲ ବିନିମୟରେ କାରବାର କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ରୁଷିଆଠାରୁ ତୈଳ ଆମଦାନୀକୁ ନେଇ ଭାରତ ଉପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଚାପ ବଢ଼ିବାରେ ଲାଗିଛି। ୱାଶିଂଟନ ଜାରି କରିଥିବା ମସ୍କୋ ବିରୋଧୀ କଟକଣାକୁ ନ୍ୟୂନ ଉଦ୍ୟମ କରୁଥିବା ଦେଶଗୁଡ଼ିକୁ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଗୁରୁବାର ନୂଆଦିଲ୍ଲୀରେ ଆମେରିକାର ଅର୍ଥନୀତି ସମ୍ପର୍କିତ ଜାତୀୟ ସୁରକ୍ଷା ଉପପରାମର୍ଶଦାତା (ଡେପୁଟି ଏନ୍‌ଏସ୍‌ଏ) ଦଲୀପ ସିଂ ଚେତାବନୀ ଦେଇଥିଲେ। ବ୍ରିଟେନ୍ ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍ ମଧ୍ୟ ରୁଷିଆ ବିରୋଧରେ କଟକଣା ଜରି କରିବାରେ ଭାରତ ସାମିଲ ହେବା ଉଚିତ ବୋଲି ମତ ରଖିଥିଲେ। ଏଭଳି ସମୟରେ ପୁଟିନ୍‌ଙ୍କ ଦୂତ ସେରଗି ଲାଭ୍ରୋଭ ନୂଆଦିଲ୍ଲୀ ଆସିଛନ୍ତି। ଗତ ୨ ସପ୍ତାହ ମଧ୍ୟରେ ବ୍ରିଟେନ, ଚାଇନା, ଅଷ୍ଟ୍ରିଆ, ଗ୍ରୀସ୍ ଓ ମେକ୍ସିକୋରୁ ଭାରତ ଗସ୍ତରେ ଆସିଥିବା କୌଣସି ମନ୍ତ୍ରୀଙ୍କୁ ମୋଦି ସାଧାରଣରେ ସାକ୍ଷାତ କରି ନ ଥିବାବେଳେ ଲାଭ୍ରୋଭଙ୍କ ସହ ୪୦ ମିନିଟ ଧରି ଆଲୋଚନା କରିଛନ୍ତି। ସାକ୍ଷାତ ପୂର୍ବରୁ ଲାଭ୍ରୋଭ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଏକ ମିଳିତ ପ୍ରେସ୍ କନ୍‌ଫରେନ୍ସରେ କହିଥିଲେ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କଠାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ଦେଶ୍ୟରେ ସେ ଏକ 'ବ୍ୟକ୍ତିଗତ ବାର୍ତ୍ତା' ନେଇ ଆସିଛନ୍ତି। ପୁଟିନ୍ ଓ ମୋଦି ନିୟମିତ ଭାବେ ପରସ୍ପର ସହ ଆଲୋଚନା କରୁଛନ୍ତି। ସେ ଏହି ଗସ୍ତ ବେଳେ ନିଜ ଆଲୋଚନା ସମ୍ପର୍କରେ ପୁଟିନ୍‌ଙ୍କୁ ଅବଗତ କରାଇବେ। ଏହି ଅବସରରେ ସେ ଭାରତର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଆଜିକାଲି ଆମର ପାଶ୍ଚାତ୍ୟ ସହକର୍ମୀମାନେ ଯେକୌଣସି ତାତ୍ପର୍ଯ୍ୟପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରସଙ୍ଗକୁ ୟୁକ୍ରେନ୍ ସଙ୍କଟ ସହ ଯୋଡୁଛନ୍ତି। କିନ୍ତୁ ଏଭଳି ସ୍ଥିତିରେ ଭାରତ ଏକତରଫା ନ ହୋଇ ଯେଉଁ ଆଭିମୁଖ୍ୟ ନେଇଛି ତାକୁ ଆମେ ପ୍ରଶଂସା କରୁଛୁ।

### ପାକ୍ ଉପରେ କ୍ଷୁବ୍ଧ ଶକ୍ତିଶାଳୀ ଦେଶ ଭାରତକୁ ସମର୍ଥନ କରୁଛି: ଇମ୍ରାନ୍



**ଇସ୍‌ଲାମାବାଦ,୧।୪**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ରବିବାର ଅନାସ୍ଥା ଭୋଟର ସମ୍ମୁଖୀନ ହେବାକୁ ଯାଉଥିବାବେଳେ ସେଠାର ରାଜନୈତିକ ଅଚଳାବସ୍ଥା ପାଇଁ ସେ ଏକ ଶକ୍ତିଶାଳୀ ଦେଶକୁ ଦାୟୀ କରିଆସୁଛନ୍ତି। ସେ ନିକଟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିବାରୁ ଏଥିରେ କ୍ଷୁବ୍ଧ ଶକ୍ତିଶାଳୀ ଦେଶ ଭାରତକୁ ସହାୟତା କରୁଛି ବୋଲି ଆମେରିକା ନାଁ ନ ନେଇ ଇମ୍ରାନ୍ କହିଛନ୍ତି। ଦେଶ ପାଇଁ ସ୍ୱାଧୀନ ବିଦେଶ ନୀତି ଜରୁରୀ। ପାକିସ୍ତାନ ଅନ୍ୟ ଶକ୍ତିଶାଳୀ ଦେଶ ଉପରେ ନିର୍ଭରଶୀଳତା ଗୁଣ ଯୋଗୁ ପାକିସ୍ତାନ ଶୀର୍ଷ କ୍ଷମତାରେ ପହଞ୍ଚିପାରି ନାହିଁ ବୋଲି ଇସ୍‌ଲାମାବାଦ ସୁରକ୍ଷା ଆଲୋଚନାରେ ଭାଗନେଇ ଇମ୍ରାନ କହିଛନ୍ତି। ସ୍ୱାଧୀନ ବିଦେଶ ନୀତି ନ ଥିଲେ ଏକ ଦେଶ ଏହାର ନାଗରିକମାନଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବ ନାହିଁ। ତାଙ୍କ ରୁଷିଆ ଗସ୍ତ ଯୋଗୁ ଆମେରିକା କ୍ଷୁବ୍ଧ ହୋଇଥିବାବେଳେ ସେଠାରୁ ତେଲ ଆମଦାନୀ କରୁଥିବା ଭାରତକୁ ସମର୍ଥନ କରୁଛି ବୋଲି ଇମ୍ରାନ କହିଛନ୍ତି।

### ଆମେରିକା କୂଟନୀତିଜ୍ଞଙ୍କୁ ପାକିସ୍ତାନର ସମନ

**ଇସ୍‌ଲାମାବାଦ,୧।୪**

ପାକିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାରରେ ଆମେରିକା ହସ୍ତକ୍ଷେପ କରୁଥିବା ଅଭିଯୋଗ କରି ଇସ୍‌ଲାମାବାଦ ଆମେରିକାର ବରିଷ୍ଠ କୂଟନୀତିଜ୍ଞ ଆଙ୍ଗେଲା ପି ଆଗେଲରଙ୍କୁ ସମନ ଜାରି କରିବା ସହ ପ୍ରତିବାଦ ଜଣାଇଛି। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ କ୍ଷମତାଚ୍ୟୁତ କରିବା ପଛରେ ବିଦେଶୀ ଷଡ଼ଯନ୍ତ୍ର ରହିଥିବା ସେ ଅଭିଯୋଗ କରିଆସୁଛନ୍ତି। ତେବେ ଗୁରୁବାର ଆମେରିକା ପରରାଷ୍ଟ୍ର ବିଭାଗ ଇମ୍ରାନଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲା। ଗୁରୁବାର ଇମ୍ରାନ୍ ରାଷ୍ଟ୍ରକୁ ଏକ ଟେଲିଭିଜନ ବାର୍ତ୍ତା ଦେବା ଅବସରରେ ଆମେରିକାରୁ ଧମକପୂର୍ଣ୍ଣ ଚିଠି ମିଳିଥିବା କଥା କହିଥିଲେ। ତାଙ୍କୁ କ୍ଷମତାରୁ ହଟାଇବା ଲାଗି ଏହା ଷଡ଼ଯନ୍ତ୍ର ବୋଲି ସେ ଅଭିଯୋଗ କରିଥିଲେ।

## ପଞ୍ଜାବକୁ ଚଣ୍ଡିଗଡ଼ ହସ୍ତାନ୍ତର ଦାବି



ବିଧାନସଭାରେ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ପ୍ରସ୍ତାବ ଉପରେ ଆଲୋଚନା କରୁଛନ୍ତି।

### ବିଧାନସଭାରେ ପ୍ରସ୍ତାବ ଗୃହୀତ

**ଚଣ୍ଡିଗଡ଼,୧।୪**

ଚଣ୍ଡିଗଡ଼ରେ ପଞ୍ଜାବ ସେବା ନିୟମ ପରିବର୍ତ୍ତେ କେନ୍ଦ୍ରୀୟ ସେବା ନିୟମାବଳୀ ଲାଗୁ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କିଛିଦିନ ପୂର୍ବରୁ ଘୋଷଣା କରିଥିଲେ। ଶୁକ୍ରବାର ପଞ୍ଜାବ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଚଣ୍ଡିଗଡ଼କୁ ହସ୍ତାନ୍ତର କରିବା ଲାଗି ଏକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଭାଜପା ସଦସ୍ୟମାନଙ୍କ ଅନୁପସ୍ଥିତିରେ ଧ୍ୱନିମତରେ ପ୍ରସ୍ତାବ ଗୃହୀତ ହୋଇଥିଲା। ପୂର୍ବରୁ ଭାଜପା ସଦସ୍ୟ ପ୍ରସ୍ତାବକୁ ବିରୋଧୀ କରି କକ୍ଷତ୍ୟାଗ କରିଥିଲେ। ଗୃହକୁ ଉଦ୍‌ବୋଧନ ଦେଇ ନୂଆ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ କହିଥିଲେ, ରାଜ୍ୟର ଅଧିକାର ହାସଲ ପାଇଁ ସେ ଲଢ଼େଇ ଜାରି ରଖିବେ। ପଞ୍ଜାବକୁ ଚଣ୍ଡିଗଡ଼ ହସ୍ତାନ୍ତର ଲାଗି ସେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

ପ୍ରସ୍ତାବ ଆଗତ କରି ମାନ୍ କହିଥିଲେ, ପଞ୍ଜାବ ପୁନର୍ଗଠନ ଆଇନ, ୧୯୬୬ ଅନୁଯାୟୀ ଏହି ରାଜ୍ୟ ଗଠନ ହୋଇଥିଲା। ପରେ ପଞ୍ଜାବ ପୁନର୍ଗଠିତ ହୋଇ ହରିୟାଣା, ଚଣ୍ଡଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି ହେବା ସହ କେତେକ ଅଞ୍ଚଳ ତତ୍କାଳୀନ କେନ୍ଦ୍ରଶାସିତ ଅଞ୍ଚଳ ହିମାଚଳପ୍ରଦେଶକୁ ହସ୍ତାନ୍ତର କରାଯାଇଥିଲା। ସେବେଠାରୁ ଭାକ୍ରା ବେଆସ୍ ପରିଚାଳନା ବୋର୍ଡ ଭଳି ସଂସ୍ଥାକୁ ମିଳିତ ସମ୍ପତ୍ତି ଦର୍ଶାଯାଇ ଏହାର ବିଭିନ୍ନ ଭାଗର ପରିଚାଳନା ପଞ୍ଜାବ ଓ ହରିୟାଣାକୁ ଦିଆଯାଇଛି। କେନ୍ଦ୍ର ସରକାର ନିକଟରେ ନେଇଥିବା କେତେକ ପଦକ୍ଷେପ ଦ୍ୱାରା ଏହି ସନ୍ତୁଳନକୁ ବିଗାଡ଼ିବାକୁ ଉଦ୍ୟମ ହେଉଥିବା ମାନ୍ କହିଛନ୍ତି। ପ୍ରସ୍ତାବକୁ ଆପ୍ ସମେତ କଂଗ୍ରେସ, ଶିରୋମଣି ଅକାଳୀ ଦଳ, ବିଏସ୍‌ପି ସମର୍ଥନ କରିଥିବାବେଳେ ଭାଜପା ସଦସ୍ୟ ବିରୋଧ କରିଥିଲେ।



ନୂଆଦିଲ୍ଲୀର ଲୋଧି ଗାର୍ଡେନ୍‌ରେ ୟୁକ୍ରେନୀୟ ମହିଳାମାନେ ନିଜ ଦେଶର ଜାତୀୟ ପତାକା ଧାରଣ କରି ଭାରତ ସରକାରଙ୍କ ସମର୍ଥନ ଦାବି କରୁଛନ୍ତି।

## ଇମ୍ରାନ୍ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଭଲ ଥିଲା ପାକିସ୍ତାନ: ରେହମ



**ଇସଲାମାବାଦ,୧।୪**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ଆସନ ଟଳମଳ ସ୍ଥିତିରେ ଥିବାବେଳେ ତାଙ୍କ ପୂର୍ବତନ ସ୍ତ୍ରୀ ରେହମ ଖାନ୍‌ଙ୍କ ଏକ ବୟାନ ସାମ୍ନାକୁ ଆସିଛି। ସେ କହିଛନ୍ତି, ଇମ୍ରାନଙ୍କ ଶାସନରେ ଦେଶରେ ଉପୁଜିଥିବା ଜଟିଳ ସ୍ଥିତିକୁ ଦୂର କରିବା ପାଇଁ ଦେଶବାସୀଙ୍କୁ ଏକାଠି ହେବାକୁ ପଡ଼ିବ। ଇମ୍ରାନ ଶାସନ କ୍ଷମତାକୁ ଆସିବା ପୂର୍ବରୁ ପାକିସ୍ତାନ ସ୍ଥିତି ଭଲ ଥିଲା। ଦେଶ ଚଳାଇବା ପାଇଁ ଇମ୍ରାନ୍‌ଙ୍କ ପାଖରେ କ୍ଷମତା କି ଦକ୍ଷତା ନ ଥିବା ଟୁଇଟରରେ ଏକ ପୋଷ୍ଟ ଶେୟାର କରି ରେହମ କହିଛନ୍ତି। ୨୦୧୮ରେ ଶାସନ କ୍ଷମତାକୁ ଆସିଥିବା ଇମ୍ରାନ୍ 'ନୂଆ ପାକିସ୍ତାନ' ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଇମ୍ରାନଙ୍କ ବିରୋଧରେ ପାର୍ଲାମେଣ୍ଟରେ ଆଗତ ଅନାସ୍ଥା ପ୍ରସ୍ତାବ ନେଇ ଭୋଟ ଗ୍ରହଣ ଆସନ୍ତା ୩ ତାରିଖରେ କରାଯିବ। ଇମ୍ରାନ୍‌ଙ୍କ ଇସ୍ତଫା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଗୁରୁବାର ଇମ୍ରାନ୍ କହିଥିଲେ ଯେ, ୨୦ ବର୍ଷ ଧରି ମୁଁ କ୍ରିକେଟ ଖେଳିଛି। ଶେଷ ବଲ୍ ପର୍ଯ୍ୟନ୍ତ ମୁଁ ଖେଳିଛି।

### କଶ୍ମୀରରୁ ୧୨ ରୋହିଙ୍ଗ୍ୟା ଗିରଫ

**ଶ୍ରୀନଗର,୧।୪**

ଜମ୍ମୁ କଶ୍ମୀରର କାଠୁଆ ଜିଲା ଅନ୍ତର୍ଗତ ହିରାନଗର ଅଞ୍ଚଳରୁ ସ୍ଥାନୀୟ ପୋଲିସ ୧୨ ରୋହିଙ୍ଗ୍ୟା ମୁସଲମାନଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଛି। ରିପୋର୍ଟ ଅନୁସାରେ ଗିରଫ ରୋହିଙ୍ଗ୍ୟା ମୁସଲମାନ ଜମ୍ମୁ କଶ୍ମୀରରେ ଅନୁପ୍ରବେଶ କରିଥିବାବେଳେ ସେମାନେ ଶରାଣାର୍ଥୀ ଭାବେ ୮ ବର୍ଷ ହେବ ପ୍ରଦେଶର ଭଟିଣ୍ଡି ଏବଂ ନରୱାଲରେ ରହୁଆସୁଛନ୍ତି। ଗୁଲ ତହସିଲ ଅନ୍ତର୍ଗତ ଡାର ଗ୍ରାମରୁ ଏକ ତବଲିଘି ସଂଗଠନ ସହ ମିଶି ଏମାନେ ଜମ୍ମୁ କଶ୍ମୀର ଆସିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ସାଟେଲାଇଟ୍ ଚିତ୍ରରେ ବିଶାଳକାୟ ସାପ କଙ୍କାଳ



**ପ୍ୟାରିସ,୧।୪**

ଫ୍ରାନ୍ସର ଟିଟାନୋବୋଆରେ ଏକ ବିଶାଳକାୟ ସାପର କଙ୍କାଳ ଦେଖାଯାଇଛି। ଗୁଗଲ୍ ମ୍ୟାନ୍ ସାଟେଲାଇଟ୍ ଚିତ୍ରରୁ ଏହା ଚିହ୍ନଟ ହୋଇଥିବାବେଳେ ସ୍କେଲିଟନର ଲମ୍ବ ରହିଛି ୨୨୫ ଫୁଟ ଅର୍ଥାତ୍ ୧୩୦ ମିଟର। ଫ୍ରାନ୍ସର ଲେ ସରପେଣ୍ଟ ଡି'ଓସେନରେ ଏହି ବିଶାଳକାୟ କଙ୍କାଳ ଦେଖିବାକୁ ମିଳିଛି। ଗୁଗଲ ମ୍ୟାପ୍‌ରେ ଦେଖାଯାଉଥିବା କଙ୍କାଳର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଥିବାବେଳେ କଙ୍କାଳଟି ମେଟାଲରେ ତିଆରି ହୋଇଥିବା କେତେଜଣ ୟୁଜର ଦାବି କରିଛନ୍ତି। ସାଟେଲାଇଟ୍ ଚିତ୍ରରେ ଦେଖିବାକୁ ମିଳିଥିବା କଙ୍କାଳ ସତରେ ଏକ ବିଶାଳ ସାପର କି ନା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ।

# ଶ୍ରୀଲଙ୍କାରେ ଜନ ଅସନ୍ତୋଷ ତୀବ୍ର

## ରାଷ୍ଟ୍ରପତିଙ୍କ ଇସ୍ତଫା ଦାବିରେ ତେଜିଲା ଆନ୍ଦୋଳନ



**କଲମ୍ବୋ,୧।୪**

ଆର୍ଥିକ ସଙ୍କଟ କାରଣରୁ ଶ୍ରୀଲଙ୍କାରେ ଜନ ଅସନ୍ତୋଷ ତୀବ୍ର ହୋଇଛି। ରାଷ୍ଟ୍ରପତି ଗୋଟାବାୟା ରାଜ୍‌ପାକ୍‌ସେଙ୍କ ଇସ୍ତଫା ଦାବିରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଦେଶର ଜଟିଳ ସ୍ଥିତି ପାଇଁ ରାଜପାକ୍‌ସେଙ୍କୁ ଦାୟୀ କରାଯାଉଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଗୋଟାବାୟାଙ୍କ କଲମ୍ବୋସ୍ଥିତ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭବେଳେ ଉତ୍ତ୍ୟକ୍ତ ଲୋକେ ବସ୍ ଜାଳି ଦେଇଥିଲେ। ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ଭିତରେ ୫ ପୋଲିସ ଅଧିକାରୀ ଆହତ ହୋଇଥିବାବେଳେ ପୋଲିସ ୪୫ ଜଣଙ୍କୁ ଗିରଫ କରିଛି। । ବିକ୍ଷୋଭ କାରଣରୁ ରାଜଧାନୀ କଲମ୍ବୋର ୪ ପ୍ରମୁଖ ଅଞ୍ଚଳ ମାଉଣ୍ଟ ଲାଭିନିଆ, କେଲାନିୟା, ସାଉଥ୍ କଲମ୍ବୋ ସେଣ୍ଟର ଏବଂ ଉତ୍ତର କଲମ୍ବୋରେ ସରକାରଙ୍କ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଥିଲା। ସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ଶୁକ୍ରବାର କର୍ଫ୍ୟୁ ହଟିଥିଲା। ବିକ୍ଷୋଭରେ ଚରମପନ୍ଥୀ ସଂଗଠନର ସମ୍ପୃକ୍ତି ଥିବା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆର୍ଥିକ ସଙ୍କଟ କାରଣରୁ ଦେଶରେ ଖାଦ୍ୟ ସାଙ୍ଗକୁ ଆବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ଏବଂ ଅଭାବ ଦେଖାଯାଇଛି। ଲୋକେ ଖାଦ୍ୟ ଅଭାବ କାରଣରୁ ଦେଶ ଛାଡୁଥିବା ଦେଖିବାକୁ ମିଳିଛି। ବୈଦେଶିକ ମୁଦ୍ରା ଓ ଜାଳେଣି ଅଭାବ କାରଣରୁ ଦେଶରେ ୧୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ କାଟ ହେଉଛି। ଅନାବଶ୍ୟକ କର ଛାଡ଼ ପାଇଁ ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିବା କୁହାଯାଉଛି। ସଙ୍କଟରୁ ବାହାରିବା ପାଇଁ ଶ୍ରୀଲଙ୍କା ଅନ୍ୟ ରାଷ୍ଟ୍ରଗୁଡ଼ିକୁ ସାହାଯ୍ୟ ମାଗୁଥିବାବେଳେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ସହ ଆଲୋଚନା ଜାରି ରଖିଛି। ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ଆଲୋଚନା କରାଯିବ ବୋଲି ଆଇଏମ୍‌ଏଫ୍ ଆଶ୍ୱାସନା ଦେଇଥିବାବେଳେ ଭାରତ ଓ ଚାଇନାଠାରୁ ଆର୍ଥିକ ସହାୟତା ମିଳିବା ନେଇ ଶ୍ରୀଲଙ୍କା ଆଶା ରଖିଛି। ଅନ୍ୟପଟେ ଶ୍ରୀଲଙ୍କାରେ ଥିବା ତାମିଲମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ବେରୋଜଗାରୀ ଏବଂ ଦରବୃଦ୍ଧି ଦାଉରୁ ରକ୍ଷା ପାଇବା ପାଇଁ ଏକାଧିକ ପରିବାର ଶ୍ରୀଲଙ୍କା ଛାଡ଼ି ତାମିଲନାଡୁ ଆସିଥିବା ଷ୍ଟାଲିନ୍ କହିଛନ୍ତି।

# ଏନ୍‌ଏଫ୍‌ଟିରେ ଆତ୍ମା ବିକ୍ରି

**ନେଦରଲାଣ୍ଡସ୍, ୧।୪**





ମିମ୍, ଜୋକ୍ ଏବଂ ମନୋରଞ୍ଜନ ଭିଡିଓ ଆଦି ନନ୍ ଫନ୍‌ଜିବଲ ଟୋକେନ (ଏନ୍‌ଏଫ୍‌ଟି) ଜରିଆରେ ବିକ୍ରି ହେଉଛି। ନେଦରଲାଣ୍ଡସ୍ଥିତ ହେଗ୍ ଆର୍ଟ ଏକାଡେମୀର ୨୧ ବର୍ଷୀୟ ଛାତ୍ର ଷ୍ଟିଜନ ଭାନ୍ ଶ୍ଚେକ୍ ନିଜ ଆତ୍ମାକୁ ବିକ୍ରି କରିବା ପାଇଁ ଏନ୍‌ଏଫ୍‌ଟି ପ୍ଲାଟଫର୍ମକୁ ବାଛିଛନ୍ତି। ଆତ୍ମା ବିକ୍ରି ପାଇଁ ସେ ଏକ ୱେବ୍ ସାଇଟ୍ ତିଆରି କରିଛନ୍ତି। ଏଥିରେ ସେ ନିଜକୁ ଜଣେ କ୍ରିପ୍ଟୋ ଫ୍ୟାନ୍ ବୋଲି ଉଲ୍ଲେଖ କରି ଆତ୍ମା ବିକ୍ରି ଲାଗି କରାଯିବାକୁ ଥିବା ଏଗ୍ରିମେଣ୍ଟ ପାଇଁ କ୍ରିଏଟିଭ୍ ରାଇଟରଙ୍କୁ ହାୟର କରିଥିବା କହିଛନ୍ତି। ଷ୍ଟିଜନ୍ ଏକ ପେପର ମଧ୍ୟ ନିଜ ୱେବ୍ ସାଇଟ୍‌ରେ ଅପ୍‌ଲୋଡ କରିଛନ୍ତି, ଯେଉଁଥିରେ ବିକ୍ରି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ସେ ଭର୍ଚୁଆଲ ମୋଡ୍‌ରେ କିଭଳି ଭାବେ ଅଧିକ ପରିମାଣ ଅର୍ଥ ରୋଜଗାର କରି ହେବ ସେ ବିଷୟରେ ତର୍ଜମା ଜାରି ରଖିଛନ୍ତି। ନିଜ ଆତ୍ମା ବିକ୍ରି କରିବାକୁ ନେଇ ସେ କହିଛନ୍ତି ଯେ, ଏହା ନିହାତି ଭାବେ ଏନ୍‌ଏଫ୍‌ଟି ୟୁଜର୍ସଙ୍କ ଦୃଷ୍ଟି ଆକର୍ଷଣ କରିଥିବ। ଯେଉଁ ବ୍ୟକ୍ତି ଆତ୍ମା କିଣିବେ ତାଙ୍କୁ ସମ୍ପୂର୍ଣ୍ଣ ଆତ୍ମା ଦେବା ପାଇଁ ଷ୍ଟିଜନ ପ୍ରସ୍ତୁତ। କ୍ରେତା ଆତ୍ମାର କୌଣସି ନିର୍ଦ୍ଦିଷ୍ଟ ଅଂଶକୁ ଷ୍ଟୋର କରି ରଖିବାକୁ ଚାହିଁଲେ ଏ ନେଇ ସେ ରାଜି ଥିବା କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୮,୯୧,୭୯,୫୩୩ | ୬୧,୬୮,୮୮୨ | ୪୨,୪୦,୭୬,୭୬୫ |
| ଭାରତ | ୪,୩୦,୨୫,୭୭୫ | ୫,୨୧,୨୧୧ | ୪,୨୪,୯୦,୯୨୨ |
| ଓଡ଼ିଶା | ୧୨,୮୭,୬୬୧ | ୯୧୨୧(+୫୩) | ୧୨,୭୮,୧୨୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଅନ୍‌ଲାଇନରୁ ଶିଖ, ଅଫ୍‌ଲାଇନରେ ପ୍ରୟୋଗ କର

## ପରୀକ୍ଷା ପେ ଚର୍ଚ୍ଚାରେ ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ


ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ, ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅନ୍ୟମାନେ ଯୋଗଦେଇଛନ୍ତି।

**ନୂଆଦିଲ୍ଲୀ,(ପି.ଟି.)/ଭୁବନେଶ୍ୱର,୧।୪ (ବ୍ୟୁରୋ)**

ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଚର୍ଚ୍ଚା କରିବା ସହ ସେମାନଙ୍କୁ କେତେକ ମୂଲ୍ୟବାନ୍ ପରାମର୍ଶ ଦେଇଛନ୍ତି। ପରୀକ୍ଷା ପାଇଁ ବ୍ୟତିବ୍ୟସ୍ତ ନ ହୋଇ ଏହାକୁ ଉତ୍ସବ ଭାବେ ପାଳନ କରିବାକୁ ସେ ପିଲାମାନଙ୍କୁ କହିଛନ୍ତି। ସେହିପରି ଅଭିଭାବକ ଏବଂ ଶିକ୍ଷକମାନେ ମଧ୍ୟ ସେମାନଙ୍କ ଅଧୁରା ସ୍ୱପ୍ନ ଓ ଆଶା ଆକାଂକ୍ଷାକୁ ପିଲାମାନଙ୍କ ଉପରେ ଚାପି ନ ଦେବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପରୀକ୍ଷା ପ୍ରସ୍ତୁତିରେ ହ୍ୱାଟ୍ସଆପ୍, ୟୁ-ଟ୍ୟୁବ୍ ଭଳି ସୋସିଆଲ ମିଡିଆ ଧ୍ୟାନ ଭଙ୍ଗ କରୁଥିବାରୁ ଏଥିରୁ ମୁକୁଳିବା ଲାଗି ଛାତ୍ରୀଛାତ୍ର ପ୍ରଧାନମନ୍ତ୍ରୀଙ୍କଠାରୁ ଟିପ୍ସ ଚାହିଁଥିଲେ। ତେବେ ମାଧ୍ୟମ ନୁହେଁ ଆମ ମନ ହିଁ ସମସ୍ୟା ବୋଲି ମୋଦି କହିଥିଲେ। ଅନ୍‌ଲାଇନ ହେଉ ବା ଅଫ୍‌ଲାଇନ, ଯେତେବେଳେ ମନ ପାଠ ସହ ଓତପ୍ରୋତ ଭାବେ ଜଡ଼ିତ ହୋଇଯିବ, ସେତେବେଳେ ଧ୍ୟାନଭଙ୍ଗ ହେବ ନାହିଁ। ଶିକ୍ଷାର ନୂଆ ମାଧ୍ୟମକୁ ଚ୍ୟାଲେଞ୍ଜ ନୁହେଁ, ଏକ ସୁଯୋଗ ଭାବେ ଗ୍ରହଣ କରାଯିବା ଆବଶ୍ୟକ। ଅଫ୍‌ଲାଇନ ଅଧ୍ୟୟନକୁ ଅନ୍‌ଲାଇନ ଆଗକୁ ବଢ଼ାଇବାରେ ସହାୟକ ହୋଇଥାଏ। ତେଣୁ ପିଲାମାନେ ଅନ୍‌ଲାଇନରେ ଶିକ୍ଷା ଗ୍ରହଣ କରି ଏହାକୁ ଅଫ୍‌ଲାଇନରେ ପ୍ରୟୋଗ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପିଲାମାନେ ପ୍ରଥମ ଥର ଲାଗି ପରୀକ୍ଷା ଦେଉନାହାନ୍ତି। ସେମାନେ ପୂର୍ବରୁ ପରୀକ୍ଷାକୁ ସଫଳତାର ସହ ସମ୍ମୁଖୀନ ହୋଇଛନ୍ତି। ତେଣୁ ଏହାକୁ ନେଇ ବିବ୍ରତ ହେବା ଆବଶ୍ୟକ ନାହିଁ। ସେମାନେ ଦୈନନ୍ଦିନ ଜୀବନରେ ଚିନ୍ତାମୁକ୍ତ ରୁହନ୍ତୁ। କାହାକୁ ଅନୁକରଣ କରିବା ଆବଶ୍ୟକ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପରୀକ୍ଷା ପେ ଚର୍ଚ୍ଚା ତାଙ୍କର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଏହି ଅବସରରେ ସେ ପିଲାମାନଙ୍କଠାରୁ ଅନେକ ଶିଖିବାର ସୁଯୋଗ ପାଇଥାନ୍ତି ବୋଲି ତଲକଟୋରା ଷ୍ଟାଡିୟମ୍‌ରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ତାଙ୍କ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଜାତୀୟ ଶିକ୍ଷାନୀତିକୁ ଦେଶର ସବୁ ବର୍ଗ ସ୍ୱାଗତ କରିଛନ୍ତି। ନୀତି ସରକାରଙ୍କ ଦ୍ୱାରା ନୁହେଁ ବରଂ ନାଗରିକ, ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ଦ୍ୱାରା ଦେଶର ବିକାଶ ପାଇଁ ପ୍ରସ୍ତୁତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜଭବନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କାମାକ୍ଷାନଗର, ୧।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଖଜୁରିଆ ଗ୍ରାମର ସିପୁନ ନାୟକ (୧୮)ଙ୍କ ଶୁକ୍ରବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସିପୁନ୍ ମଧ୍ୟାହ୍ନରେ ଗାଁ ପୋଖରୀରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ଗାଁ ଲୋକେ ପୋଖରୀରେ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ଶବ ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୂଅ ଖୋଳୁଥିବାବେଳେ ବ୍ଲାଷ୍ଟିଂ: ଶ୍ରମିକ ମୃତ

**ବୌଦ୍ଧ, ୧୪ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ରତନପୁର ଗ୍ରାମରେ କୂଅ ଖୋଳୁଥିବା ବେଳେ ବ୍ଲାଷ୍ଟିଂ ଯୋଗୁ ଜଣେ ଯୁବ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହରଭଙ୍ଗା ଥାନାର ଖରଭୂଇଁ ଗ୍ରାମର ସୁରେନ୍ଦ୍ର ବଗର୍ତ୍ତି (୩୦)। ଗ୍ରାମର ଜଣେ ବ୍ୟକ୍ତିଙ୍କ କୂଅ ଖୋଳିବା ପାଇଁ ଏକ ଟ୍ରାକ୍ଟର ସହ କେତେଜଣ ଶ୍ରମିକ ଆସିଥିଲେ। କୂଅ ଖୋଳିବାବେଳେ ପଥର ପଡ଼ିଥିଲା। ପଥର ଭାଙ୍ଗିବାପାଇଁ କୂଅ ମଧ୍ୟରେ କିଛି ବିସ୍ଫୋରକ ଲଗାଇ ଥିଲେ। କିନ୍ତୁ କାମ କରୁଥିବାବେଳେ ଅପରାହ୍ନରେ କୂଅ ଭିତରେ ଲଗାଯାଇଥିବା ବିସ୍ଫୋରକ ଫୁଟିବା ଯୋଗୁ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ରାତି ପର୍ଯ୍ୟନ୍ତ ମୃତଦେହ କୂଅ ଭିତରେ ପଡ଼ିଥିବା ଜଣାପଡିଛି। ବିସ୍ଫୋରକ ଫୁଟିବା ପରେ ଗାଡି ମାଲିକ ଓ ଶ୍ରମିକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପରିବାର ପକ୍ଷରୁ ପୋଲିସକୁ ଜଣାଇ ଦିଆଯାଇଛି। ଏନେଇ ପୁରୁଣାକଟକ ପୋଲିସ ପକ୍ଷରୁ ସବିଶେଷ ତଥ୍ୟ ମିଳି ନ ଥିବା ଓ ଘଟଣାର ତଦନ୍ତ କରାଯାଉଛି ବୋଲି କୁହାଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବିବେକି ରାଜାଠାରେ ବୁଦ୍ଧିର ଇଚ୍ଛା;**
**ମାଟି ଘୋଡା ଚଢ଼ି ଯୋଜନ ଯିବାର ବାଞ୍ଛା।**

କୌଣସି ଯୋଜନାକୁ ସଫଳ କରିବା ନିମନ୍ତେ ବୁଦ୍ଧି ର ଆବଶ୍ୟକ ହେଉଥିବା ବେଳେ ସେଥିଲାଗି ଦୃଢ଼ ଇଚ୍ଛାଶକ୍ତି ରଖିବା ଜରୁରୀ ହୋଇଥାଏ। ମାଟିଘୋଡ଼ାରେ ଯେପରି ଦୂରତା ଅତିକ୍ରମ କରାଯାଇପାରି ନ ଥାଏ ଠିକ୍ ସେହିପରି ବୁଦ୍ଧି ନ ଥାଇ ବଡ଼ ବଡ଼ ଯୋଜନାର ପରିକଳ୍ପନା କରୁଥିବା ବ୍ୟକ୍ତି କର୍ମପଥରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅହ୍ୟ ସୁଲକ୍ଷଣୀ ହୋଇଥା,**
**ମଥାରେ ସିନ୍ଦୂର ନାଇଥା।**

ସ୍ତ୍ରୀ ସଧବା ରହିବା ହିନ୍ଦୁ ସମାଜରେ ଅତି ପୁଣ୍ୟର ଲକ୍ଷଣ ବା ସୌଭାଗ୍ୟର କଥା ହୋଇଥାଏ। ସେ ବଞ୍ଚିଥିବା ପର୍ଯ୍ୟନ୍ତ ସ୍ୱାମୀ ଜୀବିତ ଥିଲେ ଅହ୍ୟ ସୁଲକ୍ଷଣୀ ବୋଲି କୁହାଯାଏ। ଏହା ସ୍ତ୍ରୀମାନଙ୍କ ପ୍ରତି ଆଶୀର୍ବାଦ ବାଣୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

## ଦୁର୍ନୀତି ଯୋଗୁ ପୋଲିସ...

କରାଯାଉଥିବା ନେଇ ଅନେକ ସମୟରେ ସେମାନେ ଆମକୁ ଗୁହାରି କରିଥାଆନ୍ତି। ସେମାନେ ବୁଝିବା ଦରକାର ଯେ, ରାଜନୈତିକ କାର୍ଯ୍ୟନିର୍ବାହୀମାନେ ସମୟକ୍ରମେ ବଦଳିବେ। କିନ୍ତୁ ପୋଲିସ ଅଧିକାରୀମାନେ ସ୍ଥାୟୀ ଭାବେ ରହିଥିବେ। ୫୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ପୋଲିସ ସଂସ୍କାର ସରକାରଙ୍କ କାର୍ଯ୍ୟସୂଚୀରେ ରହିଆସିଛି। କିନ୍ତୁ ଅଦ୍ୟାବଧି ଏଦିଗରେ କିଛି ଅଗ୍ରଗତି ହୋଇନାହିଁ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ସମାଜରେ ନାଟକୀୟ ପରିବର୍ତ୍ତନ ଆସିଛି। ପୋଲିସ ବ୍ୟବସ୍ଥାରେ ସଂସ୍କାର ସାମ୍ପ୍ରତିକ ଦୃଶ୍ୟପଟ ଅନୁଯାୟୀ କରାଯିବା ଜରୁରୀ। ଗଣତାନ୍ତ୍ରିକ ପୋଲିସ ବ୍ୟବସ୍ଥା ପାଇଁ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ। ପୋଲିସ ବାହିନୀର ଭିତ୍ତିଭୂମିରେ ବଡ଼ ପରିବର୍ତ୍ତନ ଲୋଡ଼ା ହେଉଥିବା ବିଷୟ ସରକାରୀ ରିପୋର୍ଟଗୁଡ଼ିକରେ ସ୍ୱୀକାର କରାଯାଇଛି। କିନ୍ତୁ ଆମ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏକ ସାଧାରଣ ଆଇନ ଦ୍ୱାରା ପରିଚାଳିତ ହେଉନାହାନ୍ତି। ଅନୁଷ୍ଠାନ ହିସାବରେ ଆମକୁ ସାମାଜିକ ବୈଧତା ହାସଲ କରିବାକୁ ପଡ଼ିବ। ପୋଲିସ ଅପରାଧ ନିରାକରଣ ସହ ଆଇନଶୃଙ୍ଖଳା ବଜାୟ ରଖିବା ଉପରେ କାର୍ଯ୍ୟ କରୁ ବୋଲି ସିଜେଆଇ ପରାମର୍ଶ ଦେଇଛନ୍ତି।

## ୟୁକ୍ରେନ୍‌ର ରୁଷିଆ ...

ଧ୍ୱସ୍ତବିଧ୍ୱସ୍ତ କରିଦେଇଛନ୍ତି। ତୈଳ ଡିପୋ ଜଳୁଥିବାବେଳର ଦୃଶ୍ୟ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଏହି ଆକ୍ରମଣ ଶାନ୍ତି ଆଲୋଚନା ପାଇଁ ଆଦୌ ଅନୁକୂଳ ନୁହେଁ ବୋଲି କ୍ରେମ୍‌ଲିନ ମୁଖପାତ୍ର ଡିମିତ୍ରି ପେସ୍କୋଭ୍ ସମାଲୋଚନା କରିଛନ୍ତି। ଆକ୍ରମଣ ସମ୍ପର୍କରେ ସେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଅବଗତ କରାଇଛନ୍ତି। ତେବେ ଏହା ପଛରେ କିଭ୍‌ର ସମ୍ପୃକ୍ତି ଥିବା ବିଷୟକୁ ୟୁକ୍ରେନ୍ ସ୍ୱୀକାର କିମ୍ବା ଖଣ୍ଡନ କରିନାହିଁ। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି, ବେଲ୍‌ଗୋରୋଡ୍‌ରେ ସାମରିକ ଅପରେଶନ ନେଇ ତାଙ୍କ ପାଖରେ ସୂଚନା ନାହିଁ। ତାଙ୍କ ମନ୍ତ୍ରଣାଳୟର ମୁଖପାତ୍ର ଓଲେକ୍ସାଣ୍ଡର ମୋଟୁଜ୍ୟାଙ୍କିକ୍ କହିଛନ୍ତି, ୟୁକ୍ରେନ୍ ବର୍ତ୍ତମାନ ରୁଷିଆର ଆକ୍ରମଣ ପରିପ୍ରେକ୍ଷୀରେ ପ୍ରତିରକ୍ଷାତ୍ମକ ଅପରେଶନ ଚଳାଇଛି। ଏହାର ତାତ୍ପର୍ଯ୍ୟ ନୁହେଁ ଯେ, ରୁଷିଆ ଭୂଖଣ୍ଡରେ ଯାହା ଆକ୍ରମଣ ହେବ ସେଥିପାଇଁ ୟୁକ୍ରେନ୍‌କୁ ଦାୟୀ କରାଯିବ।

ଇତିମଧ୍ୟରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଭିଡିଓ ଲିଙ୍କ୍ ଜରିଆରେ ପୁଣି ଥରେ ଆଲୋଚନା ହୋଇଛି। ରୁଷିଆ ପ୍ରତିନିଧି ଦଳ ମୁଖ୍ୟ ଭ୍ଲାଡିମିର ମେଡିନ୍‌ସ୍କି ଶୁକ୍ରବାର ଆଲୋଚନା ବେଳର ଫଟୋ ଶେୟାର କରିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଅଫିସ ପକ୍ଷରୁ ମଧ୍ୟ ଏନେଇ ସ୍ପଷ୍ଟ କରାଯାଇଛି। ୩ ଦିନ ତଳେ ତୁର୍କୀରେ ଉଭୟ ପକ୍ଷଙ୍କ ପ୍ରତିନିଧି ଦଳ ପରସ୍ପର ସହ ଆଲୋଚନା କରିଥିଲେ। କ୍ରିମିଆ ଓ ଡୋନ୍‌ବାସ୍‌କୁ ନେଇ ରୁଷିଆର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ମେଡିନ୍‌ସ୍କି କହିଛନ୍ତି। ପ୍ରକାଶ ଯେ, ରୁଷିଆ ୨୦୧୪ରେ

ଦକ୍ଷିଣ ୟୁକ୍ରେନ୍‌ର କ୍ରିମିଆ ଉପଦ୍ୱୀପକୁ ଦଖଲ କରିଥିଲା। ଡୋନ୍‌ବାସ ହେଉଛି ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀଙ୍କ ଦଖଲରେ ଥିବା ଭୂଖଣ୍ଡ, ଯାହାକୁ ସାମରିକ ଅପରେଶନ ଆରମ୍ଭ ସମୟରେ ପୁଟିନ୍ ଡୋନେସ୍କ ଓ ଲୁହାନ୍‌ସ୍କ ନାମରେ ଦୁଇଟି ସ୍ୱାଧୀନ ରାଷ୍ଟ୍ର ରୂପେ ଘୋଷଣା କରିଥିଲେ। ରୁଷିଆ ଭାଷାଭାଷୀ ଲୋକ ବସବାସ କରୁଥିବା ଏହି ଶିଳ୍ପବହୁଳ ଅଞ୍ଚଳକୁ ବିଚ୍ଛିନ୍ନତାବାଦୀମାନେ ନିଜ ନିୟନ୍ତ୍ରଣକୁ ନେବା ପାଇଁ ୨୦୧୪ରୁ ୟୁକ୍ରେନୀୟ ସୁରକ୍ଷା ବଳ ସହ ସଂଘର୍ଷ କରିଆସୁଥିଲେ।

## ଆଉ ୬ ମାସ ମାଗଣା ...

ଚାଉଳ ପ୍ରଦାନ କରାଯିବ। ଏଥିଲାଗି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୯୧.୭୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଅନୁଯାୟୀ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନାମ ଲେଖାଇଥିବା ହିତାଧିକାରୀଙ୍କୁ ଏହି ସୁବିଧା ମିଳିବ। ଏଠାରେ ଉଲ୍ଲେଖଯୋଗ୍ୟ, ପୂର୍ବରୁ ଗତବର୍ଷ ଡିସେମ୍ବରରୁ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ରାଜ୍ୟ ହିତାଧିକାରୀଙ୍କୁ ମାଗଣା ଚାଉଳ ପ୍ରଦାନ କାର୍ଯ୍ୟକ୍ରମକୁ ବୃଦ୍ଧି କରାଯାଇଥିଲା।

# 'କାର୍ଯ୍ୟଶୈଳୀରେ ଉନ୍ନତି ଆସିଛି'

## ଓପିଏସ୍‌ସିର ୭୪ତମ ପ୍ରତିଷ୍ଠା ଦିବସ

**କଟକ ଅଫିସ,୧୪**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ୭୪ତମ ପ୍ରତିଷ୍ଠା ଦିବସ ଓପିଏସ୍‌ସି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଓପିଏସ୍‌ସି ଚେୟାରମ୍ୟାନ ସତ୍ୟଜିତ୍ ମହାନ୍ତି ପୌରୋହିତ୍ୟ କରି କହିଥିଲେ, ଦୀର୍ଘ ୭୪ ବର୍ଷର ଯାତ୍ରା ମଧ୍ୟରେ ଆୟୋଗ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଚେଷ୍ଟା ଜାରିରଖିଛି। ସେଥିମଧ୍ୟରେ ଅନେକ କିଛି ସଫଳତା ପାଇଛି। ଏହି ଅନୁଷ୍ଠାନର ଗତିପୂର୍ଣ୍ଣଧାରା ଏବଂ କାର୍ଯ୍ୟଶୈଳୀରେ ବାରମ୍ବାର ପରୀକ୍ଷା ନିରୀକ୍ଷା ମାଧ୍ୟମରେ ସ୍ୱତନ୍ତ୍ର ଉନ୍ନତି ଆସିଛି। ସେହି ଦୃଷ୍ଟିରୁ ଓପିଏସ୍‌ସିର ଗତ ୭ ଦଶନ୍ଧିରୁ ଊର୍ଦ୍ଧ୍ୱ ଯାତ୍ରା ବେଶ୍ ଫଳପ୍ରଦ ହୋଇଛି ବୋଲି ସେ କହିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ପ୍ରଫେସର ସଙ୍ଗୀତା ରଥ ଯୋଗଦେଇ ଓପିଏସ୍‌ସି ପ୍ରଥମଥର ପାଇଁ ୨୦୨୧-୨୨ ମସିହାରେ ହେବାକୁଥିବା ନିଯୁକ୍ତି ପରୀକ୍ଷାଗୁଡିକର ଏକ କ୍ୟାଲେଣ୍ଡର ପ୍ରକାଶ କରିଥିଲା। ଏହାଦ୍ୱାରା ପରୀକ୍ଷାର୍ଥୀଙ୍କ ମନରେ ପରୀକ୍ଷାକୁ ନେଇ ଥିବା ଅନିଶ୍ଚିତତା ଦୂର ହୋଇପାରିଛି ବୋଲି ସେ କହିଥଲେ । ଡ. ବିଭୂତି ଭୂଷଣ ପଟ୍ଟନାୟକ କହିଥିଲେ, ଓପିଏସ୍‌ସି ପକ୍ଷରୁ କରାଯାଉଥିବା ପରୀକ୍ଷାଗୁଡିକ କମ୍ପ୍ୟୁଟର ଆଧାରିତ କରିବା ପ୍ରୟାସ ସ୍ୱାଗତଯୋଗ୍ୟ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ସୁଧାଂଶୁ ଶେଖର ରଥ, ଅଞ୍ଜନ କୁମାର ମାଣିକ ଉପସ୍ଥିତଥିଲେ। ଓପିଏସ୍‌ସି ସଚିବ ଆଶୋକ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନିରୁଦ୍ଦିଷ୍ଟ



**ରଶ୍ମୀ ପ୍ରଧାନ (ନୀଲମ୍)**

ବୟସ ୫୧ବର୍ଷ, ରଶ୍ମୀ ନିବାସ, ଗୋପାଳ ମାଲ, ପୋଷ୍ଟ: ବୁଢାରାଜା, ଥାନା: ଅଇଁଠାପାଲି, ଜିଲ୍ଲା: ସମ୍ବଲପୁର। ସେ ଗତ ୨୮.୩.୨୦୨୨ରୁ ସମ୍ବଲପୁରରୁ ବରଗଡ ହୋଇ ପୁରୀକୁ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସିଥିଲେ। ସେହିଦିନ ଠାରୁ ରଶ୍ମୀ ନିରୁଦ୍ଦିଷ୍ଟ ଅଛନ୍ତି। ପୁରୀ ସିଂହଦ୍ୱାର ଥାନା ଏବଂ ସମ୍ବଲପୁର ଅଇଁଠାପାଲି ଥାନାରେ ଏତଲା ଦିଆଯାଇଅଛି। ଯଦି କେହି ରଶ୍ମୀ ପ୍ରଧାନଙ୍କ ସୂଚନା ପାଇବେ ତାହା ହେଲେ ନିମ୍ନ ଲିଖିତ ଥାନା କିମ୍ବା ଫୋନ୍ ନଂ ରେ ଜଣାଇବାକୁ ଅନୁରୋଧ।

ଟାଉନଥାନା ଆଇ.ଆଇ.ସି - ଗୋକୁଳ ରଞ୍ଜନ ଦାସ - **9439437072**,
ସମ୍ବଲପୁର ଅଇଁଠାପାଲି ଥାନା ଆଇ.ଆଇ.ସି - ଯୋଗେଶ୍ୱର ପଣ୍ଡା - **9437986866**,
ଭାଇ: ସୁବ୍ରତ କୁମାର ପ୍ରଧାନ - **9437201200**.

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ହସଖୁସି ଓ ଆନନ୍ଦ ମଧ୍ୟରେ ଦିନଟିକୁ ଅତିବାହିତ କରିବେ। ଆଗାମୀ ମାଙ୍ଗଳିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହୋଇ ଉଠିବ। ଆତ୍ମୀୟଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ। ସଭାସମିତି, ମନୋରଞ୍ଜନ, ବୈବାହିକ କାମ କିମ୍ବା କୌଣସି କର୍ମାରମ୍ଭରେ ବ୍ୟସ୍ତ ରହିପାରନ୍ତି।

**ବୃଷ**
ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। କଚେରି ମାମଲା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରୁ ପ୍ରଶଂସିତ ହେବେ।

**ମିଥୁନ**
ଆଜି ଯେତିକି ଅର୍ଥ ପାଇବେ ପ୍ରତିଦାନରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟମାନଙ୍କ ଫୁସୁଲାଫୁସୁଲି କଥାରେ ଭାସିଯାଇ ଯେଉଁ କାମ କରିବେ ପରେ ସେଥି ସକାଶେ ଅନୁତାପ କରିବାକୁ ପଡ଼ିପାରେ । ଅଧିକାଂଶ କ୍ଷେତ୍ରରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି । ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ**
ଈର୍ଷାପରାୟଣ ହୋଇ ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ଯେତେ କାମ କଲେ ମଧ୍ୟ ପ୍ରଶଂସା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଅଭିଯୋଗ ଆସିପାରେ । ଘରୋଇ କଥାରେ କିଛି ମତପାର୍ଥକ୍ୟ ସୃଷ୍ଟି ହେବାରୁ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ।

**ସିଂହ**
ଆଜି ଯେଉଁ କାମରେ ହାତ ଦେବେ ସେଥିରେ ଅବଶ୍ୟ ସଫଳତା ପାଇବେ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସୁବିଧାରେ ହେବା କଷ୍ଟକର ହୋଇପାରେ। କୌଣସି ଲୋକର ଚାପର ପ୍ରଭାବରୁ ଧୀରେ ସୁସ୍ଥେ କାମ କରିବାକୁ ବାଧ୍ୟ ହୋଇପାରନ୍ତି ।

**କନ୍ୟା**
ଆଜି କୌଣସି ସ୍ୱର୍ଶକାତର କଥା ସକାଶେ ଟେନ୍‌ସନ ଲାଗି ରହିବ। ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି । ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ। ରୋଗଣା ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ।

**ତୁଳା**
ଅନେକ ଆଶା ଓ ଆଗ୍ରହ ନେଇ ବନ୍ଧୁ ଗୃହକୁ ଗମନ କରିପାରନ୍ତି। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ର ପୂର୍ବଭଳି ରହିବ।

**ବିଛା**
ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ, ଫଳରେ ମନ ଭଲ ରହିବ ନାହିଁ । ପାରିବାରିକ କ୍ଷେତ୍ରରେ ନାନା ସମସ୍ୟାରେ ପଡ଼ି ବ୍ୟସ୍ତ ହୋଇପାରନ୍ତି। କଳା,ସାହିତ୍ୟ ଓ ବନ୍ଧୁ ମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟ, ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହେବେ।

**ଧନୁ**
ଆଜି ଅର୍ଥ ଲାଭ ସାଙ୍ଗକୁ ବନ୍ଧୁମାନଙ୍କ ବଦାନ୍ୟତାରୁ ସମ୍ମାନ ମଧ୍ୟ ପାଇବେ। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି କରିବେ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର**
ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକିପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ,ମାତ୍ର ବହୁତ ତକ୍‌ଲିଫ ସହିବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ,କିନ୍ତୁ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**କୁମ୍ଭ**
ଆଜି ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ସବୁ କାମ ନିରୁତ୍ସାହିତ ଭାବେ କରିବେ ଏବଂ କୌଣସିଥିରେ ଆନ୍ତରିକତା ନଥିବ। କର୍ମକ୍ଷେତ୍ରରେ, ମାଙ୍ଗଳିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମୀନ**
ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିବ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

# ମନ୍ତ୍ରଣାଳୟ ଅଧୀନ ସବୁ ବିଭାଗର କାର୍ଯ୍ୟ ସମୀକ୍ଷା କଲେ ଅପୂର୍ବ ଚନ୍ଦ୍ର

ଭୁବନେଶ୍ୱର,୧୪(ବ୍ୟୁରୋ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ର ଶୁକ୍ରବାର ଭୁବନେଶ୍ୱରଠାରେ ମନ୍ତ୍ରଣାଳୟ ଅଧୀନ ସମସ୍ତ ବିଭାଗର ପରିଚାଳନା କାର୍ଯ୍ୟ ସମୀକ୍ଷା କରିଛନ୍ତି। ଦୂରଦର୍ଶନ, ଆକାଶବାଣୀ, ଏନ୍‌ଏଫ୍‌ଡିସି(?)  ସିବିଏଫ୍‌ସି, ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ସଚିବଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ସବୁ ଗଣମାଧ୍ୟମ ବିଭାଗ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ଯୋଜନା ବିଷୟରେ ଅଧିକରୁ ଅଧିକ ପ୍ରଚାର କରିବା ଉପରେ ଧ୍ୟାନଦେବା ଉଚିତ। ଜନ ଭାଗୀଦାରି ଆକୃଷ୍ଟ କରିବା ଲାଗି ଅଭିନବ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ସ୍ଥାନୀୟ ଜନସାଧାରଣଙ୍କ ସହିତ ସହଜରେ ଯୋଡ଼ିହେବା ଲାଗି ଆଞ୍ଚଳିକ ଏବଂ ସ୍ଥାନୀୟ ବିଷୟବସ୍ତୁ ପ୍ରସାରଣ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ସଚିବ ପରାମର୍ଶ ଦେଇଛନ୍ତି।


# classifieds Everyday
**0674-2580101, 2549302**





## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Plot For Sale at Chaatabar per sqft. @99/-. 9583295832, 8249017091. D-23501

**Ghara bhari plot for sell at Bankuala, Tankapani Road @ 1650-/- per sq feet with demarcation. Contact: 9178060228.** D-015

Luxurious 4BHK Duplex Balianta syphon. Land-1400 and Construction-2200 -75Lakh. 9938219397, 9861022055. D-010

Residential plot measuring 1250sqft. near to Samantarapur, BBSR ready for sale. 9437932367. D-73304

**1.4KM from Pitapalli Chandaka bypass Bhubaneswar (loan available) developed for home sqft.-999/- Gangapada Priyanka-7735142073.** D-73217

Sum Hospital ଘଙ୍ଘାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

**Developed gharabari plot sale at Krushnasaranpur near Patia sqft.-750/-, 1250/- immediate construction. 9937746615.** D-73220

Buy or Sale Property-8984071303. Ready 4BHK Duplex Balianta- 85lakh. Land Pahala-1500/-, Patrapada-2000/-. D-011

**ଉତ୍ତରା ଛକ ବାଲକାଟି market ନିକଟରେ developed, gharabari boundary plot କିଣନ୍ତୁ। 9937166932.** D-23509

ନଖରା, ପଞ୍ଚବଟି, ପାହାଳ, ବାଲିଅନ୍ତା, ତମାଣ୍ଡୋରେ develop ହୋଇଥିବା ପ୍ଲଟ କିଣି ଘର କରନ୍ତୁ। 9938603188. D-73218

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23478

Yellowzone ୨୦୦ ଫୁଟ ରାସ୍ତାରେ sqft.300/- ଜାଗା ବିକ୍ରି ହେଉଛି। 7327055890. D-71483

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated gharabari, electricity plot କିଣନ୍ତୁ। 7008492511.** D-23475

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ଫ୍ଲାଟ୍ ବିକ୍ରିହେବ। 9827119799. D-71970

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-23479

**Gharabari ready to construction plot sale 1.5k.m. from Patia Railway station @1300/-, gharabari plot Puri bypass 1.5.k.m. Kesura Mangaraj point, Bhubaneswar-sqft.-2700/- first possesion then registration. 8249602844.** D-73221

GA Freehold 3750sqft. & 2400sqft. for immediate sale at Bharatpur, Bhubaneswar & Resell a double storeyed building near Hotel May Fair, cost 2.70cr. 9861040268. D-71626

**ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## PURCHASE

**Require Yellowzone Homestead Land on sharing basis across Bhubaneswar for Simplex/ Duplex Housing Project. 7008550473.** D-009





Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23456





Commercial space of 1000sqft. for Showroom on Ground Floor, Office space of 2000sqft. on Second floor at Ashok Nagar near Janpath, BBSR for rent. 9438106854. D-71882

Commercial ground floor 550sqft., 1st floor 600sqft. near Kalinga Stadium Square, suitable for Bank/ Corporate Office/ Showroom. 9337277088. D-70270

Residential house of 1300sqft. (each) on Groundfloor and 1st floor side of Kalinga Stadium near National Highway at Nayapalli Rs.14,000/- rent (each) for Family only. 9438106854. D-71883

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





Refreshing your mind and body with the best therapy, 7873794731. D-23292

Mesmerizing, energetic body, mind qualitative relaxing massage experienced therapists. 9668374480. D-71972

Newly opening SPA positively health benefits with expert therapist. 8917332216. D-71971

**Relax, Refresh your body, Mind at Saikrupa Spa with best therapies. 8984068077.** D-23511

Newly open full body massage ladies and gents. 8327740003. D-71884

Newly open SPA positively health benifit with expert. Contact: 7749976301. D-71973

Newly open SPA positively health benefits by expert therapist. 8455987557. D-71484

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar on 30.09.2004. I, Duryodhana Sahoo, S/o- Kedarnath Sahoo, resident of At/Po-Tumundi, Ps- Daspalla, Dist.- Nayagarh have changed my name from Duryodhana Sahoo to Lankesh Kumar Sahoo. Hence for I shall be known as Lankesh Kumar Sahoo for all purposes. D-013

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଭିଜିଲାନ୍ସ ଜାଲରେ ଆଗଲପୁର ତହସିଲ ମୁଖ୍ୟ କିରାଣି

**ଲୋଇସିଂହା, ୧।୪(ଡି.ଏନ.ଏ.):** ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଛାଡିବା ପାଇଁ ଲାଞ୍ଚ ନେଉଥିବା ବେଳେ ବଲାଙ୍ଗୀର ଜିଲା ଆଗଲପୁର ତହସିଲର ମୁଖ୍ୟ କିରାଣି କିଶୋରୀ ଖର୍ସେଲ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି। ଏନେଇ



ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରିଛି। କେସ୍ ନଂ ୧୪/୨୨। ପ୍ରକାଶ ଯେ, ବେଆଇନ ବାଲି ଚାଲାଣ ବେଳେ ଆଗଲପୁର ତହସିଲ ଭରସୁଜା ପଞ୍ଚାୟତ ଅନ୍ତର୍ଗତ ବିନ୍ଧାପାଲି ଗାଁର ପିଣ୍ଟୁ ସାହୁ( ହୃଷୀକେଶ)ଙ୍କ ଟ୍ରାକ୍ଟର କିଛିଦିନ ତଳେ ରାଜସ୍ୱ କର୍ମଚାରୀଙ୍କ ହାତରେ ଧରାପଡିଥିଲା। ବେଆଇନ ବାଲି ଚାଲାଣ ଅଭିଯୋଗରେ ରାଜସ୍ୱ କର୍ମଚାରୀ ମୋଟା ଅଙ୍କର ଜରିମାନା କରିଥିଲେ। ଟ୍ରାକ୍ଟରକୁ ମୁକୁଳାଇବା ପାଇଁ ପିଣ୍ଟୁ ତହସିଲ ଅଫିସକୁ ଯାଇଥିଲେ। ଏନେଇ ସେ ତହସିଲ ମୁଖ୍ୟ କିରାଣି ଖର୍ସେଲଙ୍କ ସହ କଥାବାର୍ତ୍ତା କରିବାରୁ ୪୫ ହଜାର ଟଙ୍କା ଦେଲେ ଟ୍ରାକ୍ଟର ଛଡାଯିବ ବୋଲି କହିଥିଲେ। ମାତ୍ର ସେ ୩୫ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ପରେ ଏ ସମ୍ପର୍କରେ ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା ମୁତାବକ ଗୁରୁବାର ସନ୍ଧ୍ୟାରେ ମୁଖ୍ୟ କିରାଣି ଖର୍ସେଲ ତହସିଲ ସରକାରୀ କ୍ୱାର୍ଟର୍ସରେ ଥିବା ବେଳେ ରାସାୟନିକ ପ୍ରଲେପ ଦିଆ ୩୫ ହଜାର ଟଙ୍କା ପିଣ୍ଟୁ ତାଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ଜଗି ରହିଥିବା ଭିଜିଲାନ୍ସ ଅଧିକାରୀ ଚଢାଉ କରି ଖର୍ସେଲଙ୍କୁ କାବୁ କରି ନେଇଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଏହାପରେ ରାତିରେ ବଲାଙ୍ଗୀରସ୍ଥିତ ହାତୀଶାଳପଡାଠାରେ ଥିବା ତାଙ୍କ ବାସଭବନରେ ଭିଜିଲାନ୍ସ କର୍ମଚାରୀ ଖୋଲତାଡ କରିଥିଲେ। ଡିଏସ୍‌ପି ପୁଲସ୍ତି ଛତ୍ରିଆ,ଝସକେତନ ବାରିକ,ଦୁର୍ବାଦଳ କ୍ଷେତି,ବୈରାଗୀ ସାହୁ,ରୋହିତ ରଣା, ପ୍ରମୁଖ ଚଢାଉରେ ସାମିଲ ଥିଲେ।

# କଳାଭୂମିରେ ଖୋଲିଲା ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରି

### ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୪(ବ୍ୟୁରୋ)**

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରି ଖୋଲିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କଳା ଓ ସଂସ୍କୃତିପ୍ରେମୀଙ୍କ ଉଦ୍ଦେଶ୍ୟ ଲୋକାର୍ପଣ କରିଛନ୍ତି। ଜଗନ୍ନାଥ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡିତ ହସ୍ତଶିଳ୍ପ ଓ ହସ୍ତତନ୍ତ ଯଥା ପଟ୍ଟଚିତ୍ର, କତା, ପିପିଲି ଚାନ୍ଦୁଆ, ଟେରାକୋଟା, ସୋଲାପୀଠ, ପିତ୍ତଳ ସାମଗ୍ରୀ, ବିଭିନ୍ନ ଧାତୁରେ ନିର୍ମିତ ହସ୍ତଶିଳ୍ପର ଅନନ୍ୟ କାରୁକାର୍ଯ୍ୟ ଏହି ଗ୍ୟାଲେରିରେ ସ୍ଥାନିତ କରାଯାଇଛି। ଏହି ନୂତନ ଗ୍ୟାଲେରିରେ ପ୍ରଭୁ ଜଗନ୍ନାଥଙ୍କ ୬ଟି ପ୍ରଧାନ ବେଶ ପ୍ରଦର୍ଶିତ ହୋଇଛି। ୧୯୦୫ରେ ଶେଷଥର ପାଇଁ ହୋଇଥିବା ଜଗନ୍ନାଥଙ୍କ



ଦୁର୍ଲଭ 'ରଘୁନାଥ ବେଶ' ରହିଛି। ଦୁଇଟି ପୁରାତନ ନୃତ୍ୟଶୈଳୀ ଓ ନୈପୁଣ୍ୟ 'ମାହାରୀ' ଓ ଗୋଟିପୁଅ' ଗ୍ୟାଲେରିରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ମନ୍ଦିର ଅଗଣାରେ ବଡ ପଟ୍ଟଚିତ୍ର କଳା, ଅରୁଣ ସ୍ତମ୍ଭ ଓ ମେଘନାଦ ପାଚେରି ଆଦି ଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ସାଜିଛି। ଗ୍ୟାଲେରି କାନ୍ଥରେ ଆନୁଷ୍ଠାନିକ ରଥ ନିର୍ମାଣର ଅନୁପମ ଫଟୋଚିତ୍ର, ରଥଯାତ୍ରା ଓ ନବକଳେବରର ନିଖୁଣ ଛବି ପ୍ରଦର୍ଶିତ ହୋଇଛି। ଏହି ଗ୍ୟାଲେରି ବିଶ୍ୱର ପ୍ରତ୍ୟେକ ଜଗନ୍ନାଥପ୍ରେମୀ, ଗବେଷକଙ୍କ ପାଇଁ ଏକ ଉପହାର ସଦୃଶ ହୋଇଥିବାବେଳେ ଏହା କଳାଭୂମିର ଗୁରୁତ୍ୱ ତଥା ଆକର୍ଷଣକୁ ମଧ୍ୟ ବୃଦ୍ଧି କରିଛି ବୋଲି ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ ପକ୍ଷରୁ କୁହାଯାଇଛି।

ଉତ୍ସବରେ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ୍, ସଚିବ ଶୁଭା ଶର୍ମା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର୍, ବାଲକ୍ରିଷ୍ଣନ୍, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯୋଗ୍ୟ, ୨୦୧୮ ମାର୍ଚ୍ଚ ୨୨ରେ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'କୁ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ସଂଗ୍ରହାଳୟରେ ୯ଟି ଗ୍ୟାଲେରି ସହିତ ମୁକ୍ତାକାଶ ରଙ୍ଗମଞ୍ଚ,ପିଲାମାନଙ୍କ ଖେଳ ପ୍ରାଙ୍ଗଣ, କର୍ମଶାଳା, ସ୍ମରଣିକା ବିକ୍ରୟ କେନ୍ଦ୍ର, କ୍ୟାଣ୍ଟିନ ଓ କାଫେ ଆଦି ରହିଛି।

# ଆୱାର୍ଡ ଗ୍ରହଣ ପୂର୍ବରୁ ପୋଲିସ ଏଏସ୍‌ଆଇଙ୍କ ପରଲୋକ



ଏଏସ୍‌ଆଇଙ୍କୁ ଆସିକାସ୍ଥିତ ବାସଭବନ ସମ୍ମୁଖରେ ଗାର୍ଡ ଅଫ୍ ଅନର ଦିଆଯାଉଛି। ଇନ୍‌ସେଟ୍‌ରେ ଏଏସ୍‌ଆଇ କିଶୋର ଚନ୍ଦ୍ର ବେହେରା।

■ ଶ୍ରଦ୍ଧାଞ୍ଜଳି ଜଣାଇଲେ ଡିଜିପି
■ ପୈତୃକ ଗ୍ରାମ ଆସିକାରେ ଗାର୍ଡ ଅଫ୍ ଅନର

**ପଦ୍ମପୁର/ଆସିକା, ୧।୪(ଡି.ଏନ୍.ଏ.)**

ନିଷ୍ଠାର ସହ କର୍ତ୍ତବ୍ୟ ପାଳନ ଏବଂ ଉତ୍ତମ ସେବା ପାଇଁ ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଧୀନ କେନ୍ଦୁଗୁଡ଼ା ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ କିଶୋର ଚନ୍ଦ୍ର ବେହେରା ଡିଜିପି ଡିସ୍କ ଆୱାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଆୱାର୍ଡ ଗ୍ରହଣ ପାଇଁ ଗୁରୁବାର ସେ ଭୁବନେଶ୍ୱର ଯାଇଥିଲେ। ହେଲେ ବିଧିର ବିଧାନ କିଛି ଅଲଗା ଥିଲା। ଆୱାର୍ଡ ଗ୍ରହଣ କରିବାର କିଛି ଘଣ୍ଟା ପୂର୍ବରୁ ଶୁକ୍ରବାର ସକାଳେ ତାଙ୍କର ପରଲୋକ ଘଟିଛି।

ଏଏସ୍‌ଆଇ କିଶୋର ସକାଳେ ରୁମ୍‌ରେ ଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୋଲିସ ଡିଜି ସୁନୀଲ ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଭୁବନେଶ୍ୱରଠାରେ ମୃତ ଏଏସ୍‌ଆଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀର ପୈତୃକ ଗ୍ରାମ ଗଞ୍ଜାମ ଜିଲା ଆସିକା ସୁନାମ୍ବ ରଥଦାଣ୍ଡ ସାହିକୁ ନିଆଯାଇଥିଲା। ସେଠାରେ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ଏହି ସମୟରେ ଗୁଣପୁର ଏସ୍‌ଡିପିଓ ଅଜୟ କୁମାର ବାରିକ, ପଦ୍ମପୁର ଥାନା ଆଇଆଇସି ସୁଶାନ୍ତ କୁମାର ତାଉଡ଼ିଆ, ଆସିକା ଥାନା ଏସ୍‌ଆଇ ବିଶ୍ୱଜିତ ନାୟକଙ୍କ ସମେତ ପୋଲିସ ଟିମ୍ ଉପସ୍ଥିତ ଥିଲେ। କିଶୋରଙ୍କ ଦୁଇଭାଇ ଜମ୍ମୁ ଓ କଶ୍ମୀର ଏବଂ ବେଙ୍ଗାଲୁରୁରୁ ଆସି ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି। କିଶୋରଙ୍କ ବଡ଼ ପୁଅ ବି.ଟେକ୍ ପଢୁଥିବାବେଳେ ସାନପୁଅ ଯୁକ୍ତ ୨ ପଢୁଛନ୍ତି। ବାପା ରାଧାମୋହନ ଜଣେ ଅବସରପ୍ରାପ୍ତ ଜୁଡିସିଆଲ କର୍ମଚାରୀ। କିଶୋର ଜଣେ ଦକ୍ଷ ପୋଲିସ ଅଧିକାରୀଭାବେ ପରିଚିତ ଥିଲେ। ବିଶେଷକରି ରାୟଗଡ଼ା ଓ ଗଜପତି ସୀମାନ୍ତ ଜଙ୍ଗଲ ଅଞ୍ଚଳରେ ଗଞ୍ଜେଇ ମାଫିଆଙ୍କୁ ଧରିବା ଓ ଗଞ୍ଜେଇ ଗଛ ନଷ୍ଟ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।

# ମାଡ଼ ମାରିଥିବା ଶିକ୍ଷୟିତ୍ରୀ ସମେତ ୨ ନିଲମ୍ବିତ

### ଶିକ୍ଷାଧିକାରୀଙ୍କ ସମ୍ମୁଖରେ ଶିକ୍ଷକଙ୍କୁ ମାଡ଼ ଘଟଣା
### ପ୍ରଧାନ ଶିକ୍ଷକଙ୍କ ସମେତ ୩ ଜଣଙ୍କୁ ବଦଳି ନିର୍ଦ୍ଦେଶ

**କାଲିମେଲା, ୧।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଟିଂଗଲ ପଞ୍ଚାୟତର ଏମ୍‌ପିଭି-୬୫ ଅପ୍‌ଗ୍ରେଡ୍ ହାଇସ୍କୁଲରେ ଦୁଇ ଶିକ୍ଷାଧିକାରୀଙ୍କ ସମ୍ମୁଖରେ ଜଣେ ଶିକ୍ଷକଙ୍କୁ ସେହି ସ୍କୁଲର ଶିକ୍ଷୟିତ୍ରୀ ମାଡ଼ ମାରିବା ଘଟଣାରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମାଡ଼ ମାରିଥିବା ସହକାରୀ ଶିକ୍ଷୟିତ୍ରୀ ଇଲା ସେନ୍ ଏବଂ ମାଡ଼ ମାରିବା ସମୟର ଭିଡିଓ ଭାଇରାଲ କରିଥିବା ଶିକ୍ଷକ ଅନିଲ ବିଶ୍ୱାସଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସେହିପରି ସ୍କୁଲର ପ୍ରଧାନ ଶିକ୍ଷକ ଶ୍ୟାମଲକାନ୍ତି ଦାସ ଏବଂ ଅନ୍ୟ ଦୁଇ ଶିକ୍ଷକ ସାମ୍ରାଟ କେଶରୀ ବେହେରା ଓ ରତନ ଦାସଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ସ୍କୁଲର ୨ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ବିବାଦ ରହିଥିଲା। ଶିକ୍ଷୟିତ୍ରୀ ଜଣକ କିଛିଦିନ ତଳେ ଦୁଇ ଶିକ୍ଷକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ସମସ୍ୟାର ସମାଧାନ କରାଯାଇଥିଲା। ଏ ନେଇ ଶିକ୍ଷୟିତ୍ରୀ ଜଣକ କାଲିମେଲା ବିଇଓଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଗତ ମଙ୍ଗଳବାର କାଲିମେଲା ଏବିଇଓ ଚିନ୍ତାହରଣ ମଧୁ ଓ ଅସିତ ମିସ୍ତ୍ରି ତଦନ୍ତ କରିବାକୁ ସ୍କୁଲକୁ ଯାଇଥିଲେ। ଏହି ସମୟରେ ସିଆର୍‌ସିସି ସୁଭାଷ ମଣ୍ଡଳ, ଏସ୍‌ଏମ୍‌ସି ସଭାପତି ସୁମନ୍ତ ରାୟଙ୍କ ଉପସ୍ଥିତିରେ ବୈଠକ ଚାଲିଥିବାବେଳେ ଶିକ୍ଷୟିତ୍ରୀ ଇଲା ସେନ୍ ଉତ୍ତ୍ୟକ୍ତ ହୋଇ ଅଧିକାରୀମାନଙ୍କ ସମ୍ମୁଖରେ ଶିକ୍ଷକଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ମାଡ଼ ଖାଇଥିବା ଶିକ୍ଷକ ସମ୍ରାଟ କେଶରୀ ବେହେରା ଶିକ୍ଷୟିତ୍ରୀଙ୍କ ବିରୋଧରେ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏହି ଘଟଣା ମାଲକାନଗିରି ଜିଲା ସମେତ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହେବାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଡିଇଓ ମାନସ ରଞ୍ଜନ ଜେନା ଗୁରୁବାର ଏମ୍‌ପିଭି- ୬୫ ହାଇସ୍କୁଲ ଗସ୍ତକରି ଘଟଣାର ତଦନ୍ତ କରିଥିଲେ। ପରେ ଡିଇଓଙ୍କ ନିର୍ଦ୍ଦେଶରେ କାଲିମେଲା ବିଇଓ ରମେଶ ବାରୋଇ ୨ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ସ୍କୁଲରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ଅନ୍ୟ ୩ ଶିକ୍ଷକଙ୍କୁ ମଧ୍ୟ ବଦଳି କରାଯିବା ପାଇଁ ପଦକ୍ଷେପ ନିଆଯାଉଥିବା ବିଇଓ ସୂଚନା ଦେଇଛନ୍ତି।

# ୟୁନିଭର୍ସାଲ ୱାର୍ଲ୍ଡ ରେକର୍ଡ୍ସରେ ଶ୍ରେୟାଂଶୀ

**ବିଶୋଇ, ୧।୪(ଡି.ଏନ.ଏ.)**

### ପୁଣି ଚମକିଲେ ମୟୂରଭଞ୍ଜର କୁନି ଝିଅ

ମାତ୍ର ୨ ବର୍ଷ ୭ ମାସ ବୟସରେ ପ୍ରଥମେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସଓ ୩ ବର୍ଷ ବୟସରେ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବା ପରେ ଚଳିତ ୨୦୨୨ ବର୍ଷରେ ପୁଣି ଥରେ ୟୁନିଭର୍ସାଲ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜର କୁନି ଝିଅ ଶ୍ରେୟାଂଶୀ ମହାନ୍ତ। ରରୁଆଁ ବ୍ଲକ ଘାଗରାବେଢ଼ା ପଞ୍ଚାୟତ ବାଟିସାହି ଗ୍ରାମର ଶ୍ରେୟାଂସି ମାତ୍ର ୩ ବର୍ଷ ୩ ମାସ ବୟସରେ ଜାତୀୟ ଓ ପାରମ୍ପରିକ ପ୍ରତୀକ,ଆକୃତି,ମାନବର ବିଭିନ୍ନ ଅଙ୍ଗ, ବନ୍ୟଜନ୍ତୁ, ପକ୍ଷୀ, ବିଭିନ୍ନ ଦେଶର ଜାତୀୟ ପତାକା, ଗାଣିତିକ ପ୍ରତୀକ, ଉଦ୍ଭିଦର ବିଭିନ୍ନ ଅଂଶ, ଦେଶର ଜାତୀୟ ପତାକା ଅତି ସହଜରେ ଚିହ୍ନଟ କରିବା ସହିତ ୧୨ ମାସର ନାମ, ଦେଶର ରାଜଧାନୀ, ସପ୍ତାହର ୭ ଦିନ, ସପ୍ତର୍ଷି ମଣ୍ଡଳ, ଗ୍ରହ, ଫଳ, ପନିପରିବା, ଭାରତୀୟ ମୁଦ୍ରା, ମଣିଷର ଆଭ୍ୟନ୍ତରୀଣ ଅଙ୍ଗ ଆଦି ଅନର୍ଗଳ ଭାବରେ ଉଚ୍ଚାରଣ



ପ୍ରମାଣପତ୍ର ସହ ଶ୍ରେୟାଂଶୀ ମହାନ୍ତ

କରି ପ୍ରତିଭା ଦେଖାଇ ୟୁନିଭର୍ସାଲ ୱାର୍ଲ୍ଡ ରେକର୍ଡସରେ ନିଜର ସ୍ଥାନ ପକ୍କା କରିଛନ୍ତି। ଏନେଇ ୟୁନିଭର୍ସାଲ ୱାର୍ଲ୍ଡ ରେକର୍ଡସର ଏଡିଟରିଆଲ ବୋର୍ଡ ଦ୍ୱାରା ମନୋନୀତ ହୋଇ ୟୁନିଭର୍ସାଲ ୱାର୍ଲ୍ଡ ରେକର୍ଡସର 'ଷ୍ଟାର କିଡ୍ ଆୱାର୍ଡ' ଶୀର୍ଷକରେ ଶ୍ରେୟାଂଶୀଙ୍କ ନାମ ଘୋଷଣା କରଯାଇଛି। ସୁବ୍ରତ ମହାନ୍ତ ଓ ତୃପ୍ତିଲତାଙ୍କ ଏକମାତ୍ର ଝିଅ ଶ୍ରେୟାଂଶୀ ଗତ ଫେବୃୟାରୀରେ ନିଜର ଦକ୍ଷତା ସମ୍ପନ୍ନ ଭିଡିଓ ୟୁନିଭର୍ସାଲ ୱାର୍ଲ୍ଡ ରେକର୍ଡସ ଟିମ୍ ନିକଟକୁ ପଠାଇଥିଲେ। ପରେ ୨୩ ମାର୍ଚ୍ଚରେ ଶ୍ରେୟାଂସିଙ୍କ ନାମ ଘୋଷଣା କରାଯିବା ସହିତ ତାଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶ୍ରେୟାଂଶୀଙ୍କ ବାପା ସୁବ୍ରତ ମହାନ୍ତ ଅର୍ଦ୍ଧ ସାମରିକ ବାହିନୀର ଭାରତ-ତିବ୍ବତ ସୀମା ପୋଲିସ (ଆଇଟିବିପି)ନୂଆଦିଲ୍ଲୀଠାରେ ପାରା ମେଡିକାଲ ବିଭାଗରେ କାର୍ଯ୍ୟରତ। ଶ୍ରେୟାଂଶୀ ନିଜ ଅଭିଭାବକଙ୍କ ସହିତ ବର୍ତ୍ତମାନ ଦିଲ୍ଲୀରେ ରହୁଛନ୍ତି। ଅଳ୍ପ ବୟସରୁ ପାଠ ପଢ଼ିବାରେ ରୁଚି ରଖିବା ସହିତ ନିଜର ବିଚକ୍ଷଣ ସ୍ମରଣ ଶକ୍ତି ପାଇଁ ସେ ଏହି ସଫଳତା ପାଇ ପାରିଛନ୍ତି। ତେବେ ବର୍ତ୍ତମାନ ସେ ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

# ନାସାରେ ଗବେଷଣା କରିବେ ଓଡ଼ିଆ ଝିଅ କେ.ଗଙ୍ଗୋତ୍ରୀ

**ନାରାୟଣପାଟଣା, ୧।୪(ଡି.ଏନ୍.ଏ.)**

ଆମେରିକାର ନାସାରେ ଗବେଷଣା କରିବେ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ବ୍ୟବସାୟୀ କେ. ଶାୟାରାଜୁଙ୍କ ଝିଅ କେ.ଗଙ୍ଗୋତ୍ରୀ। ନାସାର ଏକ ପ୍ରୋଜେକ୍ଟରେ କାମ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଛି।

କେ.ଗଙ୍ଗୋତ୍ରୀ ସ୍ଥାନୀୟ ଇଂଲିଶ ମିଡିୟମ ଆଶା ପବ୍ଲିକ୍ ସ୍କୁଲରେ ପଞ୍ଚମ ଶ୍ରେଣୀ ଯାଏ ପଢ଼ିଥିଲେ। ଏହାପରେ ସେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଆନନ୍ଦପୁରମସ୍ଥିତ ରବୀନ୍ଦ୍ର ଭାରତୀ ସ୍କୁଲରେ ନାମ ଲେଖିଥିଲେ। ଏବେ ସେଠାରେ ସେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ଆମେରିକାର ନାସାରେ ଗବେଷଣା କରିବା ପାଇଁ ସ୍କୁଲ ପକ୍ଷରୁ ୫ଟି ପ୍ରୋଜେକ୍ଟ ପଠାଯାଇଥିଲା। ସେଥିମଧ୍ୟରୁ କେ. ଗଙ୍ଗୋତ୍ରୀଙ୍କର ଆଷ୍ଟ୍ରୋ ଫାଇଲ୍ ମନୋନୀତ ହୋଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏ ନେଇ ନାସା ପକ୍ଷରୁ ସୂଚନା ମିଳିବା ପରେ ସେମାନେ କେ.



କେ.ଗଙ୍ଗୋତ୍ରୀ

ଗଙ୍ଗୋତ୍ରୀଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ଏହାପରେ ନାରାୟଣପାଟଣାରେ ଖୁସିର ମାହୋଲ ଦେଖାଦେଇଛି। ସେ ଜୁଲାଇରେ ଆମେରିକା ଯିବେ ବୋଲି ସୂଚନା ମିଳିଛି। ଓଡ଼ିଶା ଦିବସ ଅବସରରେ ଏପରି ଏକ ଖବର ମିଳିବା ଆମ ଓଡ଼ିଆଙ୍କ ପାଇଁ ଗର୍ବ ଏବଂ ଗୌରବର କଥା ବୋଲି କେ. ଗଙ୍ଗୋତ୍ରୀ ପାଠ ପଢୁଥିବା ନାରାୟଣପାଟଣା ଆଶା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ କାମେଶ୍ୱର ପଟ୍ଟନାୟକ, ଶିକ୍ଷକ ଅବନୀ ରଞ୍ଜନ ମିଶ୍ର କହିଛନ୍ତି।

# ୨୨ ଲକ୍ଷ ଠକେଇ ଅଭିଯୋଗରେ ଜଣେ ଗିରଫ

**ଚଣ୍ଡିଖୋଲ, ୧।୪(ଡି.ଏନ.ଏ.):** ଯାଜପୁର ଜିଲା ବଡ଼ଚଣା ଥାନା ଧାନମଣ୍ଡଳ ଗ୍ରାମର ରମେଶ ଗିରିଙ୍କୁ ଜମି କିଣେଇ ଦେବାକୁ କହି ୨୨ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଦେଉଳକୁର ଗ୍ରାମର ସ୍ମାରକ ପ୍ରଧାନ।

ସୂଚନା ଅନୁସାରେ, ରମେଶ ପାରାଦୀପଠାରେ ଚାକିରି କରନ୍ତି। ସେ ସ୍ମାରକଙ୍କୁ ଜମି କିଣିବାକୁ କହିଥିଲେ। ସ୍ମାରକ ତାଙ୍କୁ ମିଛ କଥା କହି ବଡ଼ଚଣା ଅଞ୍ଚଳରେ ଏକ ଜମି ଦେଖାଇ ଥିଲେ। ଏହି ଜମିର ମୂଲ୍ୟ ୬୦ଲକ୍ଷ ଟଙ୍କା ହେବ ବୋଲି କଥାବାର୍ତ୍ତା ଛିଡ଼ି ଥିଲା। ରମେଶ ସ୍ମାରକଙ୍କୁ ୨୨ଲକ୍ଷ ଟଙ୍କା ଅଗ୍ରିମ ଦେଇଥିଲେ। ଜମି କିଣିବା ପାଇଁ ଦିନ ଧାର୍ଯ୍ୟ କରି ରମେଶ ଆସି ପହଞ୍ଚିଥିଲେ ମଧ୍ୟ ତାଙ୍କୁ ସ୍ମାରକ ଆଉ ଦେଖା ଦେଇ ନ ଥିଲେ। ଏପରି କି ଫୋନ ମଧ୍ୟ ଉଠାଇ ନ ଥିଲେ। ବାରମ୍ବାର ଚେଷ୍ଟା ସତ୍ତ୍ୱେ କୌଣସି ଉତ୍ତର ନ ପାଇବାରୁ ରମେଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ସ୍ମାରକ ଫେରାର ଥିବାରୁ ତାଙ୍କୁ ପାଇ ନ ଥିଲା। ତେବେ ଗୁରୁବାର ସ୍ମାରକ ଘରକୁ ଆସିଥିବା ଜାଣିବା ପରେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା (SARB), ଭୁବନେଶ୍ୱର
ସଂଶୋଧନ ପତ୍ର
ଦୈନିକ ଖବର କାଗଜ 'ଧରିତ୍ରୀ'ରେ ତା ୦୧.୦୪.୨୦୨୨ ରିଖରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୩ ର ଋଣଗ୍ରହୀତା: ମେସର୍ସ ପ୍ରଧାନ କନଷ୍ଟ୍ରକ୍ସନର ଅମାନତ ଜମା ଟ. ୩,୨୧,୧୦୦/- ପରିବର୍ତ୍ତେ ଟ. ୩,୨୧,୦୦୦/- ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ଅଟେ।
ତାରିଖ:୦୧.୦୪.୨୦୨୨ କ୍ଷମତାପ୍ରାପ୍ତ ଅଧିକାରୀ

## ଓଡ଼ିଆ ଭାରତର ଏକ ପ୍ରାଚୀନ ଓ ସଂସ୍କୃତି ସମ୍ପନ୍ନ ଜାତି

**ଭୁବନେଶ୍ୱର, ୧।୪ (ବ୍ୟୁରୋ):** ଓଡ଼ିଆ ଜାତିର ପ୍ରଣମ୍ୟ ପୁରୁଷ ଗଙ୍ଗାଧର ମେହେର, ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ଗଜପତି, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗୌରୀ ଶଙ୍କର ରାୟ ପ୍ରମୁଖଙ୍କ ତ୍ୟାଗ, ତିତିକ୍ଷା ଓ ସଂଗ୍ରାମର ଫଳ ସ୍ୱରୂପ ଆଜି ଓଡ଼ିଶା ଭାରତର ଅନ୍ୟତମ ରାଜ୍ୟର ମାନ୍ୟତା ପାଇଛି। ଭାରତର ପ୍ରମୁଖ ୬ଟି ଭାଷା ମଧ୍ୟରୁ ଓଡ଼ିଆ ଭାଷା ଅନ୍ୟତମ। ଯାହା ୨୫ଶହ ବର୍ଷ ତଳର ଭାଷା ଓ ଏକ ଶାସ୍ତ୍ରୀୟ ଭାଷା ବୋଲି ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ କହିଛନ୍ତି। ଶୁକ୍ରବାର ହିମାଚଳପ୍ରଦେଶର ଶାହାପୁର ଠାରେ ଓଡ଼ିଆ ସମାଜ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇ ଯାଇଛି। ଏଥିରେ ଆଭାସୀ ମାଧମରେ ବନୋଜ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ, ଓଡ଼ିଶା ଭାରତର ଏକ ପ୍ରାଚୀନ ଓ ସଂସ୍କୃତି ସମ୍ପନ୍ନ ଜାତି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଆଶୁତୋଷ ପ୍ରଧାନ ପୌରୋହିତ୍ୟ କରି, ପ୍ରବାସୀ ଓଡ଼ିଆମାନେ ଓଡ଼ିଶା ଉନ୍ନତି ପାଇଁ ତନୁ, ମନ, ଧନ ଅର୍ପଣ ପାଇଁ ଆହ୍ୱାନ ଦେଇଥିଲେ। ପଦାର୍ଥବିଜ୍ଞାନ ଅଧ୍ୟାପକ ଡ. ଗୌରୀଶଙ୍କର ସାହୁ ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ଗୌରବୋଜ୍ଜ୍ୱଳ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁଦାମ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୂର୍ଯ୍ୟକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ଦେବାଶିଷ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ପୁତୁରା ଗିରଫ: ହତ୍ୟାର କାରଣ ପାରିବାରିକ ଅବହେଳା

**ବଲାଙ୍ଗୀର ଅଫିସ/ଗୁଡ଼୍‌ଭେଲା, ୧।୪(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁଷରା ଥାନା ଅନ୍ତର୍ଗତ ନୂଆପଡା ଗାଁରେ ଗୁରୁବାର ଶାଶୁ ବୋହୂଙ୍କ ଗଳା କାଟି ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ନୂଆପଡ଼ା ଗାଁର ଜଗନ୍ନାଥ ମେହେର (୪୪)। ଅଭିଯୁକ୍ତ ଜଣକ ସମ୍ପର୍କରେ ମୃତା ଦୁଇ ମହିଳାଙ୍କ ପୁତୁରା ଓ ନାତି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଏବଂ ସୁନାଗହଣା ଜବତ କରାଯାଇଛି। ପାରିବାରିକ ଅବହେଳା ଏବଂ ତତ୍‌କ୍ଷଣାତ୍ ରାଗ ହିଁ ହତ୍ୟାକାଣ୍ଡର କାରଣ ବୋଲି ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ପୂର୍ବାହ୍ନରେ ନୂଆପଡ଼ା ଗାଁର ସୁଧାଂଶୁ ମେହେରଙ୍କ ସ୍ତ୍ରୀ ଅମ୍ବିକା (୪୫) ଓ ମା' ପ୍ରେମଶୀଳା (୬୨)ଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଡବଲ ମର୍ଡର ଘଟଣା ନେଇ ପରିବାରର ଦିବ୍ୟସିଂହ ଦେବ ମେହେର ତୁଷରା ଥାନାରେ ଅଭିଯୋଗ କରିଥିଲେ। ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲେ। ହତ୍ୟାକାରୀ



ଅଭିଯୁକ୍ତ ଜଗନ୍ନାଥ ମେହେରଙ୍କୁ ଗିରଫ କରିବା ପରେ ଏସ୍‌ଡିପିଓ ତୋଫାନ ବାଗ୍ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

### ଶାଶୁ ବୋହୂଙ୍କ ଗଳା କାଟି ହତ୍ୟା ଘଟଣା

■ ଟୋକେଇ ନ ଦେବାରୁ କରିଥିଲେ ହତ୍ୟା
■ ହତ୍ୟା ଦୃଶ୍ୟ ଦେଖିଦେବାରୁ ଜେଜେମା'ଙ୍କୁ ମାରିଦେଲେ
■ ଛୁରି, ଅଳଙ୍କାର ଜବତ

ହତ୍ୟାକାଣ୍ଡ ଘଟାଇବା ପରେ ଫେରାର ହୋଇଯାଇଥିବା ନେଇ ପରିବାର ଲୋକେ ପ୍ରଥମେ କହିଥିଲେ। ତେବେ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ଏବଂ ପୋଲିସ ଜେରା ପରେ ସୁଧାଂଶୁଙ୍କ ପୁତୁରା ଜଗନ୍ନାଥ ମେହେର ଅଭିଯୁକ୍ତ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ଜଗନ୍ନାଥଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ଜେରା ବେଳେ ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଓ ହତ୍ୟା ପରେ ଲୁଟି ନେଇଥିବା ସୁନାଗହଣାକୁ ପୋଲିସ ଅଭିଯୁକ୍ତ ଜଗନ୍ନାଥଙ୍କ ତୁଷରାସ୍ଥିତ ଏକ ଇଲେକ୍‌ଟ୍ରୋନିକ୍ସ ଦୋକାନରୁ ଜବତ କରିଛି। ଏକ ଷ୍ଟାବିଲାଇଜର ଭିତରେ ଅଭିଯୁକ୍ତ ସୁନା ଗହଣା ରଖିଥିଲେ। ଘଟଣା ଦିନ ଅଭିଯୁକ୍ତ ଜଗନ୍ନାଥ ଏକ ଟୋକେଇ (ଝୁଡ଼ି) ମାଗିବା ପାଇଁ କାକୀ ଅମ୍ବିକାଙ୍କ ଘରକୁ ଯାଇଥିଲେ। ଅମ୍ବିକା ଟୋକେଇ ଦିଆଯିବନାହିଁ ବୋଲି କହିବାରୁ ରାଗିଯାଇ ସେ ଧରିଥିବା ଏକ ଛୁରିରେ ତାଙ୍କ ଗଳା କାଟି ଦେଇଥିଲେ। ଏହି ଗଳାକଟା ଦୃଶ୍ୟ ଜେଜେମା ପ୍ରେମଶୀଳା ଦେଖିଦେବାରୁ ତାଙ୍କୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରିଥିଲେ। ଏହାପରେ ଉପର ମହଲାରୁ ତଳକୁ ଆସି ରକ୍ତଲଗା ଛୁରି, ଲୁଗାପଟା ଏବଂ କାକୀ ଓ ଜେଜେମା ପିନ୍ଧିଥିବା ସୁନାଗହଣା ନେଇ ତୁଷରାସ୍ଥିତ ତାଙ୍କ ଦୋକାନରେ ରଖିଦେଇ ପୁଣି ଘରକୁ ଫେରି ଆସିଥିଲେ। ପୋଲିସ ପହଞ୍ଚିବା ପରେ ତଦନ୍ତର ଗତିବିଧି ଅନୁଧ୍ୟାନ କରି ନ ଜାଣିଲା ପରି ନାଟକବାଜି କରୁଥିଲେ। ତାଙ୍କ ହାବଭାବ ଦେଖି ତଦନ୍ତକାରୀ ପୋଲିସ ଟିମ୍ ପ୍ରଥମରୁ ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ଦୀର୍ଘ ଦିନରୁ ପାରିବାରିକ ଅବହେଳା ହିଁ ହତ୍ୟାର କାରଣ ବୋଲି ଜଗନ୍ନାଥ କହିଥିବା ଏସ୍‌ଡିପିଓ ବାଗ୍ ସୂଚନା ଦେଇଛନ୍ତି। ତଦନ୍ତକାରୀ ଟିମ୍‌ରେ ଡିଏସ୍‌ପି ଲକ୍ଷ୍ମୀନାରାୟଣ ମାରାଣ୍ଡି, ସଚିନ ପଟେଲ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ତୁଷରା ଆଇଆଇସି ସଞ୍ଜୀବ ପ୍ରଧାନ ଓ ଅନ୍ୟମାନେ ସାମିଲ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

କାର ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ୍ ପାଇଁ ଯୋଗାଯୋଗ କରନ୍ତୁ ।
Mob.: 9437021279
7381075901

ଆବଶ୍ୟକ
ମାଳି କାମ ପାଇଁ ଲୋକ ଦରକାର। ରହିବା ପାଇଁ ଘର + 10,000/-. ଫୁଲନଖରା, କଟକ। ଯୋଗାଯୋଗ:
7809525452

WANTED
COMPUTER OPERATOR & OFFICE ASSISTANT REQUIRED
Whatsapp your Resume @
9937327922

ନିଯୁକ୍ତି
କୋଲକାତାରେ ନିଯୁକ୍ତି ନିମନ୍ତେ ୨୪ ଘଣ୍ଟିଆ ନିରାମିଷକାରୀ ରୋଷେୟା ମୁଖ୍ୟତଃ ମାରୱାରୀ ଶୈଳୀର ଖାଦ୍ୟ, ୨୪ ଘଣ୍ଟିଆ ଘରୋଇ ସହାୟକ (ମହିଳା), ୩ ମାସର ଶିଶୁ ନିମନ୍ତେ ୨୪ ଘଣ୍ଟିଆ ଶିଶୁ ସହାୟିକା, ଗୃହ ପରିଚାଳନା ନିମନ୍ତେ ପରିଚାଳକ ଆବଶ୍ୟକ କରୁଅଛି ।
ଯୋଗାଯୋଗ: ୯୪୭୭୬୪୫୩୦୮
Contact No.:9477645308

WANTED
24Hrs Vegetarian Cook Preferably Marwari Style Food, 24 Hrs Domestic Helper (Female), 24 Hrs Baby Sitter for 3 months baby, Peon for Office, Manager for Home management for posting at Kolkata. Contact: 9477645308.

RECRUITMENT
Male / Female (8th-graduate) for Air hostess, Air-ticketing, Ground Staff, I.T.I Diploma, Exman, Computer Operator, Data Entry, Driver.
Salary- 28k-85k. Send C.V: interglobe62@gmail.com
9711809424, 7052138505

REQUIRED
GLOBAL AUTO COMPONENTS, CHENNAI
ROLE: CNC Machine Operator
QUALIFICATION EXPECTED: 10th/12th/ITI/Diploma
BENEFITS: Salary+ Accommodation and food will be provided.
Timing: 12 Hours Shift (Day/Night)
For further details contact:
Mobile No. 9043334695/9080602103

JOB OPPORTUNITY
SALES EXECUTIVE / ACCOUNTANT / PURCHASE EXECUTIVE with Tally knowledge of minimum 2-3 years experience required for a Pvt. Ltd. Company in Bhubaneswar.
Call: Mr. Rajiv Agarwal
Mob.: 91-9437006047
HIGH WAY TRADING PVT. LTD.
25-A, Janpath, Unit-3, Kharvel Nagar, Bhubaneswar - 751001

“ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା’ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। **–ଶ୍ରୀଅରବିନ୍ଦ**



# କାର୍ଯ୍ୟବୋଝ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପୂର୍ବତନ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ସଚିବ ଅମରଜିତ ସିହ୍ନାଙ୍କୁ ପବ୍ଲିକ୍ ଏଣ୍ଟରପ୍ରାଇଜ୍ ସିଲେକ୍ସନ ବୋର୍ଡ (ପିଇଏସ୍‌ବି)ର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସିହ୍ନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପୂର୍ବତନ ପରାମର୍ଶଦାତା ଥିଲେ। ତେବେ ତାଙ୍କ ନିଯୁକ୍ତିକୁ ବାବୁମାନେ ଉତ୍ସୁକତାର ସହ ନିରୀକ୍ଷଣ କରିଛନ୍ତି ଓ ବୋର୍ଡରେ ରହିଯାଇଥିବା ବହୁ ଅପୂରଣୀୟ କାର୍ଯ୍ୟ ସେ ସମ୍ପାଦନ କରିବେ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ,ସିହ୍ନାଙ୍କ ନିଯୁକ୍ତିକୁ ଅନେକେ ଏକ ଆଶାବାଦୀ ସଙ୍କେତ ଭାବେ ଗ୍ରହଣ କରିଛନ୍ତି। ପିଇଏସ୍‌ବି ଅଧ୍ୟକ୍ଷ ମଲ୍ଲିକା ଶ୍ରୀନିବାସନ୍‌ଙ୍କ ସହ ଏବେ ସିହ୍ନା ଯୋଗ ଦେଇଛନ୍ତି। ଅତ୍ୟଧିକ କାର୍ଯ୍ୟଚାପରୁ ମୁକ୍ତ କରିବା ଲାଗି କିଛି ମାସ ପୂର୍ବେ ଶ୍ରୀନିବାସନ୍ କେନ୍ଦ୍ରକୁ ଅନୁରୋଧ କରିଥିଲେ। କେନ୍ଦ୍ର ମଧ୍ୟ ତାଙ୍କ ଅନୁରୋଧ ରକ୍ଷା କରି ପିଇଏସ୍‌ବିର କାର୍ଯ୍ୟପଦ୍ଧତି ସମ୍ପର୍କିତ ସଙ୍କଳ୍ପ ବା ଧାରାରେ ପରିବର୍ତ୍ତନ କରିଥିଲେ। ପିଇଏସ୍‌ବି ସାର୍ବଜନୀନ ସେକ୍ଟରଗୁଡ଼ିକରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ ପଦବୀ ପାଇଁ ଲୋକ ଚୟନ କରି ସେମାନଙ୍କୁ କାର୍ଯ୍ୟ କରିବା ଲାଗି ଉତ୍ସାହିତ କରିଥାଏ। ଏବେ ବୋର୍ଡରେ ସିହ୍ନାଙ୍କ ନିଯୁକ୍ତିକୁ ନେଇ ଗୋଟିଏ ଗୋଷ୍ଠୀର ବାବୁମାନେ କିଛି ଭିନ୍ନ ଚିନ୍ତା କରିଛନ୍ତି। ଏହାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ ‘ବାର୍ତ୍ତା’ବୋଲି ଅନେକେ ବିବେଚନା କରୁଛନ୍ତି। ସିହ୍ନା ପୂର୍ବତନ କେନ୍ଦ୍ର ସଚିବ ଏବଂ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇଥିବାରୁ ତାଙ୍କର ଅଭିଜ୍ଞତା,ଦକ୍ଷତା,ବରିଷ୍ଠତା ଏବଂ ପ୍ରଶାସନରେ ଆତ୍ମବିଶ୍ୱାସ ରହିଛି। ଏହାକୁ ଆଧାର କରି ସେ ପିଇଏସ୍‌ବିକୁ ଏକ ସ୍ୱତନ୍ତ୍ର ସଂସ୍ଥା ଭାବେ ଗଢି ତୋଳିବେ ବୋଲି ଆଶା କରାଯାଉଛି। ଜଣାପଡ଼ିଛି, ପିଇଏସ୍‌ବିରେ ନିୟମିତ ଦାୟିତ୍ୱଗୁଡ଼ିକରୁ ମୁକ୍ତ କରିବା ଲାଗି ଶ୍ରୀନିବାସନ୍ କେନ୍ଦ୍ର ନିକଟରେ ଦାବି କରିବା ଯୋଗୁ ସିହ୍ନାଙ୍କୁ ନିଯୁକ୍ତି ପାଇଁ ଚୟନ କରାଯାଇଥିଲା। ସିହ୍ନା ଏବେ ସେହି କାର୍ଯ୍ୟବୋଝର ଏକ ବଡ଼ ଭାଗ ନିଜ ମୁଣ୍ଡକୁ ନେବେ ଏବଂ ଏଥିପାଇଁ ଶୀର୍ଷ କର୍ତ୍ତୃପକ୍ଷଙ୍କଠାରୁ ସେ ସବୁଜ ସଙ୍କେତ ପାଇଛନ୍ତି ବୋଲି ବିଶ୍ୱାସ କରାଯାଉଛି।

## ଗୋଳମାଳିଆ ବଦଳି

ପଞ୍ଚକୁଲାର ସହକାରୀ ବନ ସଂରକ୍ଷକ ଏସ୍.ଏସ୍. ସାଇନିଙ୍କ ବଦଳି ଆଦେଶ ପ୍ରତ୍ୟାହାର କରିବା ପାଇଁ ହରିୟାଣା ସରକାରଙ୍କୁ କେନ୍ଦ୍ର ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ବା କେନ୍ଦ୍ର ପ୍ରଶାସନିକ ନ୍ୟାୟାଧୀକରଣ (ସିଏଟି)ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ ଏହି ବଦଳି ଆଦେଶ ଜାରି କରାଯାଇ ସାଇନିଙ୍କୁ କୈଥଲ୍‌ର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଭାବେ ରଣବୀର ସିଂ ଧୁଲଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଥିଲା। ଧୁଲ ଏବେ କୈଥଲର ଡେପୁଟି ବନ ସଂରକ୍ଷକ ଅଛନ୍ତି। ଏହି ଆଦେଶକୁ ଧୁଲ ସିଏଟିରେ ଚ୍ୟାଲେଞ୍ଜ କରିବା ପରେ ସିଏଟି ରାଜ୍ୟ ମୁଖ୍ୟ ଶାସନ ସଚିବ ସଞ୍ଜୀବ କୌଶଲଙ୍କୁ ଏହି ଘଟଣାରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ନିର୍ଦ୍ଦେଶ ପରେ ହିଁ ବଦଳି ଆଦେଶ ପ୍ରତ୍ୟାହାର ନିଷ୍ପତ୍ତି ସାମ୍ନାକୁ ଆସିଲା। ଧୁଲ ପିଟିଶନରେ ଦାବି କରିଥିଲେ ଯେ,ତାଙ୍କ ବଦଳିକୁ ସିଭିଲ୍ ସର୍ଭିସ ବୋର୍ଡ ଅନୁମୋଦନ କରି ନ ଥିଲା। ଏହାସହ ଆଗେ ତାଙ୍କର ନିଯୁକ୍ତି ଆଦେଶ ଜାରି ନ କରି ସାଇନିଙ୍କୁ କୈଥଲରେ ଅବସ୍ଥାପିତ କରାଯାଇଥିଲା ବୋଲି ସେ ଦର୍ଶାଇଥିଲେ। କୌତୂହଳର କଥା ହେଉଛି, ଧୁଲଙ୍କୁ ଭୁଲବଶତଃ କୈଥଲକୁ ବଦଳି କରାଯାଇଥିଲା ବୋଲି ରାଜ୍ୟ ସରକାର ପ୍ରଥମରୁ ଜୋର୍ ଦେଇ କହୁଥିଲେ। ଧୁଲଙ୍କ ଯୁକ୍ତିକୁ ଟ୍ରିବ୍ୟୁନାଲ ଗ୍ରହଣ କରିବା ଫଳରେ ସରକାରଙ୍କ ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ସାଇନିଙ୍କ ବଦଳି ଆଦେଶ ପ୍ରତ୍ୟାହାର କରିଛନ୍ତି। ତେବେ ଧୁଲ କାର୍ଯ୍ୟକରୁଥିବା ପଦବୀରେ ରହିବେ ନା ବଦଳି ହେବେ, ସେ ସମ୍ପର୍କରେ ସରକାର କି ନିଷ୍ପତ୍ତି ନେବେ ତାହା ଦେଖିବାକୁ ବାକି ରହିଛି। ଆଶା କରାଯାଏ, ସରକାର ଆଉ ଭୁଲ୍ ନ କରି ଏବଂ ଅଧିକ ଲଜ୍ଜିତ ନ ହୋଇ ଠିକ୍ ନିଷ୍ପତ୍ତି ନେବେ। ଏଭଳି ଗୋଳମାଳିଆ ବଦଳି ମାମଲାରେ କୌଶଲ ସତ୍ୟପାଠ ଦାଖଲ କରିବା କ୍ଷଣି ହିଁ ଏହା ଉପରେ ସ୍ଥିର କରାଯିବ।

## ରାୟକୁ ଉପେକ୍ଷା

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟଙ୍କର ଏକ ରାୟକୁ ଅବଜ୍ଞା ବା ଉପେକ୍ଷା କରିବା ପରେ ବିହାରରେ ନୀତିଶ କୁମାର ସରକାର ସମସ୍ୟାରେ ପଡିଯାଇଛନ୍ତି। ଏହି ଘଟଣାରେ କେବଳ ନିଯୁକ୍ତି ପାଇଥିବା ଏସ୍. କେ. ସିଂଘଲଙ୍କୁ ଯିବାକୁ ପଡ଼ିବନି, ବରଂ ସିଂଘଲଙ୍କୁ କାର୍ଯ୍ୟବାହୀ ଡିଜିପି ଭାବେ ନିଯୁକ୍ତ କରି ଶୀର୍ଷ ଅଦାଲତଙ୍କ ରାୟକୁ ଅଣଦେଖା କରିବା ଯୋଗୁ ନୀତିଶ ସରକାର ମଧ୍ୟ ଅଦାଲତ ଅବମାନନାର ସାମ୍ନା କରିବେ। ସୂତ୍ରରୁ ଜଣାପଡ଼ିଛି ଯେ,ଡିଜିପି ପାଇଁ ନାମ ପ୍ରକାଶ କରିବା ପୂର୍ବରୁ ବୃତାନ୍ତ ଲାଗି ରାଜ୍ୟ ସରକାରଙ୍କୁ ଯୋଗ୍ୟ ପ୍ରାର୍ଥୀମାନଙ୍କର ଏକ ତାଲିକା ୟୁନିୟନ ପବ୍ଲିକ ସର୍ଭିସ କମିଶନ ବା କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି)କୁ ପଠାଇବାକୁ ପଡ଼ିବ। କିନ୍ତୁ ବିହାର ସରକାର ଏହି ପ୍ରକ୍ରିୟାକୁ ଅଣଦେଖା କରିଛନ୍ତି। ପୁନଶ୍ଚ, ଜଣେ କାର୍ଯ୍ୟବାହୀ ଡିଜିପିଙ୍କୁ ନିଯୁକ୍ତି ନ ଦେବା ସକାଶେ ସୁପ୍ରିମ୍‌କୋର୍ଟ ତାଙ୍କ ପ୍ରଥମ ରାୟରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନୀତିଶ ସରକାର ସିଂଘଲଙ୍କୁ କାର୍ଯ୍ୟବାହୀ ଡିଜିପି ଭାବେ ନିଯୁକ୍ତି ଦେଇ କୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରିଛନ୍ତି। ଯାହାହେଲେ ବି ଏବେ ସ୍ଥିତି ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଇବାକୁ ପଡ଼ିବ।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | 5 | | 8 | | |
| | 5 | | | | | | | |
| | | | | 4 | | 1 | | |
| | | 3 | | | | | 7 | |
| | 6 | | | | | | | |
| | 9 | | 6 | | 5 | | 4 | 1 |
| | | | | 1 | | | | 4 |
| 7 | 2 | | 3 | | 6 | | | |
| | | 8 | | | | | 9 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 2 | 4 | 7 | 6 | 8 | 9 |
| 2 | 4 | 6 | 8 | 9 | 1 | 5 | 7 | 3 |
| 9 | 7 | 8 | 5 | 3 | 6 | 2 | 1 | 4 |
| 5 | 1 | 7 | 4 | 6 | 8 | 9 | 3 | 2 |
| 6 | 2 | 4 | 3 | 1 | 9 | 7 | 5 | 8 |
| 8 | 9 | 3 | 7 | 2 | 5 | 1 | 4 | 6 |
| 7 | 5 | 9 | 6 | 8 | 4 | 3 | 2 | 1 |
| 3 | 8 | 1 | 9 | 5 | 2 | 4 | 6 | 7 |
| 4 | 6 | 2 | 1 | 7 | 3 | 8 | 9 | 5 |

ଗତକାଲିର ଉତ୍ତର

# ଗାଁ ସହରର ଜନାଦେଶ



**ଅନିଲ କୁମାର ବିଶ୍ୱାଳ**

ରାଜ୍ୟରେ ଦୁଇ ମାସ ଧରି ଚାଲୁଥିବା ଗଣତାନ୍ତ୍ରିକ ବ୍ୟବସ୍ଥାର ସବୁଠାରୁ ତୃଣମୂଳ ସ୍ତରର ଅଥଚ ବହୁ ଗୁରୁତ୍ୱ ବହନ କରୁଥିବା ପଞ୍ଚାୟତ ଓ ସହରାଞ୍ଚଳର ନିର୍ବାଚନ ଫଳାଫଳ ଆସିଗଲାଣି। ଏକ ମାସ ତଳେ ଗାଁର ଭୋଟରମାନଙ୍କର ଶାସକ ଦଳ ପ୍ରତି ଏକପାଖିଆ ଭାବରେ ସମର୍ଥନର ଯେଉଁ ଜନାଦେଶ ଆସିଥିଲା ଏବେ ସହରାଞ୍ଚଳ ଭୋଟରମାନଙ୍କର ଜନାଦେଶ ମଧ୍ୟ ସେହି ସମାନ କଥା କହୁଛି। ଯଦିଓ ପଞ୍ଚାୟତ ଭଳି ଅତି ବିପୁଳ ସଫଳତା ବିଜୁ ଜନତା ଦଳ ପାଇନାହିଁ ତଥାପି ବି ଯେତିକି ପୌରାଞ୍ଚଳରେ ଅଧ୍ୟକ୍ଷ ପଦ ସେମାନେ ପାଉଛନ୍ତି ତାହାକୁ ଏକତରଫା ହିଁ କୁହାଯିବ। ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ (ବିଜେଡି) ସମସ୍ତ ୩୦ଟି ଯାକ ଜିଲା ପରିଷଦ ଆସନରେ ଅଧ୍ୟକ୍ଷ ପଦ ହାତେଇଥିଲା। ଜନମତ ଦଳ ସପକ୍ଷରେ ଏତେ ଏକତରଫା ଥିଲା ଯେ ଅନେକ ଜିଲାରେ ଯେଉଁଠି ବିରୋଧୀ ଦଳ ହାତରେ ୨୦୧୭ରେ ଜିଲାପରିଷଦ ଅଧ୍ୟକ୍ଷ ପଦ ଥିଲା ସେଠାରେ ସେମାନେ ଖାତା ଖୋଲିପାରିଲେ ନାହିଁ। ସେହିପରି କିଛି ହାତଗଣତି ସ୍ଥାନକୁ ଛାଡ଼ିଦେଲେ ବାକି ସବୁଠାରେ ଶାସକ ଦଳ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ମଧ୍ୟ ଜିତିଥିଲା। ପୌର ନିର୍ବାଚନରେ ଯାହା ଫଳାଫଳ ଆସିଛି ବିଜେଡି ୭୨ଟି ସ୍ଥାନରେ ନିଗମ/ପରିଷଦର ଅଧ୍ୟକ୍ଷ ଜିତୁଥିବା ବେଳେ ବିରୋଧୀ ଭାଜପା ୧୭ଟି ଆସନରେ, କଂଗ୍ରେସ ୭ଟି ଆସନରେ ଜିତୁଛି। ଯଦିଓ ଏହା ବିରୋଧୀମାନଙ୍କ ପାଇଁ ଟିକିଏ ଆଶ୍ୱସ୍ତିକର ଯେ ପଞ୍ଚାୟତର ଲଜ୍ଜାଜନକ ପରାଭବରୁ ସେମାନେ ରକ୍ଷା ପାଇଯାଇଛନ୍ତି, ହେଲେବି ଏହା ସେପରି କିଛି ବହୁତ ଭଲ ଖବର ନୁହେଁ। କାରଣ ସହରାଞ୍ଚଳର ଭୋଟର ସଂଖ୍ୟା ହେଉଛି ମାତ୍ର ୪୪ଲକ୍ଷ ( ୧୩% )। ଓଡ଼ିଶା ଭଳି ଗ୍ରାମୀଣ ରାଜ୍ୟରେ ମାତ୍ର ୧୨ଟି ବିଧାନସଭାରେ ଏହି ସହରୀ ଭୋଟରଙ୍କର ବିଧାନସଭା ନିର୍ବାଚନ ଫଳାଫଳ ନିର୍ଣ୍ଣୟରେ ଭୂମିକା ରହିଥାଏ।

ଏହି ଦୁଇ ନିର୍ବାଚନରେ ସାରା ଓଡ଼ିଶାର ଲୋକମାନେ ଭୋଟ ଦେବାର ସୁଯୋଗ ପାଇଥିଲେ। ତେଣୁ କୁହାଯାଇପାରେ ଯେ ୨୦୨୪ର ସାଧାରଣ ନିର୍ବାଚନ ପୂର୍ବରୁ ଏହା ଏକ ପ୍ରକାରର ସେମିଫାଇନାଲ ମ୍ୟାଚ ଥିଲା, ଯାହାକୁ ବିଜୁ ଜନତା ଦଳ ଅତ୍ୟନ୍ତ ସହଜରେ, ବିନା କୌଣସି ପ୍ରତିଦ୍ୱନ୍ଦ୍ୱିତାରେ ଜିତିଯାଇଛି। ଅବଶ୍ୟ ଚଳିତ ନିର୍ବାଚନରେ ବ୍ୟାପକ ହିଂସା, ଅର୍ଥ ବଣ୍ଟା ଦେଖିବାକୁ ମିଳୁଥିଲା। ଯାହା ଓଡ଼ିଶାର ରାଜନୈତିକ ଚରିତ୍ରଠାରୁ ଟିକିଏ ଅଲଗାଥିଲା। ଦେଶର ଅନ୍ୟ କିଛି ରାଜ୍ୟରେ ନିର୍ବାଚନ ସମୟରେ ଯେଭଳି ବ୍ୟାପକ ହିଂସା ହୁଏ ସେଭଳି ଓଡ଼ିଶାରେ ଦେଖାଯାଏ ନାହିଁ। ହେଲେ ଏବେ ନିର୍ବାଚନରେ ବ୍ୟାପକ ହିଂସା ଦେଖିବାକୁ ମିଳୁଛି। ସେହିଭଳି ପୌର ନିର୍ବାଚନରେ ଭୋଟର ତାଲିକାରେ ଅତ୍ୟଧିକ ତ୍ରୁଟି କାରଣରୁ ଅନେକ ଲୋକ ଭୋଟ ନ ଦେଇ ପାରିବା ମଧ୍ୟ ଆଉ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଯାହା ନିର୍ବାଚନ କମିଶନରଙ୍କର ଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ପାଇଁ ବାଧ୍ୟ କରୁଛି। ଏହି ନିର୍ବାଚନ ଫଳାଫଳର ଯେଉଁ ମନସ୍ତାତ୍ତ୍ୱିକ ଦିଗଟି ରହୁଛି ତାହା ହେଉଛି ଏହା ଶାସକ ଦଳର ମନୋବଳକୁ ଆଗାମୀ ସମୟରେ ଆହୁରି ସୁଦୃଢ଼ କରିବାକୁ ଯାଉଥିବା ବେଳେ ବିରୋଧୀ ଦଳର ମନୋବଳ ଉପରେ ଏକ ଶକ୍ତ ଆଘାତ ଦେଇଛି। ଆଉ ଯେଉଁ ଦିଗଟି ବେଶି ସ୍ୱଷ୍ଟତାର ସହିତ ଦେଖାଦେଇଛି ତାହା ହେଉଛି ବିଜୁ ଜନତା ଦଳର କ୍ୟାଡର ଭୋଟ ବଢ଼ିଛି, ବିରୋଧୀମାନେ କ୍ୟାଡର ଭୋଟ ହରାଇଛନ୍ତି। ଗଣତନ୍ତ୍ରରେ କେହି ଅପରାଜେୟ ନୁହନ୍ତି, କିନ୍ତୁ ବିଜେଡି ଯେଉଁଭଳି ଭାବରେ ଅପରାଜେୟ ହୋଇ ରହିଆସିଛି ତାହା ଦେଶରେ ଏକ ଚମକପ୍ରଦ ଘଟଣା।

ବାରମ୍ବାର ଏକତରଫା ବିଜୟ ପଛରେ କେବଳ ବିଜୁ ଜନତା ଦଳର ଉତ୍ତମ ରଣନୀତି ଓ ନେତୃତ୍ୱର ଭୂମିକା ଯେ ଅଛି ତାହା ନୁହେଁ ବରଂ ଆଉ କିଛି ଉପାଦାନ ମଧ୍ୟ ରହିଛି। ପ୍ରଥମ କଥା ହେଉଛି ଦୁଇଟି ଯାକ ନିର୍ବାଚନ (ଉଭୟ ପଞ୍ଚାୟତ ଓ ପୌର) ପ୍ରସଙ୍ଗ ବିହିନ ଥିଲା। ଯେତେବେଳେ କୌଣସି ନିର୍ବାଚନ ବିନା ପ୍ରସଙ୍ଗରେ ଲଢ଼ାଯାଏ ସେତେବେଳେ ତାହା ଶାସକ ଦଳକୁ ସୁହାଇଥାଏ। ଶାସକ ଦଳମାନେ ସବୁବେଳେ ଚାହାନ୍ତି ଯେ ନିର୍ବାଚନରେ ସରକାରଙ୍କୁ ଅଡୁଆରେ ପକାଇଲା ଭଳି କୌଣସି ପ୍ରସଙ୍ଗ ନ ଆସୁ ଯାହା ଚଳିତ ପଞ୍ଚାୟତ ଓ ପୌରାଞ୍ଚଳ ନିର୍ବାଚନରେ ଘଟିଲା। ବିରୋଧୀମାନେ ବିଫଳ ହେଲେ ସରକାରୀ ଦଳକୁ ଅଡୁଆରେ ପକାଇବା ଭଳି ପ୍ରସଙ୍ଗକୁ ନିର୍ବାଚନରେ ପ୍ରସଙ୍ଗ କରିବା ପାଇଁ। ମହିଳା ବିରୋଧୀ ହିଂସା, ଆଇନ ଶୃଙ୍ଖଳା ଭଳି ଅନେକ ସାମ୍ପ୍ରତିକ ପ୍ରସଙ୍ଗ ସହିତ ଲୋକମାନଙ୍କର ନିତିଦିନିଆ ଜୀବନକୁ ପ୍ରଭାବିତ କରୁଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଦୁର୍ନୀତି ଏକ ମୁଖ୍ୟ ପ୍ରସଙ୍ଗ ଭାବରେ ଓଡ଼ିଶାରେ ରହିଆସିଛି। ପଞ୍ଚାୟତ ନିର୍ବାଚନ ବେଳେ ଆମେ ଦେଖିଛେ ଲୋକମାନେ ନିଜ ମୁହଁରେ ବଖାଣୁଥିଲେ କିପରି ସେମାନେ ପକ୍କାଘର ପାଇନାହାନ୍ତି, ଭତ୍ତା ମିଳୁନି, ପିଇବା ପାଣି ମିଳୁନି, ରାସ୍ତା ନାହିଁ ଏମିତି କେତେ କ’ଣ। ସହରାଞ୍ଚଳରେ ମଧ୍ୟ ସମସ୍ୟାର ଲମ୍ବା ତାଲିକା ଥିଲା। ହେଲେ କେଜାଣି କାହିଁକି ସେସବୁକୁ ବିରୋଧୀମାନେ ଧରିପାରିଲେ ନାହିଁ। ଯେଉଁ କିଛି ଅଳ୍ପ ଅଳ୍ପ ସ୍ୱର ମଝିରେ ମଝିରେ ବାହାରୁଥିଲା ତାହା ଲୋକଙ୍କୁ ଛୁଇଁଲା ନାହିଁ। ନିର୍ବାଚନରେ ବହୁତ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରାର୍ଥୀମାନେ ଗମ୍ଭୀରତାର ସହିତ ଲଢୁଛନ୍ତି କି ନାହିଁ। କାରଣ ଭୋଟର ସବୁବେଳେ ପରଖେ ବାସ୍ତବରେ କେଉଁ ଦଳ ମଇଦାନରେ ଆନ୍ତରିକତାର ସହିତ ଲଢୁଛି। ତୃଣମୁଳ ସ୍ତରରେ ସରକାରୀ ଦଳ ବିରୋଧରେ ହାୱା ଥିଲା। ହେଲେ ତାହା ଭୋଟରେ ପରିବର୍ତ୍ତିତ ହୋଇପାରିଲା ନାହିଁ, ଏହାକୁ ନେଇ ଉଭୟ କଂଗ୍ରେସ ଓ ଭାଜପାକୁ ଗଭୀର ଭାବରେ ଆତ୍ମସମୀକ୍ଷା କରିବାର ସମୟ ଆସିଛି।

ପଞ୍ଚାୟତ ନିର୍ବାଚନରେ ବିଜେଡି ୫୨% ଭୋଟ ପାଇଲା। ୨୦୧୯ରେ ସେମାନେ ପାଇଥିଲେ ୪୫%। ବର୍ତ୍ତମାନ ଆମେ ଯଦି ସମୀକରଣକୁ ବିଜେଡି ଓ ବିଜେଡିର ବିରୋଧୀ ଭୋଟ ଆକାରରେ ଦେଖିବା ତା’ହେଲେ ଗୋଟିଏ କଥା ଦେଖିବାକୁ ମିଳୁଛି ବିଜେଡି ବିରୋଧୀ ଭୋଟ ସଂଖ୍ୟା ଦିନକୁ ଦିନ କମୁଛି। ଏହା ୨୦୦୯ରେ ଥିଲା ୬୨% ଯାହା କମି ୪୮%ରେ ପହଞ୍ଚିଗଲାଣି। ଏବେ ଓଡ଼ିଶାରେ ଭୋଟିଂର ଯେଉଁ ଟ୍ରେଣ୍ଡ ଚାଲିଛି, ସେଥିରେ ଓଡ଼ିଶାରେ ଦୁଇଟି ବିରୋଧୀ ଦଳ ରହିବା ବିଜୁ ଜନତା ଦଳର ଜିତିବା ସହଜ କରୁଛି। କନ୍ତୁ ହୁଏତ ଯଦି ନିର୍ବାଚନ ମଇଦାନରେ ଗୋଟିଏ ବିରୋଧୀ ଦଳ ରହନ୍ତା ତା’ହେଲେ ବିଜୁ ଜନତା ଦଳ ପାଇଁ ଜିତିବା ଏତେ ସହଜ ହୁଅନ୍ତା ନାହିଁ। ବିଜୁ ଜନତା ଦଳ ପାଇଁ ଆଉ ଏକ ମଙ୍ଗଳମୟ ହେଉଛି ଯେ ଦୁଇଟି ଯାକ ବିରୋଧୀ ଦଳ ହେଉଛି ଜାତୀୟ ରାଜନୈତିକ ଦଳ, ପାରମ୍ପରିକ ଓ ବୈଚାରିକ ବିରୋଧୀ। ସେମାନେ କେବେ ନିର୍ବାଚନରୁ ଓହରିବେନି କି ସେମାନଙ୍କ ମଧ୍ୟରେ କେବେ ମେଣ୍ଟ ହେବାର ନାହିଁ। ଏବେ ବିଜୁ ଜନତା ଦଳ ପାଖରେ ଯାହା କ୍ୟାଡର ଭୋଟ ଅଛି, ତ୍ରିମୁଖୀ ଲଢ଼େଇରେ ସେହି କ୍ୟାଡର ଭୋଟରେ ଜିତିବା ପାଇଁ ତାଙ୍କ ପାଇଁ ଯଥେଷ୍ଟ ଓ ଅତି ସହଜ। କିନ୍ତୁ ଯଦି ଦ୍ୱିପାକ୍ଷିକ ଲଢ଼େଇ ହୁଏ ତା’ହେଲେ ସେମାନଙ୍କ ପାଇଁ ଜିତିବା ହୁଏତ କଷ୍ଟ ହୋଇପାରେ। ଉଦାହରଣ ସ୍ୱରୂପ ପୁରୀ ଜିଲାର ସତ୍ୟବାଦୀ, ଖୋର୍ଦ୍ଧାର ଚିଲିକା। ସେହି ଜିଲାରେ ଆଉ କେଉଁଠି ବିଜେଡି ହାରିଲା ନାହିଁ କିନ୍ତୁ ସେଠାରେ ହାରିଥିଲା। ଏହାର କାରଣ ହେଉଛି ଦୁଇଟିଯାକ ଅଞ୍ଚଳରେ ଭାଜପା ଓ ବିଜେଡିର ଲଢ଼େଇ ହେଉଥିଲା, କଂଗ୍ରେସ ସୁପ୍ତ ଥିଲା। ସେହିପରି କୋରାପୁଟରେ କଂଗ୍ରେସ ଭଲ ପଦର୍ଶନ କରିବାର କାରଣ ମଧ୍ୟ ସମାନ।

ସରକାରୀ ଦଳ ସପକ୍ଷରେ ଜନମତ ଯିବାର ଆଉ ଏକ ବଡ କାରଣ ହେଉଛି ଯେତେବେଳେ ବି କେଉଁ ରାଜ୍ୟରେ ବା ଦେଶରେ ସରକାରୀ ବିରୋଧୀ ଜନମତ ଆସିଥାଏ ତାହା ପ୍ରାୟତଃ କୌଣସି ଗୋଷ୍ଠୀ ପାଖରୁ ଆସିଥାଏ। ତାହା ଯୁବଗୋଷ୍ଠୀ ହୁଅନ୍ତୁ କି ମହିଳା ହୁଅନ୍ତୁ କି ଚାଷୀ ଅବା ଅନ୍ୟ କିଛି। ହେଲେ ଓଡ଼ିଶାରେ ବିରୋଧୀ ଦଳମାନେ ସେହି ଗୋଷ୍ଠୀମାନଙ୍କ ଭିତରେ ପହଞ୍ଚିପାରନ୍ତି ନାହିଁ। ଓଡ଼ିଶାରେ ଯୁବଗୋଷ୍ଠୀମାନଙ୍କର ସରକାରୀ ବିରୋଧରେ ଜନ ଆକ୍ରୋଶ ଥିଲେ ବି ତାହା ପ୍ରତିଫଳିତ ହେଉ ନାହିଁ। ଏହାର କାରଣ ବିରୋଧୀ ଦଳମାନଙ୍କର ଯୁବଗୋଷ୍ଠୀମାନଙ୍କ ଭିତରେ ସଙ୍ଗଠନ ଅତ୍ୟନ୍ତ ଦୁର୍ବଳ। ସେହି ସମାନ କଥା ମହିଳାଙ୍କ କ୍ଷେତ୍ରରେ। ଆଉ ଏକ ବଡ଼ ରାଜନୈତିକ ବିଷୟ ହେଲା ଏହି ଭିତରେ ବିଜୁ ଜନତା ଦଳର ସାଙ୍ଗଠାନିକ ଢାଞ୍ଚାରେ ଅନେକ ଯୁବ ନେତୃତ୍ୱ, ନୂଆ ମୁହଁଙ୍କୁ ରାଜନୀତିରେ ସୁଯୋଗ ଦିଆଯାଇଛି। ସେମାନେ ଏବେ ବଡ଼ ମାଧ୍ୟମ ସାଜଛନ୍ତି ସରକାରୀ ଦଳ ସହିତ ଯୁବଗୋଷ୍ଠୀଙ୍କୁ ବାନ୍ଧି ରଖିବାରେ।

ଶାସକ ଏବଂ ବିରୋଧୀ ହେଉଛନ୍ତି ଗଣତନ୍ତ୍ର ବ୍ୟବସ୍ଥାରେ ଲୋକମାନଙ୍କର ଦୁଇ ଆଖି ଭଳି। ବିରୋଧୀ ଦଳମାନଙ୍କର ମୁଖ୍ୟ ଭୂମିକା ହେଉଛି ସରକାରଙ୍କ ଦୋଷ ତ୍ରୁଟିକୁ ନେଇ ପ୍ରଶ୍ନ କରିବା ଏବଂ ସେମାନଙ୍କୁ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ କରାଇବା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିରୋଧୀମାନେ ସବୁବେଳେ ସେମାନଙ୍କର ଉପସ୍ଥିତି ରଖିବା ଦରକାର। ନ ହେଲେ ସରକାର ମନମୋଟିଆ, ଏକଚ୍ଛତ୍ରବାଦୀ ହୋଇଯିବେ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟତମ ଜଣାଶୁଣା ବ୍ୟାଖ୍ୟାକାର ତଥା ନ୍ୟୁଜିଲାଣ୍ଡର ନେତା ଡନ୍ ବ୍ରାଶଙ୍କ ଭାଷାରେ, ‘ବିରୋଧୀ ଦଳର ଅର୍ଥ ହେଉଛି ବିକଳ୍ପ ସରକାର।’ ହେଲେ ଏହି ଜନାଦେଶ ଯେଉଁଭଳି ଭାବରେ ବିରୋଧୀଙ୍କୁ ଧରାଶାୟୀ କରିଛି ତାହା ନିଶ୍ଚିତ ଭାବରେ ତୃଣମୂଳ ସ୍ତରର ଶାସନ ବ୍ୟବସ୍ଥାରେ ବିରୋଧୀଙ୍କର ସ୍ୱରକୁ ଦୁର୍ବଳ କରିବ, ଯାହା ଗଣତନ୍ତ୍ର ପାଇଁ ଭଲ ନୁହେଁ।

**ହରିରାଜପୁର, ପୁରୀ**

# ଭାରତୀୟ କାଳଗଣନା ବିଜ୍ଞାନସମ୍ମତ



**ଡ. ସନ୍ତୋଷ କୁମାର ମହାପାତ୍ର**

୨ ଏପ୍ରିଲ ଚୈତ୍ର ଶୁକ୍ଳ ପ୍ରତିପଦା। ଯୁଗାବ୍ଦ ୫୧୨୪, ବିକ୍ରମ ସମ୍ବତ ୨୦୭୯। ଇଂରେଜମାନେ ଭାରତ ଆସିବା ପୂର୍ବରୁ ଏହି ସମ୍ବତ ଭାରତରେ ପ୍ରଚଳିତ ଥିଲା। ସମାଜର ସମ୍ପୂର୍ଣ୍ଣ ଗତିବିଧି ଭାରତୀୟ କାଳଗଣନା ଅନୁସାରେ ସହଜରେ ସଂଚାଳିତ ହେଉଥିଲା। ଆଜି ମଧ୍ୟ ସମାଜର ଏକ ବୃହତ୍ ଭାଗ ଭାରତୀୟ ତିଥି, ବାର ଅନୁସାରେ ନିଜ କାର୍ଯ୍ୟକଳାପ ଚଳାଉଛନ୍ତି। ପାଶ୍ଚାତ୍ୟ କାଳଗଣନା ବା ଗ୍ରେଗେରିୟନ କ୍ୟାଲେଣ୍ଡରର ବ୍ୟାପକ ପ୍ରଚଳନ ଓ ପ୍ରତ୍ୟେକ କ୍ଷେତ୍ରରେ ଏହାର ଅନୁପ୍ରବେଶ ସତ୍ତ୍ୱେ ମଧ୍ୟ ଭାରତୀୟ ପାଞ୍ଜିର ମହତ୍ତ୍ୱ କମିଯାଇ ନାହିଁ। ଏବେ ଇଂରାଜୀ କାଳଗଣନାରେ ସମସ୍ତେ ଅଭ୍ୟସ୍ତ। ଏଥିରେ ତିଥି ଓ ମାସ କମେ ନାହିଁ କି ବଢ଼େ ନାହିଁ। ତଥାପି ଏ ଗଣନା ଠିକ ନୁହଁ। ଏହାର ବୈଜ୍ଞାନିକ କାରଣ କେବଳ ଗୋଟିଏ ରହିଛି। ତାହା ହେଲା ପୃଥିବୀ ସୂର୍ଯ୍ୟଙ୍କୁ ଥରେ ପରିକ୍ରମା କରିବା ପାଇଁ ଯେତିକି ସମୟ ନିଏ ତାହା ହେଲା ଗୋଟିଏ ବର୍ଷ।

ପାଶ୍ଚାତ୍ୟ କାଳଗଣନାର ପ୍ରାରମ୍ଭ ରୋମରେ ହୋଇଥିଲା। ପ୍ରାରମ୍ଭରେ ରୋମର ବିଦ୍ୱାନ୍‌ମାନେ ୩୦୪ ଦିନରେ ଏକ ବର୍ଷ ହେଉଛି ବୋଲି କହିଲେ। ମାସର ନାଁ ବି ସେମିତି ରଖିଦେଲେ। ସେପ୍ଟେମ୍ବର ସପ୍ତମ ମାସ, ଅକ୍ଟୋବର ଅଷ୍ଟମ ମାସ, ନଭେମ୍ବର ନବମ ମାସ ଓ ଡିସେମ୍ବର ଦଶମ ମାସ ହେଲା। ପରେ ସିଜର ଜୁଲିଅସ ଓ ସିଜର ଅଗଷ୍ଟସଙ୍କ ନାମ ଅନୁସାରେ ଜୁଲାଇ ଓ ଅଗଷ୍ଟ ଯୋଡ଼ିବା ଦ୍ୱାରା ସପ୍ତମ ମାସ ହେଲା ନବମ, ଅଷ୍ଟମ ହେଲା ଦଶମ, ନବମ ହେଲା ଏକାଦଶ ଓ ଦଶମ ହେଲା ଦ୍ୱାଦଶ ମାସ। ବାର ମାସ ସହିତ ବର୍ଷକ ହେଲା ୩୬୦ ଦିନ।

ଜୁଲିଅସ ସିଜର ଯିଶୁଖ୍ରୀଷ୍ଟଙ୍କ ୪୫ ବର୍ଷ ପୂର୍ବରୁ ୩୬୫.୨୫ ଦିନରେ ଗୋଟିଏ ବର୍ଷ ହେଉଛି ବୋଲି କହିଥିଲେ। ଏଥିପାଇଁ ଅନେକ ବର୍ଷ ପର୍ଯ୍ୟନ୍ତ କ୍ୟାଲେଣ୍ଡରକୁ ଜୁଲିଅନ କ୍ୟାଲେଣ୍ଡର ବୋଲି କୁହାଗଲା। ଜୁଲିଅନ କ୍ୟାଲେଣ୍ଡରରେ ଏକ ବର୍ଷର ସମୟ ଯାହା ଥିଲା ପ୍ରକୃତରେ ପୃଥିବୀ ଦ୍ୱାରା ସୂର୍ଯ୍ୟଙ୍କ ପରିକ୍ରମା ଭିତରେ ଆଉ କିଛି ଅନ୍ତର ଥିଲା। ତେଣୁ ପନ୍ଦର ଶହ ବର୍ଷ ପରେ ଏ ଅନ୍ତର ଏଗାର ଦିନର ହୋଇଗଲା। ସେଥିପାଇଁ ୧୫୩୨ରେ ପୋପ ଗ୍ରେଗେରୀ (୧୩ ତମ) ଜୁଲିଅସ କ୍ୟାଲେଣ୍ଡରକୁ ସଂଶୋଧନ କଲେ। ଏହି ସଂଶୋଧିତ କ୍ୟାଲେଣ୍ଡରକୁ ଗ୍ରେଗେରିଆନ କ୍ୟାଲେଣ୍ଡର କୁହାଯାଏ। ଅନେକ ଦେଶ ଏ କ୍ୟାଲେଣ୍ଡରକୁ ମାନ୍ୟତା ଦେଲେ ନାହିଁ। ଇଂଲଣ୍ଡ ୧୭୩୬ରେ ଏହାକୁ ସ୍ୱୀକାର କଲା। କିନ୍ତୁ ଏ ସଂଶୋଧନ ବି ଏ କ୍ୟାଲେଣ୍ଡରକୁ ଠିକ କରିପାରିଲା ନାହିଁ। ଅନ୍ୟପକ୍ଷରେ ଭାରତୀୟ କାଳଗଣନା ସୃଷ୍ଟି ଆରମ୍ଭରୁ ଏ ପର୍ଯ୍ୟନ୍ତ ଏକ ସେକେଣ୍ଡ ମଧ୍ୟ ଅନ୍ତର ଆସୁନାହିଁ।

ଭାରତରେ ମୁଖ୍ୟତଃ ସୂର୍ଯ୍ୟ ଓ ଚନ୍ଦ୍ର କାଳଗଣନା ବ୍ୟବହାର କରାଯାଉଛି। ଏହାର ସମ୍ବନ୍ଧ ସୂର୍ଯ୍ୟ ଓ ଚନ୍ଦ୍ର ସହ ରହିଛି। ଜ୍ୟୋତିଷର ପ୍ରାଚୀନ ଗ୍ରନ୍ଥ ‘ସୂର୍ଯ୍ୟ ସିଦ୍ଧାନ୍ତ’ ଅନୁସାରେ ପୃଥିବୀ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରିବା ପାଇଁ ୩୬୫ ଦିନ ୧୫ ଘଣ୍ଟା ୩୧ ପଳ, ୩୧ ବିପଳ ତଥା ୨୪ ପ୍ରତି ବିପଳ ସମୟ ନିଏ। ଏହା ବର୍ଷକର କାଳଗଣନା । ଏଠାରେ ଧ୍ୟାନ ଦେବା ଯୋଗ୍ୟ ଯେ ସୂର୍ଯ୍ୟ ସିଦ୍ଧାନ୍ତ ଗ୍ରନ୍ଥ ସେତେବେଳର ଯେତେବେଳେ ୟୁରୋପରେ ବର୍ଷକୁ ୩୬୦ ଦିନ ମାନୁଥିଲେ।

ଆକାଶରେ ୨୭ଟି ନକ୍ଷତ୍ର ଅଛନ୍ତି। ଏହି ନକ୍ଷତ୍ରମାନଙ୍କର ୧୦୮ ପାଦ ଅଛି। ବିଭିନ୍ନ ଅବସରରେ ୯-୯ ପାଦ ମିଶି ବାର ରାଶିର ସ୍ୱରୂପ ତିଆରି କରନ୍ତି। ସୂର୍ଯ୍ୟ ଯେଉଁ ସମୟରେ ଯେଉଁ ରାଶିରେ ରହିବେ ସେ କାଳଖଣ୍ଡ ସୌର ମାସ କୁହାଯାଏ। ଚନ୍ଦ୍ର ପୃଥିବୀକୁ ଥରେ ପରିକ୍ରମା କରିବା ପାଇଁ ଯେତେ ସମୟ ନିଏ ତାହା ହେଲା ଗୋଟିଏ ଚନ୍ଦ୍ର ମାସ। ଚନ୍ଦ୍ରମାର ଗତି ଅନୁସାରେ ସ୍ଥିର ହୋଇଥିବା ମାସର ସମୟ ନକ୍ଷତ୍ର ଅନୁସାର କମ ବା ଅଧିକ ହୋଇଥାଏ। ଯେଉଁ ନକ୍ଷତ୍ରରେ ଚନ୍ଦ୍ରମା ବଢ଼ି ବଢ଼ି ପୂର୍ଣ୍ଣତାକୁ ପ୍ରାପ୍ତ କରେ ସେହି ନକ୍ଷତ୍ରର ନାମ ଅନୁସାର ଚନ୍ଦ୍ର ବର୍ଷର ମାସ ଗୁଡ଼ିକର ନାମ କରଣ ହୋଇଥାଏ। ଏହି ମାସଗୁଡ଼ିକ ଭାରତରେ ସର୍ବାଧିକ ପ୍ରଚଳିତ । ଚନ୍ଦ୍ରମାସର ବୃଦ୍ଧି ବା କ୍ଷୟ ନକ୍ଷତ୍ରର ସ୍ଥିତି ଅନୁସାର ହୁଏ। ତିନି ବର୍ଷରେ ଥରେ ଏପରି ନିଶ୍ଚିତ ହୋଇଥାଏ। ଚନ୍ଦ୍ର ମାସର ଦୁଇଟି ଅମାବାସ୍ୟା ମଧ୍ୟରେ ସୂର୍ଯ୍ୟଙ୍କ କିଛି ସଂକ୍ରାନ୍ତି ପଡ଼ିଥାଏ। ସେଇ ମାସଟି ବଢ଼ିଥିବା ମାସ ହୁଏ। ଏହିପରି ୧୪୦ରୁ ୧୯୦ ବର୍ଷ ଭିତରେ ଗୋଟିଏ ଚନ୍ଦ୍ରମାସରେ ଦୁଇଟି ସଂକ୍ରାନ୍ତି ଆସିଥାଏ। ଏହା କମ୍ ମାସରେ ଗଣା ହୁଏ। ସୌର ବର୍ଷ ଓ ଚନ୍ଦ୍ର ବର୍ଷ ଭିତରେ ଏହିପରି ସମନ୍ୱୟ ରଖାଯାଇଥାଏ।

ବର୍ଷ, ମାସ, ଦିନ ଆଦିର ଗଣନା ସହିତ ପ୍ରାଚୀନ ଭାରତର ବୈଜ୍ଞାନିକଗଣ ସମୟର ସବୁଠୁ ଛୋଟ ଏକକ ତ୍ରୁଟିର ମଧ୍ୟ ଆବିଷ୍କାର କଲେ। ମହାନ ଗଣିତଜ୍ଞ ଭାସ୍କରାଚାର୍ଯ୍ୟ ଆଜିଠୁ ଚୌଦଶହ ବର୍ଷ ପୂର୍ବରୁ ଲେଖିଥିବା ନିଜ ଗ୍ରନ୍ଥରେ ସମୟର ଭାରତୀୟ ଏକକ ଉପରେ ବିଶଦ ବିବେଚନା କରିଛନ୍ତି। ୨୨୫ ତ୍ରୁଟି = ୧ ପ୍ରତି ବିପଲ,୬୦ ପ୍ରତିବିପଲ = ୧ ବିପଲ(୦.୪ ସେକେଣ୍ଡ), ୬୦ ବିପଲ = ୧ ପଲ(୨୪ ସେକେଣ୍ଡ),୬୦ ପଲ = ୧ ଘଟି(୨୪ ମିନିଟ୍), ୨.୫ ଘଟି = ୧ ହୋରା(୧ ଘଣ୍ଟା),୫ ଘଟି ବା ୨ ହୋରା = ୧ ଲଗ୍ନ(୨ ଘଣ୍ଟା), ୬୦ ଘଟି ବା ୨୪ ହୋରା ବା ୧୨ ଲଗ୍ନ = ୧ ଦିନ। ଏଇ ହୋରା (hora) ଶବ୍ଦକୁ ଟିକେ ଉଚ୍ଚାରଣଗତ ପାର୍ଥକ୍ୟ କରି ଇଂରାଜୀରେ ଆୱାର(hour) କହୁଛନ୍ତି।

ଏହିପରି ଦିନକୁ ୨୪ ହୋରା ହୁଏ। ସୃଷ୍ଟି ଆରମ୍ଭର ଚୈତ୍ର ଶୁକ୍ଳ ପ୍ରତିପଦ ତିଥିଟି ରବିବାର ଦିନ ହୋଇଥିଲା। ଏହି ଦିନର ପ୍ରଥମ ହୋରାର ସ୍ୱାମୀ ଥିଲେ ସୂର୍ଯ୍ୟ। ତା’ପର ଦିନ ପ୍ରଥମ ହୋରାର ସ୍ୱାମୀ ଥିଲେ ଚନ୍ଦ୍ର । ଏଥିପାଇଁ ରବିବାର ପରେ ସୋମ ବାର ଆସିଲା। ଏହିଭଳି ସାତ ଦିନର ନାମ ସାତଟି ଗ୍ରହର ନାମ ଅନୁସାରେ ହେଲା। ଏହା ହିଁ ସର୍ବମାନ୍ୟ । ଏଥିରୁ ସ୍ପଷ୍ଟ ହୁଏ ଯେ ଏତେ ସୂକ୍ଷ୍ମ କାଳ(୧/୩୩,୭୫୦ ସେକେଣ୍ଡ)ର ଗଣନା ମଧ୍ୟ ଭାରତର ଆଚାର୍ଯ୍ୟମାନେ କରିପାରୁଥିଲେ। ଏହିପରି ସମୟର ସବୁଠୁ ବଡ଼ ଏକକ ହେଲା କଳ୍ପ। ଗୋଟିଏ କଳ୍ପ ହେଉଛି ୪୩୨ କୋଟି ବର୍ଷ। ଏକ ହଜାର ମହାଯୁଗରେ ଗୋଟିଏ କଳ୍ପ ହେଉଛି। ୧ କଳ୍ପ = ୧୦୦୦ ଚତୁର୍ଯୁଗ ବା ୧୪ ମନ୍ୱନ୍ତର, ୧ ଚତୁର୍ଯୁଗ = ୪୩,୨୦,୦୦୦ ବର୍ଷ। ପ୍ରତ୍ୟେକ ଚତୁର୍ଯୁଗର ସନ୍ଧି କାଳରେ କିଛି ସନ୍ଧି ବର୍ଷ ଆସେ। ତାକୁ ଯୋଡ଼ିଲେ ୧୪ ମନ୍ୱନ୍ତରର ମୋଟ ହିସାବ ୧୦୦୦ ମହାଯୁଗ(ଚତୁର୍ଯୁଗୀ) ହେବ। ଏବେ ଶ୍ୱେତବାରାହ କଳ୍ପ ଚାଲିଛି। ଏହି କଳ୍ପର ଏବେ ସପ୍ତମ ମନ୍ୱନ୍ତର ଚାଲିଛି। ଏହି ମନ୍ୱନ୍ତରର ନାମ ହେଲା ବୈବିସ୍ୱତ ମନ୍ୱନ୍ତର। ଏହି ମନ୍ୱନ୍ତରର ୭୧ ମହାଯୁଗ(ଚତୁର୍ଯୁଗୀ)ମଧ୍ୟରୁ ୨୭ଟି ବିତିଯାଇଛି ଏବେ ସତ୍ୟ, ତ୍ରେତୟା, ଦ୍ୱାପର ମଧ୍ୟ ବିତିଯାଇ ଏବେ କଳିଯୁଗ ଚାଲିଛି। କଳି ଯୁଗର ଏବେ ୫୧୨୩ ପୂରି ୫୧୨୪ ଚାଲିବ। ଏହାର ଅର୍ଥ ହେଲା ଶତେବାରାହ କଳ୍ପର ୧୯୭୨୯୪୯୧୨୧ ବର୍ଷ ବିତିଗଲାଣି। ଆଜିର କସ୍‌ମୋଲୋଜି cosmology ମଧ୍ୟ ୨୦୦ କୋଟି ବର୍ଷ ହୋଇଥିବ ବୋଲି କହୁଛି।

**ସଂପାଦକ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡିଶା, ମୋ: ୯୪୩୭୧୯୧୮୯୭**

## ଏଇ ଭାରତରେ

ଆହତ ବୁଲା କୁକୁରଙ୍କ ପାଇଁ ଦେବଦୂତ ପାଲଟିଛନ୍ତି ବେଙ୍ଗାଲୁରୁର ହରିଶ ଅଲୀ। ସେ ରାସ୍ତାକଡ଼ରୁ ଆହତ କୁକୁରଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କ ଚିକିତ୍ସା କରୁଛନ୍ତି ଓ ଆଶ୍ରୟ ଦେଉଛନ୍ତି। ଏବେ ସୁଦ୍ଧା ଅଲି ୨୦୦୦ରୁ ଊର୍ଦ୍ଧ୍ୱ କୁକୁର ଉଦ୍ଧାର କରିସାରିଲେଣି। ୨୦୧୬ରେ ସେ ପ୍ରଥମେ ଗୋଟିଏ କୁକୁର ଉଦ୍ଧାର କରି ତା’ନାମ ରଖିଥିଲେ ହୁଇଟ୍। ଏହିଠାରୁ ଅଲୀଙ୍କ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ପରେ ସେ ବିଭିନ୍ନ ଏନ୍‌ଜିଓ ଓ ପ୍ରାଣୀ ଉଦ୍ଧାର କାର୍ଯ୍ୟ ଚଳାଇଥିବା ଗ୍ରୁପ୍‌ଗୁଡ଼ିକ ସହ ଯୋଗାଯୋଗ ରକ୍ଷାକରି ଆଗକୁ ବଢ଼ିଥିଲେ। ଧୀରେ ଧୀରେ କୁକୁରଙ୍କ ସଂଖ୍ୟା ବଢ଼ିବା ପରେ ସେମାନଙ୍କ ଯତ୍ନ ନେବା ଲାଗି ୨୦୧୭ରେ ‘ସର୍ବମ ଟ୍ରଷ୍ଟ’ ଗଠନ କରିଥିଲେ। କୁକୁର ଉଦ୍ଧାର ଓ ସେବାରେ ଦେଢ଼ ବର୍ଷ ମଧ୍ୟରେ ସେ ୧.୫ କୋଟି ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ତାଙ୍କ ସାଇବର ସିକ୍ୟୁରିଟି ବ୍ୟବସାୟ ଆୟର ସିଂହଭାଗ ଏଥିରେ ଖର୍ଚ୍ଚ କରୁଛନ୍ତି। ବହୁ ବ୍ୟକ୍ତି ଓ ଅନୁଷ୍ଠାନ ମଧ୍ୟ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ପ୍ରାଣୀ ଚିକିତ୍ସକ, କେୟାର ଟେକର, ଉଦ୍ଧାରକାରୀଙ୍କ ସମେତ ସେମାନଙ୍କ ଯତ୍ନ ନେବା ଲାଗି ମୋଟରେ ୧୧ ଜଣ ରହିଛନ୍ତି। ମାସକୁ କର୍ମଚାରୀଙ୍କ ଦରମା ଓ ଅନ୍ୟ ସବୁ ଖର୍ଚ୍ଚକୁ ନେଇ ୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ତାଙ୍କ ସେଲ୍‌ଟରରେ ୨୦୦ରୁ ଅଧିକ କୁକୁର ରହିବାରେ ଅସୁବିଧା ହେଉଥିବାରୁ ଏବେ ସେ ଅନ୍ୟ ଏକ ଜାଗାରେ ୬୦୦ କୁକୁର ରହିବା ଭଳି ଏକ ଆଶ୍ରୟଗୃହ ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ଆଶ୍ରୟଗୃହରୁ କୁକୁରଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାର ବ୍ୟବସ୍ଥା ରଖିଛନ୍ତି।

## ଚିରନ୍ତନୀ

କାକଳି ତୋଳି କରଇ କେଳି
ସରସୀ ଜଳେ ହଂସ
ପକ୍ଷେ ତାର ଲାକ୍ଷା ଲାଗେ
ତୁମରି ରାଗ ଅଂଶ।
-(ପଉଷ ସନ୍ଧ୍ୟା)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ପାଠକ ଶ୍ରେଷ୍ଠ ବିଚାରକ

## ଦେଶର ଗତି କୁଆଡ଼େ

ମହାଶୟ,

ଦେଶର ଊର୍ଦ୍ଧ୍ୱରେ ପାର୍ଟି ଶୀର୍ଷକ ପ୍ରବନ୍ଧଟିଏ ପାଠ କଲି। ଏହାର ଲେଖକ ସହଦେବ ସାହୁ । କେରଳରେ ନେତାମାନଙ୍କ ପଶାପାଲିରେ ନିରୀହ ଜନତା କେମିତି ବଳି ପଡ଼ିଯାଉଛନ୍ତି ଏବଂ ବିଭିନ୍ନ ଦଳର ନେତାମାନେ ନିଜ ଦଳର ସ୍ୱାର୍ଥ ଲାଗି ଦଳୀୟ ଲୋକଙ୍କୁ ଓ ନିଜ ପରିବାରବର୍ଗଙ୍କୁ ସରକାରୀ ଚାକିରିଆ କରି ଦେଉଛନ୍ତି ତା’ର ଛବି ପ୍ରବନ୍ଧରେ ପ୍ରତିଫଳିତ ହୋଇଛି। ଅନୁଗତ ଦଳୀୟ ଲୋକଙ୍କୁ ମନ୍ତ୍ରୀଙ୍କର ପର୍ସନାଲ ସହକାରୀ କରି ସରକାରୀ କର୍ମଚାରୀ କରାଇବା ଏବଂ ହଜାର ହଜାର ଟଙ୍କା ଦରମାଦେବା, ସେମାନଙ୍କୁ ପେନସନ୍, ତାଙ୍କ ପରିବାରକୁ ପେନସନ୍ ଦେବା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଏହା କେବଳ ଦଳୀୟ ଲୋକଙ୍କୁ ସନ୍ତୁଷ୍ଟ କରିବା ଏବଂ ଦଳକୁ ବଳିଷ୍ଠ କରିବାର ନିଛକ ପ୍ରୟାସ। ସେମାନେ ପଦ ପଦବୀରେ ରହି ଦଳ ପ୍ରତି ଅନୁରକ୍ତି ରଖି କାମ କରିବା ସ୍ୱାଭାବିକ କଥା। ତେଣୁ ଲେଖକଙ୍କ ପ୍ରବନ୍ଧର ଶିରୋନାମା ଦେଶର ଊର୍ଦ୍ଧ୍ୱରେ ପାର୍ଟି ବାସ୍ତବିକ ଏକ ବଳିଷ୍ଠ ସତ୍ୟ। ଏହାକୁ ପ୍ରକାଶ କରି ଲେଖକ ରାଜନୀତିର କାଳାକାରନାମାକୁ ଲୋକଲୋଚନକୁ ନେଇ ଆସିଛନ୍ତି।

**–ଅକ୍ଷୟ ମହାନ୍ତି, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜିଲା କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ ଜଜ୍ ତିର୍କୀ**

ଭୁବନେଶ୍ୱର (ବ୍ୟୁରୋ) : ରାଉରକେଲା ଜିଲା କଂଗ୍ରେସ କମିଟି ସଭାପତି ପଦରୁ ଜଜ୍ ତିର୍କୀ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ନିଜର ଇସ୍ତଫା ପତ୍ର ଦେଇଛନ୍ତି। ଏଥିପାଇଁ ତିର୍କୀ ଦଳକୁ ଦାୟୀ କରିବା ସହ ଦଳରେ ଆଗ ଭଳି ଶୃଙ୍ଖଳା ନାହିଁ ବୋଲି କହିଛନ୍ତି। ଦଳର ଶୃଙ୍ଖଳାଗତ କମିଟି ମୁକବଧିର ପାଲଟିଯାଇଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ପକ୍ଷରୁ କୌଣସି ସାହାଯ୍ୟ ସହଯୋଗ ମିଳିନଥିବା ତିର୍କୀ ପତ୍ରରେ ଦର୍ଶାଇଛନ୍ତି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଘର ଉପରେ ଆକ୍ରମଣ ପ୍ରତିବାଦରେ ଶୁକ୍ରବାର ନଭି ମୁମ୍ବାଇରେ ଏଏପି କର୍ମୀ ବିକ୍ଷୋଭ କରୁଛନ୍ତି।

# ରାଜ୍ୟ ସଭା ପ୍ରାର୍ଥୀ ହେବାକୁ ବହୁ ଆଶାୟୀ

ଭୁବନେଶ୍ୱର,୧।୪(ବ୍ୟୁରୋ)

ଓଡ଼ିଶାରୁ କେଉଁ ୪ ଜଣ ରାଜ୍ୟ ସଭା ଯିବେ ତାକୁ ନେଇ ଏବେଠାରୁ ଚର୍ଚ୍ଚା ଜୋର୍ ଧରିଲାଣି। ବିଜେଡିରୁ ରାଜ୍ୟ ସଭାକୁ ଯାଇଥିବା ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓ, ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଗୁରୁବାର ଶେଷ ହୋଇଛି। ଅନ୍ୟପଟେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ଭାବେ ସୁବାସ ସିଂ ନିର୍ବାଚିତ ହେବାପରେ ସେ ରାଜ୍ୟ ସଭାରୁ ଇସ୍ତଫା ଦେବେ। ତାଙ୍କ ସ୍ଥାନରେ ମଧ୍ୟ ଶାସକ ଦଳ କାହାକୁ ରାଜ୍ୟ ସଭା ପଠାଇବ। ଏହି ୪ଟି ଆସନ ରାଜ୍ୟ ସଭାରେ ଖାଲି ହେଉଥିବା ବେଳେ ଏଥିଲାଗି ଏବେ ଶତାଧିକ ଆଶାୟୀ ମୁଣ୍ଡ ଟେକିଲେଣି। କେହି ଖୋଲାଖୋଲି ମୁହଁ ଖୋଲୁ ନ ଥିଲେ ମଧ୍ୟ ଯିଏ ଯାହା ସ୍ତରରେ ଲବି, ଦାବି ଆରମ୍ଭ କରି ଦେଇଛନ୍ତି।

ଏହି ଆସନଗୁଡ଼ିକ ଲାଗି କାହା ମୁଣ୍ଡରେ ଶିରପା ବନ୍ଧାଯିବ ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଉପରେ ନିର୍ଭରକରେ। ଖାଲି ହୋଇଥିବା ୪ ଆସନରୁ ବିଜେଡି ନେତା ହିଁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସଂଖ୍ୟା ଓ ରାଜନୈତିକ ସମୀକରଣ ଦୃଷ୍ଟିରୁ ବିଜେଡି ୪ଟି ଯାକ ଆସନ ଦଖଲ କରିବାରେ କିଛି ଅସୁବିଧା ନାହିଁ। ତେବେ ଗତ ରାଜ୍ୟ ସଭା ନିର୍ବାଚନରେ ବିଜେଡି ପକ୍ଷରୁ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭା ପଠାଯାଇଥିଲା। ଏହାପରେ ସେ କେନ୍ଦ୍ରରେ ମନ୍ତ୍ରୀ ମଧ୍ୟ ହେଲେ। ତେଣୁ ବିଜେଡି ନେତାମାନେ ସମସ୍ତ ୪ ଆସନରୁ ଲଢ଼ିବେ ନା ଏଥିରୁ କିଛି ଅନ୍ୟ କାହାକୁ ଛାଡ଼ିବେ ସେନେଇ ମଧ୍ୟ ଶାସକ ଦଳ ଭିତରେ ଆଲୋଚନା ବଢ଼ିଚାଲିଛି। ପୂର୍ବରୁ ସ୍ୱାଧୀନ ପ୍ରାର୍ଥୀ ଏ.ଭି. ସ୍ୱାମୀଙ୍କୁ ମଧ୍ୟ ବିଜେଡି ସମର୍ଥନ ଦେଇ ରାଜ୍ୟ ସଭାକୁ ପଠାଇଥିଲା। ତେବେ ବିଜେଡି ପକ୍ଷରୁ କେଉଁ ମାପଦଣ୍ଡରେ ୪ଜଣ ନୂଆ ସଦସ୍ୟଙ୍କୁ ରାଜ୍ୟ ସଭା ପଠାଇବାକୁ ବାଛିବ ତାହା ଏବେ ସବୁଠି ଆଲୋଚନାର ବିଷୟ ପାଲଟିଛି। ସସ୍ମିତଙ୍କୁ ଦଳ ଆଉ ଥରେ ରାଜ୍ୟ ସଭା ପଠାଇପାରେ ବୋଲି ଆଲୋଚନା ହେଉଥିଲେ ମଧ୍ୟ ଏହା କେତେଦୂର ସମ୍ଭବ ତାହା ସମୟ କହିବ। କେବଳ ରାଜନୈତିକ କ୍ଷେତ୍ରରୁ ନା ବାହାରୁ କିଛି ବ୍ୟକ୍ତିତ୍ୱଙ୍କୁ ବିଜେଡି ପ୍ରାର୍ଥୀ କରିବ ତାହା ଉପରେ ବି ଅନେକଙ୍କ ନଜର ରହିଛି। ତେବେ ପଶ୍ଚିମ ଓଡ଼ିଶାରୁ ଦଳ କାହାରିକୁ ପ୍ରାର୍ଥୀ ଭାବେ ଚୟନ କରିପାରେ ବୋଲି କୁହାଯାଉଛି। କାହାକୁ ଦଳ ବାଛିବ ସେକଥା କହିବା ସମ୍ଭବ ନୁହେଁ। ପଶ୍ଚିମ ଓଡ଼ିଶାର ବହୁ ଟାଣୁଆ ନେତା ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଏବଂ ପୂର୍ବତନ ଏମ୍‌ପି କଲିକେଶ ସିଂଦେଓଙ୍କ ଭଳି ଅନେକ ଟାଣୁଆ ନେତା ଏବେ ବି ବିନା ପଦପଦବୀରେ ଅଛନ୍ତି। ସେହିପରି ନିକଟରେ ପ୍ରଦୀପ ମାଝିଙ୍କୁ କଂଗ୍ରେସରୁ ଆଣି ବିଜେଡିରେ ସାମିଲ କରାଯାଇଛି। ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ଭଳି ନେତାଙ୍କୁ ମଧ୍ୟ ରାଜ୍ୟ ସଭା ଛାଡ଼ିବା ନେଇ ବିଗତ ଦିନରେ ପ୍ରତିଶ୍ରୁତି ଦିଆଯାଇଥିବା ସେ ନିଜେ କହିଥିଲେ। ସେହିପରି ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ଏହିଭଳି ଯଦି ଦେଖାଯାଏ ବହୁ ନେତା ଏବେ ରାଜ୍ୟ ସଭା ଯିବା ପାଇଁ ଆଶା ବାନ୍ଧି ବସିଛନ୍ତି। ଆଗକୁ ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ହେବାର ଅଛି। ତେଣୁ ଶାସକ ଦଳ କେଉଁମାନଙ୍କୁ ଖାଲି ହୋଇଥିବା ସ୍ଥାନରେ ରାଜ୍ୟ ସଭାକୁ ପଠାଉଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

## ରାଜ୍ୟ ସଭାରେ ଭାଜପାର ୧୦୦ ସଦସ୍ୟ

ନୂଆଦିଲ୍ଲୀ,୧।୪(ପି.ଟି.)

ଆସାମ, ତ୍ରିପୁରା ଏବଂ ନାଗାଲାଣ୍ଡରେ ଗୁରୁବାର ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ ଭାଜପା ଗୋଟିଏ ଲେଖାଏ ଆସନ ଜିତିବା ଫଳରେ ଉଚ୍ଚ ସଦନରେ ପ୍ରଥମ ଥର ପାଇଁ ଗୈରିକ ଦଳର ସଦସ୍ୟ ସଂଖ୍ୟା ୧୦୦ ଛୁଇଁଛି। ୬ ରାଜ୍ୟର ୧୩ ରାଜ୍ୟ ସଭା ଆସନ ଲାଗି ଗୁରୁବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭାଜପା ପଞ୍ଜାବରୁ ଏକମାତ୍ର ଆସନ ହରାଇଥିବାବେଳେ ଉପରୋକ୍ତ ୩ ରାଜ୍ୟରୁ ୩ଟି ଆସନ ଜିତିଛି। ସେହିପରି ହିମାଚଳପ୍ରଦେଶରେ ମଧ୍ୟ ଭାଜପା ଗୋଟିଏ ଆସନରେ ବିଜୟୀ ହୋଇଛି। ପଞ୍ଜାବରେ ସମସ୍ତ ୫ ଆସନ ଆମ୍ ଆଦ୍‌ମୀ ପାର୍ଟିକୁ ଯାଇଛି। ୨୪୫ ଆସନ ବିଶିଷ୍ଟ ରାଜ୍ୟ ସଭାରେ ଭାଜପା ସଦସ୍ୟ ସଂଖ୍ୟା ୯୭ ରହିଥିଲା। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ବେଳେ ରାଜ୍ୟ ସଭାରେ ଦଳର ସଦସ୍ୟ ସଂଖ୍ୟା ୫୫ ରହିଥିଲା। ଏହା ପରେ ଗୈରିକ ଦଳ ବିଭିନ୍ନ ରାଜ୍ୟରେ କ୍ଷମତାକୁ ଆସିବା ସହ ରାଜ୍ୟ ସଭା ଆସନ ସଂଖ୍ୟା ବଢ଼ିଚାଲିଛି। ୧୯୯୦ରେ ରାଜ୍ୟ ସଭାରେ କଂଗ୍ରେସର ୧୦୮ ସଦସ୍ୟ ଥିଲେ। ଏହା ପରେ କୌଣସି ଦଳ ଉଚ୍ଚ ସଦନରେ ୧୦୦ ଅତିକ୍ରମ କରିବା ଏହା ପ୍ରଥମ।

# ପେପର ଲିକ୍ ଉପରେ ଚର୍ଚ୍ଚା କରନ୍ତୁ ଭାଜପା ସରକାର: ପ୍ରିୟଙ୍କା

ନୂଆଦିଲ୍ଲୀ,୧।୪(ପି.ଟି.)


ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାମାନଙ୍କ ସହ ପରୀକ୍ଷାକୁ ନେଇ ଚର୍ଚ୍ଚା କରୁଥିବାବେଳେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତରପ୍ରଦେଶର ଭାଜପା ସରକାରଙ୍କୁ ପେପର ଲିକ୍ ଉପରେ ଚର୍ଚ୍ଚା କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟବସ୍ଥାକୁ ବୁଲ୍‌ଡୋଜର ଟାର୍ଗେଟ କରିପାରିବ ନାହିଁ। ଗତ ବୁଧବାର ପ୍ରଶ୍ନପତ୍ର ଲିକ୍ ଯୋଗୁ ୟୁପିର ୨୪ ଜିଲାରେ ଦ୍ୱାଦଶ ଶ୍ରେଣୀ ବୋର୍ଡର ଇଂଲିଶ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏହା ଉପରେ ଭାଜପା ସରକାର ଆଲୋଚନା କରିବା ଆବଶ୍ୟକ। ସେହିପରି ଗତବର୍ଷ ନଭେମ୍ବର ୨୮ରେ ୟୁପିଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଯୋଗୁ ଲକ୍ଷ ଲକ୍ଷ ପିଲା ପ୍ରଭାବିତ ହୋଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ସରକାରରେ କେଉଁ ଦୁର୍ନୀତିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ପେପର ଲିକ୍ ହେଉଛି ତାହା ଉତ୍ତରପ୍ରଦେଶ ଜନସାଧାରଣ ଜାଣିପାରିଲେ ନାହିଁ, ଯେଉଁଥିପାଇଁ ଆଉ ଏକ ପେପର ଲିକ୍ ଘଟିଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା କହିଛନ୍ତି।

# ନିର୍ବାଚନ ପାଖ ହେଲେ ନିରଞ୍ଜନଙ୍କ ଦେହ ଖରାପ ହେଉଛି: ତାରା

ଭୁବନେଶ୍ୱର,୧।୪ (ବ୍ୟୁରୋ)

ପ୍ରଥମେ ପଞ୍ଚାୟତ ଓ ପରେ ପୌର ନିର୍ବାଚନରେ କଂଗ୍ରେସର ନୈରାଶ୍ୟ ଜନକ ପ୍ରଦର୍ଶନ ବର୍ତ୍ତମାନ ପ୍ରଦେଶ କଂଗ୍ରେସ କମିଟିରେ କନ୍ଦଳର ରୂପନେଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିର୍ବାଚନର ସମୟରେ ନିଜ ଭୁଲ ଲୁଚାଇବାକୁ ଯାଇ ସ୍ୱାସ୍ଥ୍ୟର ଆଳ ଦେଖାଉଥିବା ସେ ପ୍ରକାଶ କରିଛନ୍ତି। ଏହି କନ୍ଦଳ ପୁରୁଣା ହୋଇଥିଲେ ମଧ୍ୟ ଏବେ ଖୋଲା ଖୋଲି ଭାବେ ବାହିନୀପତି ପିସିସି ସଭାପତିଙ୍କୁ ଟାର୍ଗେଟ କରିଛନ୍ତି। ବାହିନୀପତି କହିଛନ୍ତି, ନିରଞ୍ଜନ ବାବୁ କୁଆଡ଼େ ଯାଇପାରୁ ନଥିବାରୁ ନେତୃତ୍ୱ ନିଶ୍ଚିତ ଭାବରେ ପ୍ରଭାବିତ ହେଉଛି। ନିର୍ବାଚନ ବେଳ ଆସିଲେ ତାଙ୍କ ଦେହ ଅସୁସ୍ଥ ହୋଇ ଯାଉଛି। ସେହି ହିସାବରେ ଦେଖିବାକୁ ଗଲେ ସେ କୌଣସି ପ୍ରଚାରରେ ଭାଗ ନେଇ ପାରୁନାହାନ୍ତି। ଏହି କାରଣରୁ ଇତି ମଧ୍ୟରେ ନିରଞ୍ଜନ ଦୁଇ ତିନି ଥର ଇସ୍ତଫା ମଧ୍ୟ ଦେଇ ସାରିଥିବା ବାହିନୀପତି କହିଛନ୍ତି। ବାହିନୀପତିଙ୍କ କଥାରେ କଥା ମିଶାଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ନିର୍ବାଚନରେ ଦୁର୍ବଳ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକରେ କଂଗ୍ରେସ ହାଇକମାଣ୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଅଦ୍ୟାବଧି ୬ଟି ପ୍ରଦେଶର ସଭାପତିଙ୍କୁ ପରିବର୍ତ୍ତନ କରାଯାଇଛି। ସେଠାରେ ନୂତନ ଭାବେ ୮୦ ଭାଗ ଯୁବତୀ ଯୁବକଙ୍କୁ ଦାୟିତ୍ୱ ଦେଉଛନ୍ତି। ସମସ୍ତ ରାଜ୍ୟର ମୋଡ଼ିଫିକେଶନ ହେଉଛି ଆମର ମଧ୍ୟ ମୋଡ଼ିଫିକେଶନ ହେବ। ପ୍ରଦେଶ କଂଗ୍ରେସ ପାଇଁ ଯୁବ ମାନେ ମଙ୍ଗ ଧରିବା ଶୁଭଙ୍କର ହେବ ବୋଲି ରାଉତରାୟ ମତ ରଖିଛନ୍ତି। ଅପରପକ୍ଷରେ ଆଗାମୀ ଦିନରେ ଦଳୀୟ ନିର୍ବାଚନ ହେବାକୁ ଯାଉଛି। ମେ'ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଦଳୀୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ବ୍ଲକସ୍ତରୀୟ କମିଟି ଠାରୁ ଆରମ୍ଭ କରି ସର୍ବଭାରତୀୟ କଂଗ୍ରେସ ଦଳର ସଭାପତି ଏବଂ ଅନ୍ୟାନ୍ୟ ପଦ ପଦବୀ ପାଇଁ ନିର୍ବାଚନ ହେବ। ଏହି ନିର୍ବାଚନ ପ୍ରକ୍ରିୟାରେ ପିସିସି ପଦରେ ନିରଞ୍ଜନଙ୍କ ବଦଳରେ ଆଉ ଜଣେ ନୂଆଁ ମୁହଁକୁ ଦଳ ଦେଖିବାକୁ ଚାହୁଁଥିବା ଏହି କନ୍ଦଳ ସ୍ପଷ୍ଟ କରୁଛି।

## ୧୫ଦିନ ବଢ଼ିଲା କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ

ଭୁବନେଶ୍ୱର,୧।୪ (ବ୍ୟୁରୋ)

କଂଗ୍ରେସ ପକ୍ଷରୁ ଚାଲିଥିବା ସଭ୍ୟ ସଂଗ୍ରହ ଅଭିଯାନକୁ ଆଉ ୧୫ଦିନ ବୃଦ୍ଧି କରାଯାଇଛି। ମାର୍ଚ୍ଚ ୩୧ ଗୁରୁବାର ବଦଳରେ ଏପ୍ରିଲ ୧୫ ପର୍ଯ୍ୟନ୍ତ ଏହା ଚାଲିବ। ଏହି ସମୟ ଭିତରେ ଉକ୍ତ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ ତଥା ବ୍ୟାପକ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଯେଉଁମାନେ ସଭ୍ୟ ସଂଗ୍ରହ ଅଭିଯାନର ବହି ନେଇଛନ୍ତି, ସେମାନେ ନିଜ ଅଞ୍ଚଳରେ ବୁଥ୍ ସ୍ତରରେ ସଭ୍ୟ ସଂଗ୍ରହ କରି ଆସନ୍ତା ୧୫ ତାରିଖ ସୁଦ୍ଧା କଂଗ୍ରେସ ଭବନରେ ଦାଖଲ କରିବେ। ଆଉ ଯେଉଁମାନେ ସଭ୍ୟ ସଂଗ୍ରହ ବହି ନେଇ ନାହାନ୍ତି, ସେମାନେ ଏ ବହି ମଧ୍ୟ ନେଇ ପାରିବେ ବୋଲି ନିରଞ୍ଜନ କହିଛନ୍ତି। ସଭ୍ୟ ସଂଗ୍ରହ ଅଭିଯାନ ପରେ ମେ'ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବ୍ଲକସ୍ତରୀୟ କମିଟିଠାରୁ ଆରମ୍ଭ କରି ଅନ୍ୟ ପଦ ପଦବୀ ପାଇଁ ନିର୍ବାଚନ ହେବ।

# ଭାଜପା ଛାଡ଼ିବେ ଜୟରାମ ପାଙ୍ଗୀ

କୋରାପୁଟ/ପଟାଙ୍ଗୀ,୧।୪
(ସ୍ୱ.ପ୍ର./ଡି.ଏନ୍.ଏ.)


ଜୟରାମ ପାଙ୍ଗୀ

କୋରାପୁଟର ପୂର୍ବତନ ଏମ୍‌ପି ତଥା ଭାଜପାର ବରିଷ୍ଠ ସଦସ୍ୟ ଜୟରାମ ପାଙ୍ଗୀ ଦଳ ଛାଡ଼ିବା ନେଇ ସୂଚନା ଦେଇଛନ୍ତି। ଶୁକ୍ରବାର କୋଟିଆଠାରେ ଆୟୋଜିତ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ଦଳ ଛାଡ଼ିବା ନେଇ ସେ କହିଥିଲେ। ଭାଜପା ରାଜ୍ୟ ସଭାପତିଙ୍କ ନିକଟକୁ ନିଜ ଇସ୍ତଫା ପତ୍ର ଶନିବାର ପଠାଇବେ ବୋଲି ସେ କହିଛନ୍ତି। ଭାଜପା ଛାଡିବା ପରେ ସେ ରାଜନୀତିରୁ ସନ୍ୟାସ ନେବେନି ବୋଲି ମଧ୍ୟ ଜଣାଇଛନ୍ତି। ବର୍ତ୍ତମାନ ଅନ୍ୟ କେଉଁ ଦଳରେ ମିଶିବା ନେଇ କୌଣସି ସୂଚନା ଦେଇନାହାନ୍ତି। ସେ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି।

ପ୍ରକାଶ ଯେ, ଜୟରାମ ୨୦୧୭ରେ ବିଜେଡିରୁ ନିଲମ୍ବିତ ହେବା ପରେ ଭାଜପାରେ ମିଶିଥିଲେ। ସେ ପୂର୍ବରୁ ୪ଥର ପଟାଙ୍ଗୀ ବିଧାୟକ ଭାବେ ନିର୍ବାଚିତ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଅବକାରୀ ମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୦୯ରେ କୋରାପୁଟରୁ ୯ଥର ଏମ୍‌ପି ହୋଇଥିବା କଂଗ୍ରେସର ଗିରିଧର ଗମାଙ୍ଗଙ୍କୁ ପରାସ୍ତ କରି ପ୍ରଥମଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ସେ ଭାଜପା ଟିକେଟରେ ଲୋକ ସଭା ନିର୍ବାଚନ ଲଢ଼ି କଂଗ୍ରେସର ସପ୍ତଗିରି ଉଲ୍ଲାକାଙ୍କଠାରୁ ପରାଜିତ ହୋଇଥିଲେ। ନିର୍ବାଚନ ହାରିବା ପରେ ସେ ଭାଜପାରେ ଏକପ୍ରକାର ଉପେକ୍ଷିତ ହୋଇ ଆସୁଥିବା ସାଧାରଣରେ ଆଲୋଚନା ହେଉଥିଲା। ଗତ କିଛିମାସ ପୂର୍ବେ ସେ ଅବିଭକ୍ତ କୋରାପୁଟ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ରାଜ୍ୟର ସୀମାନ୍ତ ଅଞ୍ଚଳକୁ ନେଇ ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ନାମରେ ଏକ ସଙ୍ଗଠନ ଗଠନ କରିଛନ୍ତି। ଏହି ସଙ୍ଗଠନ ଦ୍ୱାରା ଅବହେଳିତ ଅଞ୍ଚଳର ବିକାଶ କରିବାକୁ ସଂଗ୍ରାମ ଜାରି ରଖିବେ ବୋଲି ପାଙ୍ଗୀ ପ୍ରକାଶ କରିଛନ୍ତି।

**ରାଜ୍ୟ ଖବର**

# 'ଓଡ଼ିଆ ଜାତି ବିରାଟ ପରିବାର'



ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟ ଅତିଥିମାନେ 'ଆମେ ଓଡ଼ିଆ' ସ୍ମାରକୀ ଗ୍ରନ୍ଥର ନବମ ଭାଗକୁ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୧।୪(ବ୍ୟୁରୋ)

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ**

ଓଡ଼ିଶା ଆମର ମା'। ଆମ ଓଡ଼ିଆ ଜାତି ହେଉଛି ଗୋଟିଏ ବିରାଟ ପରିବାର। ନିଜ ପରିବାରର ଉନ୍ନତି ପରି ଓଡିଆ ଜାତିର ଉନ୍ନତି ପାଇଁ ସମସ୍ତେ ମିଶି ଉଦ୍ୟମ କଲେ ନୂଆ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହକୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଆ ଭଉଣୀଭାଇଙ୍କୁ ଓଡ଼ିଶା ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୪ ବର୍ଷ ପରେ ଓଡ଼ିଶା ୧୦୦ବର୍ଷ ପୂରଣ କରିବାକୁ ଯାଉଛି। ସାରା ଓଡ଼ିଶାର ସ୍ୱର ଦୃଢ଼ ହେଉଥିବାବେଳେ ସମସ୍ତେ ଏକ ମନ, ପ୍ରାଣ ହୋଇ ଗୋଟିଏ ଲକ୍ଷ୍ୟରେ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୩୬ରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ଭାବରେ ସାରା ଦେଶକୁ ମାର୍ଗ ଦର୍ଶନ କରିବ ବୋଲି ଦୃଢ଼ ବିଶ୍ୱାସ ପ୍ରକଟ କରିଛନ୍ତି। ନୂଆ ଶତାବ୍ଦୀର ଓଡ଼ିଶାରେ ବିକାଶ ଓ କଲ୍ୟାଣର ଯୁଗ ଆରମ୍ଭ ହୋଇଛି। ୫-ଟି ଗଭର୍ନାନ୍ସ ମଡେଲ ସାରା ଦେଶରେ ଆଦର୍ଶ ସୃଷ୍ଟି କରିଛି। ପ୍ରାକୃତିକ ବିପର୍ଯ୍ୟୟ, କୋଭିଡ୍ ମହାମାରୀ, କ୍ରୀଡ଼ା, ଶିଳ୍ପ, ପିଇବା ପାଣି ଆଦି କାର୍ଯ୍ୟକ୍ରମରେ ଓଡ଼ିଶା ମଡେଲ ସାଜିଛି। ଓଡ଼ିଶାର ସାଂସ୍କୃତିକ ବିବିଧତା ଆମର ସବୁଠାରୁ ବଡ ପରିଚୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓଡିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଖଲିକୋଟ ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ପରି ବରପୁତ୍ରଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ସଫଳ ହୋଇପାରିଥିଲା। ସେହିପରି ଓଡ଼ିଆ ଭାଷା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ କଳାକୁ ଯେଉଁମାନେ ସମୃଦ୍ଧ କରିଯାଇଛନ୍ତି ସେମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମ୍ମାନ ଜଣାଇଛନ୍ତି। ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ସଭାପତିତ୍ୱ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଓଡ଼ିଆ ଜାତିକୁ ଦୀର୍ଘକାଳ ଧରି ଆନ୍ଦୋଳନ କରିବାକୁ ପଡ଼ିଥିବା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ ଓଡ଼ିଶାର ଗରିମାମୟ ଐତିହ୍ୟ ସମ୍ପର୍କରେ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପଠନପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ ସହ 'ଆମେ ଓଡ଼ିଆ' ସ୍ମାରକୀ ଗ୍ରନ୍ଥର ନବମ ଭାଗ ଲୋକାର୍ପିତ ହୋଇଥିଲା। ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିକିତ୍ସାସେବା କ୍ଷେତ୍ରରେ ୧୦ଜଣ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ବାଲୁକା ସ୍ଥପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକା କଳାକୃତି ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀକୁ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ।

# 'ସାଇବର ଅପରାଧ ରୋକିବାକୁ ଉଦ୍ୟମ ଜାରି ରହିଛି'

**୮୭ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ**

କଟକ ଅଫିସ,୧।୪



କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନ ପଡିଆରେ ଅନୁଷ୍ଠିତ ପରେଡ୍‌ରେ ଡିଜିପି ସୁନୀଲ ବଂଶଲ ଅଭିବାଦନ ଗ୍ରହଣ କରୁଛନ୍ତି।

ସାଇବର ଓ ଅର୍ଥନୈତିକ ଅପରାଧ ଉପରେ ରୋକ୍ ଲଗାଇବାକୁ ଉଦ୍ୟମ ଜାରି ରହିଛି। ପୋଲିସକୁ ଭବିଷ୍ୟତରେ ମଡର୍ନ, ସ୍ମାର୍ଟ ଓ ପିପୁଲ ଫ୍ରେଣ୍ଡ୍‌ଲି ଭାବେ ଗଠନ କରିବା ଆମର ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ପୋଲିସ ବିଭାଗ କ୍ରିୟାଶୀଳ ହୋଇଛି। ମୋ ସରକାର ଓ ୫-ଟି ଅଗ୍ରାଧିକାର ଭିତ୍ତିରେ ପୋଲିସ ବିଭାଗରେ କାର୍ଯ୍ୟକାରୀ ହେଉଛି। ଥାନାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସେମାନଙ୍କ ସମସ୍ୟା ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ସମୟରେ ପୋଲିସ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରି କାର୍ଯ୍ୟ କରିଥିଲା ବୋଲି ଡିଜିପି ସୁନୀଲ ବଂଶଲ କହିଛନ୍ତି। ଶୁକ୍ରବାର କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟାନ ପଡିଆରେ ଆୟୋଜିତ ଓଡ଼ିଶା ପୋଲିସର ୮୭ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଡିଜିପି ବଂଶଲ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା) ଆର୍. କେ. ଶର୍ମା ପାଠ କରିଥିଲେ।

ଡିଜିପି ବଂଶଲ ପ୍ରଥମେ ଶହୀଦ ପୋଲିସ କର୍ମଚାରୀ ଏବଂ କୋଭିଡ୍ ସମୟରେ କାର୍ଯ୍ୟକରି ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀମାନଙ୍କୁ ପୁରସ୍କୃତ କରିଥିଲେ। ଏପିଆର କନଷ୍ଟେବଳ ଅନିଲ କୁମାର ଦାସ, ଓଆର୍ କନଷ୍ଟେବଳ ପୂର୍ଣ୍ଣଚନ୍ଦ୍ର ବେହେରା, ଟ୍ରାଫିକ କନଷ୍ଟେବଳ ବଜରଙ୍ଗ ବେହେରା, ହାବିଲଦାର ଜମ୍ବୁ ପ୍ରଧାନ, ଏଏସ୍‌ଆଇ ଦିଲ୍ଲୀପ କୁମାର ମୁଣ୍ଡା, ଏସ୍‌ଆଇ ରବିଶଙ୍କର ଭଇସା, ଇନ୍ସପେକ୍ଟର ଭାବଗ୍ରାହୀ ରାଉତ, ଇନ୍ସପେକ୍ଟର (କ୍ରାଇମବ୍ରାଞ୍ଚ) ଅନିଲା ଆନନ୍ଦ, ଇନ୍ସପେକ୍ଟର(ସ୍ପେଶାଲ ବ୍ରାଞ୍ଚ) ସାରଙ୍ଗଧର ପ୍ରଧାନ, ଏସ୍‌ଓଜିର ଶ୍ରେଷ୍ଠ ଟିମ୍ ଲିଡର ଏସ୍‌ଆଇ(ଆର୍ମଡ) ସନ୍ତୋଷ କୁମାର ଗୁରୁ, ଶ୍ରେଷ୍ଠ ସୁବେଦାର ଲୋକନାଥ ଲାମା, ଶ୍ରେଷ୍ଠ ଏସ୍‌ଆଇ (ସଶସ୍ତ୍ର) ବଂଶୀଧର ପ୍ରଧାନ, ଶ୍ରେଷ୍ଠ ହାବିଲଦାର ଜ୍ୟୋତିରଞ୍ଜନ ପ୍ରଧାନ, ଶ୍ରେଷ୍ଠ ସିପାହି ପ୍ରଦୀପ କୁମାର ବେହେରା ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ ଝାରସୁଗୁଡାକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା। ତେବେ ଝାରସୁଗୁଡା ଓଏସ୍‌ଏପି ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନର ପରିବାର କଲ୍ୟାଣ କେନ୍ଦ୍ରକୁ ପ୍ରଥମ, କଟକର ଓଏସଏପି ଷଷ୍ଠ ବାଟାଲିୟନର ପରିବାର କଲ୍ୟାଣ କେନ୍ଦ୍ର ଦ୍ୱିତୀୟ ଓ କଟକ ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ରକୁ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା। ଏହି ପରେଡରେ ପୋଲିସ ବିଭାଗର ବିଭିନ୍ନ ବର୍ଗର ୧୦ଟି ଦଳ ଅଂଶଗ୍ରହଣ କରିଥିଲା। ସେଥିମଧ୍ୟରୁ ଏସ୍‌ଓଜି, ଚନ୍ଦକା ଦଳ ପ୍ରଥମ, ଓଏସ୍‌ଏଫ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ଡିଜିପିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟ କମାଣ୍ଡର ସେଲକା ନଚିକେତ ବିଶ୍ୱନାଥ, ଆଇପିଏସ୍ (ଅଣ୍ଡର ଟ୍ରେନିଂ), ଗଞ୍ଜାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରେଡ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ, ସେବା ନିବୃତ୍ତ ଅଧିକାରୀ, ପୋଲିସ କର୍ମଚାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

**ମନେ ପଡ଼ନ୍ତି**

**୨୬ତମ ଶ୍ରାଦ୍ଧବାର୍ଷିକୀ**



**ୱବିଳାସ ମଞ୍ଜରୀ ଦେବୀ**

ଆନନ୍ଦପୁର, କେନ୍ଦୁଝର
ତିରୋଧାନ- ୨୦।୦୩।୧୯୯୬
ଚୈତ୍ର ଶୁକ୍ଳ ପ୍ରତିପଦା

ମା', ତୋର ଭଲ ପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସନ୍ତାନବତ୍ସଳତା, ଅତିଥି ପରାୟଣତା ଆମ ଆଖି ଆଗରେ ଅଦ୍ୟାବଧି ଜାଜ୍ୱଲ୍ୟମାନ। ୨୬ବର୍ଷ ବିତିଯାଇଥିଲେ ମଧ୍ୟ ଆମେ ସେହି ଆଶିଷକୁ ପାଥେୟ କରି ବଞ୍ଚି ରହିଛୁ। ତୁମ ଆତ୍ମାର ସଦ୍‌ଗତି ହେଉ ମା ତାରିଣୀଙ୍କ ପାଖରେ ପ୍ରାର୍ଥନା।

ଶୋକସନ୍ତପ୍ତ: ଚିନ୍ମୟୀ, ସବ୍ୟସାଚୀ, ଗୋଦାବରୀଶ, ନଳିନୀ, ପ୍ରଭା, ଜୟପ୍ରକାଶ, ସୁଦର୍ଶନ ଓ ନାରାୟଣଙ୍କ ସହ ବୋହୂ ଓ ନାତି, ନାତୁଣୀମାନେ।

ଧ-୭୦୭୮୫

**CLASSIFIED DISPLAY**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**

(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା

6399403124

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI



# ନାଇଟ ରାଇଡର୍ସଁର ସହଜ ବିଜୟ

**ମୁମ୍ବାଇ, ୧।୪ (ପି.ଟି.)**

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଉମେଶ ଯାଦବ (୪/୨୩) ଙ୍କ ପ୍ରଭାବୀ ବୋଲିଂ ଓ ଆନ୍ଦ୍ରେ ରସେଲ (୩୧ ବଲ୍‌ରୁ ୭୦*, ୨ ଚୌକା ଓ ୮ଛକା) ଙ୍କ ଦ୍ରୁତ ଅପରାଜିତ ଅର୍ଦ୍ଧଶତକ ସହାୟତାରେ କୋଲକାତା ନାଇଟ ରାଇଡର୍ସ (କେକେଆର୍) ପଞ୍ଜାବ କିଙ୍ଗ୍ସକୁ ୬ଉଇକେଟରେ ପରାସ୍ତ କରିଛି। ଦଳ ୧୪.୩ ଓଭରରେ ୪ଉଇକେଟ ବିନିମୟରେ ୧୪୧ରନ କରି ମ୍ୟାଚ ଜିତି ନେଇଥିଲା। ପୂର୍ବରୁ କେକେଆର ପ୍ରଭାବୀ ବୋଲିଂ କରି ପଞ୍ଜାବ କିଙ୍ଗ୍ସ ସ୍କୋରକୁ ୧୩୭ରେ ସୀମିତ କରି ଦେଇଥିଲା। ଉମେଶ ତାଙ୍କ ପ୍ରଥମ ଓଭରରେ ମୟଙ୍କ ଅଗ୍ରୱାଲଙ୍କ ଉଇକେଟ ଅକ୍ତିଆର କରିନେଇ ଥିଲେ। ଉଇକେଟର ଅପର ପାର୍ଶ୍ୱରୁ ଟିମ୍ ସୌଦି (୨/୩୬)ଙ୍କଠାରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଥିଲା। ପଞ୍ଜାବ କିଙ୍ଗ୍ସ ତରଫରୁ ଟପ୍ ସ୍କୋରର ଉଇକେଟକିପର ବ୍ୟାଟର ଭାନୁକା ରାଜପାକ୍‌ସେ ମାତ୍ର ୯ଟି ବଲ୍‌ରେ ୩ ଚୌକା ଓ ୩ ଛକା ସହ ୩୧ ରନ କରିଥିଲେ। ବଡ଼ ପାର୍ଟନରଶିପ୍ ଅଭାବରୁ ଦଳ ବଡ଼ ସ୍କୋର କରିବାରେ ବିଫଳ ରହିଥିଲା। ଶୁକ୍ରବାର ମ୍ୟାଚ ପାଇଁ ଉଭୟ ଦଳ ଗୋଟିଏ ଲେଖାଏଁ ପରିବର୍ତ୍ତନ କରିଥିଲେ। ପଞ୍ଜାବ ସନ୍ଦୀପ ଶର୍ମାଙ୍କ ସ୍ଥାନରେ କିଗିସୋ ରାବାଡ଼ାଙ୍କୁ ନେଇଥିବା ବେଳେ କେକେଆର ଶେଲ୍‌ଡନ ଜାକ୍‌ସନଙ୍କ ସ୍ଥାନରେ ଶିବମ ମାଭିଙ୍କୁ ଖେଳାଇଥିଲା। ପଞ୍ଜାବ ଇନିଂସର ପରବର୍ତ୍ତୀ ଭାଗରେ ପ୍ରବଳ କାକର ପଡ଼ିବାରୁ କେକେଆର ଅଧିନାୟକଙ୍କ ପ୍ରଥମେ ବୋଲିଂ ନିଷ୍ପତ୍ତି ଯଥାର୍ଥ ସାବ୍ୟସ୍ତ ହୋଇଥିଲା। ବ୍ୟାଟିଂ ଲାଇନ୍ ଅପ୍‌ରେ ସୁଦୃଢ ପଞ୍ଜାବ ଦଳ ଏହାର ଓପନିଂ ଗେମ୍‌ରେ ୨୦୦ରୁ ଅଧିକ ରନ ସଫଳତାର ସହ ଚେଜ୍ କରିପାରିଥିଲା। ହେଲେ ଏଠାରେ ପ୍ରଭାବହୀନ ହୋଇପଡ଼ିଥିଲା।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

**ଗୁଜରାଟ ଟାଇଟାନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଶଟ୍ ଖେଳୁଛନ୍ତି ଆନ୍ଦ୍ରେ ରସେଲ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ଇନିଂସ: ୧୮.୨ ଓଭରରେ ୧୩୭/ଅଲଆଉଟ (ଭାନୁକା ରାଜପାକ୍‌ସେ-୩୧, କାଗିସୋ ରାବାଡ଼ା-୨୫,ଲିଆମ୍ ଲିଭିଂଷ୍ଟୋନ୍-୧୯ ; ଉମେଶ ଯାଦବ-୪/୨୩, ଟିମ୍ ସୌଦି-୨/୩୬)। କୋଲକାତା ନାଇଟ ରାଇଡର୍ସ ଇନିଂସ: ୧୪.୩ଓଭରରେ ୧୪୧/୪ (ଆନ୍ଦ୍ରେ ରସେଲ-୭୦*, ଶ୍ରେୟାସ ଆୟାର-୨୬, ସାମ୍ ବିଲିଙ୍ଗ୍ସ-୨୪* ; ରାହୁଲ ଚହର-୨/୧୩)

# ଜି.ଏସ୍. ଲକ୍ଷ୍ମୀ ମ୍ୟାଚ୍ ରେଫରି

**ଖ୍ରିଷ୍ଟଚର୍ଚ୍ଚ, ୧।୪ (ପି.ଟି.)**

ଆସନ୍ତା ରବିବାର ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ଖେଳାଯିବ। ଏଥିପାଇଁ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ୍‌ରୁ ପ୍ରଥମ ମହିଳା ଭାବେ ଭାରତର ଜି.ଏସ୍. ଲକ୍ଷ୍ମୀ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇବେ। ଲକ୍ଷ୍ମୀ ଏହା ପୂର୍ବରୁ ଆଉ ଏକ ମାଇଲଖୁଣ୍ଟ ହାସଲ କରିସାରିଛନ୍ତି। ୨୦୨୦ ଡିସେମ୍ବରରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ବିଶ୍ୱକପ୍ ଲିଗ୍-୨ ବେଳେ ଏକ ପୁରୁଷ ଅନ୍ତର୍ଜାତୀୟ ଦିନିକିଆରେ ସେ ପ୍ରଥମ ମହିଳା ମ୍ୟାଚ ରେଫରି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ହାଗ୍‌ଲେ ଓଭାଲଠାରେ ହେବାକୁ ଥିବା ମହିଳା ବିଶ୍ୱକପ୍ ଫାଇନାଲରେ ୪ ମହିଳା ମ୍ୟାଚ ଅଫିସିଆଲଙ୍କୁ ଦେଖିବାକୁ ମିଳିବ। କ୍ରିକେଟ ଇତିହାସରେ ଏହା ସର୍ବପ୍ରଥମ। ଫାଇନାଲ ପାଇଁ ଦୁଇ ଅନ୍-ଫିଲ୍ଡ ଅମ୍ପାୟର ଭାବେ ଦକ୍ଷିଣ ଆଫ୍ରିକାର ଲରେନ୍ ଏଜେନ୍‌ବାଗ୍ ଓ ନ୍ୟୁଜିଲାଣ୍ଡର କିମ୍ କଟନଙ୍କୁ ମନୋନୀତ କରାଯାଇଛି। ୱେଷ୍ଟଇଣ୍ଡିଜର ଜ୍ୟାକ୍‌ଲିନ୍ ୱିଲିୟମ୍ସ ଟିଭି ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ।



ଜି.ଏସ୍. ଲକ୍ଷ୍ମୀ

**ମହିଳା କ୍ରିକେଟ ବିଶ୍ୱକପ୍ ଫାଇନାଲ**

# ୭ ଟେନିସ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର



ଅତିଥିଙ୍କ ଗହଣରେ ପୁରସ୍କୃତ ଟେନିସ୍ ଖେଳାଳି।

**ଭୁବନେଶ୍ୱର, ୧।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ବିଭିନ୍ନ ଟୁର୍ନାମେଣ୍ଟରେ ରାଜ୍ୟ ପାଇଁ ଗୌରବ ଆଣିଦେଇଥିବା ଓଡ଼ିଶାର ୭ ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ସହ ସମ୍ମାନିତ କରାଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ଯୁବ ସେବା ଓ କ୍ରୀଡ଼ା ବିଭାଗ ତରଫରୁ ଏହି ପୁରସ୍କାର ଉତ୍ସବର ଆୟୋଜନ କରାଯାଇଥିଲା। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ ଦିଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଜୁନିୟର ଖେଳାଳି ଦେବାଶିଷ ସାହୁ ଓ ସୋହିନୀ ସଞ୍ଜୟ ମହାନ୍ତି ପ୍ରତ୍ୟେକ ୪୦,୦୦୦ ଟଙ୍କା ଲେଖାଏ ଏବଂ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ ଆହାନା ୩୦,୦୦୦ ଟଙ୍କା ଲେଖାଏ ପାଇଥିଲେ। ସେହିପରି ସିନିୟର ଟେନିସ ସର୍କିଟରେ ଶିଳ୍ପୀ ସ୍ୱରୂପା ଦାସ, ଅଂଶୁ ଭୂୟାଁ ଓ କବିର ଦାସ ପ୍ରତ୍ୟେକେ ୬୦,୦୦୦ ଟଙ୍କା ଲେଖାଏ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନେ ଖେଳାଳିମାନଙ୍କ ସହ ବାର୍ତ୍ତାଳାପ କରିବା ସହ ସେମାନଙ୍କ ଆଗାମୀ ଇଭେଣ୍ଟଗୁଡ଼ିକ ଲାଗି ଶୁଭକାମନା କରିଥିଲେ।



# ମାଲିଙ୍ଗାଙ୍କୁ ଅତିକ୍ରମ କଲେ ବ୍ରାଭୋ

**ମୁମ୍ବାଇ, ୧।୪ (ପି.ଟି.):** ଲସିଥ ମାଲିଙ୍ଗାଙ୍କୁ ଅତିକ୍ରମ କରି ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ) ଅଲ୍‌ରାଉଣ୍ଡର ଡ୍ୱେନ୍ ବ୍ରାଭୋ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଛନ୍ତି। ଗୁରୁବାର ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ (ଏଲ୍‌ଏସ୍‌ଜି) ବିପକ୍ଷ ମ୍ୟାଚରେ ସେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ୧୭୦ ଉଇକେଟ ସହ ବ୍ରାଭୋ ଶ୍ରୀଲଙ୍କା କିମ୍ବଦନ୍ତୀ ମାଲିଙ୍ଗାଙ୍କ ରେକର୍ଡ ସମକକ୍ଷ ଥିଲେ। ମାତ୍ର ଗୁରୁବାର ଏଲଏସ୍‌ଜି ଇନିଂସର ୧୮ତମ ଓଭରର ବ୍ୟାଟର ଦୀପକ ହୁଡାଙ୍କ ଉଇକେଟ ପତନ ଘଟାଇ ସେ ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ବୋଲରଙ୍କ ରେକର୍ଡକୁ ଭଙ୍ଗ କରିଛନ୍ତି। ବ୍ରାଭୋ ବର୍ତ୍ତମାନ ତାଙ୍କ ୧୫୩ ଆଇପିଏଲ ମ୍ୟାଚରୁ ୧୭୧ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ମାଲିଙ୍ଗା ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ୧୨୨ ମ୍ୟାଚ ଖେଳି ୧୭୦ ଉଇକେଟ ନେଇଛନ୍ତି। ଆଇପିଏଲର ସର୍ବକାଳୀନ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ତାଲିକାରେ ବ୍ରାଭୋ ଓ ମାଲିଙ୍ଗାଙ୍କ ପଛକୁ ରହିଛନ୍ତି ଅମିତ ଶାହା (୧୬୬), ପୀୟୂଷ ଚାୱଲା ଓ ହରଭଜନ ସିଂ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Saturday, April 2/2022 Page 16 | ପୃଷ୍ଠା-୧




**ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ କଟକର ଶ୍ରୀହଂସ**

୫ ମିନିଟ୍‌ରେ ୨୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ଲୋଗାନ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି କଟକର ଶ୍ରୀହଂସ ସାହୁ। ୦୬

୦୨ **ହରନାଜ ସେଲିଆକ୍‌ରେ ଆକ୍ରାନ୍ତ**

୨୦୨୧ରେ ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ହାତେଇଥିବା ହରନାଜ ସନ୍ଧୁ ସେଲିଆକ୍ ରୋଗରେ ଆକ୍ରାନ୍ତଥିବା କହିଛନ୍ତି।







# ହତ୍ୟା କରିଥିବା ମାନିଲେ ଶର୍ମିଷ୍ଠା

**କ୍ୟାମେରାମ୍ୟାନ ମାନସ ହତ୍ୟାକାଣ୍ଡ**

- ୟୁନିଟ୍ ୧ ହାଟରୁ କିଣିଥିଲେ ଝୋଟ ବ୍ୟାଗ୍, ସୁତୁଲି
- ରାଜସୁନାଖଳାରୁ ଲୁଣ, ଗଇଁତି, କୋଦାଳ କିଣାଯାଇଥିଲା
- ଶର୍ମିଷ୍ଠାଙ୍କୁ ଦେଖିବାକୁ ଭିଡ଼, ଉତ୍ତେଜନା



ଭଦ୍ରକ ଜିଲା ଚାନ୍ଦବାଲି ଥାନା ପଳାସପୁର ଗ୍ରାମରେ ଶର୍ମିଷ୍ଠା କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ଗହଣରେ ମାନସ ଅପହରଣର ଡେମୋ ଦେଖାଉଛନ୍ତି।

**ଭୁବନେଶ୍ୱର, (ବ୍ୟୁରୋ)/କଟକ ଅଫିସ୍/ ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.)/ଚାନ୍ଦବାଲି (ଡି.ଏନ.ଏ.),୧୪**

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଜେଲ ଯାଇ ରିମାଣ୍ଡରେ ଆସିଥିବା ୪ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଶୁକ୍ରବାର କ୍ରାଇମ୍‌ବ୍ରାଞ୍ଚ ଆଗରେ ସତ ଓକାଳିଛନ୍ତି। ମାନସଙ୍କୁ ଅପହରଣ ପରେ ହତ୍ୟା କରିଥିବା ନେଇ ଶର୍ମିଷ୍ଠା ମାନିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ଏନେଇ ଇଣ୍ଡିଆନ ଏଭିଡେନ୍ସ ଆକ୍ଟର ଦଫା ୨୭ ଅନୁଯାୟୀ ବୟାନ ରେକର୍ଡ କରିଛି। ଏପରି କି ମାନସଙ୍କୁ କିପରି ଅପହରଣ, ହତ୍ୟା କରାଗଲା ଏବଂ ମୃତଦେହ ପୋତାଗଲା ସେନେଇ ଶର୍ମିଷ୍ଠା କାନ୍ଦି କାନ୍ଦି ବଖାଣିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ତାହାର ସିନ୍ ରିକ୍ରିଏଟ୍ କରାଯାଇଛି। ଅନ୍ୟପକ୍ଷରେ ରିମାଣ୍ଡରେ ଥିବା ଅନ୍ୟ ୩ ଅଭିଯୁକ୍ତ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଖୁନା ଭୋଇ ଏବଂ ରଞ୍ଜନ ନାୟକ ଓରଫ ରାଜଙ୍କୁ କଟକ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ଏକାଠି ବସାଇ ୩ଜଣିଆ ଟିମ୍ ପଚରାଉଚରା କରିଥିବା ଜଣାପଡ଼ିଛି। ଶର୍ମିଷ୍ଠା ଅପରାଧର ପେଡ଼ି ଖୋଲି ଦୋଷମାନି ☞ପୃଷ୍ଠା–୬

## କ୍ରାଇମ୍ ସିନ୍ ରିକ୍ରିଏଟ୍ କଲା କ୍ରାଇମବ୍ରାଞ୍ଚ

ମାନସଙ୍କୁ ଅପହରଣଠାରୁ ଆରମ୍ଭ କରି ତାଙ୍କ ମୃତଦେହ ପୋତିବା ଯାଏ ହୋଇଥିବା ସମସ୍ତ ଷଡ଼ଯନ୍ତ୍ର ଏବଂ ଅପରାଧର ଟିକିନିଖି ଦୃଶ୍ୟପଟକୁ ଶର୍ମିଷ୍ଠା ଡେମୋ କରି ବଖାଣିଛନ୍ତି। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୮ଟାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଅଧିକାରୀ ଡିଏସ୍‌ପି କଳ୍ପନା ସାହୁଙ୍କ ନେତୃତ୍ୱରେ ପ୍ରାୟ ୧୫ ଜଣ ଅଫିସର ୨ଟି ବୋଲେରୋରେ କଟକ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରୁ ଶର୍ମିଷ୍ଠାଙ୍କୁ ନେଇ ବାହାରିଥିଲେ। ପ୍ରଥମେ ସେମାନେ ଭଦ୍ରକ ☞ପୃଷ୍ଠା–୬

# ଇ–ଯାନ ମାଲିକଙ୍କୁ ସବ୍‌ସିଡି

**ଭୁବନେଶ୍ୱର, ୧୪(ବ୍ୟୁରୋ)**

ରାଜ୍ୟରେ ପରିବେଶ ଅନୁକୂଳ ଇ–ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ଏଥିଲାଗି ଲୋକସେବା ଭବନରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ବିଦ୍ୟୁତ୍ ଯାନ ସବ୍‌ସିଡି ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ପୋର୍ଟାଲକୁ ବ୍ୟାଙ୍କ ଅନ୍‌ଲାଇନ୍ ପେମେଣ୍ଟ ବ୍ୟବସ୍ଥା ସହ ସଂଯୋଗ କରି ୧୦୦ ପ୍ରତିଶତ ସ୍ୱୟଂକ୍ରିୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଆର୍‌ଟିଓ–୨ରେ ପଞ୍ଜୀକୃତ ୨ଚକିଆ ବିଦ୍ୟୁତ୍ ଯାନ ମାଲିକ ତ୍ରିଲୋଚନ ବେହେରା ପ୍ରଥମ ବ୍ୟକ୍ତି ଭାବେ ଏହି ସବ୍‌ସିଡିର ଲାଭ ଉଠାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିଲାଗି ଆବଶ୍ୟକ ମଞ୍ଜୁରୀ ଦିଆଯାଇଛି।

ପୋର୍ଟାଲ ବିଷୟରେ ସୂଚନା ଦେଇ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ଓଡ଼ିଶାର ବିଦ୍ୟୁତ୍ ଯାନ ନିୟାମକ ଏକ ପ୍ରଗତିଶୀଳ ଏବଂ ଆଗୁଆ ନିୟମ। ଏହାର ସରଳ କାର୍ଯ୍ୟାନ୍ୱୟନ ନିମନ୍ତେ ଏନ୍‌ଆଇସିଙ୍କ ବୈଷୟିକ ସହାୟତାରେ ପ୍ରସ୍ତୁତ ୱେବ୍ ପୋର୍ଟାଲ ଦେଶରେ ସର୍ବପ୍ରଥମ। ପରିବହନ ଆୟୁକ୍ତ ଅରୁଣ ବୋଥ୍ରା କହିଛନ୍ତି, ବିଦ୍ୟୁତ୍ ଯାନ ମାଲିକଙ୍କୁ ସିଧାସଳଖ ଏହି ପୋର୍ଟାଲ ମାଧ୍ୟମରେ ସବ୍‌ସିଡି ପ୍ରଦାନ କରାଯିବ। ଏଥିପାଇଁ ସେମାନଙ୍କୁ ଆର୍‌ଟିଓ ଅଫିସ୍‌କୁ ଦୌଡିବାକୁ ପଡିବ ନାହିଁ। ୨୦୨୧ ସେପ୍ଟେମ୍ବର ପରଠାରୁ କିଣାଯାଇଥିବା ☞ପୃଷ୍ଠା–୬

# ହଷ୍ଟେଲ ଛାତରୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା



ବିଦ୍ୟାଳୟ ହଷ୍ଟେଲ କୋଠା

- ପ୍ରଧାନ ଶିକ୍ଷକ, ୱାର୍ଡେନ ଥାନାରେ ଅଟକ
- ପ୍ରଧାନ ଶିକ୍ଷକ ଚାକିରିରୁ ନିଲମ୍ବିତ

**ସୁନ୍ଦରଗଡ଼/ଲେଫ୍ରିପଡା,୧୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ପଟୁଆଡ଼ିହି ପଞ୍ଚାୟତ ଉଚ୍ଚବିଦ୍ୟାଳୟ ହଷ୍ଟେଲ ଛାତରୁ ଶୁକ୍ରବାର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଡେଇଁ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀଙ୍କ ନାମ ଅପର୍ଣ୍ଣା ପାଣ୍ଡେ (୧୫)। ଆତ୍ମହତ୍ୟାର କାରଣ ପୋଲିସ ସ୍ପଷ୍ଟ କରି ନ ଥିଲେ ହେଁ ମୃତା ଛାତ୍ରୀଙ୍କ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, ଭାଲୁଗାଡ଼ ଗ୍ରାମର ପ୍ରଦୀପ ପାଣ୍ଡେଙ୍କ ଝିଅ ଅପର୍ଣ୍ଣା ଉକ୍ତ ବିଦ୍ୟାଳୟର ହଷ୍ଟେଲରେ ରହି ୧୦ମ ଶ୍ରେଣୀରେ ପାଠ ପଢୁଥିଲେ। ବିଭିନ୍ନ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଟେଲ ଛାତ୍ରୀ ଜଣଙ୍କୁ ଅସଦାଚରଣ କରି ଆସୁଥିଲେ। ଏନେଇ ଛାତ୍ରୀ ପୂର୍ବରୁ ସାଙ୍ଗସାଥୀ, ଘର ଲୋକଙ୍କ ନିକଟରେ ଅଭିଯୋଗ କରିଥିଲେ। ଆଉ ମାତ୍ର କିଛି ଦିନ ପରେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ହେବାକୁ ଥିବାରୁ ପାଠପଢ଼ା ବ୍ୟାଘାତ ହେବା ଆଶଙ୍କା କରି ପରିବାର ଲୋକ ନୀରବ ରହିଥିଲେ। ପ୍ରଧାନ ଶିକ୍ଷକଙ୍କ ଆଚରଣରେ ଅତିଷ୍ଠ ହୋଇ ଶେଷରେ ଅପରାହ୍ନ ପ୍ରାୟ ସାଢ଼େ ୧ଟା ବେଳେ ଛାତ୍ରୀ ଜଣକ ହଷ୍ଟେଲର ଦୁଇ ମହଲା ଛାତ ଉପରୁ ତଳକୁ ଡେଇଁ ପଡ଼ିଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୋଲିସ ପରିବାର ଲୋକଙ୍କ ଅଭିଯୋଗକୁ ଆଧାରକରି ଲେଫ୍ରିପଡ଼ା ଥାନାରେ ଏକ ମାମଲା (ନଂ.୫୬/୨୦୨୨) ରୁଜୁ କରିଛି। ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଟେଲ ଓ ହଷ୍ଟେଲର ୱାର୍ଡେନ ରିଙ୍କି ବେହେରାଙ୍କୁ ☞ପୃଷ୍ଠା–୬

# ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସନ୍ଦେହଜନକ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୧୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁଙ୍କ ସ୍ୱାମୀ ହିମାଂଶୁ ଶେଖର ବାରିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ହିମାଂଶୁ ଗଣ୍ଡାଧରଠାରେ ଏକ ଭୋଜିରେ ଯୋଗଦେଇ ଗୁରୁବାର ରାତିରେ ନିଜ ଗ୍ରାମ ବରଗାଁକୁ ଫେରିଥିଲେ। ମଧ୍ୟରାତିରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହେବା ସହ ପାଟିରୁ ଫେଣ ବାହାରିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଭଞ୍ଜନଗର ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ନେବାକୁ ଡାକ୍ତର କହିଥିଲେ। କିଛି ସମୟ ପରେ ହିମାଂଶୁଙ୍କୁ ସେ ମୃତ ଘୋଷଣା କରିଥିଲେ।

ପ୍ରକାଶ ଯେ, ଶୁକ୍ରବାର ଜଗନ୍ନାଥପ୍ରସାଦ କଲେଜ ପଡିଆରେ ବ୍ଲକ ବିଜେଡି ସଭାପତି ସ୍ୱର୍ଗତ ମୋହନ ପ୍ରଧାନଙ୍କ ଏକାଦଶ ଉପଲକ୍ଷେ ଏକ ସଭା ଆୟୋଜନ ହେବାର ଥିଲା। ହିମାଂଶୁ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥାନ୍ତେ। ଗୁରୁବାର ରାତିରେ କଲେଜ ପଡିଆରେ କେତେଜଣ କର୍ମୀଙ୍କ ସହ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ସାରି ଗଣ୍ଡାଧର ଯାଇଥିଲେ। ସେଠାରେ ପଞ୍ଚାୟତ ନିର୍ବାଚନରେ ବିଜୟ ପାଇଁ ହୋଇଥିବା ଏକ ଭୋଜିରେ ଯୋଗଦେଇଥିଲେ। ଖାଇବା ପରେ କିଛି ସମୟ ରହି ଗାଁକୁ ଫେରିଥିଲେ। ବଡ଼ଭାଇଙ୍କ ଖାଦ୍ୟରେ ବିଷ ମିଶିଥିବା ସନ୍ଦେହ ହେଉଛି। ତେଣୁ ଏହାର ଠିକ୍ ତଦନ୍ତ କରାଯାଉ ବୋଲି ହିମାଂଶୁଙ୍କ ଭାଇ ସୁଧାଂଶୁ ବାରିକ ବେଲଗୁଣ୍ଠା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଖବର ପାଇ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବହୁ ନେତା ଓ କର୍ମୀ ଶୋକବ୍ୟକ୍ତ କରିଛନ୍ତି। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବରଗାଁକୁ ଆସି ଶୋକବ୍ୟକ୍ତ କରିଥିଲେ। ଗ୍ରାମ ଶ୍ମଶାନରେ ହିମାଂଶୁଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୧୨ରେ ହିମାଂଶୁଙ୍କ ମା’ ସନ୍ତୋଷିନୀ ବାରିକ ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ନିର୍ବାଚିତ ହୋଇଥିଲେ। ୨୦୧୭ରେ ହିମାଂଶୁ ବ୍ଲକ ଉପାଧ୍ୟକ୍ଷ ଗାଦିରେ ବସିଥିଲେ। ୨୦୨୨ ନିର୍ବାଚନରେ ହିମାଂଶୁଙ୍କ ସ୍ତ୍ରୀ ଜୟଶ୍ରୀ ବ୍ଲକ ଅଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ହିମାଂଶୁ କଲେଜ ଛାତ୍ର ରାଜନୀତିରେ ୩ ଥର ସଭାପତି ନିର୍ବାଚିତ ହୋଇଥିଲେ। ବିଜେଡିର ଜଣେ ଯୁବ ସଂଗଠକ ଭାବେ ସେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ଲକରେ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇ ଆସୁଥିଲେ। ତାଙ୍କ ମୃତ୍ୟୁର ତଦନ୍ତ ହେବା ଜରୁରୀ ବୋଲି ବରଗାଁ ସରପଞ୍ଚଙ୍କ ପ୍ରତିନିଧି ଉମାଶଙ୍କର ବାରିକ କହିଛନ୍ତି।



ହିମାଂଶୁ ଶେଖର ବାରିକ




ଧରିତ୍ରୀ DHARITRI
Saturday, April 2/2022

## ସପ୍ତାହ ଶେଷ ଦିନରେ ବଢ଼ିଲା ସେନ୍‌ସେକ୍ସ ଓ ନିଫ୍ଟି

**ମୁମ୍ବାଇ:** ଶୁକ୍ରବାର ଅର୍ଥାତ୍ ସପ୍ତାହର ଶେଷ କାରବାର ଦିନ ଆରମ୍ଭରେ ବଜାରରେ ହ୍ରାସ ଦେଖିବାକୁ ମିଳିଥିବା ବେଳେ ମାର୍କେଟ୍ ବନ୍ଦ ହେବା ବେଳକୁ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ବୃଦ୍ଧି ଘଟିଥିଲା। କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୭୦୮.୧୮ (୧.୨୧%) ଅଙ୍କ ବୃଦ୍ଧି ଘଟି ୫୯,୨୭୬.୬୯ ରେ ବନ୍ଦ ହୋଇଛି। ଏଥିସହିତ ନିଫ୍ଟିରେ ୨୦୫.୭୦ ଅଙ୍କ ଅର୍ଥାତ୍ ୧.୧୮% ବୃଦ୍ଧି ଘଟି ୧୭,୬୭୦.୪୫ ଇନ୍‌ଡେକ୍ସରେ ବନ୍ଦ ହୋଇଥିଲା। ସରକାରୀ ସେକ୍ଟର ଏନ୍‌ଟିପିସିରେ ସର୍ବାଧିକ ୫.୯୩% ବୃଦ୍ଧି ହୋଇଥିବା ବେଳେ ଟେକ୍ ମହିନ୍ଦ୍ରା ୦.୮୦% ହ୍ରାସ ସହିତ ଦିନର ସର୍ବାଧିକ କ୍ଷତିଗ୍ରସ୍ତ ତାଲିକାରେ ରହିଛି।



# ଜେଏସ୍‌ପିକୁ ଉତ୍କଳ ବି-୧, ବି-୨ କୋଇଲା ବ୍ଲକ ପ୍ରଦାନ

ନୂଆଦିଲ୍ଲୀ, ୧।୪

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ନିକଟରେ ଓଡ଼ିଶାର ୨ଟି ଖଣି ନିଲାମ ଜରିଆରେ ପ୍ରଦାନ କରାଯାଇଛି। ବିଶେଷକରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ କୋଇଲା ଖଣି ନିଲାମ ପ୍ରକ୍ରିୟାରେ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜେଏସ୍‌ପିକୁ ଓଡ଼ିଶାର ଅନୁଗୋଳ-ତାଳଚେର କୋଇଲା ଅଞ୍ଚଳର ଉତ୍କଳ ବି-୧ ଓ ବି-୨ କୋଇଲା ବ୍ଲକକୁ ନିଲାମ ନେବାରେ ସଫଳ ହୋଇଛି। ଫଳରେ କମ୍ପାନୀ ସବୁଜ ଇସ୍ପାତ ଉତ୍ପାଦନ ମାଧ୍ୟମରେ କ୍ଷମତା ସମ୍ପ୍ରସାରଣ କରିବା ପାଇଁ ଏହା ପୂର୍ବରୁ ମିଳିଥିବା ଉତ୍କଳ ସି-୧ କୋଇଲା ଖଣି ସହିତ ଏହାର ବିନିଯୋଗ କମ୍ପାନୀକୁ ଅଧିକ ଶକ୍ତିଶାଳୀ କରାଇବ। କୋଇଲା ଗ୍ୟାସିଫିକେସନ ପ୍ରକ୍ରିୟା ଦ୍ୱାରା ସ୍ୱଚ୍ଛ କୋଇଲା ଇନ୍ଧନ ଜ୍ଞାନକୌଶଳ ବ୍ୟବହାରକରି ଡିଆର୍‌ଆଇ ଷ୍ଟିଲ୍ ଉତ୍ପାଦନ କରିବାରେ ଜେଏସ୍‌ପି ବିଶ୍ୱରେ ପ୍ରଥମ କମ୍ପାନୀ ହେବାର ଲକ୍ଷ୍ୟ ରଖିଛି।

ଓଡ଼ିଶା ଦିବସ ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ସ୍ୱଦେଶୀ କୋଇଲା ବ୍ୟବହାରକରି କମ୍ପାନୀ ଇସ୍ପାତ ଉତ୍ପାଦନ କରିବା ପାଇଁ ସ୍ୱପ୍ନ ଦେଖିଥିବା ଓ.ପି. ଜିନ୍ଦଲଙ୍କ ୧୭ତମ ପୁଣ୍ୟ ତିଥିରେ ଜେଏସ୍‌ପିକୁ ଉତ୍କଳ ବି-୧ ଓ ବି-୨ କୋଇଲା ବ୍ଲକ ମିଳିଛି। ଏହା ଜରିଆରେ ଓ.ପି. ଜିନ୍ଦଲ ଏବଂ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ସାକାର ସହ ପ୍ରାକୃତିକ ସମ୍ପଦରେ ମୂଲ୍ୟଯୋଗ ଏବଂ ଶିଳ୍ପାୟନ ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ସମୃଦ୍ଧ ଓଡ଼ିଶା ନିର୍ମାଣ କରିବାରେ ସାହାଯ୍ୟ କରିବ। ଓଡ଼ିଶା ଆମର କର୍ମଭୂମି ଏବଂ ଏହାର ସାମଗ୍ରିକ ବିକାଶ ପାଇଁ ମଧ୍ୟ ଆମେ ଦୃଢ଼ ପ୍ରତିବଦ୍ଧ ରହିଛୁ। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶିଳ୍ପାୟନ ଦ୍ୱାରା ଓଡ଼ିଶା ବିକାଶର ଦୂରଦୃଷ୍ଟିକୁ ଆମେ ଆଗକୁ ନେଇ ୨୦୩୦ ସୁଦ୍ଧା ଅନୁଗୋଳରେ ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା କରିବେ ବୋଲି ଜିନ୍ଦଲ ଏକ ଟୁଇଟ ଜରିଆରେ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ୨୦୩୦ ସୁଦ୍ଧା ଅନୁଗୋଳ ଇସ୍ପାତ କାରଖାନାର କ୍ଷମତା ବାର୍ଷିକ ୨୫.୨ ନିୟୁତ ଟନ୍‌କୁ ବୃଦ୍ଧି କରିବା ପାଇଁ ଜେଏସ୍‌ପିର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାର ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ଏକକ ସ୍ଥାନରେ ଥିବା ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ହେବା ସହ ଓଡ଼ିଶାକୁ ବିଶ୍ୱ ଇସ୍ପାତ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେବ ବୋଲି କୁହାଯାଇଛି।

**ସ୍ୱଦେଶୀ କୋଇଲା ବ୍ୟବହାରକରି ସ୍ଥାପନ କରିବ ବିଶ୍ୱର ସବୁଠୁ ବଡ଼ ଏବଂ ସବୁଜ ଇସ୍ପାତ କାରଖାନା**



ନବୀନ ଜିନ୍ଦଲ

## ୨୬୮ ଟଙ୍କା ବୃଦ୍ଧି ପାଇଲା କମର୍ସିଆଲ ସିଲିଣ୍ଡର ଦର

ନୂଆଦିଲ୍ଲୀ, ୧।୪

ଅନ୍ତଃରାଷ୍ଟ୍ରୀୟ ସ୍ତରରେ ନାନା ସମସ୍ୟା ଲାଗି ରହିଥିବା ବେଳେ ଅଶୋଧିତ ତୈଳ ଦର ମଧ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଦେଶର ପ୍ରମୁଖ ଇନ୍ଧନ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ଶୁକ୍ରବାର କମର୍ସିଆଲ ସିଲିଣ୍ଡର (ଏଲ୍‌ପିଜି ୧୯ କିଲୋଗ୍ରାମ) ପିଛା ପ୍ରାୟ ୨୬୮ ଟଙ୍କା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରରେ କମର୍ସିଆଲ ସିଲିଣ୍ଡର ମୂଲ୍ୟ ୨୩୭୯ ଟଙ୍କାରେ ପହଞ୍ଚିଛି। ମାର୍ଚ୍ଚରେ ଏହି ସିଲିଣ୍ଡର ମୂଲ୍ୟ ୨୧୧୧.୫୦ ଟଙ୍କାରେ ବିକ୍ରି ହେଉଥିଲା। ଏକ ମାସ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ବୃଦ୍ଧି। ସେହିପରି ନୂଆଦିଲ୍ଲୀରେ ମଧ୍ୟ ସିଲିଣ୍ଡର ପିଛା ୨୫୦ ବଢ଼ି ୨,୨୫୩ ଟଙ୍କା ହୋଇଛି। ଗତ ମାର୍ଚ୍ଚ ୧ରେ ବାଣିଜ୍ୟିକ ଏଲ୍‌ପିଜି ମୂଲ୍ୟ ସିଲିଣ୍ଡର ପିଛା ୧୦୫ ଟଙ୍କା ବୃଦ୍ଧି ପାଇଥିଲା।

## 'ଡିଜିଟାଲ୍ ଡିସକାଉଣ୍ଟ ଡେଜ୍'

ଭୁବନେଶ୍ୱର, ୧।୪

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଡିଜିଟାଲ ପକ୍ଷରୁ ଡିଜିଟାଲ୍ ଡିସ୍‌କାଉଣ୍ଟ ଡେଜ୍‌ର ପାଳନ କରାଯାଉଛି। ଏହି ଅଫର ଚଳିତ ବର୍ଷ ଏପ୍ରିଲ ୨ ରୁ ୧୭ ପର୍ଯ୍ୟନ୍ତ ବୈଧ ରହିବ। କମ୍ପାନୀର ସମସ୍ତ ରିଲାଏନ୍ସ ଡିଜିଟାଲ ଷ୍ଟୋର, ମାଇଁ ଜିଓ ଷ୍ଟୋର ସମେତ ଏହାର ଉଭୟ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ମଧ୍ୟ ଆପଣଙ୍କ ପସନ୍ଦର ଟେକ୍ ସାମଗ୍ରୀ କ୍ରୟ ଉପରେ ଆକର୍ଷଣୀୟ ଅଫର ଓ ଡିସ୍‌କାଉଣ୍ଟ ପାଇପାରିବେ। ବିଶେଷକରି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ ସର୍ବୋତ୍ତମ ଡିଲ୍ ବ୍ୟତୀତ ରିଲାଏନ୍ସ ଡିଜିଟାଲ ମଧ୍ୟ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କାର୍ଡ ଉପରେ ୭.୫% ପର୍ଯ୍ୟନ୍ତ ଇନ୍‌ଷ୍ଟାଣ୍ଟ ଡିସ୍‌କାଉଣ୍ଟ ପ୍ରଦାନ ସହ ୨୦୦୦ ଟଙ୍କା ପର୍ଯ୍ୟନ୍ତ କୁପନ ପ୍ରଦାନ କରାଯାଉଛି। ସେହିଭଳି ୮୦,୦୦୦ ଟଙ୍କା ବା ଏହାଠାରୁ ଅଧିକ ମୂଲ୍ୟର ସାମଗ୍ରୀ କ୍ରୟ ଉପରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରଯୁଜ୍ୟ ଅନୁସାରେ ଅତିରିକ୍ତ ଡିସ୍‌କାଉଣ୍ଟ ମଧ୍ୟ ପ୍ରଦାନ କରାଯାଉଛି। ଏହାର ଆକର୍ଷଣୀୟ ଡିଲ୍ ଓ ସହଜିଆ ଇଏମ୍‌ଆଇ ବିକଳ୍ପ ସୁବିଧାକୁ ଟିଭି, ସ୍ମାର୍ଟଫୋନ, ଲାପ୍‌ଟପ୍, ଟେଲିଭିଜନ, ଏସି, ରେଫ୍ରିଜରେଟର, ୱାଶିଂ ମେଶିନ୍, ସ୍ମାର୍ଟ ୱାଚ ଓ କିଚେନ୍ ଉପକରଣ ଆଦିରେ ପ୍ରଦାନ କରାଯାଉଛି। ସେହିପରି ଟେକ୍ ସାମଗ୍ରୀର ସମସ୍ତ ଆବଶ୍ୟକତା ପୂରଣ ପାଇଁ ରିଲାଏନ୍ସ ଡିଜିଟାଲ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରୁଛି।

## ସିଏନ୍‌ଜି ୮୦ ପଇସା ବୃଦ୍ଧି

ନୂଆଦିଲ୍ଲୀ, ୧।୪

ଜାତୀୟ ରାଜଧାନୀ ଦିଲ୍ଲୀରେ ଶୁକ୍ରବାର କମ୍ପ୍ରେସ୍‌ଡ ନାଚୁରାଲ୍ ଗ୍ୟାସ୍ (ସିଏନ୍‌ଜି) ଦର ପୁଣି ଥରେ ବୃଦ୍ଧି ପାଇଛି। ପ୍ରାକୃତିକ ଗ୍ୟାସ୍ ଦରରେ ରେକର୍ଡ ମାତ୍ରାରେ ବୃଦ୍ଧି ପରେ ସିଏନ୍‌ଜି ଦାମ୍ ବୃଦ୍ଧି ପାଇଁ ନିର୍ଣ୍ଣୟ ନିଆଯାଇଛି। ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍(ଆଇଜିଏଲ୍)ର ୱେବ୍‌ସାଇଟ୍‌ରେ ଦିଆଯାଇଥିବା ତଥ୍ୟ ଅନୁସାରେ ସିଏନ୍‌ଜି ଦର କିଲୋଗ୍ରାମ୍ ପିଛା ୮୦ ପଇସା ବୃଦ୍ଧି ଘଟି ୬୦.୦୧ରୁ ୬୦.୮୧ ଟଙ୍କାରେ ପହଞ୍ଚିଛି। ଗତ ଏକମାସ ମଧ୍ୟରେ ସିଏନ୍‌ଜି ଦର ୬ଷ୍ଠ ଥର ପାଇଁ ବୃଦ୍ଧି ହୋଇଛି। ସମସ୍ତ ବୃଦ୍ଧିକୁ ମିଶାଇ ଗତ ଏକ ମାସ ମଧ୍ୟରେ ସିଏନ୍‌ଜି ଦର କିଲୋଗ୍ରାମ୍ ପିଛା ୪ଟଙ୍କା ବଢ଼ିଛି। ତେବେ ନୋଏଡା, ଗ୍ରେଟର ନୋଏଡା ଏବଂ ଗାଜିଆବାଦରେ ସିଏନ୍‌ଜି କିଲୋ ପିଛା ୬୩.୩୮ ଟଙ୍କାରେ ବିକ୍ରି ହେବାକୁ ଥିବା ବେଳେ ଗୁରୁଗ୍ରାମରେ ଏହାର ଦର ୬୯.୧୭ରେ ପହଞ୍ଚିଛି।

# କୋଇଲା ଉତ୍ପାଦନ ଓ ଉତ୍ତୋଳନରେ ଐତିହାସିକ ଅଭିବୃଦ୍ଧି

**■ପୂର୍ବବର୍ଷ ତୁଳନାରେ କୋଇଲା ଉତ୍ପାଦନରେ ୧୪% ଅଧିକ**

ଭୁବନେଶ୍ୱର, ୧।୪

ଦେଶର ପ୍ରମୁଖ ସରକାରୀ ଉଦ୍ୟୋଗ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜରିଆରେ କମ୍ପାନୀର ପୂର୍ବ ଆର୍ଥିକ ବର୍ଷର ବିବରଣୀ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ଯୋଜନା ଓ ଲକ୍ଷ୍ୟ ସମ୍ପର୍କରେ ମଧ୍ୟ କୁହାଯାଇଛି। କମ୍ପାନୀ ତା'ର ଉତ୍ପାଦନ ଓ ଡେସ୍‌ପାଚ୍ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ହାସଲକରି ୨୦୨୧-୨୨ ଆର୍ଥିକ ବର୍ଷ ସମାପ୍ତ କରିଛି। କମ୍ପାନୀ ୨୦୨୦-୨୧ ଆର୍ଥିକ ବର୍ଷ ତୁଳନାରେ ୧୪% ଅଭିବୃଦ୍ଧି କରି ୧୬୮ ମିଲିଅନ ଟନ୍ କୋଇଲା ଉତ୍ପାଦନ ସହ ଏକ ଐତିହାସିକ ରେକର୍ଡ ସୃଷ୍ଟି କରିଛି।

କୋଲ୍ ଇଣ୍ଡିଆର ସହାୟକ କମ୍ପାନୀ ଏମ୍‌ସିଏଲ୍ ୨୦୨୧-୨୨ ଆର୍ଥିକ ବର୍ଷ ଶେଷରେ କୋଇଲା ଉତ୍ପାଦନ, ଡେସ୍‌ପାଚ୍ ଏବଂ ଓଭର ବର୍ଡନ (ଓବିଆର୍) ହଟାଇବା କ୍ଷେତ୍ରରେ ସଫଳତାର ଶୀର୍ଷରେ ରହି ନିଜ ପାରଦର୍ଶିତାର ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି।

ଏହି ପରିପ୍ରେକ୍ଷୀରେ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ କହିଥିଲେ, ଗତ ଆର୍ଥିକ ବର୍ଷ କମ୍ପାନୀ ପାଇଁ ଏକ ସଫଳତାର ବର୍ଷ ରହିଥିଲା। ଚଳିତ ଆର୍ଥିକ ବର୍ଷ ଶେଷ ବେଳକୁ କମ୍ପାନୀର ୧୦୩% ଅଭିବୃଦ୍ଧି ହୋଇଛି, ଯାହାକି ୧୬୮.୧୭ ମିଲିଅନ୍ ଟନ୍ କୋଇଲା ଉତ୍ପାଦନକରି ଶୀର୍ଷ ସ୍ଥାନରେ ରହିପାରିଥିବାରୁ ମୁଁ ଖୁସି ବ୍ୟକ୍ତ କରୁଛି। ଏତଦ୍‌ବ୍ୟତୀତ ପୂର୍ବ ବର୍ଷ ତୁଳନାରେ କୋଇଲା ଡେସ୍‌ପାଚ୍‌ର ୨୧% ବୃଦ୍ଧିକରି ୧୭୬.୧୭ ମିଲିଅନ ଟନ୍ କୋଇଲା ଉପଭୋକ୍ତାମାନଙ୍କୁ ଯୋଗାଇପାରିଛି।

ସେହିପରି ଓବିଆର୍‌ରେ ଏମ୍‌ସିଏଲ୍ ୧୮% ବୃଦ୍ଧି ଘଟାଇ ୨୦୭ ମିଲିଅନ କ୍ୟୁବିକ୍ ମିଟର ରେକର୍ଡ କରିଛି ଯାହା କି ଚଳିତ ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିପାରିଛି। ସିଏମ୍‌ଡି ସିଂଙ୍କ ସହ କେ.ଆର୍. ବାସୁଦେବନ, ନିର୍ଦ୍ଦେଶକ (ବି) ଏବଂ କେଶବ ରାଓ, ନିର୍ଦ୍ଦେଶକ (କାର୍ମିକ) ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ଏସ୍. କେ. ପାଲ ନିର୍ଦ୍ଦେଶକ (ବୈଷୟିକ/ଯୋଜନା ଓ ପରିଯୋଜନା) ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ।

କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ମଧ୍ୟ ୨୦୨୧-୨୨ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ କୋଇଲାର ବୃଦ୍ଧି ଘଟିଥିବା ଚାହିଦାକୁ ପୂରଣ କରିବା ଦିଗରେ ଏମ୍‌ସିଏଲ୍ ସଫଳତା ହାସଲ କରିପାରିଛି। କମ୍ପାନୀର ଏହି ଉପଲବ୍ଧି ପାଇଁ ସହଯୋଗ କରିଥିବା ରାଜ୍ୟ ପ୍ରଶାସନ, ଲୋକ ପ୍ରତିନିଧି, ଶ୍ରମିକ ସଙ୍ଗଠନ ପ୍ରତିନିଧି, ଭାରତୀୟ ରେଳପଥ, ଆଖପାଖ ଗ୍ରାମବାସୀ ଏବଂ ସମସ୍ତ ହିତାଧିକାରୀଙ୍କୁ ସିଏମ୍‌ଡି ସିଂ କୃତଜ୍ଞତା ଜଣାଇଛନ୍ତି। କୋଇଲା ଚାହିଦାର ଭବିଷ୍ୟତ ବିଷୟରେ ସିଂ କହିଛନ୍ତି, ଆଗାମୀ ଦିନରେ କୋଇଲାର ଚାହିଦା ଅଧିକ ରହିବ ବୋଲି ଆକଳନ କରାଯାଉଛି।




# ମାର୍ଚ୍ଚରେ ୧.୪୨ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ, ୧।୪

ଚଳିତ ବର୍ଷ ମାର୍ଚ୍ଚରେ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ୧,୪୨,୦୯୫ କୋଟିରେ ପହଞ୍ଚିଛି। ତେବେ ଏହି ଜିଏସ୍‌ଟି ସଂଗ୍ରହ ହାର ସର୍ବକାଳୀନ ଅଧିକ ରହିଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କ୍ରମାଗତ ୯ମ ମାସ ପାଇଁ ଜିଏସ୍‌ଟି ସଂଗ୍ରହ ୧ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଏହା ପୂର୍ବରୁ ଜାନୁୟାରୀରେ ୧,୪୦,୯୮୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଥିଲା। ଗତବର୍ଷ ମାର୍ଚ୍ଚରେ ସଂଗ୍ରହ ଏବଂ ୨୦୨୦ ମାର୍ଚ୍ଚରେ ସଂଗୃହୀତ ହୋଇଥିବା ଜିଏସ୍‌ଟି ତୁଳନାରେ ଚଳିତ ବର୍ଷ ଯଥାକ୍ରମେ ୧୫% ଏବଂ ୪୬% ଅଧିକ ସଂଗୃହ ହୋଇଛି। ୨୦୨୧ ଶେଷ ଆର୍ଥିକ ତ୍ରୈମାସରେ ମାସିକ ହାରାହାରି ୧.୩୮ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ସଂଗୃହ ହୋଇଥିଲା। ମାର୍ଚ୍ଚରେ ସଂଗୃହୀତ ଜିଏସ୍‌ଟି ମଧ୍ୟରେ ସିଜିଏସ୍‌ଟି ୨୫,୮୩୦ ରହିଥିବା ବେଳେ ଏସ୍‌ଜିଏସ୍‌ଟି ୩୨,୩୭୮ କୋଟି ଟଙ୍କା, ଆଇଜିଏସ୍‌ଟି ୭୩,୪୭୦ କୋଟି ଏବଂ ସେସ୍ ସଂଗ୍ରହ ୯,୪୧୭ କୋଟି ଟଙ୍କା ରହିଛି। ଏହାଛଡ଼ା କେନ୍ଦ୍ରୀୟ ଜିଏସ୍‌ଟି, କେନ୍ଦ୍ରୀୟ ଅବକାରୀ ଏବଂ କଷ୍ଟମ୍ ବିଭାଗ ଭୁବନେଶ୍ୱର ଜୋନ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଓଡ଼ିଶାର ରାଜସ୍ୱ ସଂଗ୍ରହରେ ଆଖିଦୃଶିଆ ବୃଦ୍ଧି ଘଟିଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ରେ ଜୋନ୍ ପକ୍ଷରୁ ଜିଏସ୍‌ଟି, ଅବକାରୀ ଏବଂ କେନ୍ଦ୍ରୀୟ କଷ୍ଟମ୍ ଭଳି ଟ୍ୟାକ୍ସରୁ ୫୦,୯୭୮ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିବା ସୂଚନା ଦିଆଯାଇଛି। ସଂଗୃହୀତ ରାଜସ୍ୱ ଗତ ଆର୍ଥିକ ବର୍ଷଠାରୁ ୨୭% ଅଧିକ ରହିଥିବା ଜୋନ୍ ପକ୍ଷରୁ କୁହାଯାଇଛି।

## ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ସଫଳତା

ଭୁବନେଶ୍ୱର, ୧।୪

ଗତ ଆର୍ଥିକ ବର୍ଷ (୨୦୨୧-୨୨)ରେ ପୂର୍ବତଟ ରେଳପଥ ଭାରତୀୟ ରେଳବାଇରେ ସର୍ବାଧିକ ମାଲ ପରିବହନ କରି ଶୀର୍ଷ ସ୍ଥାନ ବଜାୟ ରଖିଛି। କ୍ରମାଗତ ଭାବେ ପୂର୍ବତଟ ରେଳପଥ ଚତୁର୍ଥ ଥର ପାଇଁ ପଣ୍ୟ ପରିବହନରେ ଶୀର୍ଷ ସ୍ଥାନ ଅଧିକାର କରିଛି। ନୂତନ ଜୋନ୍ ଆରମ୍ଭ ହେବା ଦିନଠାରୁ ମାଲ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥ କ୍ରମାଗତ ଭାବେ ପୂର୍ବ ବର୍ଷର କାର୍ଯ୍ୟଦକ୍ଷତା ଉପରେ ବର୍ଦ୍ଧିତ ପଣ୍ୟ ବୋଝେଇ ଓ ପରିବହନ କରିଆସୁଅଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ଏବଂ ପ୍ରମୁଖ ପରିଚାଳନା ପ୍ରବନ୍ଧକ ପ୍ରମୋଦ କୁମାର ଜେନା ପଣ୍ୟ ପରିବହନର ସମସ୍ତ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ।

# ଅଟିଜମ୍

**ଅ**ଟିଜମ୍ ହେଉଛି ଶୈଶବ ଅବସ୍ଥାରେ ଦେଖାଯାଇଥିବା ସ୍ନାୟୁ ଓ ମାନସିକ ବିକାଶ ସମ୍ବନ୍ଧୀୟ ରୋଗ। ଓଡ଼ିଆରେ ଅଟିଜମ୍‌ର ଅର୍ଥ ହେଉଛି ସ୍ୱପରାୟଣତା। ଅର୍ଥାତ୍ ପିଲାଟି ତା' ନିଜ ଦୁନିଆରେ ଥାଏ। ଏକା ରହିବାକୁ ପସନ୍ଦ କରେ। ଏହି ରୋଗରେ ସାମାଜିକ ସମ୍ପର୍କ ସ୍ଥାପନ, ଭାବର ଆଦାନ ପ୍ରଦାନ, ଭାଷାର ପରିପ୍ରକାଶ ଆଦିରେ ଅସୁବିଧା ହୋଇଥାଏ। ମୋବାଇଲର ବହୁଳ ବ୍ୟବହାର ଓ ପାଶ୍ଚାତ୍ୟ ଦେଶର ଜୀବନଶୈଳୀର ଅନୁକରଣ ଦ୍ୱାରା ଭାରତବର୍ଷରେ ଏହି ରୋଗ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଝିଅମାନଙ୍କ ତୁଳନାରେ ଏହା ପୁଅମାନଙ୍କଠାରେ ଅଧିକ ଦେଖାଯାଏ। ତେବେ ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ୨୦୦୮ ମସିହାରୁ ଏପ୍ରିଲ ୨ରେ 'ବିଶ୍ୱ ଅଟିଜମ୍ ସଚେତନତା ଦିବସ' ପାଳିତ ହୋଇଆସୁଛି।

ଅଟିଜମ୍‌ର କୌଣସି ସ୍ପଷ୍ଟ କାରଣ ନ ଥାଏ। ଗବେଷଣା ଅନୁଯାୟୀ ମସ୍ତିଷ୍କର ରସାୟନ ଗତିବିଧିରେ ଅସନ୍ତୁଳତା, ବଂଶଗତ ପ୍ରଭାବ, ଅପରିପକ୍ୱ ପ୍ରସବ, ଗର୍ଭଧାରଣ ବେଳେ ପାରିବାରିକ ପ୍ରତିକୂଳ ପରିସ୍ଥିତି, ଗର୍ଭଧାରଣ ବେଳେ ମା'ର ବିଭିନ୍ନ ପ୍ରକାର ଔଷଧ ସେବନ ବା ରୋଗରେ ପୀଡ଼ିତ, ବୟସ୍କ ମାତାପିତାଙ୍କ ଦ୍ୱାରା ଜନ୍ମିତ ଶିଶୁ, ଦୂଷିତ ପରିବେଶ ଆଦି ଅଟିଜମ୍‌ର କାରଣ ହୋଇପାରେ। ଯଦିଓ ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣ ନାହିଁ, ତଥାପି ଶୀଘ୍ର ଚିହ୍ନି ଏହାର ଚିକିତ୍ସା କଲେ ପିଲାଟି ସାଧାରଣ ଜୀବନ ଯାପନ କରିପାରିବ। ଏହାର ଚିକିତ୍ସା ପାଇଁ ଅକ୍ୟୁପେଶ୍ନାଲ ଥେରାପି, ବିହେଭିରାଲ ଥେରାପି, ଲାଙ୍ଗୁଏଜ୍ ଥେରାପି ସହ ମେଡିସିନର ସାହାଯ୍ୟ ମାଧ୍ୟମରେ ରୋଗୀର ସ୍ନାୟବିକ ସମୃଦ୍ଧି, ଆଚାର ବ୍ୟବହାରରେ ଉନ୍ନତି ଓ ଭାବ ଆଦାନ ପ୍ରଦାନ କରିବା ଆଦି ସମ୍ଭବ ହୋଇଥାଏ। ଶିଶୁ ଚିକିତ୍ସକ ଓ ମନୋଚିକିତ୍ସକଙ୍କ ପରାମର୍ଶ କ୍ରମେ ରୋଗୀଙ୍କୁ ଉପଯୁକ୍ତ ମେଡିସିନ୍ ଓ ଥେରାପି ନେବାକୁ ପଡ଼ିଥାଏ।



**-ଡା. ଅଂଶୁମୋଚନ ସାହୁ**
**ମୋ: ୮୨୮୦୫୯୪୫୪୮**

## ଫୁର୍‌ସତ୍

## ବିମାନବନ୍ଦରରେ ୧୪ ବର୍ଷ

**ବେଜିଂ:** ଚାଇନାର ୬୦ ବର୍ଷୀୟ ବୃଦ୍ଧ ନିଜ ଘର ଓ ପରିବାର ଛାଡ଼ି ଦୀର୍ଘ ୧୪ ବର୍ଷ ଧରି ବେଜିଂ କ୍ୟାପିଟାଲ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ରହୁଛନ୍ତି। ପ୍ରତ୍ୟେକ ଦିନ ସିଗାରେଟ ଓ ମଦ ପିଇବାରୁ ୱେଇ ଜିଆଙ୍ଗୁଓଙ୍କ ଘରେ ଝଗଡ଼ା ହେଉଥିଲା। ମଦ, ସିଗାରେଟ ଛାଡ଼ିଲେ ଘରେ ରହିପାରିବ ବୋଲି ଜିଆଙ୍ଗୁଓଙ୍କୁ ତାଙ୍କ ଘରଲୋକ କହିଲା ପରେ ସେ ଘର ଛାଡ଼ି ପଳାଇ ଆସିଥିଲେ। ମଦ ଓ ସିଗାରେଟ ବଦଳରେ ପରିବାର ଛାଡ଼ିବା ତାଙ୍କ ପକ୍ଷେ ସହଜ ଥିଲା। ନିଶା ଦ୍ରବ୍ୟ ଛାଡ଼ିଦେଲେ ଜିଆଙ୍ଗୁଓଙ୍କୁ ତାଙ୍କ ରୋଜଗାରର ସମସ୍ତ ଟଙ୍କା ଘରେ ଦେବାକୁ ପଡ଼ିଥାନ୍ତା ତେଣୁ ସେ ଘର ଛାଡ଼ି ବିମାନବନ୍ଦରରେ ରହିବା ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ୨୦୦୮ରୁ ଜିଆଙ୍ଗୁଓ ବିମାନ ବନ୍ଦରରେ ରହିଆସୁଛନ୍ତି। ସରକାରୀ ଚାକିରି କରିଥିବା ଜିଆଙ୍ଗୁଓଙ୍କ ମାସିକ ରୋଜଗାର ଥିଲା ୧୫୦ ଡଲାର ବେତନ ପାଉଥିଲେ।

## ହରନାଜ ସେଲିଆକ୍‌ରେ ଆକ୍ରାନ୍ତ

**ଚଣ୍ଡିଗଡ଼:** ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ହାତେଇଥିବା ହରନାଜ ସନ୍ଧୁ ଏବେ ନିଜ ଫିଗର ପାଇଁ ସୋସିଆଲ ମିଡିଆରେ ଟ୍ରୋଲ ହେବାରେ ଲାଗିଛନ୍ତି। ହରନାଜ ପୂର୍ବ ଅପେକ୍ଷା ଅଧିକ ମୋଟା ହୋଇଯାଇଛନ୍ତି। ତେବେ ସୋସିଆଲ ମିଡିଆ ୟୁଜରଙ୍କ ଟ୍ରୋଲର ଶିକାର ହୋଇଥିବା ହରନାଜ ଏହାପଛର କାରଣ ଗଣମାଧ୍ୟମ ସାମ୍ନାରେ କହିଛନ୍ତି। ସେଲିଆକ୍ ରୋଗରେ ଆକ୍ରାନ୍ତ ହେବା କାରଣରୁ ତାଙ୍କ ଓଜନ ବଢିଥିବା ହରନାଜ କହିଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଥିଲେ ଯେ, ଓଜନ ବଢ଼ିବା କାରଣରୁ ସମସ୍ତେ ମୋତେ ଉପହାସ କରୁଛନ୍ତି। କିନ୍ତୁ କେହି ଏହା ପଛର ପ୍ରକୃତ କାରଣ ଜାଣି ନାହାନ୍ତି। ମୁଁ ସେଲିଆକ୍ ରୋଗରେ ଆକ୍ରାନ୍ତ। ଏହା ଏକ ଇମ୍ୟୁନ୍ ଡିଜ୍‌ଅଡର। ଗ୍ଲୁଟେନ ଜାତୀୟ ଖାଦ୍ୟ ଖାଇବା ଫଳରେ ଏହା ଶରୀରରେ ଜମିରହି ଓଜନ ବଢାଇଥାଏ। ରୋଗ ବିଷୟରେ ଜାଣିବା ପରେ ସେ ଗହମ ସାଙ୍ଗକୁ ଯେଉଁସବୁ ଖାଦ୍ୟରେ ଗ୍ଲୁଟେନ ରହିଛି ସେ ଜାତୀୟ ଖାଦ୍ୟ ଖାଇବା ବନ୍ଦ କରି ଦେଇଛନ୍ତି। ୨୦୨୧ରେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ବିଜୟ ହାସଲ କରିବା ପରେ ହରନାଜ ପ୍ରଥମ ଥର ପାଇଁ ଭାରତ ଆସିଛନ୍ତି। ଲାକ୍‌ମି ଫ୍ୟାଶନ ପକ୍ଷରୁ ଆୟୋଜିତ ମଡେଲିଂ କାର୍ଯ୍ୟକ୍ରମରେ ହରନାଜ ଶୀବାନ ଏବଂ ନରେଶଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଗାଉନ୍ ପିନ୍ଧି ର୍ୟାମ୍ପରେ ଚାଲିଥିବାର ଦେଖାଯାଇଥିଲା।



# ପୁସ୍ତକ ହିଁ ପ୍ରକୃତ ବନ୍ଧୁ

**ପୁ**ସ୍ତକରୁ ବହୁ ଜଣା ଅଜଣା ବିଷୟରେ ଶିକ୍ଷାଲାଭ କରିହୋଇଥାଏ। ପିଲାଙ୍କ ପାଇଁ ପୁସ୍ତକ ଏକ ପ୍ରକୃତ ବନ୍ଧୁ ସାବ୍ୟସ୍ତ ହୋଇଥାଏ। ଯେଭଳି ଜଣେ ଭଲ ବନ୍ଧୁ ସବୁବେଳେ ଉତ୍ତମ ମାର୍ଗରେ ପରିଚାଳିତ ହେବାକୁ କହିଥାଏ, ସେହିଭଳି ଏକ ଭଲ ପୁସ୍ତକ ପାଠକଙ୍କୁ ନୀତିଗତ ଏବଂ ଉତ୍ତମ ଶିକ୍ଷା ପ୍ରଦାନର କାର୍ଯ୍ୟ କରିଥାଏ। ଯେହେତୁ ଶିଶୁ ହିଁ ଗୋଟିଏ ଦେଶର ଭବିଷ୍ୟତର ନାଗରିକ, ତେଣୁ ସେମାନଙ୍କ ଉପଯୋଗୀ ଶିଶୁ ସାହିତ୍ୟ ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କ ମଧ୍ୟରେ ପୁସ୍ତକ ଅଧ୍ୟୟନ ପ୍ରତି ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ ଏପ୍ରିଲ ୨ତାରିଖରେ ପାଳନ ହୋଇଥାଏ। ୧୯୬୬ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ଏହାପରେ ପ୍ରତିବର୍ଷ ଏହା ପାଳିତ ହୋଇ ଆସୁଛି। ଶିଶୁ ପୁସ୍ତକ ଲେଖକ ହାନ୍ସ କ୍ରିଷ୍ଟିଆନ ଆଣ୍ଡର୍ସେନଙ୍କ ଜନ୍ମଦିନରେ ଏହି ଦିବସ ପାଳିତ ହୋଇଥାଏ। ସେ ୧୮୦୫ ଏପ୍ରିଲ ୨ରେ ଡେନ୍‌ମାର୍କର ଓଡେନ୍ସଠାରେ ଜନ୍ମ ଗ୍ରହଣ କରିଥିଲେ। ଏହି ଦିବସଟି ଇଣ୍ଟରନ୍ୟାଶନାଲ ବୋର୍ଡ ଅନ୍ ବୁକ୍ସ୍ ଫର୍ ୟଙ୍ଗ୍ ପିପୁଲ(ଆଇବିବିୱାଇ) ଦ୍ୱାରା ପାଳନ କରାଯାଇଥାଏ। ଆଇବିବିୱାଇ ୧୯୬୭ରେ ସ୍ଥାପିତ ହୋଇଥିଲା। ଏହି ଅବସରରେ ଶିଶୁ ସାହିତ୍ୟ ପ୍ରତିଯୋଗିତା, ପୁସ୍ତକ ପୁରସ୍କାର ଘୋଷଣା ଏବଂ ଶିଶୁ ସାହିତ୍ୟର ଲେଖକମାନଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ହୋଇଥାଏ।

**ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ**



# ସାଇକେଲ ମୋମୋ ଷ୍ଟଲ୍

ଫରିଦାବାଦ

ସାଇକେଲରେ ଲୋକେ ଝାଲ୍‌ମୁଢ଼ି, ପାମ୍ପଡ, କେକ୍ ଆଦି ବିକୁଥିବାର ଆମେ ଦେଖିଛେ। କିନ୍ତୁ କେହି କେବେ ସାଇକେଲରେ ବୁଲି ବୁଲି ମୋମୋ ବିକୁଥିବାର ଦେଖି ନ ଥିବେ। କଥାଟି ଅଜବ ଲାଗିଲେ ମଧ୍ୟ ସତ। ଏଭଳି ଘଟଣା ଦେଖିବାକୁ ମିଳିଛି ହରିୟାଣାର ଫରିଦାବାଦରେ। ଜଣେ ବ୍ୟକ୍ତି ସାଇକେଲରେ ଗରମ ଗରମ ମୋମୋ ବିକୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓକୁ ୟୁଜରମାନେ ମଧ୍ୟ ବେଶ ପସନ୍ଦ କରିଛନ୍ତି। ଫୁଡି ବିଶାଳ ନାମରେ ଥିବା ଏକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହି ଭିଡିଓ ଅପ୍‌ଲୋଡ୍ ହୋଇଛି। ବ୍ୟକ୍ତିଙ୍କ ଘର ପଶ୍ଚିମବଙ୍ଗରେ। କିନ୍ତୁ ସେ ଫରିଦାବାଦରେ ପରିବାର ସହିତ ରୁହନ୍ତି। ବଜାରରେ ମୋମୋ ଷ୍ଟଲ୍ ଦେବା ପାଇଁ ବାହାରିଥିବାବେଳେ ତାଙ୍କୁ ଷ୍ଟଲ୍ ପକାଇବା ପାଇଁ ମାର୍କେଟରେ ଜାଗା ମିଳିଲା ନାହିଁ, ଯାହାଫଳରେ ସେ ନିଜ ସାଇକେଲକୁ ମୋମୋ ଷ୍ଟଲ୍‌ର ରୂପ ଦେଇଛନ୍ତି। ଆଉ ଏବେ ଫରିଦାବାଦରେ ବୁଲି ବୁଲି ଗରମ ମୋମୋ ବିକ୍ରି କରୁଛନ୍ତି। ସାଇକେଲରେ ସେ କୌଣସି ପ୍ରକାର ଷ୍ଟୋଭ୍ କି ଚୁଲା ଲଗାଇ ନ ଥିବାବେଳେ ଷ୍ଟିମରରେ ଥିବା ମୋମୋକୁ ଏକ ବାଲ୍‌ଟି ଭିତରେ ରଖି ଗରମ ମୋମୋ ବିକ୍ରି କରୁଛନ୍ତି। ମୋମୋ ବିକିବାର ଏଭଳି ନିଆରା ଉପାୟ ଦେଖି ଲୋକେ ତାଙ୍କୁ ପ୍ରଶଂସା କରିବା ସହ ସେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଥିବା କୁହାଯାଉଛି।



# ବିଲେଇ ମିଳିଲେ ୧୦ ହଜାର

**ଲକ୍ଷ୍ନୌ:** ହଜିଯାଇଛି ବିଲେଇ। ଆଉ ଖୋଜିଆଣିଲେ ପୁରସ୍କାରରେ ମିଳିବ ଦଶ ହଜାର ଟଙ୍କା। ଏମିତି ଏକ କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି କି! କିନ୍ତୁ ଏଭଳି ଏକ ଘଟଣା ଏବେ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶରେ। ଉତ୍ତରପ୍ରଦେଶର ପ୍ରୟାଗରାଜ ଅଞ୍ଚଳରେ ଥିବା ସିଭିଲ୍ ଲାଇନ୍ସ ଅଞ୍ଚଳରେ ଏକ ବିଲେଇ ହଜିଯାଇଛି। ସହରର ବିଭିନ୍ନ ସ୍ଥାନରେ ଏମିତି ପୋଷ୍ଟର ସବୁ ଲାଗିଛି। ପୋଷ୍ଟରରେ ହଜିଥିବା ବିଲେଇର ଫଟୋ ମଧ୍ୟ ରହିଛି, ଏହା ସହିତ ସେଥିରେ ଲେଖାଯାଇଛି କି ସେହି ବିଲେଇକୁ ଯିଏ ଖୋଜି ଆଣିବ କିମ୍ବା ତା ସମ୍ପର୍କରେ ଯିଏ ସୂଚନା ଦେବ ତାକୁ ପୁରସ୍କାର ମିଳିବ। ତେବେ ହଜିଯିବା ବିଲେଇଟି ହେଉଛି ସେହି ଅଞ୍ଚଳରେ ରହୁଥିବା ମହମ୍ମଦ ତାହିରଙ୍କର। ଦେଢ଼ବର୍ଷ ତଳେ ମହମ୍ମଦ ତାହିର ଏକ ଛୋଟ ବିଲେଇ ଛୁଆକୁ ଆଣି ପାଳିଥିଲେ। ବିଲେଇର ନାଁ ଲୁସି ରଖିଥିଲେ। ଧିରେ ଧିରେ ବିଲେଇଟି ତାଙ୍କ ଘରେ ସମସ୍ତଙ୍କର ଅତି ପ୍ରିୟ ପାଲଟି ଯାଇଥିଲା। ଏମିତିକି ସେମାନଙ୍କ ସହିତ ଏକାଠି ଖାଇବା, ଶୋଇବା ସବୁ କିଛି କରୁଥିଲା। କିନ୍ତୁ ସପ୍ତାହେ ପୂର୍ବରୁ ଲୁସି ହଠାତ୍ କୁଆଡେ ଚାଲି ଯାଇଥିଲା। ମହମ୍ମଦଙ୍କ ଘର ଲୋକେ ଲୁସିକୁ ସବୁଆଡେ ଖୋଜିବା ପରେ ବି କିଛି ଖବର ପାଇପାରି ନାହାନ୍ତି। ଫଳରେ ପରିବାର ଲୋକେ ଦୁଃଖରେ ଖିଆପିଆ ବି କରି ନ ଥିଲେ। ଏହାପରେ ସେମାନେ ଲୁସିକୁ ଖୋଜିବା ପାଇଁ ପୋଷ୍ଟରର ସାହାଯ୍ୟ ନେଇଥିଲେ। ତେଣୁ ଅଞ୍ଚଳର ସବୁ ସ୍ଥାନରେ ଏବେ ଲୁସି ହଜିଥିବାର ପୋଷ୍ଟର ଲଗାଯାଇଛି। ତେବେ ଲୁସି ଖୁବ୍ ଶୀଘ୍ର ମିଳିଯିବ ବୋଲି ପରିବାର ଲୋକେ ଆଶା ରଖିଛନ୍ତି।



# ୪୩.୪ ଡିଗ୍ରୀ ସହ ଟିଟିଲାଗଡ଼ ଉତ୍ତପ୍ତ ସହର

**ଭୁବନେଶ୍ୱର, ୧୪(ବ୍ୟୁରୋ)**

ରାଜ୍ୟରେ ଉପରମୁହାଁ ହୋଇଛି ପାରଦ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ତାପମାତ୍ରା ୪୩ ଡିଗ୍ରୀ ଟପିଛି। ଶୁକ୍ରବାର ୮ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ସର୍ବାଧିକ ୪୩.୪ ଡିଗ୍ରୀ ସହ ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଛି ଟିଟିଲାଗଡ଼। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ,



ବଲାଙ୍ଗୀରରେ ୪୨.୪, ବୌଦ୍ଧ ୪୧, ଝାରସୁଗୁଡ଼ା ୪୦.୫, ଭବାନୀପାଟଣା ୪୦.୫, ସୋନପୁର ୪୦.୪, ତାଳଚେର ୪୦.୨, ସୁନ୍ଦରଗଡ଼ ୪୦, ସମ୍ବଲପୁର ୩୯.୯, ମାଲକାନଗିରି ୩୯.୫, ଫୁଲବାଣୀ ୩୯.୨, ଅନୁଗୋଳ ୩୮.୧, ହୀରାକୁଦ ୩୮.୬, ବାରିପଦା ୩୮, ବାଲେଶ୍ୱର ୩୬, ଚାନ୍ଦବାଲି ୩୬, ଭୁବନେଶ୍ୱର ୩୪.୫, କଟକ ୩୩.୬, ପାରାଦୀପ ୩୨.୧, ପୁରୀ ୩୨.୪, କେନ୍ଦୁଝରଗଡ଼ ୩୭.୩, କୋରାପୁଟ ୩୬, ଦାରିଙ୍ଗବାଡ଼ି ୩୭.୫, ନୟାଗଡ଼ ୩୬.୫, ପାରଳାଖେମୁଣ୍ଡି ୩୭.୫, ଭଦ୍ରକ ୩୭.୫ ଓ ଯାଜପୁର ୩୭ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୩ରୁ ୪ ଦିନ ଯାଏ ରାଜ୍ୟରେ ଦିନର ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପାରଦ ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିପାରେ। ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ଜିଲାରେ ଦିନର ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିପାରେ। ତେବେ ଏପରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ କେତେକ ଜିଲାରେ ଅଦିନିଆ ବର୍ଷା କିଛିଟା ଆଶ୍ୱସ୍ତି ଆଣିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍‌ଆର୍ ବିଶ୍ୱାସଙ୍କ ସୂଚନାନୁସାରେ, ୩ ତାରିଖ ଦିନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ରାୟଗଡ଼ା, ଗଜପତି ଓ କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୪ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କନ୍ଧମାଳ, ଗଜପତି, ରାୟଗଡ଼ା, ଗଞ୍ଜାମ, କୋରାପୁଟ ଓ ମାଲକାନଗିରି ଜିଲାରେ ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ସମାନ ସ୍ଥିତି ଦେଖାଯାଇପାରେ। ତେବେ ବାକି ଜିଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ସେ କହିଛନ୍ତି।

# ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ସାହିତ୍ୟ ଏକାଡେମୀ ଦିଗ୍‌ଦର୍ଶକ

## ଇ-ବିକ୍ରୟ ଓ ୱେବ୍ ପୋର୍ଟାଲରେ ଡିଜିଟାଲ ପ୍ରକାଶନର ଶୁଭାରମ୍ଭ

**ଭୁବନେଶ୍ୱର, ୧୪(ବ୍ୟୁରୋ)**

ଓଡ଼ିଆ ଭାଷାକୁ କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ବର୍ତ୍ତମାନ ତା'ର ପ୍ରୟାସକୁ ତୀବ୍ରତର କରିଛି। ଏହାକୁ ସମୃଦ୍ଧ କରିବାରେ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଉଥିବାବେଳେ ସାହିତ୍ୟ ଏକାଡେମୀ ଦିଗ୍‌ଦର୍ଶକ ସାଜିଛି ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଶୁକ୍ରବାର ଏକାଡେମୀ ପକ୍ଷରୁ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଓଡ଼ିଶା ଦିବସ ପାଳନ ଅବସରରେ ମନ୍ତ୍ରୀ କହିଲେ, ଯେତେ ପଢିବେ, ସେତେ ଓଡ଼ିଆ ଜାଣିବେ। ପଠନ ମାଧ୍ୟମରେ କିପରି ଓଡ଼ିଆ ଭାଷା ସହ ସମ୍ପୃକ୍ତି ଯୋଡ଼ିହେବ ସେଥିପାଇଁ ଏକାଡେମୀ ଗୁରୁତ୍ୱ ଦେଇଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ପାଣିଗ୍ରାହୀ ଏକାଡେମୀ ପ୍ରକାଶିତ ପୁସ୍ତକର ଇ-ବିକ୍ରୟ ଓ ଓଡ଼ିଆ ଭର୍ଚୁଆଲ ଏକାଡେମୀ ୱେବ୍ ପୋର୍ଟାଲରେ ଡିଜିଟାଲ ପ୍ରକାଶନର ଶୁଭାରମ୍ଭ କରିଥିଲେ। ଏଥିସହିତ ସଦ୍ୟ ପ୍ରକାଶିତ ଦାମୋଦର ପଟ୍ଟନାୟକଙ୍କ ସଂକଳିତ 'ସଙ୍ଗୀତ ସାଗର', ବିଶ୍ୱନାଥ କବିରାଜକୃତ ସାହିତ୍ୟ ଦର୍ପଣମ୍ ଓ ରମେଶ ଚନ୍ଦ୍ର ପାଣିଙ୍କ ସମ୍ପାଦିତ 'ବିଭୂତି ଭୂଷଣ ତ୍ରିପାଠୀ ଗଳ୍ପସମଗ୍ର' ପୁସ୍ତକ ଗୁଡ଼ିକର ଲୋକାର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ କହିଲେ, ପିଲାମାନେ ଓଡ଼ିଆରେ ନ ପଢ଼ିଲେ ଓଡ଼ିଆ ଭାଷାର ଅଗ୍ରଗତି ବାଧାପ୍ରାପ୍ତ ହେବ। ଆଦିବାସୀ ଅଞ୍ଚଳର ଅଧିବାସୀ ଓଡ଼ିଆକୁ ଏକ ବିଦେଶୀ ଭାଷା ଭାବନ୍ତି। ସେହି ଅଞ୍ଚଳରେ କିପରି ଓଡ଼ିଆ ଭାଷାର



ପ୍ରଚାର ପ୍ରସାର ହେବ ଓ ପାଠ୍ୟପୁସ୍ତକରେ ଗୁରୁତ୍ୱ ରହିବ, ସେଭଳି କିଛି ପଦକ୍ଷେପ ନେବା ଆବଶ୍ୟକ। ନୂଆ ଶବ୍ଦ ସୃଷ୍ଟି ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟ ପ୍ରାଧାନ୍ୟ ଦେବା ସହ ନିଜର ଏକ ଅଭିଧାନ ପ୍ରସ୍ତୁତ କରିବା ଦରକାର। ସମ୍ମାନିତ ଅତିଥି ତଥା ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ଓଡ଼ିଆ ଭାଷାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ସଚିବ ପ୍ରବୋଧ କୁମାର ରାଉତ କହିଲେ, ଏବେ ଡିଜିଟାଲ ପ୍ରକାଶନର ଶୁଭାରମ୍ଭ ଦ୍ୱାରା ପାଠକମାନେ ୮ଟି ଇ-ଶପିଙ୍ଗ ଆପ୍ ଯଥା- ଆମାଜନ୍, ଫ୍ଲିପ୍‌କାର୍ଟ, ମିସୋ, ଇଣ୍ଡିଆମାର୍ଟ, ସ୍ନାପ୍‌ଡିଲ୍, ମାଇଁ ଶପିଫାଏ, ନୋଶନ୍ ପ୍ରେସ୍, ଅରେଞ୍ଜ ବୁକ୍ସ ମାଧ୍ୟମରେ ଏକାଡେମୀ ପୁସ୍ତକ କିଣି ପାରିବେ। ଏଥିସହ ଓଡ଼ିଆ ଭର୍ଚୁଆଲ ଏକାଡେମୀ ୱେବ୍‌ସାଇଟ୍ (ova.gov.in)ରୁ ନିଃଶୁଳ୍କ ଭାବେ ପଢ଼ିବାର ସୁଯୋଗ ପାଇପାରିବେ। ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ କହିଲେ, ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ପ୍ରଭାବଶାଳୀ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ବିମାନ, ଟ୍ରେନ ଆଦିରେ ଯାତ୍ରା ସମୟରେ ଓଡ଼ିଆ ପୁସ୍ତକ ପଢିବାର ସୁବିଧା ପାଇଁ ୬ହଜାର ଟଙ୍କାରେ ୩ହଜାର ପୁସ୍ତକ ଉପଲବ୍ଧ ପାଇଁ ରହିଥିବା ଯୋଜନା ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ଉପସଭାପତି ସଂଗ୍ରାମ ଜେନା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ 'ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା: ସମସ୍ୟା ଓ ସମାଧାନ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଉତ୍କଳ ସମ୍ମିଳନୀ ସଭାପତି ଅଦ୍ୱୈତ କୁମାର ପାତ୍ର, ବରେଣ୍ୟ ଅତିଥି ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ଓ ଆଲୋଚକ ସୀତାବଲ୍ଲଭ ମହାପାତ୍ର, ରାମନାରାୟଣ ମିଶ୍ର, ଉଷାରାଣୀ ମହାନ୍ତି, ବିରଜା କୁମାର ଶତପଥୀ ଯୋଗଦେଇଥିଲେ। ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପଥର ଖାଦାନରୁ ମିଳିଲା ସୂର୍ଯ୍ୟଙ୍କ ମୃତଦେହ

- ୪ଦିନ ହେଲା ନିଖୋଜ ଥିଲେ
- ପରିବାର ଆଣିଲା ହତ୍ୟା ଅଭିଯୋଗ
- ପୋଲିସ ଅସହଯୋଗରୁ ଅସନ୍ତୋଷ

**ଢେଙ୍କାନାଳ ଅଫିସ୍, ୧୪**

ନିଖୋଜ ହେବାର ୪ଦିନ ପରେ ଏକ ପଥରଖାଦାନରୁ ମିଳିଛି ଆଲାଏନ୍ସ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍ ପ୍ରୋଭାଇଡର ସୂର୍ଯ୍ୟନାରାୟଣ ତ୍ରିପାଠୀ (୩୬)ଙ୍କ କ୍ଷତାକ୍ତ ମୃତଦେହ। ତାଙ୍କୁ ଅପହରଣ ପରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସୂର୍ଯ୍ୟନାରାୟଣଙ୍କୁ ଠାବ କରିବାକୁ ଘର ଲୋକେ ବାରମ୍ବାର ଢେଙ୍କାନାଳ ସଦର ଥାନା ପୋଲିସକୁ ନିବେଦନ କରିଥିଲେ ମଧ୍ୟ ସହଯୋଗ ମିଳି ନ ଥିଲା। ଦୁଇ ଥାନା ମଧ୍ୟରେ ସୀମା ବିବାଦରୁ ମାମଲା ରୁଜୁ କରିବାରେ



ମୃତ ଯୁବକ ସୂର୍ଯ୍ୟନାରାୟଣ ତ୍ରିପାଠୀ

ସମସ୍ୟା ଉପୁଜିଥିଲା, ଯାହାକୁ ନେଇ ମୃତକଙ୍କ ପରିବାର ସଦସ୍ୟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ଏକ ସ୍ପର୍ଶକାତର ମାମଲାରେ ପୋଲିସ ଅଧିକାରୀଙ୍କ ଦାୟିତ୍ୱହୀନତା ଉପରେ ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

କଟକ ଜିଲା ଆଠଗଡ଼ ଥାନା ବୀରକିଶୋରପୁର ଅଞ୍ଚଳର ଅବସରପ୍ରାପ୍ତ ଏସ୍‌ବିଆଇ କର୍ମଚାରୀ ଶ୍ରଦ୍ଧାନନ୍ଦ ତ୍ରିପାଠୀଙ୍କ ଏକମାତ୍ର ପୁଅ ସୂର୍ଯ୍ୟନାରାୟଣ ଆଲାଏନ୍ସ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍ ପ୍ରୋଭାଇଡର ଭାବେ କାର୍ଯ୍ୟ କରୁଥିଲେ। ସେ ନିଜ କାମରେ ବାଇକ୍‌ରେ ଢେଙ୍କାନାଳ ଯିବାଆସିବା କରୁଥିଲେ। ଗତ ସୋମବାର ଢେଙ୍କାନାଳ ଖମାରସାହିରେ ଏକ ଭୋଜିରେ ଯୋଗଦେବାକୁ ଆସି ସେ ଆଉ ଫେରି ନ ଥିଲେ। ତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ମଙ୍ଗଳବାର ସୁଦ୍ଧା ସୂର୍ଯ୍ୟନାରାୟଣଙ୍କ କୌଣସି ସନ୍ଧାନ ନ ମିଳିବାରୁ ଘର ଲୋକେ ଆଶାଆଶଙ୍କା ମଧ୍ୟରେ ରହିଥିଲେ। ଏପରି କି କେତେଜଣ ବ୍ୟକ୍ତି ପୁଅଙ୍କ ସମ୍ପର୍କରେ ସୂଚନା ଦେବାକୁ ଟଙ୍କା ଦାବି କରିଥିଲେ ଏବଂ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପରିଚୟ ପୋଲିସକୁ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଶ୍ରଦ୍ଧାନନ୍ଦ ଗଣମାଧ୍ୟମ ଆଗରେ କହିଛନ୍ତି। ପୋଲିସ ନଂ. ୯/୨୨ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଶୁକ୍ରବାର ସକାଳେ ସପ୍ତଶଯ୍ୟା-ଶଙ୍କରପୁର ପୂର୍ତ୍ତ ବିଭାଗ ରାସ୍ତାର ପଦ୍ମନାଭପୁର ନିକଟ ଏକ ପଥର ଖାଦାନରୁ ସୂର୍ଯ୍ୟନାରାୟଣଙ୍କ କ୍ଷତାକ୍ତ ମୃତଦେହ ଏବଂ ବାଇକ୍ ଠାବ କରାଯାଇଥିଲା। ସୂଚନା ପାଇ ଏସ୍‌ପି ଏଲ୍. ଦିବ୍ୟା ଭି. ପୋଲିସ ଫୋର୍ସ ସହିତ ପହଞ୍ଚି ତଦନ୍ତ କରିଛନ୍ତି। ପୁଅକୁ ଅପହରଣ ପରେ ହତ୍ୟା କରାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ସୂର୍ଯ୍ୟନାରାୟଣଙ୍କ ବାପା ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଏସ୍‌ପି କୁହନ୍ତି, ନିଖୋଜ ଅଭିଯୋଗ ମିଳିବା ପରେ ସୂର୍ଯ୍ୟନାରାୟଣଙ୍କୁ ଠାବ କରିବା ପାଇଁ ଉଦ୍ୟମ ଚାଲିଥିଲା। କିନ୍ତୁ ଶୁକ୍ରବାର ତାଙ୍କର ମୃତଦେହ ମିଳିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯାଉଛି। ସଦର ଏବଂ ଟାଉନ ଥାନା ମଧ୍ୟରେ ମାମଲା ରୁଜୁକୁ ନେଇ ବିବାଦ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯିବାରୁ ଏସ୍‌ପି ଏହାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ନିଖୋଜ ନେଇ ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା। ତାଙ୍କ ଫୋନ୍ କଲ ଯାଞ୍ଚ କରାଯାଉଛି। ଶବ ମିଳିବା ପରେ ସଦର ଥାନାରେ କେସ୍ ନଂ. ୧୬୯/୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



**ବନ୍ଦ ଘରୁ ମହିଳାଙ୍କ ମୃତଦେହ ଜବତ**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ନୂଆବଜାର ତେଲୁଗୁପଡାରେ ଶୁକ୍ରବାର ସନ୍ଧ୍ୟାରେ ବନ୍ଦ ଘରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମହିଳା ଜଣକ ଘର କାଠରେ ରଶି ଲଗାଇ ଥିଲେ। ମୃତକ ହେଲେ ସରସ୍ୱତୀ ସାହୁ (୩୪)। ବିବାହ ୧୦ ବର୍ଷ ତଳେ ହୋଇଥିଲା। ତାଙ୍କର ଝିଅ ପୁଅ ଅଛନ୍ତି। ସନ୍ଧ୍ୟାରେ ପୁଅ ଟିଉସନ ଓ ସ୍ୱାମୀ ବାହାରେ ଥିବା ବେଳେ ମହିଳା ଜଣକ ଏପରି କରିଛନ୍ତି ବୋଲି ଥାନାଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।



## ସଂକ୍ଷେପରେ

### ବେଢ଼ୀ ମଠରେ ଅଳକା ଶତବାର୍ଷିକୀ ସମାରୋହ

କୁଜଙ୍ଗ,୧୪(ଡି.ଏନ୍.ଏ.): କୁଜଙ୍ଗ ଥାନା ତଥା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆର ଐତିହାସିକ ସ୍ୱାଧୀନତା ସଂଗ୍ରାମୀ ପୀଠ ବେଢ଼ୀ ମଠରେ ଅଳକା ଶତ ବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବେଢ଼ୀ ମଠ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପରିଷଦ ସଭାପତି ପଞ୍ଚାନନ ମହାନ୍ତି ଏଥିରେ ଅଧକ୍ଷତା କରି କହିଥିଲେ, ଭାରତ ବର୍ଷର ମୁକ୍ତି ସଂଗ୍ରାମରେ ଓଡିଶାର ସ୍ୱାଧୀନତା ସଂଗ୍ରାମୀମାନେ ଅଳକା ଆଶ୍ରମରୁ ହିଁ ସଂଗ୍ରାମ ଜୀବନ ଆରମ୍ଭ କରିଥିଲେ। ଲବଣ ସତ୍ୟାଗ୍ରହର ଅନ୍ୟତମ ଐତିହାସିକ କ୍ଷେତ୍ର ଚଟୁଆର ବେଢ଼ୀମଠ ଇତିହାସର ଅନ୍ତରାଳରେ ରହିଯାଇଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଏହି ମଠକୁ ଜାତୀୟ ମାନ୍ୟତା ଦେବା ପାଇଁ ସମାରୋହରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧେଶ୍ୱର ପଣ୍ଡା ଅଳକା ଆଶ୍ରମ ଶତବାର୍ଷିକୀ ଆବାହକ ଦେବେନ୍ଦ୍ର ନାଥ ରାଉତ, ପ୍ରଶାନ୍ତ କୁମାର ଶତପଥୀ, ସୁଧାଂଶୁ ମୋହନ ଶତପଥୀ, ଶଶୀ ଭୂଷଣ ଷଡ଼ଙ୍ଗୀ, ନିଶାକାର ମୁଦୁଲି, ଡା. ସୁରେନ୍ଦ୍ର ନାଥ ତ୍ରିପାଠୀ, ଗୌରାଙ୍ଗ ଚରଣ ହୋତା ଓ ଉମ୍ବରୁଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଡଲ୍ଫିନ୍, ଅଲିଭ୍ ରିଡ୍‌ଲେ ସୁରକ୍ଷା ଚିନ୍ତା

**କେନ୍ଦ୍ରାପଡ଼ା ଅଫିସ, ୧୪**

- ଠିକ୍ ଆକଳନ ବିରଳ ଜୀବଙ୍କ ସୁରକ୍ଷା ଦେବ
- ତଟକ୍ଷୟର ସୂଚନା ମିଳିବ

ରାଜ୍ୟ ପର୍ଯ୍ୟାବରଣ ବିଭାଗ ଡଲ୍ଫିନ୍ ଗଣନା ଫଳ ନିକଟରେ ପ୍ରକାଶ କରିଛନ୍ତି। ୨୦୨୧ ବର୍ଷ ଅପେକ୍ଷା ଭିତରକନିକା ସାମୁଦ୍ରିକ ଅଞ୍ଚଳରେ ୨୦୨୨ରେ ପ୍ରାୟ ୩୭ ପ୍ରତିଶତ ଅଧିକ ଡଲ୍ଫିନ୍ (ମୋଟ୍ ୫୪୦) ରହିଥିବା ରିପୋର୍ଟ ଆସିଛି। ଦାଗଯୁକ୍ତ ଡଲ୍ଫିନ ୧୩ଟି ଓ ସ୍ପିନର ଡଲ୍ଫିନ୍ ୧୫ଟି ଚଳିତ ଥର ଦେଖାଯାଇଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ଗତବର୍ଷ ଗଣନାରେ ୨୨ଟି ବଟଲନୋଜ ଡଲ୍ଫିନ୍‌ରୁ ୧୩୫କୁ ବୃଦ୍ଧି ପାଇଛି। ସେହିପରି ବିରଳ ଅଲିଭ ରିଡଲେର ଜୀବନ ଏବେ ବି ରହସ୍ୟାବୃତ। ଜୀବନ ପ୍ରଣାଳୀକୁ ନେଇ ଗବେଷଣା ଚାଲିଛି। କୁହାଯାଏ, ହଜାର ଶାବକରୁ ମାତ୍ର ଗୋଟିଏ ଅଲିଭ ରିଡଲେ ପୂର୍ଣ୍ଣ ବୟସ୍କ ହୋଇଥାନ୍ତି। ସଂଖ୍ୟା ଅତିମାତ୍ରାରେ କମ୍ ଥିବାରୁ ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍) ପକ୍ଷରୁ ଏହି ସାମୁଦ୍ରିକ ପ୍ରାଣୀକୁ ରେଡ୍ ଲିଷ୍ଟରେ ରଖାଯାଇଛି। ଗହୀରମଥା ଏମାନଙ୍କ ପ୍ରଜନନସ୍ଥଳ ହୋଇଥିବାରୁ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ଏହି ବିରଳ ଜୀବଙ୍କ ସୁରକ୍ଷା ପାଇଁ ଡ୍ରୋନ ବ୍ୟବହାର ହେଉ ବୋଲି ଦାବି ହେଉଛି। ଏହାଦ୍ୱାରା ମୃତାହତ ସଂଖ୍ୟା, ତଟକ୍ଷୟ ଓ ସୁରକ୍ଷା ସମ୍ପର୍କରେ ଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ଉପସଭାପତି ପ୍ରଭୁପ୍ରସାଦ ମହାପାତ୍ର, ଜନ ଅଧିକାର ଅଭିଯାନର ସଭାପତି ଭୁବନମୋହନ ଜେନା, ଅଧ୍ୟାପକ କ୍ଷୀତିଶ କୁମାର ସିଂ, ଡା. ପି. ଏନ୍ . ଗୌରାଙ୍ଗ ପ୍ରମୁଖ କହିଛନ୍ତି, ଡଲ୍ଫିନ ଓ ଅଲିଭ ରିଡଲେ ପ୍ରଜାତିର ସଂଖ୍ୟା କମ୍ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଗହୀରମଥା ଏମାନଙ୍କ ପ୍ରଜନନସ୍ଥଳ ଭାବେ ବିଶ୍ୱବିଖ୍ୟାତ ହୋଇଛି। ଏହି ସାମୁଦ୍ରିକ ଅଞ୍ଚଳ ମଧ୍ୟରେ ମାତ୍ର ୨୭ ବର୍ଗ କିଲୋମିଟର ଅଞ୍ଚଳରେ ଥିବା ସ୍ଥଳଭାଗରେ କଇଁଛ ଅଣ୍ଡାଦାନ କରିଥାନ୍ତି। ଚଳିତବର୍ଷ ମାର୍ଚ୍ଚ ୨୫ରୁ ୨୮ ତାରିଖ ମଧ୍ୟରେ ୫,୦୧,୧୫୭ କଇଁଛ ଅଣ୍ଡା ଦେଇଥିବା ସୂଚନା ଅଛି। ସେହିପରି ନାଶୀ–୨ର ଆକାର କମ୍ ରହିଥିବା ବେଳେ ଉତ୍ତାଳ ଜୁଆରରେ ହଜାର ହଜାର ଅଣ୍ଡା ନଷ୍ଟ ହୋଇଛି। ତଟକ୍ଷୟ ଯୋଗୁ ଅଣ୍ଡାଦାନସ୍ଥଳ କମିବାରେ ଲାଗିଛି। ସେହିପରି ପ୍ରତିବର୍ଷ ବିଭିନ୍ନ କାରଣରୁ ମୃତାହତ ହେଉଛନ୍ତି। ଏମାନଙ୍କ ଜୀବନ ପ୍ରଣାଳୀକୁ ଉନ୍ନତ ବୈଷୟିକ ଜ୍ଞାନ କୌଶଳ ଦ୍ୱାରା ନିରୀକ୍ଷଣ କରାଯାଉନାହିଁ। ଫଳରେ ଏଠାକୁ ଆସିଥିବା କଇଁଛଙ୍କ ପ୍ରକୃତ ସଂଖ୍ୟା ଓ ସମସ୍ୟାର ଠିକ୍ ସମାଧାନ ହୋଇପାରୁନାହିଁ। ସେହିପରି ଡଲ୍ଫିନ୍ ଓ କଇଁଛ ଗଣନା ସମୟରେ ଅତ୍ୟାଧୁନିକ ଡ୍ରୋନ୍‌ର ସାହାରା ନେବା ଜରୁରୀ ହୋଇଛି। ୨୦୨୧ ଏପ୍ରିଲରେ ଗୋଆର ମୋରଜି ତଟଦେଶରେ ଡ୍ରୋନର ବ୍ୟବହାର ହୋଇଛି। ଏହାର ୩୬୦ ଡିଗ୍ରୀ କ୍ୟାମେରା ଲେନ୍ସରେ କଇଁଛଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ଚାଲିଛି। ଏହି ଡ୍ରୋନ କ୍ୟାମେରା ଦ୍ୱାରା ମଧ୍ୟ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ହେଉଥିବା ତଟକ୍ଷୟ ସମ୍ପର୍କରେ ଆକଳନ କରିହେବ। ସେହିପରି ଏହି ଜୀବଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ। ଯାହା ଡଲ୍ଫିନ୍ ଓ ଅଲିଭ ରିଡଲେଙ୍କ ବିଚିତ୍ର ଜୀବନ ପ୍ରଣାଳୀକୁ ସହଜରେ ବୁଝି ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଯଜ୍ଞଦତ୍ତ ପତିଙ୍କୁ ପଚାରିବାରେ ଚଳିତବର୍ଷର ଅଲିଭ ରିଡଲେ କଇଁଛ ଆଗମନ ପାଇଁ ୨୦୨୧ ନଭେମ୍ବର ୧ ରୁ ସାମୁଦ୍ରିକ ଅଞ୍ଚଳକୁ କଟକଣା ମଧ୍ୟରେ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସମଗ୍ର ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ଡ୍ରୋନ ବ୍ୟବହାର ପାଇଁ ଅଦ୍ୟାବଧି କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ। ଆଗାମୀବର୍ଷରେ ଏ ପ୍ରକାର ଯୋଜନାକୁ କାର୍ଯ୍ୟକାରୀ ପାଇଁ ବ୍ୟବସ୍ଥା ହୋଇପାରେ ବୋଲି ସେ କହିଛନ୍ତି।



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭ ରିଡେଲ କଇଁଛ ଶାବକ। (ଫାଇଲ ଫଟୋ)

### ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

**ମାର୍ଶାଘାଇ/ପଟ୍ଟାମୁଣ୍ଡାଇ/ ଏରସମା, ୧୪ (ଡି.ଏନ.ଏ./ସ୍ୱ.ପ୍ର.)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇଠାରେ ଶୁକ୍ରବାର ବିଜେଡି ପକ୍ଷରୁ ମହାକାଳପଡା ନିର୍ବାଚନ ମଣ୍ଡଳୀସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉତ୍କଳ ମାଟିର ମହାମନୀଷମାନଙ୍କ ତ୍ୟାଗ ଓ ବଳିଷ୍ଠ ପ୍ରଚେଷ୍ଟା ଫଳରେ ଓଡ଼ିଶା ଏକ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ପାଇଛି। ସେହି ମା' ଓ ମାଟି ପାଇଁ ସମର୍ପିତଙ୍କୁ ଆଜିର ଦିନରେ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସ୍ଥିତ ବକ୍ତାମାନେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଉପାଧକ୍ଷା ଊର୍ମିଳା ମହାନ୍ତି, ମହାକାଳପଡ଼ା ବ୍ଲକ ଅଧକ୍ଷା କଳ୍ପନା ରାଉତ, ଉପାଧକ୍ଷ ବିଜୟ ଶୁକ୍ଳା, ଜିଲା ପରିଷଦ ସଭ୍ୟ ପ୍ରତାପ କୁମାର ମଲ୍ଲିକ, ଦୁର୍ଗାବତୀ ପ୍ରଧାନ, ଅନୁରାଧା ସ୍ୱାଇଁ, ସମିତିସଭ୍ୟ ବିପିନ ବିହାରୀ ସ୍ୱାଇଁ, ସୁନତି ଦାସ, ଶରତ ପ୍ରଧାନ, ସଞ୍ଜୟ ପାତ୍ରଙ୍କ ସମେତ ନବନିର୍ବାଚିତ ସମିତିସଭ୍ୟ ଓ ସରପଞ୍ଚମାନେ ଯୋଗଦେଇଥିଲେ। ଏହି ସଭାକୁ ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଦଳ ପକ୍ଷରୁ ପଟ୍ଟାମୁଣ୍ଡାଇ କଲେଜରେ ସ୍ଥାପିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ନୂଆ ବାଇପାସ୍ ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଉପସଭାପତି ଦିଗମ୍ବର ମିଶ୍ର, ଜିଲା ବିଜେଡି ସମ୍ପାଦକ ଶ୍ରୀକାନ୍ତ ରାଉତ, କାଉନସିଲର ଗୋପୀବଲ୍ଲଭ ନାୟକ, ଲାସ୍ୟମୟୀ ସାହୁ, ରାଜଲକ୍ଷ୍ମୀ ସାହୁ ପ୍ରମୁଖ ସାମିଲ ଥିଲେ।

ସେହିପରି ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ପରିସରରେ ଶୁକ୍ରବାର ଓଡିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧକ୍ଷ ବିକାଶ କୁମାର ପରିଡା, ଜିଲା ପରିଷଦ ସଭ୍ୟ ପିତବାସ ଗୋଛାୟତ, ପ୍ରଣବ ସ୍ୱାଇଁ, ରାନୀ ଟୁଡୁ ଓ ମଞ୍ଜୁଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ବିଭିନ୍ନ ଏସ୍‌ଏଚ୍‌ଜିର କର୍ମକର୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

### ସଂସ୍କୃତି, ଶିକ୍ଷାକୁ ସୁଦୃଢ଼ କରେ ପାଠାଗାର



ଡେରାବିଶ, ୧୪(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ କିରଣକୁଞ୍ଜଠାରେ ଥିବା ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠାତା ଇଂ. ବାନାମ୍ବର ଦାସଙ୍କ ୯ମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ପ୍ରାଧାପକ ଚିତ୍ତରଞ୍ଜନ ଦାସ ଉତ୍ସବରେ ସଭାପତିତ୍ୱ କରି ଦୀର୍ଘବର୍ଷ ହେବ ପାଠାଗାରର ପ୍ରତିଷ୍ଠାତା ସ୍ୱର୍ଗତ ଦାସଙ୍କ ଚିନ୍ତାଧାରା ପ୍ରତ୍ୟେକ ଗାଁଗହଳିରେ ଛାତ୍ର, ଯୁବକ, କୃଷିଜୀବୀ ଓ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଏକ ଆନ୍ଦୋଳନ ସୃଷ୍ଟି କରିବା ସହ ପାଠକ ସଂଖ୍ୟା ବୃଦ୍ଧି କରିବାରେ ସକ୍ଷମ ହୋଇଛି। ଏହି ଉତ୍ସବରେ ଶିକ୍ଷାବିତ୍ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା, ଡ. ଭକ୍ତକବି ଦାସ, ସାମାଜିକ କର୍ମୀ ହଳଧର ଦାଶ, ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ର, ଅଧାପକ ପ୍ରଭାକର ସାମଲ ଓ ବିପିନ ବିହାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତି, ଶିକ୍ଷା ଓ ସାମାଜିକ ବ୍ୟବସ୍ଥାକୁ ପାଠାଗାର ସୁଦୃଢ଼ କରିଥିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହାଜାହାନ୍ ଖାଁ, ଅତୁଲ୍ୟ କୁମାର ରଥ ପ୍ରମୁଖ ସ୍ୱର୍ଗତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେବା ସହ ପାଠାଗାରର କଳେବର ବୃଦ୍ଧି ସହ ପାଠକଙ୍କ ସଂଖ୍ୟା ବୃଦ୍ଧି ଦିଗରେ ଆଲୋକପାତ କରିଥିଲେ। ଅଧାପକ ବିଶ୍ୱରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଭୋଗ, ଦୀପ ଦୋକାନ ବନ୍ଦ: ଭକ୍ତ ଅସନ୍ତୁଷ୍ଟ

**ଗୋରେଖନାଥ ପୀଠ**

**ରଘୁନାଥପୁର,୧୪(ଡି.ଏନ୍.ଏ.)**



ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠରେ ଥିବା ଦୀପ ଓ ଭୋଗ ଦୋକାନ ବନ୍ଦ ହୋଇଯାଇଛି। ଏପ୍ରିଲ ୧ ତାରିଖରୁ ବେଢ଼ା ଭିତରେ ଏହା ଉପଲବ୍ଧ ହେବନାହିଁ ବୋଲି ଏକ ନୋଟିସ ଗେଟ ନିକଟରେ ମାରି ଦିଆଯାଇଛି। ଏଥିରେ ପୀଠ ଉପଦେଷ୍ଟା କମିଟିର ୩ ଜଣ ସଦସ୍ୟଙ୍କ ନାମ ରହିଛି। ୨୦୨୨–୨୩ ଆର୍ଥିକ ବର୍ଷରେ ଉଭୟ ଦୋକାନ ପାଇଁ ନିଲାମ ହୋଇ ନ ପାରିବାରୁ ଏପରି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି। ଫଳରେ ପୀଠକୁ ଆସୁଥିବା ଦର୍ଶନାର୍ଥୀମାନେ ପୀଠ ପରିସରରେ ଭୋଗ ଓ ଦୀପ ନ ପାଇ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଗତବର୍ଷ ମଧ୍ୟ ନିଲାମ ହୋଇ ପାରି ନ ଥିଲା। ମାତ୍ର ସହମତି ଭିତ୍ତିରେ ଏହି ଦୋକାନ ଖୋଲା ଯାଇଥିଲା। ଜଣେ ବ୍ୟକ୍ତିଙ୍କୁ ବାର୍ଷିକ ୩୦ ଲକ୍ଷ ଟଙ୍କାରେ ଭୋଗ ଓ ୧୮ ଲକ୍ଷ ଟଙ୍କାରେ ଦୀପ ଦୋକାନ ଦିଆଯାଇଥିଲା। ଉଭୟ ଦୋକାନ ବନ୍ଦ ରହିବା ଫଳରେ ନିଲାମ ପାଇଁ ସ୍ଥିର କରାଯାଇଥିବା ମୂଲ୍ୟ ଅନୁଯାୟୀ, ଦୈନିକ ପୀଠର ୧୩ ହଜାର ୩୬୪ ଟଙ୍କା କ୍ଷତି ହେଉଥିବା ଆକଳନ କରାଯାଇଛି। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଜରୁରୀ ପଦକ୍ଷେପ ନିଆଯାଇଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ସୁଯୋଗ ନେଇ ପୀଠ ପାଚେରିକୁ ଲାଗିରହିଥିବା ଦୋକାନୀ ଚଢ଼ା ଦରରେ ଭୋଗ ବିକ୍ରି କରୁଥିବା ନେଇ କେତେଜଣ ଭକ୍ତ ଅଭିଯୋଗ କରିଛନ୍ତି। ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା କୁହନ୍ତି, ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ ମୁତାବକ ନିଷ୍ପତ୍ତି ନିଆଯିବ। ଖୁବଶୀଘ୍ର ସମସ୍ୟାର ଅନ୍ତ ଘଟିବ ବୋଲି ସେ ପ୍ରକାଶ କରିଛନ୍ତି।

# ଡକାୟତଙ୍କ ମାଡ଼ରେ ଦମ୍ପତି ଗୁରୁତର

**କେନ୍ଦ୍ରାପଡ଼ା ଅଫିସ, ୧୪**

**ନେଇଗଲେ ୬ ଲକ୍ଷ ଟଙ୍କାର ସାମଗ୍ରୀ**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭରତପୁର ପଞ୍ଚାୟତ ଜଗନ୍ନାଥପୁର ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଏକ ସଶସ୍ତ୍ର ଡକାୟତି ହୋଇଛି। ଘରୁ ପ୍ରାୟ ୬ ଲକ୍ଷ ଟଙ୍କାର ସାମଗ୍ରୀ ଡକାୟତମାନେ ନେଇଯାଇଥିବା ଅଭିଯୋଗ ହୋଇଛି। ଏହି ସମୟରେ ଡକାୟତମାନଙ୍କ ମାଡ଼ରେ ଘର ମାଲିକ ବୃଦ୍ଧ ଦମ୍ପତି ଉଦୟନାଥ ଜେନା ଓ ଜୟନ୍ତୀ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ଘଟଣାର ତଦନ୍ତ କରି ସଦର ଥାନା ପୋଲିସ ଶୁକ୍ରବାର ମାର୍ଶାଘାଇ ବ୍ଲକ ଆଇତିପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସମ୍ପର୍କରେ ଆଇଆଇସି ପବିତ୍ର କୁମାର ମହାରଣା କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚାଲିଥିବା ବେଳେ ଗୁରୁତର ଦମ୍ପତିଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ଏହି ଡକାୟତି ଘଟଣାରେ ୬ ଜଣ ସାମିଲ ଥିଲେ। ହାତରେ ଖଣ୍ଡା ଓ ଧାରୁଆ ଅସ୍ତ୍ର ଧରି ଉଦୟନାଥଙ୍କ ଘରେ ଗୁରୁବାର ମଧ୍ୟରାତିରେ ପଶିଥିଲେ। ସେହି ଘରୁ ପ୍ରାୟ ୬ ଲକ୍ଷ ଟଙ୍କାର ସାମଗ୍ରୀ ଚୋରିକରି ନେଇଛନ୍ତି।

# 'ପୋଲିସ ଲୋକଙ୍କ ନିକଟତର ହେବାକୁ ପ୍ରୟାସ କରୁଛି'

**ଜଗତ୍‌ସିଂହପୁର ଅଫିସ, ୧୪**

ଜଗତ୍‌ସିଂହପୁର ଜିଲା ପୋଲିସ ପକ୍ଷରୁ ପୁନର୍ଗଠିତ ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରବାର ୮୭ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏସ୍‌ପି ଅଖିଳେଶ୍ୱର ସିଂହ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ସେ କହିଥିଲେ, ଜିଲା ପୋଲିସ ସବୁବେଳେ ଲୋକଙ୍କ ନିକଟତର ହେବା ପାଇଁ ପ୍ରୟାସ ଜାରି ରଖିଛି। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଏଥିରେ ଜିଲାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଆଧାର କରି ଏଏସ୍‌ପି ଆଶୁତୋଷ ହୋତା, ସୁଶାନ୍ତ କୁମାର ମିଶ୍ର, ଏପିଆର୍ ହାବିଲଦାର କୈଳାସ ଚନ୍ଦ୍ର ମଲ୍ଲିକ, ଏପିଆର୍ କନଷ୍ଟେବଳ ନିହାର ରଞ୍ଜନ ମଲ୍ଲିକ, ବ୍ରଜକିଶୋର ସାହୁ ଏବଂ ଟ୍ରାଫିକ କନଷ୍ଟେବଳ ରାଇମୋହନ ସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ରିଜର୍ଭ ପୋଲିସ ପଡିଆରେ ପରେଡ।

# ବୁଲା ପ୍ରାଣୀଙ୍କ ପାଇଁ ଆନିମଲ ହେଲ୍‌ପ ଲାଇନ୍ ସେବା ଶୁଭାରମ୍ଭ

**ଜଗତ୍‌ସିଂହପୁର ଅଫିସ, ୧୪**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜଗତ୍‌ସିଂହପୁର ସହରର ବୁଲା ଷଣ୍ଢ, ଗୋରୁ, ଗାଈ ଓ କୁକୁର ଆଦି ପ୍ରାଣୀଙ୍କ ଜରୁରିକାଳୀନ ଚିକିତ୍ସା ନିମନ୍ତେ ଶୁକ୍ରବାର ଆନିମଲ ହେଲ୍‌ପଲାଇନ ସେବା ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଆନିମଲ ହେଲ୍‌ପ ଲାଇନ ପାଇଁ ଉଦ୍ଦିଷ୍ଟ ଗାଡ଼ିକୁ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସେବା ଜିଲାରେ ପ୍ରଥମ କରି ଆରମ୍ଭ ହୋଇଛି। ପ୍ରାଣୀଙ୍କୁ ଫାଟୁଆ ଓ ଅନ୍ୟାନ୍ୟ ସଂକ୍ରମଣ ରୋଗର ପ୍ରତିଷେଧକ ଟିକା ଦିଆଯିବ। ମନୁଷ୍ୟଙ୍କୁ ବ୍ୟାପୁଥିବା ଜଳାତଙ୍କ ରୋଗର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ବୁଲା କୁକୁରଙ୍କୁ ପ୍ରତିଷେଧକ ଟିକା ଦିଆଯିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ଜିଲା ଜୀବେ ନିଷ୍ଠୁରତା ନିରୋଧ ସମିତିର ସମ୍ମାନିକ ସମ୍ପାଦକ ଡା. ବୀର କିଶୋର ପରିଡ଼ା କହିଥିଲେ, ପ୍ରତ୍ୟେକ ଦିନ ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ୨ ପର୍ଯ୍ୟାୟରେ ଏହି ସେବା ଉପଲବ୍ଧ ହେବ। ଏନେଇ ଟେଲିଫୋନ ନମ୍ବର ୦୬୭୨୪–୨୨୦୦୯୫ କାର୍ଯ୍ୟକ୍ଷମ କରାଯାଇଛି। ଖୁବ୍‌ଶୀଘ୍ର ଆଉ ଏକ ନିଃଶୁଳ୍କ ଟେଲିଫୋନ ନମ୍ବର ବ୍ୟବସ୍ଥା କରାଯିବ ବୋଲି ଡା. ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରେମାନନ୍ଦ ରାଉତ, ଅଶୋକ କୁମାର କର୍ଣ୍ଣ, ଯଦୁନାଥ ପରିଡ଼ା, ବିଭୁରଞ୍ଜନ ଦାସ, ଶଶାଙ୍କ ଶେଖର ନାୟକ, ଶଶାଙ୍କ ଲେଙ୍କା, ଲୋପାମୁଦ୍ରା ମଲ୍ଲିକ ପିପୁଲ ଫର ଆନିମଲ ଜଗତ୍‌ସିଂହପୁର ମୁଖ୍ୟ ଅମୂଲ୍ୟ କୁମାର ନାୟକ ଓ ପ୍ରଦୀପ୍ତ କୁମାର ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିଭା ସମ୍ମାନ ସମାରୋହ

କୁଜଙ୍ଗ,୧୪(ଡି.ଏନ୍.ଏ.): କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁବାର ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସଭାପତି ରଜନୀକାନ୍ତ ଦାସଙ୍କ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କୁଜଙ୍ଗ ତହସିଲଦାର ପ୍ରିତିପର୍ଣ୍ଣା ମିଶ୍ର ଯୋଗଦେଇ ଥିଲେ। ବିଦ୍ୟାମନ୍ଦିର ସମ୍ପାଦକ କରୁଣାକର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ ଖୁଣ୍ଟିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆଳି ଗାନ୍ଧୀ ସହଦେବ ଦାସ ସ୍ମୃତି କମିଟି ବୈଠକ

**ଆଳି,୧୪(ଡି.ଏନ୍.ଏ.)**

ଆଳି ଗାନ୍ଧୀ ସହଦେବ ଦାସ ସ୍ମୃତି କମିଟି ପକ୍ଷରୁ ଏକ ବୈଠକ କଳଦିଆ ମହାରାଜ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆଳି ଗାନ୍ଧୀ ସହଦେବଙ୍କ ଏକ ପ୍ରତିମୂର୍ତ୍ତି ନିଆଳ ହାଟ ନିକଟବର୍ତ୍ତୀ ସ୍ଥାନରେ ନିର୍ମାଣ କରିବା, ଏକ ସ୍ମରଣିକା ପ୍ରକାଶ କରିବା ସହ କଟକ ଚାନ୍ଦବାଲି ରାସ୍ତା ସଂଲଗ୍ନ ନିଆଳଠାରୁ ଦଶିପୁର ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କକୁ ଆଳି ଗାନ୍ଧୀ ସହଦେବ ଦାସ ମାର୍ଗ ନାମରେ ନାମିତ କରିବା ଆଦି ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥିନିମନ୍ତେ ପ୍ରାୟ ୫ ଲକ୍ଷ ଟଙ୍କାର ଏକ ବଜେଟ ଆକଳନ କରାଯାଇଛି। ଏହି କାର୍ଯ୍ୟ ପରିଚାଳନା ନିମନ୍ତେ ଏକ ୧୧ ଜଣିଆ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଛି। ଉକ୍ତ କମିଟିର ସଦସ୍ୟମାନଙ୍କୁ ଆଳି ସମେତ ଆଳି ବାହାରେ ଥିବା ଲୋକ ଓ ପ୍ରବାସୀମାନଙ୍କ ସହିତ ଯୋଗାଯୋଗ କରି କାର୍ଯ୍ୟକ୍ରମ ନିମନ୍ତେ ଅର୍ଥ ସଂଗ୍ରହ କରିବାର ଦାୟିତ୍ୱ ଦିଆଯାଇଛି। ଏହି ସଭାରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପଣ୍ଡିତ ମହେଶ୍ୱର ନନ୍ଦ, ସ୍ମୃତି କମିଟି ସମ୍ପାଦକ ବୀରେନ୍ଦ୍ର ପଣ୍ଡା, ସହଦେବ ସିଂହ, ଧନେଶ୍ୱର ରାଉତ, ରଞ୍ଜନ କୁମାର ମହାନ୍ତି, ଅମ୍ବୁଜ ଦାଶ, ବିନୋଦ ଚନ୍ଦ୍ର ଦାଶ, ଉଷାରାଣୀ ମଲିକ, ପ୍ରଫୁଲ୍ଲ କୁମାର ପରିଡ଼ା, ବଂଶୀଧର ପଣ୍ଡା, ବଡାମ୍ବିଳା ସରପଞ୍ଚ ପ୍ରତିନିଧି ବିଜୟ କୁମାର ମହୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ପାରାଦୀପ ବନ୍ଦର: ୧୧୬.୧୩ ମିଲିଅନ ଟନ୍ ପଣ୍ୟ କାରବାର

**ପାରାଦୀପ,୧୪(ସ୍ୱ.ପ୍ର.)**

- ବିଶ୍ୱ ବଜାରରେ ଲୁହାପଥର କାରବାର ମାନ୍ଦାବସ୍ଥା ସତ୍ତ୍ୱେ ଲକ୍ଷ୍ୟ ହାସଲ
- ଚଣ୍ଡିଖୋଲ-ପାରାଦୀପ ରାଜପଥ ୮ ଲେନ୍ ହେବ
- ୨୦୪୭ ସୁଦ୍ଧା ୭୫୦ ନିୟୁତ ଟନ୍ କାରବାର ପାଇଁ ଭିତ୍ତିଭୂମି




ଖବରଦାତା ସମ୍ମିଳନୀରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ଓ ଅନ୍ୟମାନେ।

ବିଶ୍ୱ ବଜାରରେ ଲୁହାପଥର କାରବାର କ୍ଷେତ୍ରରେ ମାନ୍ଦାବସ୍ଥା, କରୋନା ମହାମାରୀ ଭଳି ନକାରାତ୍ମକ କାରବାର ସତ୍ତ୍ୱେ ପାରାଦୀପ ବନ୍ଦର ତା'ର ଲକ୍ଷ୍ୟ ହାସଲ କରିଛି। ୨୦୨୧/୨୨ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ରେକର୍ଡ ସଂଖ୍ୟକ ୧୧୬.୧୩ ମିଲିୟନ ଟନ୍ ପଣ୍ୟ କାରବାର କରିଛି। ୨୦୨୦/୨୧ବର୍ଷରେ ୧୧୪.୫୫ ଏମ୍‌ଏମ୍‌ଟିଏ (ମିଲିୟନ ମେଟ୍ରିକ ଟନ୍ ପର୍ ଆନମ୍) ଥିଲା। ପାରାଦୀପ ବନ୍ଦର ଅଥରିଟି ଅଧକ୍ଷ ପି. ଏଲ. ହାରାନ୍ଧ ଶୁକ୍ରବାର ଏ ନେଇ ସବିଶେଷ ରିପୋର୍ଟ ସାର୍ବଜନୀନ କରିଛନ୍ତି। ବନ୍ଦର ଜୟଦେବ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧକ୍ଷ ହାରାନ୍ଧଙ୍କ ସୂଚନା ଅନୁସାରେ, ପୂର୍ବରୁ ପାରାଦୀପ ପୋର୍ଟ ଟ୍ରଷ୍ଟ ଥିଲା। ଏବେ ପାରାଦୀପ ପୋର୍ଟ ଅଥରିଟି (ପିପିଏ) ହୋଇଛି। ଏଥିରେ ବନ୍ଦର ଅଧକ୍ଷ କେତେକ ନିଷ୍ପତ୍ତି ସିଧାସଳଖ ନେଇପାରିବେ। କାର୍ଗୋ କାରବାର ମୂଲ୍ୟଠାରୁ ଆରମ୍ଭ କରି ଅନ୍ୟ ୨୫ ପ୍ରସଙ୍ଗ ଉପରେ ନିଷ୍ପତ୍ତି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ଯାଉଥିଲା। ଏବେ ଜଣେ ଅଧକ୍ଷ ସେହି ସବୁ ନିଷ୍ପତ୍ତି ଆବଶ୍ୟକତା ଅନୁସାରେ ନେଇପାରିବେ।

ବିଶ୍ୱ ବଜାରରେ ଲୁହାପଥର କାରବାର ମାନ୍ଦାବସ୍ଥା ସତ୍ତ୍ୱେ ପାରାଦୀପ ବନ୍ଦରର ୯ ଏମ୍‌ଏମ୍‌ଟିଏ କାରବାର ବାଧାପ୍ରାପ୍ତ ହୋଇଛି। ଆମ୍ଭେ ସାଗରମାଳା ପ୍ରକଳ୍ପ ଓ ଗତିଶକ୍ତି ଯୋଜନା ଆଧାରରେ କେତେକ ପଦକ୍ଷେପ ନେଇ ଲକ୍ଷ୍ୟ ହାସଲ କରିଛୁ। ଯଥା କୋଷ୍ଟାଲ ସିପିଂରେ ୨୫ ପ୍ରତିଶତ ବୃଦ୍ଧି, ଯାନ୍ତ୍ରିକୀକରଣ କୋଇଲା ବୋଝେଇ ଖଲାସ ପ୍ରକଳ୍ପ (ଏମ୍‌ସିଏଚପି) ଜରିଆରେ ଟ୍ରେନ୍‌ରୁ ପଣ୍ୟ ଖଲାସ କାମ ତ୍ୱରାନ୍ୱିତ କରାଯାଇଥିଲା। ୨୦୨୦/୨୧ରେ ୫୬୯୮ ଟ୍ରେନ୍ ଖଲାସ ଥିବାବେଳେ ୨୧/୨୨ରେ ୭୧୫୬ ଥିଲା। ସେହିପରି ଜାହାଜ ବର୍ଥରେ ଲାଗିବା ଏବଂ ଖଲାସ କରିବା (ଟର୍ନଆଉଟ୍)କୁ ୯ ଘଣ୍ଟା କମ୍ କରିପାରିଛୁ। ପୂର୍ବବର୍ଷ ଦୈନିକ ପଣ୍ୟ କାରବାର ୨୩,୯୪୩ ମେଟ୍ରିକ ଟନ୍ ଥିବା ବେଳେ ଚଳିତବର୍ଷ ୨୭,୨୯୫ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି।

ସାଗରମାଳା ଯୋଜନା ଅଧୀନରେ ଗତ ୭ ବର୍ଷରେ ୩,୨୦୦ କୋଟି ଟଙ୍କା ଖର୍ଚ୍ଚ କରି ଅନେକ ପରିବର୍ତ୍ତନ କରାଯାଇଛି। ସଂଯୋଗୀକରଣ, ଭିତ୍ତିଭୂମି, ନବୀକରଣ କରାଯାଇଛି। ସେହିପରି ଆସନ୍ତା ୩ ବର୍ଷରେ ୩ଟି ୱେଷ୍ଟର୍ନ ଡକ୍ କାମ ଚାଲିଛି। ଏହା ସମ୍ପୂର୍ଣ୍ଣ ହେଲେ ୨ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଜାହାଜ ଲାଗିପାରିବ। ସେହିପରି ପାରାଦୀପ–ହରିଦାସପୁର ୮୨ କିମି ରେଳପଥ ହେବା ପରେ ପଣ୍ୟ କାରବାର ସହଜ ହୋଇଛି। ଏହାସତ୍ତ୍ୱେ ଚଣ୍ଡିଖୋଲ–ପାରାଦୀପ ୫୩ନଂ. ଜାତୀୟ ରାଜପଥକୁ ୮ ଲେନ୍ କରାଯିବାକୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ସେହିପରି ରାଜ୍ୟ ସରକାରଙ୍କ ସହଭାଗିତାରେ ୧୦୦ ଏକର ଜାଗାରେ ବିଶ୍ୱସ୍ତରୀୟ ଟ୍ରକ୍ ଟର୍ମିନାଲ ହେବାକୁ ଯାଉଛି। ନଦୀଭିତ୍ତିକ ବନ୍ଦର ଓ ନଦୀରେ ପଣ୍ୟ କାରବାର କରିବାକୁ ସମସ୍ତ ପ୍ରକାର କାମ ଗତିଶକ୍ତି ଯୋଜନାରେ ଆରମ୍ଭ ହୋଇଛି। ଏହା କାର୍ଯ୍ୟକାରୀ ହେଲେ ବ୍ୟବହାରକାରୀ ସଂସ୍ଥାକୁ ଅନେକ ଫାଇଦା ମିଳିବ। ଯଥା ଗୋଟିଏ ଟନ୍ ପଣ୍ୟ ରାସ୍ତାରେ ଗଲେ ଖର୍ଚ୍ଚ ହେଉଛି ୧.୫୦ ପଇସା। ଟ୍ରେନ୍‌ରେ ୧ ଟଙ୍କା, ପାଣିରେ ମାତ୍ର ୩୫ ପଇସା ଲାଗିବ। ଏ ସମସ୍ତ ପ୍ରକଳ୍ପ ହେଲେ ପଣ୍ୟ କାରବାର ଆସନ୍ତା ୨୦୪୭ ମସିହା ବେଳକୁ ୭୫୦ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ହାରାନ୍ଧ କହିଥିଲେ। ଏଥିରେ ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ପାରାଦୀପ ବନ୍ଦରର ଏଭଳି ସଫଳତା ପାଇଁ ବିଭାଗୀୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟ ସରକାର, ସମସ୍ତ ବ୍ୟବହାରକାରୀ ସଂସ୍ଥା, ଟ୍ରେଡ୍ ୟୁନିୟନ, କର୍ମଚାରୀ, ଶ୍ରମିକ ଆଦିଙ୍କୁ ବନ୍ଦର ଅଧକ୍ଷ ହାରାନ୍ଧ କୃତଜ୍ଞତା ଜଣାଇଥିଲେ।

## ସଂକ୍ଷେପରେ

### କୂଅରେ ପଡ଼ି ଡ୍ରାଇଭରଙ୍କ ମୃତ୍ୟୁ
#### କ୍ଷତିପୂରଣ ଦାବିରେ ଆନ୍ଦୋଳନ

**ସୁକିନ୍ଦା,୧୪(ଡି.ଏନ.ଏ.):** ସୁକିନ୍ଦା ବ୍ଲକ ଅଧୀନ ମଙ୍ଗଳପୁରଛକରେ ଥିବା ଏକ କୂଅରେ ପଡ଼ି ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ବ୍ଲକ ଅଧୀନ ବାମ୍ଫିଲୋ ଗ୍ରାମର ରମେଶ ସେଠୀ। ରମେଶ ଗୁରୁବାର ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଏଭଳି ଦୁର୍ଘଟଣା ଘଟିଥିଲା। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ମଙ୍ଗଳପୁରଛକ ସନ୍ନିକଟରେ ଚାଲୁଛି। ତେବେ ବେପରୁଆ କାର୍ଯ୍ୟ ଯୋଗୁ ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ମୃତକଙ୍କ ପରିବାରବର୍ଗ ସହ ସୁକିନ୍ଦା ଡ୍ରାଇଭର ମହାସଂଘ ସଭାପତି ଶମ୍ଭୁନାଥ ମହାନ୍ତଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ଆନ୍ଦୋଳନ କରାଯାଇଥିଲା। ଫଳରେ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗାଡି ଚଳାଚଳ ଠପ୍ ହୋଇଥିଲା। ଡ୍ରାଇଭର ମହାସଂଘ ତରଫରୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଥିଲା। ଠିକାସଂସ୍ଥା ୨୫ ହଜାର ଟଙ୍କା ଦେଇ ଖସିଯିବାକୁ ବସିବାରୁ ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସୁକିନ୍ଦା ଥାନା ଆଇଆଇସି ଶ୍ରୀବତ୍ସ କୁମାର ବେହେରା, ତହସିଲଦାର କାବେରୀ ମୁଦୁଲି ଓ କଳିଙ୍ଗନଗର ଅତିରିକ୍ତ ଏସପି ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ଓଡ଼ିଶା ଦିବସ

**ରସୁଲପୁର,୧୪(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଞ୍ଚଳର ଅଗ୍ରଣୀ ସାମ୍ବାଦିକ ସଂଗଠନ ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ଓଡ଼ିଶା ଦିବସ ସଭାପତି ବିଶ୍ୱଜ୍ୟୋତି ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫୋରମ୍‌ର ସାଧାରଣ ସମ୍ପାଦକ ଜଗମୋହନ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକର୍ତ୍ତା ସନ୍ତୋଷ ସାହୁ, ସ୍ମିତିରଞ୍ଜନ ରାଉତ, ପ୍ରକାଶଚନ୍ଦ୍ର ସାହୁ, ବିଶ୍ୱଜିତ୍ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଓଡ଼ିଶା ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଫୋରମର ସାଂଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଜିଲା କଂଗ୍ରେସ ପକ୍ଷରୁ ଓଡ଼ିଶା ଦିବସ ପାଳିତ

**ଯାଜପୁର ଟାଉନ,୧୪(ଡି.ଏନ.ଏ.):** ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶୁକ୍ରବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ସଭାପତିତ୍ୱରେ ମହାମନିଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ଦିଗମ୍ବର କର, ଦଳିତ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଜେନା, ରାଜ୍ୟ ଓବିସି ସେଲ୍‌ର ଉପସଭାପତି ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ବେହୁରିଆ, ଅବଦୁଲ ସଲିମ, ଅରଜିତ ନାୟକ, ବିଜୟ ମହାପାତ୍ର, ମାନସ ରଞ୍ଜନ ପଣ୍ଡା, ଅନୀଲ ମହାନ୍ତି ଓ ବିଦ୍ୟାଧର ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଲାଭଦାୟକ ହେଉନି ଚିନାବାଦାମ ଚାଷ

**ରସୁଲପୁର,୧୪(ଡି.ଏନ.ଏ.):**


ଚିନାବାଦାମ ଫସଲ ଅମଳ କରାଯାଉଛି।

■ବର୍ଷା ଯୋଗୁ କମିଲା ଅମଳ
■ମଣ୍ଡି ଖୋଲୁନି, ଚିନ୍ତାରେ ଚାଷୀ

ରସୁଲପୁର ବ୍ଲକ ଅଞ୍ଚଳର ଚାଷୀ ପନିପରିବା, ତୈଳବୀଜ, ଡାଲିଜାତୀୟ ଓ ଆଖୁ ଭଳି ଅର୍ଥକରୀ ଫସଲ ଚାଷକୁ ଗୁରୁତ୍ୱ ଦିଅନ୍ତି। ଏହି ଅଞ୍ଚଳରେ ତୈଳବୀଜ ଜାତୀୟ ଫସଲ ମଧ୍ୟରୁ ଚିନାବାଦାମ ଚାଷ ଅଧିକାଂଶ କ୍ଷେତରେ କରାଯାଇଥାଏ। ଚଳିତବର୍ଷ ବ୍ଲକ ଅଞ୍ଚଳର ପ୍ରାୟତଃ ଶତକଡା ୫୦ଭାଗରୁ ଉର୍ଦ୍ଧ୍ୱ ଅର୍ଥାତ ୫ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଚିନାବାଦାମ ଚାଷ କରାଯାଇଥିଲା। ଚାଷୀ ହେକ୍ଟର ପିଛା ୨୫ରୁ ୩୦ କୁଇଣ୍ଟାଲ ଚିନାବାଦାମ ଅମଳ କରିବେ ବୋଲି ଲକ୍ଷ୍ୟ ରଖିଥିଲେ। କିନ୍ତୁ ଆଶାନୁରୂପକ ଚିନାବାଦାମ ଅମଳ ହୋଇପାରି ନାହିଁ। ଏଭଳି ଘଟିବା ପଛରେ ପ୍ରତିକୂଳ ପାଗକୁ ଚାଷୀ ଦାୟୀ କରୁଛନ୍ତି। ଅନିୟମିତ ବର୍ଷା ଯୋଗୁ ସହଜରେ ବେଉଷଣ ହୋଇପାରିଲା ନାହିଁ। ଡିପ ଜମିରେ ଫସଲ ଅପେକ୍ଷାକୃତ ଭଲ ହୋଇଥିବା ବେଳେ ଖାଲୁଆ ଜମିରୁ ଚିନାବାଦାମ ଅମଳ କମିଯାଇଛି ବୋଲି ଚାଷୀମାନେ କହିଛନ୍ତି। ଚାଷୀଙ୍କ ଅଭିଯୋଗକୁ ବ୍ଲକ କୃଷି ବିଭାଗ ମଧ ସ୍ୱୀକାର କରିଛି। ପୂର୍ବବର୍ଷ ଅପେକ୍ଷା ଏଥର ଅମଳ କମିଛି। ଏଯାଏ ଅମଳ କାର୍ଯ୍ୟ ସରିନି। ବର୍ଷା ପରେ ଲଗାଯାଇଥିବା ବାଦାମ ଅମଳ ହୋଇପାରିନାହିଁ। କୃଷି ବିଭାଗର ଆକଳନ ଅନୁସାରେ ଚିନାବାଦାମ ଚାଷ ମାର୍ଚ୍ଚରେ ଶେଷ ହୋଇଯିବା କଥା। ହେଲେ ଚଳିତବର୍ଷ ବୁଣାବୁଣି ସମୟରେ ବର୍ଷା ହେବାରୁ ତଳିଆ କ୍ଷେତରେ ଚାଷ ବିଳମ୍ବରେ କରାଯାଇଥିଲା। ଏହାର ଅମଳ ହେବାରେ ବିଳମ୍ବ ହେଉଛି। ଏଭଳି ସ୍ଥିତିରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ଯାହାକି ଚିନାବାଦାମ ଅମଳକୁ ପ୍ରଭାବିତ କରୁଛି। ଖରା ଦାଉରୁ ବାଦାମ ଅମଳ କରିଲା ବେଳକୁ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ବର୍ଷାରେ ବାଦାମ କ୍ଷେତ ଟାଣ ହୋଇଯାଇଥିବାରୁ ଅମଳ ସହଜ ହେଉନାହିଁ। ବାଦାମ ଅମଳ ସମୟରେ ଅଧିକାଂଶ ଫଳ ମାଟିରେ ଫସି ରହିଯାଉଛି। ଶତପ୍ରତିଶତ ଅମଳ ପାଇଁ ଚାଷୀଙ୍କୁ ବିଲରେ ପାଣି ଛିଞ୍ଚିବାକୁ ପଡୁଛି। ଏହି ଜରିଆରେ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମାତ୍ର ବିକ୍ରି ସମୟରେ ବଜାର ଦର ଚାଷୀକୁଳକୁ ସୁହାଉନାହିଁ। ଚାଷୀ ବାଦାମ ବିହନ ୮୫ରୁ ୯୦ଟଙ୍କା ଦରରେ କିଣୁଥିବା ବେଳେ ଉତ୍ପାଦିତ ଦ୍ରବ୍ୟକୁ ଶାଗମାଛ ଦରରେ ବିକ୍ରି କରୁଛନ୍ତି। ଗତ ମାସ ପ୍ରଥମ ସପ୍ତାହରେ ଚିନାବାଦାମର ବଜାର ଦର ୬୫ଟଙ୍କା ଥିଲା। ଏହି ଦର କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏବେ ବାଦାମ କେଜି ପିଛା ଦର ୫ଟଙ୍କାରୁ ଉର୍ଦ୍ଧ୍ୱ ଖସି ଆସିଲାଣି। ଯାହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏଭଳି ସ୍ଥିତିରେ ସରକାରୀ ଯୋଜନା ଚାଷୀଙ୍କୁ ସହାୟକ ହୋଇପାରୁ ନାହିଁ। ସରକାର ଠିକ୍ ସମୟରେ ବାଦାମ ମଣ୍ଡି ଖୋଲିବାରେ ବିଫଳ ହେଉଛନ୍ତି। ଏଥିଯୋଗୁ ଚାଷୀ ଖୋଲାବଜାରରେ ବାଦାମ ବିକ୍ରି କରିବାକୁ ବାଧ ହେଉଛନ୍ତି ବୋଲି କୁହାଯାଉଛି। ଏହାଛଡ଼ା ଖୋଲା ବଜାରରେ କାରବାର ସମୟରେ ଚାଷୀ କଳାବଜାରକାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବା ଅଭିଯୋଗ ଆସୁଛି। ଧାର୍ଯ୍ୟ ମୂଲ୍ୟଠାରୁ କମ୍‌ରେ ବାଦାମ ବିକ୍ରି ହେଉଥିବା ବେଳେ କଟ୍‌ନୀଛଟ୍‌ନୀର ଶିକାର ହେଉଛନ୍ତି ଚାଷୀ। ତେବେ କ୍ଷତି ଭରଣାରେ ଚାଷୀ ଆଗଭର ହେବାକୁ ନବନିର୍ମାଣ କୃଷକ ସଂଗଠନ ଦାବି କରିଛି। ମଣ୍ଡିର ବାଦାମ ଦରକୁ ବଜାର ଦରଠାରୁ ଉଚ୍ଚା ରଖିବା ସହ ପ୍ରକୃତ ଚାଷୀଙ୍କଠାରୁ ବାଦାମ କିଣିବାକୁ ପ୍ରସ୍ତାବ ରଖିଛି ସଂଗଠନ। ଏଦିଗରେ ରସୁଲପୁର ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର କହିଛନ୍ତି, ଚଳିତବର୍ଷ ବାଦାମ ଅମଳ ଆଶାନୁରୂପକ ହୋଇପାରି ନାହିଁ। ପ୍ରତିକୂଳ ପାଗ ଯୋଗୁ ବାଦାମ ଚାଷ ପ୍ରଭାବିତ ହୋଇଛି। ତେବେ ବ୍ଲକ ଅଞ୍ଚଳରେ ମଣ୍ଡି ଖୋଲିବା ନେଇ ଆଲୋଚନା ଚାଲିଛି। ଏଥର ମଣ୍ଡିରେ ବାଦାମ ଦର କେତେ ରହିଛି ତା' ଜିଲାସ୍ତରୀୟ କୃଷି ଅଧିକାରୀଙ୍କ ବୈଠକରୁ ସ୍ପଷ୍ଟ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଜାଗୁଳାଇ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରସୁଲପୁର,୧୪(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ମା'ଜାଗୁଳାଇ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଯୁବନେତା ପ୍ରକାଶ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଣ୍ଡମାଳ-ଯାଜପୁରରୋଡ, ବାଲିକୁଦା, ବରୁଆଁ, ମୁଗୁପାଳ, ବନମାଳିପୁର, ହାଟସିଂହାପୁର, ଯାଜପୁରଟାଉନ ଓ ଖପୁରିଆପଦା ଆଦି ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଯାଜପୁର ଟାଉନ ଓ ହାଟସିଂହାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନକ୍‌ଆଉଟ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଯାଜପୁର ଟାଉନ ଭଳି ଦଳ ପ୍ରତିପକ୍ଷ ହାଟସିଂହାପୁର ଦଳକୁ ୨-୦ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ମୁଣ୍ଡମାଳ ଦଳ ଓ ଖପୁରିଆପଦା ଦଳକୁ ଭେଟିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଅମରେନ୍ଦ୍ର ସାହୁ ଓ ସୌମ୍ୟ ରଞ୍ଜନ ନାୟକ ଖେଳକୁ ପରିଚାଳନା କରିଥିବା ବେଳେ ଜାଗୁଳାଇ କ୍ଲବର କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶା ଦିବସରେ ସାଇକେଲ ରାଲି


ସାଇକେଲ ଶୋଭାଯାତ୍ରା ଶୁଭାରମ୍ଭ କରାଯାଉଛି।

**ଯାଜପୁର ରୋଡ,୧୪(ଡି.ଏନ.ଏ.)**

ଓଡ଼ିଶା ଦିବସ ଉପଲକ୍ଷେ ଲାୟନ୍ସ କ୍ଲବ ଯାଜପୁର ରୋଡ୍ ଷ୍ଟିଲ ସିଟି, ବ୍ୟାସନଗର ସଣ୍ଡେ ସାଇକ୍ଲିଂ କ୍ଲବ ଓ ଉତ୍କଳ ସେଣ୍ଟର ପଏଣ୍ଟର ମିଳିତ ସହଯୋଗରେ ଏକ ମେଗା ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସେଣ୍ଟର ପଏଣ୍ଟରୁ ରାଜୀବ ଗାନ୍ଧୀ ଷ୍ଟାଡିୟମ, ବସ୍‌ଷ୍ଟାଣ୍ଡ ଓ ଗୋପବନ୍ଧୁ ଛକ ଦେଇ ଏହି ରାଲି ପରିକ୍ରମା କରିଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଲାୟନ୍ସ କ୍ଲବର ପ୍ରଫୁଲ୍ଲ କୁମାର ସାମଲ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ।

# ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ


ଏସ୍‌ପି ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

**ପାଣିକୋଇଲି,୧୪(ଡି.ଏନ.ଏ.)**

୮୭ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଣିକୋଇଲି ପୋଲିସ ମୁଖ୍ୟାଳୟର ରିଜର୍ଭ ପୋଲିସ ପଡ଼ିଆଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଏସ୍‌ପି ରାହୁଲ ପିଆର୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ପରେ ପୋଲିସ କିପରି ଶୃଙ୍ଖଳିତ ହୋଇ ଜନସାଧାରଣଙ୍କ ସେବା କରିପାରିବ ସେ ସମ୍ପର୍କରେ କହିଥିଲେ। ଏଥିସହିତ ପ୍ରାଣବଳୀ ଦେଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜିଲା ପୋଲିସରେ କର୍ତ୍ତବ୍ୟରତ ଶ୍ରେଷ୍ଠ ଏସ୍‌ଆଇ ଭାବେ ଛତିଆ ବିଟ୍ ହାଉସର ଗୋବର୍ଦ୍ଧନ ନାୟକ, ଶ୍ରେଷ୍ଠ ଏଏସ୍‌ଆଇ ରାମବାଗ ଫାଣ୍ଡିର ସନ୍ତୋଷ କୁମାର ଭୂୟାଁ, ଶ୍ରେଷ୍ଠ ହାବିଲଦାର ଭାବେ ହେଡକ୍ୱାର୍ଟରର ଜିତେନ କୁମାର ବେହେରା, ଶ୍ରେଷ୍ଠ କନଷ୍ଟେବଲ ଭାବେ କଳିଙ୍ଗନଗର ଥାନାର ଶିଶିର କୁମାର ସାହୁ, ଶ୍ରେଷ୍ଠ ଟ୍ରାଫିକ କନଷ୍ଟେବଲ ଭାବେ ଟ୍ରାଫିକ ଥାନାର ରାଜେଶ କୁମାର ପୂର୍ତ୍ତିଙ୍କୁ ଏସ୍‌ପି ମାନପତ୍ର, ପୁଷ୍ପଗୁଚ୍ଛ ଓ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଏସ୍‌ପି ବାଉରୀ ବନ୍ଧୁ ବେହେରା ମାନପତ୍ର ପାଠ କରିଥିଲେ। ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡି, ସରଜେଣ୍ଟ ବୀର ସିଂହ ଶବର ଓ ବିରଞ୍ଚି ନାରାୟଣ ସାହୁ, ହାବିଲଦାର ଭାସ୍କର ସାହୁ, ମଧୁସୂଦନ ଜେନା ଓ ଟୁନା ଜେନା ପରେଡ ପରିଚାଳନା କରିଥିଲେ। ଅତିରିକ୍ତ ଏସ୍‌ପି କଳିଙ୍ଗନଗର ସିଲଭରେସ ଟୋପ୍ପୋ, ଅତିରିକ୍ତ ଏସପି ନାରାୟଣ ବାରିକ, ଡିଏସପି ପ୍ରମୋଦ ମଲ୍ଲିକ, ବିକ୍ରମ ଟୁଡୁ, ମମତା ସାହୁ, ଏସ୍‌ଡିପିଓ ଚିନ୍ମୟ ନାୟକ, ଯାଜପୁର ଥାନାଧିକାରୀ ଅଜୟ କୁମାର ଜେନା, ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା, ଯାଜପୁର ସଦର ଥାନାଧିକାରୀ ମାନସ ରଞ୍ଜନ ଚକ୍ର, କୋରେଇ ଥାନାଧିକାରୀ ରଞ୍ଜିତ ମହାନ୍ତି, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ, ଧର୍ମଶାଳା ଥାନାଧିକାରୀ ରାକେଶ ତ୍ରିପାଠୀ, ହେଡକ୍ୱାଟର ଇନ୍ସପେକ୍ଟର ଚକ୍ରପତି କଅଁର ଓ ଚିନ୍ମୟୀ ସାହୁଙ୍କ ସମେତ ବହୁ ଏସ୍‌ଆଇ ଏବଂ ମୁଖ୍ୟାଳୟର ଅଧିକାରୀ, କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଜେନାପୁର,(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ବ୍ରାହ୍ମଣୀ ନଦୀ କୂଳରେ ଥିବା ବାଲିଯାତ୍ରା ପଡ଼ିଆଠାରେ ଶୁକ୍ରବାର ଉତ୍କଳମଣି ସେବା ସଂଗଠନ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜ୍ଞାନେଶ୍ୱର ପଟ୍ଟନାୟକ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ, ସାମାଜିକ କର୍ମୀ ଅଜୟ କୁମାର ଦାସ, କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁ, ଡା. ପ୍ରମୋଦ କୁମାର ପାତ୍ର, ଡା. ମନୋରଞ୍ଜନ ଶତପଥୀ, ପଦ୍ମନାଭ ଶତପଥୀ, ବ୍ରଜକିଶୋର ସାମଲ, ମୁକୁନ୍ଦପୁତ୍ର ମହାବିଦ୍ୟାଳୟ ଅଧ୍ୟାପକ ମନୋଜ କୁମାର ଧୀର, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉତ୍କଳମଣିଙ୍କ ନିଃସ୍ୱାର୍ଥପର ସେବା ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରିଥିଲେ। ସଭାକୁ ଶିକ୍ଷକ ବିଷ୍ଣୁଚରଣ ନାୟକ ପରିଚାଳନା କରିଥିଲେ। ସଂଗଠନ ପକ୍ଷରୁ ଉପସଭାପତି କ୍ଷେତ୍ରବାସୀ ରାଉତ, ବିଭୂତି ପ୍ରସାଦ ଶତପଥୀ, ପ୍ରମୋଦ କୁମାର ଦାସ, ସୁଦର୍ଶନ ରାଉତଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଯୁବକଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

**ଚଣ୍ଡିଖୋଲ,୧୪(ଡି.ଏନ.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ମହାବିନାୟକ ହନୁମାନ ମନ୍ଦିର ନିକଟରେ ଗୁରୁବାର ଧର୍ମଶାଳା ଥାନା ଖଣ୍ଡିଆବନ୍ଧି ଗ୍ରାମର ୨ ଯୁବକ ମାରପିଟ ହୋଇଥିଲେ। ସେହି ଗ୍ରାମର ବିପ୍ରଚରଣ ସାମଲଙ୍କୁ ପର୍ଶୁରାମ ମାଝି ମାଡ଼ ମାରି ଆହତ କରିଥିଲେ। ଏନେଇ ବଡ଼ଚଣା ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୧୫/୨୨ରେ ଏକ ମାମଲା ରୁଜୁକରିବା ସହ ପର୍ଶୁରାମଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

### ଶହୀଦ ଭଗତ ସିଂ ଯୁବକ ସଂଘର ଓଡ଼ିଶା ଦିବସ

**ଯାଜପୁର ରୋଡ,୧୪ (ଡି.ଏନ.ଏ.)**

ଶହୀଦ ଭଗତ୍ ସିଂ ଯୁବକ ସଂଘ ଓ ଭାଷା ଆନ୍ଦୋଳନ କମିଟି ଦ୍ୱାରା ୮୬ ତମ ଉତ୍କଳ ଦିବସ ବ୍ୟାସଶ୍ରୀ କଳାନିକେତନ ଡୋଳିପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସ କବି ଫକିରମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସ୍ମରଣ କରିଥିଲେ। ଓଡିଆ ଭାଷାକୁ ସ୍ୱତନ୍ତ୍ର ମାନ୍ୟତା ମିଳିଥିଲେ ମଧ ଏଯାଏ ସରକାରୀ ସ୍ତରରେ ତାହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସଭାରେ କବି ନାରାୟଣ ଚନ୍ଦ୍ର ନାୟକ, ମଧୁସୂଦନ ମହାପାତ୍ର, ରମେଶ କୁମାର ବିଶ୍ୱାଳ, ବ୍ୟଙ୍ଗ କବି ବାଇଧର ମାଝୀ, ଆଶିଷ କୁମାର ବଳ, ମାନସ ରାଉତ, ନୀଳମଣି ଜେନା, ହେମନ୍ତ କୁମାର ନାୟକ, ହେମନ୍ତ କୁମାର ଧୀର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଭିମାନ ବଜାୟ ରଖିବା ଓଡ଼ିଆଙ୍କ ଧ୍ୟେୟ ହେଉ

**ଧର୍ମଶାଳା,୧୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ମଧୁପୁର କଲେଜ ପ୍ରାଧ୍ୟାପକ ଡ. ତୁହିନାଂଶୁ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନକୁ ବଜାୟ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ ଧ୍ୟେୟ ହେଉ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ କବି ଓ ସ୍ତମ୍ଭକାର ସଂଗ୍ରାମ କେଶରୀ ଜେନା ଯୋଗ ଦେଇଥିଲେ। ସମ୍ପାଦକ ହୃଷୀକେଶ ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ କାର୍ଯ୍ୟକାରୀ ସମିତି ସଦସ୍ୟ ସନ୍ତୋଷ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ସଭାପତି ବଟକୃଷ୍ଣ ପରିଡ଼ା, ପଣ୍ଡିତ ବ୍ରଜକିଶୋର ଦାଶ, ଅଧ୍ୟାପକ ବିଜୟ ନାୟକ ଉପସ୍ଥିତ ଥିଲେ। ବିନୋଦ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାଠାରେ ଅନୁଷ୍ଠାନ ସଭାପତି କାମଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କବି ତୁହିନାଂଶୁ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ତମ୍ଭକାର ନବଘନ ଜେନା ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଡ.ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିବା ସହ ସୂଚନା ପ୍ରଦାନ କରିଥିଲେ। ସେହିପରି ପାଖରଠାରେ ଗୋପବନ୍ଧୁ ଯୁବ ପରିଷଦ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ସରପଞ୍ଚ, ସମିତିସଭ୍ୟା, ନାଏବ ସରପଞ୍ଚ ଓ ୧୩ ନଂ. ଜୋନ ଜିଲା ପରିଷଦ ସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବସର ଦିନ ଚାଲିଗଲା ଜୀବନ

**ବରୀ,୧୪(ଡି.ଏନ.ଏ.):**

ବରୀ ବ୍ଲକ ଅଧୀନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ମୁଖ୍ୟକିରାଣି ରାଜକିଶୋର ସାମଲ ନିଜ କର୍ମମୟ ଜୀବନରୁ ଅବସରନେବାର ମାତ୍ର କେଇଘଣ୍ଟା ପୂର୍ବରୁ ଆରପାରିକୁ ଚାଲି ଯାଇଛନ୍ତି। ମାର୍ଚ୍ଚ ୩୧ ତାରିଖ ଅପରାହ୍ନରେ ତାଙ୍କୁ କଲେଜ ପକ୍ଷରୁ ଅବସରଦେବାକୁ ବ୍ୟବସ୍ଥା କରାଯାଇଥିଲା। ତେବେ ଏହାର କିଛି ସମୟ ପୂର୍ବରୁ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ମହାବିଦ୍ୟାଳୟର କିରାଣି ଭାବେ କାର୍ଯ୍ୟରତ ସମୟରେ ସେ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟ କର୍ମଚାରୀଙ୍କ ନିକଟରେ ନିଜର ବ୍ୟବହାର ଓ କର୍ତ୍ତବ୍ୟନିଷ୍ଠ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁଅ ସମ୍ବିତ ସାମଲ ମୁଖାଗ୍ନି ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର ଓ ମହାବିଦ୍ୟାଳୟର ଅନ୍ୟ କର୍ମଚାରୀ ମରଶରୀରକୁ ଶ୍ମଶାନକୁ କାନ୍ଧେଇ ନେବା ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

### ପାଣିକୋଇଲି ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ

**ପାଣିକୋଇଲି,୧୪(ଡି.ଏନ.ଏ.)**

ପାଣିକୋଇଲି ସରକାରୀ ଉଚ୍ଚବିଦ୍ୟାଳୟରେ ଓଡ଼ିଶା ଦିବସ ଓ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟବାଦୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ପାଣିକୋଇଲି ମାଧବାନନ୍ଦ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶା ଦିବସ ଓ ସମାଜ ସଂସ୍କାରକ ମାଧବାନନ୍ଦ ଷଡ଼ଙ୍ଗୀଙ୍କ ୧୦୧ତମ ଜନ୍ମଜୟନ୍ତୀ ଭୁବନେଶ୍ୱରପୁର ସ୍ଥିତ ସାମ୍ୟଭବନ ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଫାଉଣ୍ଡେସନ ସଭାପତି ସୁରେନ୍ଦ୍ର ରାୟଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉପସ୍ଥିତ ଅତିଥି ଉତ୍କଳମଣି ଗୋପବନ୍ଧୁ ଦାସ ଓ ମାଧବାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ପଥରପଦା ପଞ୍ଚାୟତ ଅନ୍ତର୍ଗତ ନୂଆପଦା ସରକାରୀ ଉପ୍ରା ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

## ରାସ୍ତାକାମ ଆଳରେ ଫଳନ୍ତି ଗଛ କାଟିଦେଲେ

**ବାଲିଚନ୍ଦ୍ରପୁର,୧୪(ସ୍ୱ.ପ୍ର.)**

ରାଜ୍ୟ ସରକାର ପରିବେଶ ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ନେବା ସହ ପଞ୍ଚାୟତସ୍ତରରେ ଚାରାରୋପଣକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଏଥିଲାଗି ରାଜ୍ୟ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ବଡ଼ଚଣା ବ୍ଲକରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି। ଉକ୍ତ ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ପଚ୍ଚାମୁଣ୍ଡାଇ କେନାଲ ବନ୍ଧ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟଚାଲୁଛି। ଏହି କେନାଲ ବନ୍ଧର ଉଭୟ ପାର୍ଶ୍ୱରେ ପରିବେଶବିତ୍ କ୍ଷୀରୋଦ ଜେନା ଅନେକ ଫଳ ଗଛ ଲଗାଇ ଥିଲେ। ଗଛଗୁଡ଼ିକରେ ଫଳ ଫଳିଥିବାବେଳେ ରାସ୍ତା କାର୍ଯ୍ୟ ଆଳରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିଶମର ଫଳନ୍ତି ଗଛ କାଟି ଦିଆଯାଇଥିବା ଜେନା ଅଭିଯୋଗ କରିଛନ୍ତି। ସେ ଏନେଇ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ଅମର ପ୍ରସାଦ ଶତପଥୀ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ସହ ତଦନ୍ତ ଦାବି କରିଛନ୍ତି। ଜେନାଙ୍କ କହିବା ଅନୁସାରେ, ବନ୍ଧଠାରୁ ୨୦ରୁ୨୫ ଫୁଟ୍ ଦୂରରେ ଗଛ ଥିବା ବେଳେ ଅନାବଶ୍ୟକସ୍ଥଳେ ସେଗୁଡ଼ିକୁ ଠିକାଦାର ଓ ବିଭାଗୀୟଯନ୍ତ୍ରୀ କାଟି ନଷ୍ଟ କରିଛନ୍ତି। ଜେନା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ରାସ୍ତା କଡ଼ରେ ୨୦ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ କିଶମର ଫଳ ଗଛ ଲଗାଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

# ସମୃଦ୍ଧି ପଥରେ ଆଗେଇ ଚାଲିଛି ଯାଜପୁର

**ଯାଜପୁର ଟାଉନ,୧୪(ଡି.ଏନ.ଏ.):**

ଯାଜପୁର ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଯେନା ଯୋଗଦେଇ ଓଡ଼ିଶା ଗଠନର ଐତିହ୍ୟ ଓ ଇତିହାସ ଉପରେ ଆଲୋକପାତ କରି ଉତ୍କୃଷ୍ଟ କଳାରଦେଶ ଓଡ଼ିଶା ଭଳି ୧୯୯୩ ଆଜିର ଦିବସରେ ସ୍ୱତନ୍ତ୍ର ଜିଲା ମାନ୍ୟତା ପାଇଥିବା ଯାଜପୁର ନିଜର ଦକ୍ଷତା ପ୍ରତିପାଦିତ କରି ସମୃଦ୍ଧି ପଥରେ ଆଗେଇ ଚାଲିଛି ବୋଲି କହିଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ସଭାପତିତ୍ୱ କରି ଜିଲା ପ୍ରତିଷ୍ଠାଠାରୁ ଅନେକ ବିକାଶ ହୋଇଥିଲେ ମଧ୍ୟ ଆମକୁ ଆହୁରି ଅନେକ କ୍ଷେତ୍ରରେ


ଜିଲା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

### ଜିଲା ପ୍ରତିଷ୍ଠା ଦିବସ ପାଳିତ

ସମୃଦ୍ଧିର ଆବଶ୍ୟକତା ରହିଛି। ଏପରି କି ଯେତିକି ପ୍ରକଳ୍ପ ଚାଲିଛି ତାହା ପୂର୍ଣ୍ଣାଙ୍ଗ ହେଲେ ଯାଜପୁରର ବିକାଶ ଆହୁରି ଉଜ୍ଜ୍ୱଳ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ରାଧାରମଣ ଦାସ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ, ଜିଲାର ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ବିବିଧତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର୍, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଯାଜପୁର ପୌରପାଳିକାର ଅଧକ୍ଷା ରଞ୍ଜୁଲତା ହୋତା, ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ସହରର ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ରୁଷିଆଠାରୁ ତୈଳ କ୍ରୟ ଜାରି ରଖିବ ଭାରତ

**ନୂଆଦିଲ୍ଲୀ,୧।୪:** ଦେଶ ହିତକୁ ନଜରରେ ରଖି ରୁଷିଆଠାରୁ ଶସ୍ତାରେ ତୈଳ କ୍ରୟ କରିବା ଜାରି ରଖିବ ଭାରତ। ଏ ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୂଚନା ଦେଇଛନ୍ତି। ଶୁକ୍ରବାର ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ସୂଚନା ଦେଇ ସେ କହିଛନ୍ତି, ଆମେ ତୈଳ କ୍ରୟ ଆରମ୍ଭ କରିଦେଇଛୁ। ଆଗାମୀ ୩-୪ ଦିନ ପାଇଁ ସପ୍ଲାଏ ଜାରି ରହିବ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆ ସହ କୌଣସି ବ୍ୟବସାୟ ନ କରିବା ପାଇଁ କଟକଣା ଲଗାଇଥିଲେ। ଫଳରେ ରୁଷିଆ ବ୍ୟାରେଲ ଉପରେ ଭାରତୀୟ ରିଫାଇନେରିଗୁଡ଼ିକ ଦର ବୃଦ୍ଧି କରି ଦେଇଛନ୍ତି।

## ବଳକା ଉଷୁନା ଚାଉଳ ରପ୍ତାନି କର ଓଡ଼ିଶାକୁ କେନ୍ଦ୍ରର ପ୍ରସ୍ତାବ

**ନୂଆଦିଲ୍ଲୀ,୧।୪:** ବଳକା ଉଷୁନା ଚାଉଳ ଅନ୍ୟ ଦେଶକୁ ରପ୍ତାନି କରିବା ଲାଗି କେନ୍ଦ୍ର ସରକାର ଓଡ଼ିଶା ସମେତ ଅନ୍ୟ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ସଭାରେ ଶୁକ୍ରବାର ପ୍ରଶ୍ନୋତ୍ତର କାଳରେ ବିଜେଡି ସଦସ୍ୟ ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନରେ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ, ରାଜ୍ୟରେ ଉଷୁନା ଚାଉଳର ଚାହିଦା ନ ଥିଲେ, ଅନ୍ୟ ଦେଶଗୁଡ଼ିକୁ ଏହାର ରପ୍ତାନି କରିବା ଦିଗରେ ବିଚାର କରନ୍ତୁ। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର କେତେକ ସର୍ତ୍ତାବଳୀ ଯୋଗୁ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ସଂଗୃହୀତ ଖାଦ୍ୟଶସ୍ୟକୁ କେନ୍ଦ୍ର ସରକାର ବିଦେଶକୁ ରପ୍ତାନି କରିପାରିବେ ନାହିଁ। ୧୯୯୫ରେ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଦ୍ୟଶସ୍ୟ ସଂଗ୍ରହ ଲାଗି ଡବ୍ଲ୍ୟୁଟିଓର କେତେକ ସର୍ତ୍ତାବଳୀରେ କେନ୍ଦ୍ର ସରକାର ରାଜି ହୋଇଥିଲେ। ତେବେ ରାଜ୍ୟ ସରକାର କିମ୍ବା ଘରୋଇ ସଂସ୍ଥା ବଳକା ଚାଉଳ ରପ୍ତାନି କରିବାକୁ ଚାହିଁଲେ କେନ୍ଦ୍ର ତାହାକୁ ସ୍ୱାଗତ କରିବ । ଅନ୍ୟ ରାଜ୍ୟଗୁଡ଼ିକରେ ଉଷୁନା ଚାଉଳ ଚାହିଦା ନ ଥିବାରୁ ଭାରତର ଖାଦ୍ୟ ନିଗମ (ଏଫସିଆଇ) ଏହାକୁ କିଣିପାରିବ ନାହିଁ। ଏହା କେବଳ ଧାନ କିଣିବ ବୋଲି ମନ୍ତ୍ରୀ ଗୋୟଲ କହିଥିଲେ।

# ରାଜ୍ୟ ଖଣି ରାଜସ୍ୱକୁ ଜେଏସ୍‌ଡବ୍ଲ୍ୟୁର ସର୍ବାଧିକ ଯୋଗଦାନ

**କୁଜଙ୍ଗ,୧।୪(ଡି.ଏନ୍.ଏ.)**

### ମୋଟ ରାଜସ୍ୱର ୫୨.୫%



ଚଳିତ ବର୍ଷ ଓଡ଼ିଶା ସରକାରଙ୍କ ଦ୍ୱାରା ଆଦାୟ ହୋଇଥିବା ମୋଟ ଖଣି ରାଜସ୍ୱରେ ଜେଏସ୍‌ଡବ୍ଲ୍ୟୁ ପୁଣି ସର୍ବାଧିକ ଯୋଗଦାନକାରୀ ହୋଇପାରିଛି। ଚଳିତ ଆର୍ଥିକ ବର୍ଷରେ ଜେଏସ୍‌ଡବ୍ଲ୍ୟୁ ଖଣି ରାଜସ୍ୱ ବାବଦକୁ ୧୮ହଜାର ୨୮୪କୋଟି ଟଙ୍କା ଦେଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ କେବଳ ବିଡ୍ ପ୍ରିମିୟମ ମାଧ୍ୟମରେ କମ୍ପାନୀ ୧୧ହଜାର ୬୮୬ କୋଟି ଟଙ୍କାର ରିଟର୍ନ ଦେଇଛି। ଗତ ଆର୍ଥିକ ବର୍ଷରେ ଜେଏସ୍‌ଡବ୍ଲ୍ୟୁର ମୋଟ ଖଣିଜ ରାଜସ୍ୱ ୩ ହଜାର ୬୫୦ କୋଟି ଟଙ୍କା ଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଏଥିରେ ଆଖିଦୃଶିଆ ବୃଦ୍ଧି ଘଟିଛି। ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ନିଲାମ ନେଇଥିବା କ୍ୟାପ୍ଟିଭ୍ ଖଣିରୁ ପ୍ରିମିୟମ ଏବଂ ଅନ୍ୟାନ୍ୟ ବକେୟା ବାବଦ ରାଜସ୍ୱ ରାଜ୍ୟ ସରକାରଙ୍କ ଦ୍ୱାରା ଆଦାୟ ହୋଇଥିବା ମୋଟ ଖଣିଜ ରାଜସ୍ୱର ୫୨.୫ ପ୍ରତିଶତ ବା ୨୪ହଜାର ୧୭୧କୋଟି ଟଙ୍କା। ୨୦୨୧-୨୨ ଆର୍ଥିକ ବର୍ଷର ଚତୁର୍ଥ କ୍ୱାର୍ଟର ତଥା ଶେଷ ତ୍ରୈମାସିକ ରାଜସ୍ୱ ଡାଟା ଅନୁସାରେ ଜେଏସ୍‌ଡବ୍ଲ୍ୟୁ ଏହାର କ୍ୟାପ୍ଟିଭ ଖଣିରୁ ସମସ୍ତ ବକେୟା ପ୍ରଦାନ ସହ ରାଜକୋଷକୁ ୩ ହଜାର ୫୧୭ କୋଟି ଟଙ୍କାର ଯୋଗଦାନ ଦେଇଛି।

ସୂଚନା ଯୋଗ୍ୟ, ମାର୍ଚ୍ଚରେ ରାଜ୍ୟ ଖଣି ରାଜକୋଷରେ ଜେଏସ୍‌ଡବ୍ଲ୍ୟୁର ଯୋଗଦାନ ୧ହଜାର ୯ଶହ କୋଟି ଟଙ୍କା ପାର କରିଥିଲା। ନିକଟରେ ଆଗତ ହୋଇଥିବା ଅନ୍ତରୀଣ ବଜେଟ ଅନୁସାରେ ଖଣି ରାଜସ୍ୱ ରାଜ୍ୟର ନିଜସ୍ୱ ମୋଟ ଅଣ ଟିକସ ରାଜସ୍ୱର ୯୦ ପ୍ରତିଶତ। ନିଲାମ ବ୍ଲକଗୁଡ଼ିକରୁ ଆଦାୟ ଖଣିଜ ରାଜସ୍ୱ ସମ୍ପ୍ରତି ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିପାରିଛି। ବିଶେଷକରି ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାରେ ଖଣି ନିଲାମ ନେବାରେ ସର୍ବାଗ୍ରେ ରହିଛି ଏବଂ ରାଜ୍ୟ ତଥା ରାଜ୍ୟବାସୀଙ୍କ ଅଭିବୃଦ୍ଧି ଲକ୍ଷ୍ୟକୁ ଗୁରୁତ୍ୱ ଦେଇ ଆସୁଛି। ଆହୁରି ମଧ୍ୟ ଚଳିତ ଆର୍ଥିକ ବର୍ଷରେ ଜେଏସ୍‌ଡବ୍ଲ୍ୟୁ ନିଲାମ ନେଇଥିବା ଖଣିରୁ ଉତ୍ପାଦନ ୨୪.୧ ମେଟ୍ରିକ ଟନ୍ ଥିବା ବେଳେ ଉତ୍ପାଦ ପ୍ରେରଣ ୨୧.୩ମେଟ୍ରିକ ଟନ୍ ରହିଥିବାର ଜଣାପଡ଼ିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଉତ୍ପାଦନ ଓ ଡେସ୍‌ପାଚ ଯଥାକ୍ରମେ ୧୬.୬୬ ଏବଂ ୯.୬୭ ମେଟ୍ରିକ ଟନ୍ ରହିଥିଲା। କରୋନା ମହାମାରୀ ଯୋଗୁ ସମସ୍ତ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଥିବା ବେଳେ ଜେଏସ୍‌ଡବ୍ଲ୍ୟୁ ଏହାର ଖଣି କାର୍ଯ୍ୟ ଆରମ୍ଭ କରିଥିଲା। କ୍ରମେ ଏହାର ଉତ୍ପାଦନ ବୃଦ୍ଧି ଜାରିରଖି ଗୋଟିଏ ଦିନରେ ୧ଲକ୍ଷ ଟନ୍ ଲୁହାପଥର ପରିବହନ ତଥା ପ୍ରେରଣ କରିବାର ମାଇଲ ଖୁଣ୍ଟ ହାସଲ କରିଛି। ଖଣିଜ ରାଜସ୍ୱରେ ଆଖିଦୃଶିଆ ବୃଦ୍ଧିଯୋଗୁ ଏହି ମଧ୍ୟବର୍ତ୍ତିକାଳୀନ ବଜେଟରେ ଗ୍ରାମୀଣ ବିକାଶ ପାଇଁ ଅଧିକ ବ୍ୟୟ ବରାଦ କରାଯାଇଛି। ତେଣୁ ଉନ୍ନତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସହଭାଗିତା ପାଇଁ ଜେଏସ୍‌ଡବ୍ଲ୍ୟୁ ଗର୍ବିତ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# କାର୍ଯ୍ୟକାରୀ ହେଲାନି କ୍ୟାବିନେଟ ନିଷ୍ପତ୍ତି

**ଯାଜପୁର ଅଫିସ,୧।୪**

### ୧୧୪ ସହରାଞ୍ଚଳର ୧୩୨ ଜଣ ନିଯୁକ୍ତି ଅପେକ୍ଷାରେ

ସରକାରୀ ଚାକିରିରେ ଥାଇ ମୃତ୍ୟୁ ଘଟୁଥିବା କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ପୁନଃ ଥଇଥାନ ସହାୟତା ବା ରିହାବିଲିଟେଶନ ଆସିଷ୍ଟାଣ୍ଟ (ଆର୍‌ଏ) ନିଯୁକ୍ତିରେ କେବଳ ଚତୁର୍ଥ ଶ୍ରେଣୀ ପଦବୀ ମିଳିବ ବୋଲି ୨୦୨୦ ଫେବୃୟାରୀ ୭ରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହି ନିଷ୍ପତ୍ତିକୁ ୨ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ରାଜ୍ୟ ନଗର ଉନ୍ନୟନ ବିଭାଗ ଅଧୀନସ୍ଥ ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମହାନଗର ନିଗମରେ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ। ରାଜ୍ୟର ୧୧୪ ସହରାଞ୍ଚଳର ୧୩୨ ଜଣ ଆଶାୟୀ ଏଭଳି ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ବୟସ ମଧ୍ୟ ଅତିକ୍ରାନ୍ତ ହୋଇ ସାରିଥିବାରୁ ସେମାନେ ନିଯୁକ୍ତି ଆଶା ହରାଇ ସାରିଛନ୍ତି ବୋଲି କ୍ଷୋଭ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ବେସାମରିକ ସେବା ନିୟମାବଳୀ-୧୯୯୦କୁ ରାଜ୍ୟ ସରକାର ଉପରୋକ୍ତ କ୍ୟାବିନେଟ ବୈଠକରେ ସଂଶୋଧନ କରିଥିଲେ। ପୂର୍ବରୁ ମୃତ କର୍ମଚାରୀଙ୍କ ପରିବାରର ଦୁରବସ୍ଥାକୁ ଦୃଷ୍ଟିରେ ରଖି ସେହି ପରିବାରର ଜଣଙ୍କୁ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ମିଳୁଥିଲା। ପ୍ରଚଳିତ ନିୟମାବଳୀ-୧୯୯୦ ବଦଳରେ ଓଡ଼ିଶା ବେସାମରିକ ସେବା (ପୁନଃ ଥଇଥାନ ସହାୟତା) ନିୟମାବଳୀ-୨୦୨୦ କାର୍ଯ୍ୟକାରୀ ହୋଇଥିଲା। ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ପ୍ରଚଳିତ ନିୟମ ଅନୁଯାୟୀ ତୃତୀୟ ଓ ଚତୁର୍ଥ ଶ୍ରେଣୀର ଖାଲିଥିବା ମୂଳ ପଦବୀ ମଧ୍ୟରୁ ମାତ୍ର ୧୦ ପ୍ରତିଶତ ପଦବୀରେ ଅନୁକମ୍ପାମୂଳକ ନିଯୁକ୍ତି ଦେବାର ବ୍ୟବସ୍ଥା ଥିଲା। ଏଥିଯୋଗୁ ବହୁ ଆବେଦନକାରୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ଅନୁକମ୍ପାମୂଳକ ନିଯୁକ୍ତିକୁ ୧୦ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ତେବେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ବହୁ ଆବେଦନକାରୀ ଅଭାବ ଅନଟନରେ କାଳାତିପାତ କରୁଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ କଟକର ଶ୍ରୀହଂସ

### ୫ ମିନିଟ୍‌ରେ ୨୩ ସ୍ଲୋଗାନ




**କଟକ ଅଫିସ, ୧।୪**

୬ ବର୍ଷ ବୟସରେ ନିଜ ପ୍ରତିଭା ପ୍ରଦର୍ଶନ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି କଟକ ରାଣୀହାଟ ତେଲିସାହିର ଶ୍ରୀହଂସ ସାହୁ। ସେ ୫ ମିନିଟ୍‌ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ୨୩ଟି ସ୍ଲୋଗାନ କହି ଏହି ରେକର୍ଡ୍ସର ଅଧିକାରୀ ହୋଇଛନ୍ତି। ଶାନ୍ତନୁ ସାହୁ ଓ ବିଜୟଲକ୍ଷ୍ମୀ ଓଝାଙ୍କ ପୁଅ ଶ୍ରୀହଂସ କଟକ ନୂଆପଡା ନାରାୟଣୀ ସ୍କୁଲରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତାଙ୍କର ଏହି ପ୍ରତିଭା ଦେଖି କମ୍ ସମୟରେ କିଭଳି ଭାବେ ଅଧିକରୁ ଅଧିକ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ପର୍କରେ କହିପାରିବେ ସେ ସମ୍ପର୍କରେ ତାଙ୍କ ମାଆ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ପ୍ରଥମେ ୫ ମିନିଟ୍‌ରେ ୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ଲୋଗାନ ମନେରଖି କହୁଥିଲେ। କିଛିଦିନ ଅଭ୍ୟାସ କରିବା ପରେ ସେ ୨୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ଲୋଗାନ ମନେ ରଖିପାରିଥିଲେ। ତାଙ୍କର ଏହି ପ୍ରତିଭାକୁ ନେଇ ମାଆବାପା ୨୦୨୧ ଜୁଲାଇରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପାଇଁ ଆବେଦନ କରିଥିଲେ। ସେହିବର୍ଷ ନଭେମ୍ବରରେ ଅନ୍‌ଲାଇନ୍ ଯୋଗେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ସଦସ୍ୟମାନେ ଶ୍ରୀହଂସଙ୍କ ପ୍ରତିଭା ଦେଖିଥିଲେ। ପରେ ସେମାନେ ତାଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ଦେଇଥିଲେ। ଏ ନେଇ ଗତ ଗୁରୁବାର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଶାନ୍ତନୁ ଓ ବିଜୟଲକ୍ଷ୍ମୀ କହିଛନ୍ତି, କମ୍ ବୟସରେ ପୁଅର ଏଭଳି ପ୍ରତିଭା ଦେଖି ଆମେ ଗର୍ବିତ। ଆଗାମୀ ଦିନରେ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ଶ୍ରୀହଂସ ସ୍ଥାନ ପାଇବା ପାଇଁ ଆମର ଲକ୍ଷ୍ୟ ରହିଛି।

## ପ୍ରଥମ ପୃଷ୍ଠାରୁ...





### ହତ୍ୟା କରିଥିବା...

ନେଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିବାବେଳେ ହତ୍ୟା ପଛର କାରଣ ଓ ମେମୋରି ଚିପ୍ ବିଷୟରେ ସେ କ'ଣ କହିଲେ ତାହା କ୍ରାଇମବ୍ରାଞ୍ଚ କହିନାହିଁ। ଶର୍ମିଷ୍ଠା ଦେଇଥିବା ବୟାନ ଅନୁସାରେ ଅନ୍ୟତମ ଅଭିଯୁକ୍ତ ଝୁନା ଭୋଇ, ଭାଗ୍ୟଧର ନାୟକ, ରାଜ ଓରଫ ରଞ୍ଜନ ନାୟକ, ନିଲୁ ଓରଫ ବିବେକ ଓ ସେ ମିଶି ଗତ ଫେବୃୟାରୀ ୭ ସକାଳେ ଭଦ୍ରକ ଜିଲା ଚାନ୍ଦବାଲି ଥାନାସ୍ଥିତ ପଳାସପୁର ଗ୍ରାମରୁ ମାନସଙ୍କୁ ଅପହରଣ କରିବା ପରେ ତାଙ୍କ କାର୍‌ରେ ଭୁବନେଶ୍ୱର ଆଣିଥିଲେ। ସେହିଦିନ ମଧ୍ୟାହ୍ନରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନାସ୍ଥିତ ଦୟାଲ ଆଶ୍ରମରେ ସେମାନେ ପହଞ୍ଚିଥିଲେ। ସେଠାରେ ମାନସଙ୍କୁ ନିଘୁଞ୍ଚ ମାଡ଼ ମାରି ହତ୍ୟା କରିବା ପରେ ୮ ତାରିଖ ଅପରାହ୍ନରେ ତାଙ୍କ ମୃତଦେହକୁ ପୋତିବା ପାଇଁ ନିଜ କାର୍‌ରେ ନୟାଗଡ଼ ଜିଲା ରଣପୁର ଅଭିମୁଖେ ବାହାରିଥିଲେ। ଏହି ସମୟରେ ଶର୍ମିଷ୍ଠା ଓ ଝୁନା ଭୋଇ ଭୁବନେଶ୍ୱର ୟୁନିଟ-୧ ମାର୍କେଟରୁ ଝୋଟ ବ୍ୟାଗ୍, ସୁତୁଲି, ଗ୍ଲୋବ୍ସ କିଣିଥିଲେ। ରାସ୍ତାରେ ଯିବାବେଳେ ରାଜସୁନାଖଳାରୁ ଦୁହେଁ ୧୦ କେଜି ଲୁଣ କିଣିଥିଲେ। ସେଠାରେ ଭାଗ୍ୟଧର ଓ ରଞ୍ଜନ କୋଦାଳ ଓ ଗଇଁତି ମଧ୍ୟ କିଣିଥିଲେ। ତେବେ ଅଭିଯୁକ୍ତ ଭାଗ୍ୟଧରଙ୍କ ଘର ନୟାଗଡ଼ ଜିଲା ରଣପୁର ଥାନା ବଧିପାଟଣା ଗ୍ରାମରେ ହୋଇଥିବାରୁ ମାନସଙ୍କ ମୃତଦେହ ପୋତିବାକୁ ସେଠାକାର ଏକ ନିରାପଦ ସ୍ଥାନ ସେ ଦେଖାଇଥିଲେ, ଯାହାକି ବଧିପାଟଣା ଗାଁଠାରୁ ୨ କି.ମି. ଦୂର ଏକ ଜଙ୍ଗଲ ଜମି। ସେଠାରେ ସେମାନେ ୫ ଫୁଟ୍‌ର ଗାତ ଖୋଳି ମୃତଦେହ ପୋତିବା ପରେ ପ୍ରମାଣ ନଷ୍ଟ ପାଇଁ ମାନସଙ୍କ ଜିନିଷକୁ ନଷ୍ଟ କରିବାକୁ ଯାଜପୁର ଜିଲା ଚଣ୍ଡିଖୋଲ ଯାଇଥିଲେ।

**ହତ୍ୟାକାଣ୍ଡ ସ୍ଥଳ ଦେଖାଇ କାନ୍ଦିଲେ ଶର୍ମିଷ୍ଠା**

ଦୟାଲ ଆଶ୍ରମ ଉପର ମହଲାର ଏକ ରୁମ୍‌ରେ ମାନସଙ୍କୁ ରଖାଯାଇଥିଲା। ସେଠାରେ ହିଁ ତାଙ୍କୁ ମାଡ଼ ମାରି ମାରି ହତ୍ୟା କରାଯାଇଥିଲା। ଶର୍ମିଷ୍ଠା ଉକ୍ତ ରୁମ୍‌ରେ ସେଦିନର ଘଟଣାକୁ କ୍ରାଇମବ୍ରାଞ୍ଚ ଆଗରେ କହିଥିଲେ। ହେଲେ କହିଲା ବେଳେ ଶର୍ମିଷ୍ଠା ଭୋ ଭୋ ହୋଇ କାନ୍ଦି ପକାଇଥିଲେ।

**ମେମୋରି ଚିପ୍‌କୁ ନେଇ ଫିଟୁନି ରହସ୍ୟ**

ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଲେଣି। ହେଲେ ଯେଉଁ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିଲା ବୋଲି ଚର୍ଚ୍ଚା ହେଉଛି ତାହା ଏବେ ରହସ୍ୟ ଘେରରେ। ୪ ଅଭିଯୁକ୍ତଙ୍କ ରିମାଣ୍ଡର ଅବଧି ଆଉ ମାତ୍ର ଗୋଟିଏ ଦିନ ବାକି ଅଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଉକ୍ତ ମେମୋରି ଚିପ୍ ବିଷୟରେ କୌଣସି ସୂଚନା ଦିଆ ନ ଯିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମେମୋରି ଚିପ୍ ସୁରକ୍ଷିତ ଅଛି ନାହିଁ, ସେଥିରେ କେଉଁ ପ୍ରଭାବଶାଳୀଙ୍କ ଅପରାଧ ଲୁଚି ରହିଛି ତାହା ଜାଣିବାକୁ ଅନେକେ ଅପେକ୍ଷା କରିଥିବାବେଳେ କ୍ରାଇମବ୍ରାଞ୍ଚ ଚିପ୍ ବିଷୟରେ କିଛି କହୁନାହିଁ।

### କ୍ରାଇମ୍ ସିନ୍ ରିକ୍ରିଏଟ୍...

ଚାନ୍ଦବାଲି ଥାନା ଅଧୀନ ପଳାସପୁର ଗ୍ରାମରେ ପହଞ୍ଚିଥିଲେ, ଯେଉଁଠି ମାନସଙ୍କୁ ଅପହରଣ କରାଯାଇଥିଲା। ପଳାସପୁର ବଧିମୁହାଁ ସାହିର ଦୋଳମଣ୍ଡପରେ ବସି ଅପହରଣର ଷଡ଼ଯନ୍ତ୍ର କିପରି ରଚିଥିଲେ, କିପରି ଜୋର ଜବରଦସ୍ତି ମାନସଙ୍କୁ ଅପହରଣ କରାଯାଇଥିଲା ତାହା ଶର୍ମିଷ୍ଠା ବର୍ଣ୍ଣନା କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ତାହାର ସିନ୍ ରିକ୍ରିଏଟ୍ କରାଯାଇଥିଲା। ହେଲେ ସେଠାରେ ସ୍ଥାନୀୟ ଲୋକେ ହୋହଲ୍ଲା କରିବା ସହ ଶର୍ମିଷ୍ଠାଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି କରିଥିଲେ। ଭିଡ଼ ହେବାରୁ ଅଳ୍ପସମୟ ପରେ କ୍ରାଇମବ୍ରାଞ୍ଚ ଟିମ୍ ଶର୍ମିଷ୍ଠାଙ୍କୁ ନେଇ ବାହାରିଥିଲେ ଭୁବନେଶ୍ୱର ଅଭିମୁଖେ। ଅପରାହ୍ନ ପ୍ରାୟ ୨ଟାବେଳେ ସେମାନେ ସୁନ୍ଦରପଦା ନିକଟ ଶର୍ମିଷ୍ଠାଙ୍କ ଦୟାଲ ଆଶ୍ରମରେ ପହଞ୍ଚିଥିଲେ, ଯେଉଁଠି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ସମେତ ଅନ୍ୟ ଅଭିଯୁକ୍ତମାନେ ମାନସଙ୍କୁ ଅମାନୁଷିକ ଭାବେ ମାଡ଼ ମାରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ଏଠାରେ ଘଟିଥିବାରୁ ଦୟାଲ ଆଶ୍ରମକୁ ଚାରିପଟେ କର୍ଡନ କରାଯାଇଥିଲା। ଶର୍ମିଷ୍ଠା ଦୟାଲ ଆଶ୍ରମକୁ ଯାଇ କେଉଁ ରୁମ୍‌ରେ ମାନସଙ୍କୁ ହତ୍ୟା କରାଯାଇଥିଲା, କିପରି ହତ୍ୟା କରାଗଲା ତାହା କହିଥିଲେ। ଏହାପରେ କ୍ରାଇମବ୍ରାଞ୍ଚ ଟିମ୍ ଶର୍ମିଷ୍ଠାଙ୍କୁ ଆଣି ନୟାଗଡ଼ ଜିଲା ରଣପୁର ଥାନା ବଧିପାଟଣା ଗ୍ରାମ ନିକଟ ନୂଆକାଟେଣୀ ଜଙ୍ଗଲରେ ଅପରାହ୍ନ ୪ଟା୪୦ରେ ପହଞ୍ଚି ଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ସେଠାରେ ୧ ପ୍ଲାଟୁନ୍ ଫୋର୍ସ ପୂର୍ବରୁ ମୁତୟନ ହୋଇଥିଲେ। ତେବେ ସେଠାରେ ଶର୍ମିଷ୍ଠାଙ୍କୁ ଦେଖି ସାଧାରଣରେ ଉତ୍ତେଜନା ଦେଖାଦେବା ସହ ଠେଲାପେଲା ହୋଇଥିଲା। ମାନସଙ୍କୁ କିପରି ଜଙ୍ଗଲକୁ ଅଣାଗଲା, କେତେ ଫୁଟର ଗାତ ଖୋଳାଯାଇଥିଲା, ଗାତ ଖୋଳିବାରେ କିଏ ସହଯୋଗ କରିଥିଲେ ତାହା ଶର୍ମିଷ୍ଠା କହିଥିଲେ। ସେଠାରେ କ୍ରାଇମବ୍ରାଞ୍ଚ ୧୦ମିନିଟ୍ ଭିତରେ କ୍ରାଇମ ସିନ୍ ରିକ୍ରିଏଶନ ଶେଷ କରି ଫେରିଥିଲା।

### ହଷ୍ଟେଲ ଛାତରୁ ଡେଇଁ...

ସୁନ୍ଦରଗଡ଼ ଟାଉନ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି। ସୁନ୍ଦରଗଡ଼ ଏସ୍‌ଡିପିଓ ଘଟଣାର ତଦନ୍ତ କରୁଛନ୍ତି। ଏହି ଘଟଣାକୁ ନେଇ ମୃତା ଛାତ୍ରୀଙ୍କ ପରିବାର, ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତଦନ୍ତ ଚାଲିଥିବାରୁ ପୋଲିସ ସବିଶେଷ ତଥ୍ୟ ଦେଇନାହିଁ। ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ (ଡିଇଓ) ଅମୂଲ୍ୟ ପ୍ରଧାନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଟେଲଙ୍କୁ ଚାକିରିରୁ ନିଲମ୍ବିତ କରିଥିବା ଜଣାପଡ଼ିଛି।

### ଇ-ଯାନ ମାଲିକଙ୍କୁ...

ସମସ୍ତ ଇ-ଯାନ ମାଲିକଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ। ୨ ଚକିଆ ଇ-ଯାନ ପାଇଁ ସର୍ବାଧିକ ୫ ହଜାର, ୩ ଚକିଆ ଇ-ଯାନ ସର୍ବାଧିକ ୧୦ ହଜାର ଏବଂ ୪ ଚକିଆ ଇ-ଯାନ ସର୍ବାଧିକ ୫୦ ହଜାର ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ ପରାଯିବ। ଏହି ବ୍ୟବସ୍ଥା ଆସନ୍ତା ୪ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ୨ ଚକିଆ ଇ-ଯାନ ସବ୍‌ସିଡି ଲାଗି 'ଫାଷ୍ଟର ଆଡପ୍ସନ୍ ଆଣ୍ଡ ମାନୁଫାକ୍ଚରିଂ ଅଫ୍ ଇଲେକ୍ଟ୍ରିକ୍ ଭେଇକିଲ ସ୍କିମ୍'ର ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ସୂଚନାଯୋଗ୍ୟ, ରାଜ୍ୟରେ ଇ-ଯାନ ପାଇଁ ଗାଡ଼ି ପଞ୍ଜୀକରଣ ଦେୟ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ବର୍ତ୍ତମାନ ଏହି ବର୍ଗର ଗାଡିର ମାଲିକମାନେ ଏହି ସୁବିଧା ପାଉଛନ୍ତି। ସବ୍‌ସିଡି ପାଇବା ପାଇଁ ସମ୍ପୃକ୍ତ ଗାଡ଼ି ମାଲିକ odishatransport.gov.in ପୋର୍ଟାଲକୁ ଯାଇ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିପାରିବେ।

**WORKS DEPARTMENT**
**OFFICE OF THE EXECUTIVE ENGINEER**
**MAYURBHANJ (R & B) DIVISION, BARIPADA**
No.B-1078:- e-mail – bpd_eerb@rediffmail.com
**Government of Odisha "e" Procurement Notice**
**Bid Identification No. E.E.-54/2021-22**
1. Number of works – 1 (One) number of works.
2. Approximate estimated cost:- 78.18 Lakh
3. Period of Completion: - 6 (Six) Calendar months.
4. Date & Time of availability of bid documents in the portal :- Dt. 06.04.2022 to 16.04.2022.
5. Last Date / Time of receipt of bid in the portal :- Dt. 16.04.2022 up to 5.00 PM
6. Date of Opening of bid :- Dt. 18.04.2022 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada.
Further details can be seen from the e-procurement portal **http://www.tendersodisha.gov.in**
**Sd./- Executive Engineer**
**Mayurbhanj (R&B) Division**
OIPR-34060/11/0018/2122

**OFFICE OF THE MUNICIPAL COUNCIL: BRAJRAJNAGAR**
**E-Procurement Notice**
No.C-2048:
**Bid Identification No.:- BRJNRM-07/2021-22**
Total No. of Works:-8 Nos.
Tender ID:-**2022_ORULB_76604**
Tender Value:- Rs.2.00 Lakhs to 19.97 Lakhs
Bid security:- Rs.2000.00 to Rs.19,970.00 Available Period: - Dt.02.04.2022,11:00 A.M. to 12.04.2022,05:00 P.M.
Tender opening date: - 19th April 2022,11:00 A.M.
Bidders are requested to participate in advance with their Class-II and Class-III. Contractor DSC before the closing date.
Further details please visit: - www.tendersorissa.gov.in
**Sd./- Executive Officer**
**Brajrajnagar Municipality**
OIPR-13099/11/0019/2122

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**
PIN: 751012, Tel No.(0674) 2562020, e-Mail: theoccltd@odishaconstruction.com
GSTIN- 21AAACO2571K2ZM
**"e" Procurement Notice No- 22/OCCL/2021-22 (on-line)**
No.CAD-3382 On-line tenders are invited for EPC Contract for the following works;

| Sl. No. | Name of Work | Bid Identification No. | Period of Completion | Availability of Tender (online) | Submission of tender (online) |
|---|---|---|---|---|---|
| 01 | Construction of in stream storage structure across river Kushabhadra near village Ramachandrapur pertaining to Prachi Division. | OCCL-HQP/ 02/ 2021-22 | 24 (Twenty Four) Calendar Months | From 05.04.2022 10.00 A.M. to 19.05.2022 5.30 P.M. | From 05.04.2022 10.00 A.M. to 19.05.2022, 5.30 P.M. |
| 02 | Construction of in stream Storage structure across river Nuanai near village Baliguali/ Mohinipur pertaining to Puri Irrigation Division | OCCL-HQP/03/ 2021-22 | 24 (Twenty Four) Calendar Months | From 05.04.2022, 10.00 A.M. to 19.05.2022, 5.30 P.M. | From 05.04.2022, 10.00 A.M. to 19.05.2022, 5.30 P.M. |

Procurement Officer: Managing Director, OCCL. Date of Opening of the Technical Bid: 20.05.2022,12.00 Noon. Further details can be seen from the e-procurement portal: **https://www.tendersodisha.gov.in.**
**Sd./- Managing Director**
OIPR-34120/11/0019/2122

**ନିଲାମ ବିଜ୍ଞପ୍ତି**
**No.D-383:** ପୋଲିସ ଉପଆୟୁକ୍ତ, କଟକ ସିଦ୍ଧେଶ୍ୱରପୁର ଫାୟାରିଂ ରେଞ୍ଜ, ନରାଜଠାରେ ଥିବା କାଜୁ ବଗିଚା, ୨୦୨୨ ବର୍ଷରେ ନିଲାମ କରିବା ପାଇଁ ଇଚ୍ଛୁକ ନିଲାମଧାରୀଙ୍କଠାରୁ ସାଦା କାଗଜରେ ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ନିଲାମ ନୋଟିସ୍ ଖବରକାଗଜରେ ବାହାରିବା ପରେ ନିଲାମଧାରୀଙ୍କ ଅବଗତି ନିମନ୍ତେ ଏହା କଟକ ଉପଆୟୁକ୍ତଙ୍କ ନୋଟିସ୍ ବୋର୍ଡରେ ବିଜ୍ଞପ୍ତି ଦିଆଯିବ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଉକ୍ତ କାଜୁ ବଗିଚାକୁ ଯେ କୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ପରିଦର୍ଶନ କରିପାରିବେ । ପୋଲିସ ଉପଆୟୁକ୍ତ, ସହରାଞ୍ଚଳ ଜିଲ୍ଲା-କଟକଙ୍କୁ ସମ୍ବୋଧିତ ଜଉମୁଦ ଟେଣ୍ଡର ଲଫାପାକୁ ରିଜର୍ଭ ପୋଲିସ୍ ଲାଇନ୍, ବକ୍ସିବଜାର, କଟକରେ ଥିବା ଏକ ଜଉମୁଦ ବାକ୍ସରେ ପକାଇବେ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନଙ୍କୁ ୫,୦୦୦/- ଟଙ୍କା (ଟଙ୍କା ପାଞ୍ଚ ହଜାର ମାତ୍ର)ର ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ଆଡିସିନାଲ ଡି.ସି.ପି.,ଡି.ଡି.ଓ-୧, ପୋଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକଙ୍କ ସମକ୍ଷରେ ସଂଲଗ୍ନ କରିବେ, ଯାହା ଭାରତୀୟ ଷ୍ଟେଟ ବ୍ୟାଙ୍କ, ଟ୍ରେଜରି ଶାଖା, ଭୁବନେଶ୍ୱରରେ ପୈଠ କରାଯାଇପାରିବ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଏହି ଟଙ୍କାର ପରିମାଣ ଅକ୍ଷରରେ ଏବଂ ସଂଖ୍ୟାରେ କାଜୁ ବଗିଚା ନିଲାମ ସକାଶେ ବୋଲି ଉଲ୍ଲେଖ କରିବେ । ନିଲାମ ଟଙ୍କାର ପରିମାଣ ସଂଖ୍ୟାରେ ଓ ଅକ୍ଷରରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ପ୍ରାର୍ଥୀଙ୍କ ନିଲାମ ଖାରଜ ହୋଇଯିବ । ଟେଣ୍ଡର କାଗଜ ଜଉମୁଦ ଟେଣ୍ଡରଗୁଡିକ ଆସନ୍ତା ତା.୧୨.୪.୨୦୨୨ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗ୍ରହଣ କରାଯିବ ଏବଂ ଆସନ୍ତା ତା.୧୩.୦୪.୨୦୨୨ ରିଖ ଅପରାହ୍ନ ୨ ଘଟିକା ସମୟରେ କଟକ ରିଜର୍ଭ ଅଫିସ୍‌ରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ତାଙ୍କର Agentମାନଙ୍କ ଉପସ୍ଥିତିରେ ଖୋଲାଯିବ । ଯିଏ ସର୍ବାଧିକ ଟେଣ୍ଡର ଡାକିବେ, ତାଙ୍କୁ ସଙ୍ଗେ ସଙ୍ଗେ ୨୫ ପ୍ରତିଶତ ନଗଦ ଟଙ୍କା ଆକାରରେ ଦାଖଲ ଦେବାକୁ ପଡିବ ଏବଂ ବାକି ୭୫% ଟଙ୍କା ୭ (ସାତ) ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ । ନଚେତ୍ ଅମାନତ ଟଙ୍କା କୌଣସି କାରଣ ନ ଦର୍ଶାଇ ବାଜ୍ୟାପ୍ତ କରାଯିବ ଏବଂ ତାଙ୍କର ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦାଖଲକାରୀଙ୍କୁ ଆମନ୍ତ୍ରଣ କରାଯିବ । ଏ ସଂକ୍ରାନ୍ତରେ ଆଦେଶ ପ୍ରଦାନ କରିବା ପରେ କାଜୁ ବଗିଚାକୁ ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ । ଏଥି ନିମନ୍ତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ଅମାନତ ଟଙ୍କା ଫେରସ୍ତ କରି ଦିଆଯିବ । ଆବଶ୍ୟକ ସ୍ଥଳେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ନିଲାମ ଗ୍ରହଣ କିମ୍ବା ନାକଚ କରିପାରିବେ । ନିଲାମ ପ୍ରକ୍ରିୟା ସମାପ୍ତ ହେଲାପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।
**(ପ୍ରତୀକ ସିଂ, ଭା.ପୁ.ସେ.), ଆରକ୍ଷୀ ଉପଆୟୁକ୍ତ, କଟକ**
**OIPR-12015/11/0032/2122**

**NOTICE INVITING TENDER** No. CAD-3378
**Office of District Manager**
**Odisha State Civil Supplies Corporation Ltd. (OSCSC)**
**KEONJHAR (District)**
**Phone: 06766-250029**
**TENDER No. 854** **Dated: 30/03/2022**
**Cost of Tender Document:- Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS)**
**1.** Availability of tender documents: From Date **31.03.2022.** Downloadable from website: **www.oscsc.in, www.foododisha.in** & **www.tendersodisha.gov.in. 2.** Date, time and venue for pre-bid conference: On dt. **04.04.2022** At- **4.00 P.M.** Place- **Office of the District Manager, OSCSC Ltd., Keonjhar. 3.** Last date and time for online submission of completed Tender Documents with enclosures: Through e-Procurement Portal: **www.tendersodisha.gov.in upto 5.00 P.M. of dt.10.01.2022. 4.** Date, time and venue for opening of Technical Bid by the Tender Committee: **On dt. 11.04.2022 at 11.30 A.M.** Place - **Office Chamber of A.D.M., Keonjhar. 5.** Date, time and venue of submission of original documents in support of scanned copies uploaded in the portal for verification: On dt.11.04.2022 at 12.00 P.M., Place- **Office of the District Manager, OSCSC Ltd., Keonjhar. 6.** Date & time of Financial Bid opening by the Tender Committee (Only of Technically Qualified Bidders): **To be announced after technical bid evaluation. 7.** Venue of the opening of Technical & Financial Bids: **Office Chamber of A.D.M., Keonjhar. 8.** Validity Period: Tenders are to remain open for acceptance for 45 days inclusive of date of opening of tender. Note:- The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. **9.** Language of the Tender: The tender should be prepared by the bidder in English language only. **10.** Help Desk telephone no.: **(i) OSCSC Ltd.- District Manager No.**- 9438200048, **Accounts Head No.**- 9437201773. **(ii) State Procurement Cell:**- 0674-2530998/ 18003456765
OIPR-07048/11/0018/2122

# ପିତୃପୂଜା

ଶ୍ରୁତକୀର୍ତ୍ତି ତ୍ରିପାଠୀ

ଗଳ୍ପ



ସ୍ୱାଦିଷ୍ଟ ବ୍ୟଞ୍ଜନର ସୁଗନ୍ଧ ନାକରେ ବାଜିଲାରୁ କୁନାର ନିଦ ଭାଙ୍ଗିଗଲା। ଆଜି କିଛି ଗୋଟିଏ ବିଶେଷ ଦିନ ନିଶ୍ଚୟ ହୋଇଥିବ ଭାବି ଶୀଘ୍ର ନିତ୍ୟକର୍ମ ସାରି ରୋଷେଇ ଘରକୁ ପଶିବାକୁ ଉଦ୍ୟତ ହୁଅନ୍ତେ, ମା' ବାଟ ଓଗାଳି ଛିଡ଼ାହେଲେ, ''ଆଜି ନ ଗାଧୋଇ ରୋଷେଇ ଘରକୁ ପଶିପାରିବୁନି କୁନା, ଆଜି ପରା ପବିତ୍ର ମହାଳୟା, ପିତୃପୁରୁଷଙ୍କ ପାଖରେ ପିଣ୍ଡ ପଡ଼ିବ। ତୁ ଯାଆ, ଶୀଘ୍ର ଗାଧୋଇପାଧୋଇ ଆସେ। ଆଉ ଅଳ୍ପ ଟିକେ ରୋଷେଇ ବାକି ରହିଛି, ସରିଲେ ବାପା ଭୋଗ ଲଗେଇଦେବେ; ତା'ପରେ ଯାହା ଖାଇବୁ।''

ମହାଳୟା! ସେଇଟା ପୁଣି କି ପୂଜା? ଆଶାୟୀ ଦୃଷ୍ଟିରେ ପଚାରିଲା କୁନା। ପ୍ରତିବର୍ଷ ଏହି ପୂଜା ଘରେ ହଉଥିଲେ ବି କୁନା ବେଶିକିଛି ଜାଣି ନ ଥିଲା କିମ୍ବା ପୂର୍ବରୁ କେବେ ଜାଣିବାକୁ ଇଚ୍ଛା କରି ନ ଥିଲା ଏ ବିଷୟରେ। ମହାଳୟା ଉପରେ ସବିଶେଷ ବିବରଣୀ ଦେଇ କୁନାକୁ ବୁଝେଇବା ପାଇଁ ମା'ଙ୍କ ପାଖରେ ବେଳ ନ ଥିଲା, ତେଣୁ ସେ 'ଯା ବାପାଙ୍କୁ ପଚାରିବୁ, ସେ ବୁଝେଇଦେବେ' କହି ରୋଷେଇ କାମରେ ପୁଣିଥରେ ମନ ଦେଲେ।

କୁନା ବାପାଙ୍କ ପାଖକୁ ଯାଇ ଦେଖିଲା ସେ ଆଜି ଅଲଗା ଲାଗୁଛନ୍ତି! ପିନ୍ଧିଛନ୍ତି ଧୋତି ଗାମୁଛା, ତା' ସହ ବେକରେ ପଡ଼ିଛି ତୁଳସୀ ମାଳା। କପାଳରେ ଚନ୍ଦନ ଟୋପାଟି ଆଜି ତାଙ୍କୁ ଭାରି ମାନୁଥାଏ। ଜେଜେଙ୍କ ଫଟୋରେ କର୍ପୂରମାଳା, ଧୂପ, ଦୀପ, ଫୁଲ ଦିଆହେଇ ପୂଜା ହେଉଥିବାର ଦେଖି କୁନା ପ୍ରଶ୍ନ କଲା, 'ଆଜି କ'ଣ ପିତୃପୂଜା?' ବାପା ହସିଦେଇ କହିଲେ, ନା ରେ, ଆଜି ମହାଳୟା; ନିଜର ପିତୃପୁରୁଷ ଅର୍ଥାତ୍ ନିଜ ବଂଶର ସ୍ୱର୍ଗତ ମାଆବାପା, ଜେଜେବାପା, ଜେଜେମା', ତାଙ୍କର ବାପାମାଆ ଆଦି ଯେତେଜଣ ଥିଲେ ତାଙ୍କୁ ସ୍ମରଣ କରି ତାଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯାଏ। ତାଙ୍କ ଆତ୍ମାର ଶାନ୍ତି ପାଇଁ କାମନା କରି ତର୍ପଣ କରାଯାଏ। ଆଜି ଦିନରେ ଲୋକଙ୍କୁ ଭୋଜନ ସହିତ ଦକ୍ଷିଣା ଦେଲେ ମହାପୁଣ୍ୟ ମିଳେ ବୋଲି ସମସ୍ତେ ମହାଳୟା ଶ୍ରାଦ୍ଧ କରନ୍ତି।

ବାପା କୁନା ସହିତ କଥା ହେଲା ପରେ ଖଲିପତ୍ର, ଆସନ, ପାଣିଗ୍ଲାସ ସଜାଡ଼ିବା କାମରେ ଲାଗିଗଲେ। ଗ୍ୟାରେଜରୁ ଗାଡ଼ି କଢ଼ାହେଇ ବାହାରେ ରଖାହେଇଥିଲା। ପୂରା ଗ୍ୟାରେଜଟା ଭଲଭାବରେ ସଫା କରାଯାଇ ସବୁ ଜିନିଷ ଖାଲି କରିଦିଆଯାଇଥିଲା। ବାପା ଗୋଟିଏ ପଟେ ସବୁ ଜିନିଷ ଠୁଳ କରି ରଖିଥିଲେ। କୁନାକୁ ତାଙ୍କ କାମରେ ସାହାଯ୍ୟ କରିବା ପାଇଁ ଡାକିଲେ। କୁନା ଏତକ ଦେଖି ଜାଣିସାରିଥିଲା ଯେ ଆଜି ତାଙ୍କ ଘରେ ନିଶ୍ଚୟ ଭୋଜିଭାତ ହେବାର ବ୍ୟବସ୍ଥା ଅଛି। ସେ ଅତ୍ୟନ୍ତ ଖୁସି ହୋଇ ବାପାଙ୍କୁ ପଚାରିଲା, କିଏ କିଏ ଆସିବେ ବାପା? ଆଜି ଆମର ଭୋଜି ହବ ନା! ବାଃ... ବହୁତ ମଜା ହବ ତା' ହେଲେ। ମୋର ସବୁ ସାଙ୍ଗ ବି ଆସିବେ ତ?

ବାପା ତାକୁ ପାଖକୁ ଟାଣି ଆଣି କହିଲେ, ''ନା କୁନା ଆଜି କେହି ସାଙ୍ଗସାଥୀ ଆମ ଘରକୁ ଭୋଜିରେ ଆସୁନାହାନ୍ତି। ଆଜି ଯେଉଁମାନେ ଅତିଥି ହୋଇ ଘରକୁ ଆସୁଛନ୍ତି, ସେମାନେ ହେଲେ ସବୁଦିନ ଭଲରେ ଖାଇବାକୁ ପାଉ ନ ଥିବା ଭିକାରିମାନେ।''

କୁନାର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ବାପାଙ୍କ ପାଟିରୁ ଆଜିର ଅତିଥିଙ୍କ ବିଷୟରେ ଜାଣି। କ୍ଷଣକ ଭିତରେ ତା' ମନରେ ଭୋଜି ପାଇଁ ଥିବା ଉତ୍ସାହ ଆଉ ଆନନ୍ଦ ପାଣିଫୋଟକା ଭଳି ମିଳେଇଗଲା। ବାପାଙ୍କୁ ଆଉ କିଛି ପଚାରିବା ପାଇଁ କି ତାଙ୍କୁ କାମରେ ସାହାଯ୍ୟ କରିବା ପାଇଁ ଆଉ ତା'ର ଇଚ୍ଛା ହେଲାନି, କିନ୍ତୁ ବାପାଙ୍କୁ ତ ଆଉ ମୁହଁ ଖୋଲିକି ସେ କିଛି କହି ପାରିବ ନାହିଁ। ବାପା କୁନାର ଶୁଖିଲା ମୁହଁ ଦେଖି ସବୁ ଜାଣିପାରିଲେ। ତାକୁ କୋଳରେ ଆଣି ବସେଇଲେ ଏବଂ ବୁଝେଇଲେ, ''ଜାଣିଛୁ କୁନା ତୋ' ଜେଜେବାପା ଭାରି ପରୋପକାରୀ ଥିଲେ। ଭଗବାନଙ୍କ ପୂଜା କରିବା ଅପେକ୍ଷା ଲୋକଙ୍କ ସେବା ଏବଂ ସାହାଯ୍ୟ କରିବାକୁ ସେ ବେଶି ପ୍ରାଧାନ୍ୟ ଦେଉଥିଲେ। ଅଭାବୀ ଏବଂ ଗରିବ ଲୋକଙ୍କୁ ଖାଇବାକୁ ଦେଇ ସନ୍ତୁଷ୍ଟ କରିପାରିଲେ, ତାହା ଠାକୁର ସେବା ଠାରୁ ଅଧିକ ପୁଣ୍ୟ ମିଳେ ବୋଲି ସେ ଭାବୁଥିଲେ। ମହାଳୟା ଦିନ ଥିଲାବାଲା ବ୍ରାହ୍ମଣମାନଙ୍କୁ ଖାଇବାକୁ ନ ଦେଇ ଦରିଦ୍ର ଭିକାରିମାନଙ୍କୁ ଭୋଜନ କିମ୍ବା ଦାନ ଦେଲେ ପିତୃପୁରୁଷ ବେଶି ସନ୍ତୁଷ୍ଟ ହୁଅନ୍ତି ବୋଲି ତାଙ୍କର ବିଶ୍ୱାସ ଥିଲା। ଏହାହିଁ ମୁଁ ତାଙ୍କଠାରୁ ଶିଖିଛି ଏବଂ ତାଙ୍କରି କଥାକୁ ଅନୁସରଣ କରି ପ୍ରତିବର୍ଷ ମହାଳୟା ଦିନ ଯଥାଶକ୍ତି କିଛି ଗରିବ, ଅଭାବୀ ଲୋକଙ୍କୁ ଡାକି ଖାଇବାକୁ ଦିଏ। ଏହାଦ୍ୱାରା ମୋତେ କିଛି ପୁଣ୍ୟ ମିଳିବ କି ନାହିଁ ତାହା ତ ମୁଁ ଜାଣିନି, କିନ୍ତୁ ସେମାନଙ୍କୁ ଖାଇବାର ଦେଖି ମୋ' ମନରେ ଯେଉଁ ଆତ୍ମସନ୍ତୋଷ ଆସେ ତାହା କୌଣସି ପୁଣ୍ୟଠାରୁ କୌଣସି ଗୁଣରେ କମ୍ ନୁହେଁ। ତୋ' ଜେଜେ ଏବଂ ତାଙ୍କ ପିତୃପୁରୁଷମାନେ ଏସବୁ ଦେଖି ନିଶ୍ଚୟ ଖୁସି ହଉଥିବେ ବୋଲି ମୋର ବିଶ୍ୱାସ।''

କୁନା ଏବେ ବୁଝିପାରିଲା ଘରେ ଭୋଜି ଆୟୋଜନର ରହସ୍ୟ। ତା' ଶୁଖିଲା ମୁହଁରେ କେମିତି ଗୋଟିଏ ଚମକ ଆସିଗଲା। ଏତିକିବେଳେ ମାଆ ଥାଳିରେ ସବୁ ପ୍ରକାର ଖାଦ୍ୟ ସଜେଇ ପିଣ୍ଡ ପୂଜା ପାଇଁ ବାପାଙ୍କୁ ଡାକିଲେ। ଯଥାବିଧି ପୂଜା ଭୋଗ ଅର୍ପଣ ପରେ ମାଆ କୁନାକୁ ଖାଇବାକୁ ଡାକିଲେ।

କୁନା ବଡ଼ ପିଲାଟିଏ ଭଳି ମାଆଙ୍କୁ କହିଲା– ''ମାଆ ମୁଁ ବି ଆଜି ବାପାଙ୍କ ସହିତ ମିଶି ସମସ୍ତଙ୍କୁ ବାଣ୍ଟିବି, ପାଣିଦେବି। ସମସ୍ତେ ଖାଇଲା ପରେ ବାପା ଓ ତୁମ ସହିତ ଏକାଠି ମିଶି ଖାଇବି। ଜେଜେ ଉପରୁ ଥାଇ ଏସବୁ ଦେଖି କେତେ ଖୁସି ହେବେ କହିଲ! 'ପିତୃପୂଜା' ଦିନଟି ବିଷୟରେ ମୁଁ ସିନା ଆଗରୁ ଜାଣି ନ ଥିଲି, ହେଲେ ୟା ପରଠୁ ମୁଁ ବି ବାପାଙ୍କ ସହିତ ମିଶି ଆମର ପିତୃପୁରୁଷଙ୍କ ପାଇଁ ପ୍ରାର୍ଥନା କରିବି ଏବଂ ଗରିବ ଲୋକଙ୍କୁ ଖାଇବାକୁ ଦେବି।

ବାପା ଦୂରରୁ ଥାଇ କୁନାର ଖୁସିକୁ ବେଶ୍ ଅନୁଭବ କରିପାରୁଥିଲେ। ଏତେ କମ୍ ବୟସରେ ବି କୁନା ଭଳି ପିଲାମାନେ ବୁଝିପାରିବେ ମାନବଧର୍ମ କଥା, କେବଳ ସେମାନଙ୍କୁ ବୁଝେଇ ପାରିବା ଭଳି ଧୈର୍ଯ୍ୟ ଓ ଇଚ୍ଛା ଆମ ବଡ଼ମାନଙ୍କର ରହିବା କଥା।

ମୋ: ୬୩୭୦୫୧୬୪୭୮

## କବିତା

### ଯୁଦ୍ଧ ଯଦି କବିତା ନୁହେଁ

ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ଯୁଦ୍ଧକୁ ନେଇ ଲେଖିପାରୁନି କବିତା,
କଲମକୁ କାଳିରେ ବୁଡ଼େଇ
ଉଠାଇ ଆଣିଲେ
ଝର ଝର ଝରୁଛି ରକ୍ତ
ଠପ୍‌ଠପ୍ ବୋହୁଛି ଲୁହ,

ଭିଡିଓଟେ ବୁଲୁଛି
ଫେସ୍‌ବୁକ ୱାଲ୍‌ରୁ ହ୍ୱାଟ୍ସଆପ୍
ଠୁକ୍‌ଠୁକ୍ ଚାଲିବାକୁ
ଆରମ୍ଭ କରିଥିବା କୁନି ପୁଅଟେ
ହାତରେ ଧରିଛି ବସ୍ତାନିଟେ
ଉଜୁଡ଼ି ଯାଇଛି ସ୍କୁଲ୍ ଘର
କୋଉଠି ଅଛନ୍ତି ସାଙ୍ଗସାଥୀ?
ମିଳୁନାହାନ୍ତି ପାପା ମମି?

ଭୋକ ଲାଗିବଣି ତାକୁ
କିଏ ବାଢ଼ିଦେବ ଖାଇବାକୁ?
ତା' ହାତରେ ଥିବା ବ୍ୟାଗ୍‌ରୁ
ସରିଯିବଣି ବିସ୍କୁଟ,
ପାଣି ବଟଲରେ ଆଉ ହୁଏତ
ନଥିବ ଟୋପାଏ ପାଣି,
ହେଲେ ଅନବରତ ଝରୁଛି ଆଖି!

ସେ ବୁଝିପାରୁନି କାହିଁକି ତାକୁ
ଚାଲିବାକୁ ହେଉଛି ଏତେ ବାଟ
କୁଆଡ଼େ ଚାଲୁଛି ତା'ର କୁନି କୁନି ପାଦ?
ଏ ତା'ର ସ୍କୁଲରୁ ଫେରି
ଶୋଇପଡ଼ିବା ବେଳ!
ତା' ଘର କୁଆଡ଼େ ଗଲା?
କୁଆଡ଼େ ଗଲେ ତା'
ଖେଳଣାମାନେ?

ସେ କାନ୍ଦୁଛି, ହୁଏତ ସେ ଥକିଗଲାଣି
କିମ୍ବା ତାକୁ ଭୋକ କରୁଛି,
କାରଣ ସତ କଥା ହେଲା
ସେ ବୁଝେନା ଯୁଦ୍ଧ କ'ଣ
କାହିଁକି ଏତେ ଧୂଆଁ
ତା' ଦେଶର ଆକାଶରେ?

ସେ ଜାଣେନି
ଠୋଠା ଫୁଟୁଥିବା ଏଇ ରକେଟ୍‌ଗୁଡ଼ିକ
ବାଣ ନୁହନ୍ତି, କ୍ଷେପଣାସ୍ତ୍ର
ସେ କ୍ଷେପଣାସ୍ତ୍ରର ଅର୍ଥ ବୁଝେନା
ସେ ଘର ବୁଝେ, ଖେଳଣା ବୁଝେ
ଆଉ ତାକୁ କଷ୍ଟ ଲାଗିଲେ ସେ କାନ୍ଦେ!

ମୋତେ କାନ୍ଦି ଆସୁନି
ଭ୍ଲାଦିମିର ପୁଟିନ କି
ଭୋଲୋଡିମିର ଜେଲେନ୍‌ସ୍କି
ଏମାନଙ୍କ ଆଖିରେ ଲୁହ ନଥାଏ
ତାଙ୍କ ଘରେ ଭର୍ତ୍ତି ଅଛି ବିସ୍କୁଟ, ଖେଳଣା
ପାଣି ଆଉ ସାଙ୍ଗସାଥୀ।

ମୋର ମନେପଡୁଛି ସେ ଛୋଟ ପୁଅଟି
ଯେ ତା' ଭାଇର ଶବକୁ ପିଠିରେ ବୋହି
ବାଟ ଚାଲିଥିଲା ମାଇଲ ମାଇଲ
ସେତକ ତାକୁ ବୋଝ ପରି ଲାଗି ନଥିଲା
ସେ ତା'ର କର୍ତ୍ତବ୍ୟକୁ ପିଠିରେ ବୋହି
ଯୁଦ୍ଧକୁ ପିଠିକରି ଶାନ୍ତି ଆଡ଼କୁ
ବାଟ ଖୋଜିଥିଲା!
ଆଉ ମୁଁ ଯୁଦ୍ଧଭୂଇଁରେ କବିତାର
କୋମଳତା ଉଣ୍ଡାଳୁଛି
ଧିକ୍ ମୋତେ, ଧିକ୍ ମୋ' କବିତାକୁ!

ମୋ: ୯୮୬୧୪୮୦୯୯୯

ଗୀତି–କବିତା

### ଲୁହର ଲିରିକ୍

ଧନଞ୍ଜୟ ସ୍ୱାଇଁ

ଓଠ କି ଜାଣଇ କେତେ ଲୁହ ଏଇ
ଆଖି ଢାଳେ ଅଜାଣତେ!
(ହେଲେ) ଲୁହ ଇଚ୍ଛାମତୀ ଝରଣାଟେ ପରି
ଝରୁଥାଏ ଇଚ୍ଛାମତେ।। ୦।।

ସେ ଆଖିର ଲୁହ ବୀଣାତାନ ଅବା
ବିଷାଦର ବନସ୍ତରେ
ସେ ଆଖିର ଲୁହ ମେଘକନ୍ୟା ଯେ'
ଦୂର ନଭୁ ଆଖିଠାରେ
ବଞ୍ଚିବାର ଆଶା ଜୀବନେ ଜୁଟାଏ
ଲୁହ ଦି' ନୟନ ପ୍ରାନ୍ତେ
ଝରୁଥାଏ ଇଚ୍ଛାମତେ...।। ୧।।

ବିନ୍ଦୁଏ ଲୁହରେ ଲୁଚିଥାଏ କେତେ
ଅନୂଢ଼ା ପ୍ରୀତିର ରଙ୍ଗ
ଯେମିତି ଦିଗନ୍ତେ ମୁରୁଜଛିଟାରେ
କରୁଣ ଅସ୍ତରାଗ
ନିଃସଙ୍ଗ ବେଳାର ବନ୍ଧୁଟିଏ ଲୁହ
ଛାଇଭଳି ଥାଏ ସାଥେ
ଝରୁଥାଏ ଇଚ୍ଛାମତେ...।। ୨।।

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ସହସ୍ରାବ୍ଦୀର ସ୍ୱାକ୍ଷରିତ ପାଣ୍ଡୁଲିପି




**କବି:** ପ୍ରହରାଜ ସତ୍ୟନାରାୟଣ ନନ୍ଦ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍‌ସ, ଡବ୍‌ଲିନ୍, ୟୁ.ଏସ୍.ଏ.
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୬୦/–

ମୋଟ ୫୭ଟି କବିତାକୁ ପତ୍ରସ୍ଥ କରି ପ୍ରକାଶ ପାଇଛି ବର୍ଷୀୟାନ୍ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ କବିତାଗ୍ରନ୍ଥ ''ସହସ୍ରାବ୍ଦୀର ସ୍ୱାକ୍ଷରିତ ପାଣ୍ଡୁଲିପି''। ସମକାଳୀନ ସମୟ ଓ ସମାଜର ସଚ୍ଚୋଟ ଚିତ୍ର ଗ୍ରନ୍ଥର ପ୍ରାୟ ପ୍ରତ୍ୟେକ କବିତାରେ ଅଙ୍କିତ। ଜୀବନାନୁଭବକୁ ନେଇ ଅନ୍ତହୀନ ବିହ୍ୱଳତା ସତ୍ତ୍ୱେ କବିଙ୍କ କାବ୍ୟାଭିବ୍ୟକ୍ତି କୁହୁଡ଼ିଢଙ୍କା ଆକାଶ ପରି ଠାଏଠାଏ ଅସ୍ୱଚ୍ଛ। ଏହି ଅସ୍ୱଚ୍ଛତା କିନ୍ତୁ ପାଠକଙ୍କୁ ଦିଗହରା ନ କରାଇ ଅର୍ଥର ଅନେକାନ୍ତତାରେ ନିରୁଦ୍ଦିଷ୍ଟ କରେ। ତାଙ୍କ କବିତାରେ 'ଆକାଶରେ ନଈ ଆଙ୍କେ ହାଲ୍‌କା ମେଘ' ଓ 'ଫୁଲ ଚାଙ୍ଗୁଡ଼ାଏ ବୁଣି ଦୌଡ଼ି ପଳାଏ ପାଗଳ ଝଡ଼'। (ଫେରି ଯାଇଥିବା ସେଇ ଝିଅଟି, ପୃ:୪୯)। ସାଦାସାଦା ଧାଡ଼ିରେ ଥାଇଥାଇ ବିସ୍ମୟକର ଫୁଲ ଫୁଟାନ୍ତି କବି। ଯଥା: ''ବାହୁଡ଼ି ଯାଇଥିବା ଗାଁ ଲୋକେ/ ପାହାଡ଼ି ବାଟରେ ଆଗଉଥିବା ବେଳେ/ ଟିପ୍‌ଟିପ୍ ତାରା ଫୁଟେ।'' ('ଆଉ ଲୋକଟିଏ ସୂତ୍ର ଖୋଜେ ଜୀବଜୀବନର', ପୃ:୫୦)। କବିତାର ଆଲୁଅ ଅନ୍ଧାରମିଶା ପ୍ରବାହ ଭିତରେ କେବେକେବେ ଗଭୀର ଦର୍ଶନ ଉଙ୍କିମାରି ଉଠେ, ରାତି ଶେଷରେ ଘଡ଼ିମାରି ଉଇଁଲା ପରି ଜହ୍ନ। କବି କହନ୍ତି: ''ବାହୁନି ବସିଲେ କ'ଣ ପିଣ୍ଡାକୁ ଫେରେ/ ଆଉଥରେ ଅବିକଳ ସଞ୍ଜର ଅନ୍ଧାର?'' ଅଧା 'ଚେତନ' ଓ ଅଧା 'ନିଶ୍ଚେତନ'ର କବି ପ୍ରହରାଜଙ୍କୁ ପଢ଼ିଲେ ପାଠକ ପ୍ରବେଶପଥ ପାଏ ସିନା, ପ୍ରସ୍ଥାନ ପଥ ପାଏ କ୍ୱଚିତ୍।

### ଆମ ଗାଁ ଆମ ମାଆ




**ସମ୍ପାଦକ:** ଯଦୁନନ୍ଦନ ସାମଲ
**ପ୍ରକାଶକ:** ବିଶ୍ୱରଞ୍ଜନ ସାମଲ,
ଶାରଦା, ୟୁନାଇଟେଡ୍ ଆରବ ଏମିରେଟ୍
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୦୦/–

ବହିର ସମ୍ପାଦକ ତାଙ୍କ ସମ୍ପାଦକୀୟରେ ଯାହା ଲେଖିଛନ୍ତି, ସେଥିରୁ ମନେହୁଏ ୧୯୯୯ରୁ ୨୦୧୧ ଯାଏଁ ପ୍ରକାଶିତ ମାସିକପତ୍ର 'ଆମ ଗାଁ ଆମ ମାଆ'ରେ ସ୍ଥାନିତ ବିଭିନ୍ନ ପ୍ରସଙ୍ଗକୁ ଆଲୋଚ୍ୟ ପୁସ୍ତକରେ ଏକତ୍ର କରାଯାଇଛି। ସମ୍ପାଦକୀୟରେ ଶ୍ରୀ ସାମଲ ଗାଁରେ ବିତିଥିବା ତାଙ୍କ ଶୈଶବ ଓ କୈଶୋରର ଯେଉଁ ବର୍ଣ୍ଣନା ଦେଇଛନ୍ତି, ତାହା ପାଠକଲେ ପାଠକର ଅନ୍ତରରେ ଗାଁର ଦୃଶ୍ୟ ଉଙ୍କିମାରି ଉଠେ। 'ଅମୃତବାଣୀ'ରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ମୁଖନିଃସୃତ ବହୁ ବାଣୀ ସ୍ଥାନିତ। 'ପ୍ରବନ୍ଧ ପ୍ରବାହ', 'ଗ୍ରାମ ସଂପଦ', 'ଗ୍ରାମ ସଂବାଦ', 'ନିଜ ସ୍ୱାସ୍ଥ୍ୟ, ଗାଆଁର ସ୍ୱାସ୍ଥ୍ୟ', 'ଗ୍ରାମ ପ୍ରକୃତି', 'ସ୍ୱପ୍ନ ଗାଆଁ ପାଇଁ', 'ଶ୍ରଦ୍ଧାଞ୍ଜଳି', 'କବିତାମାଳା', 'ବର୍ଷାନ୍ତ ବିଚାର', 'ଗାଁ ଇତିହାସ ନାଗପୁରା', 'ଗାଆଁକୁ ଫେରିଚାଲ'। 'ବିବିଧ' ପର୍ଯ୍ୟାୟରେ ବଡ଼ଦେଉଳରେ ଛପନ ଭୋଗ, ଢଗଢମାଳି ଓ ସାକ୍ଷାତ୍‌କାର ଆଦି ଖୁବ୍ ରୁଚିକର ହୋଇପାରିଛି। 'ଗ୍ରାମ ପ୍ରକୃତି' କବିତାରୁ କେଇଧାଡ଼ି ଏଠାରେ ଉଦ୍ଧାର କରାଯାଇପାରେ: ''ପଙ୍କୁଆ ନାଳରେ ତୋଡ଼ିମାଛ ଧରା/ ଗାଧୁଆ ବେଳ,/ କୂଳେ ଠିଆହୋଇ ଗାଆଁ ପିଲାଙ୍କର/ ଆନନ୍ଦ ରୋଳ,/ କଳା ମେଘ କୋଳେ ବଗମାଳ ଯେବେ/ ଯାଆନ୍ତି ଉଡ଼ି/ ଉତ୍ତରା ପବନ ନେଇ ଯାଉଥାଏ/ ଦୂରକୁ ଭିଡ଼ି।'' ବହିଟି ସୌଭାଗ୍ୟକୁ ଯାହାଙ୍କର କରଗତ ହେବ, ବହିର ବିଭିନ୍ନ ପ୍ରସଙ୍ଗପାଠରୁ ଅବଶ୍ୟ ସେ ଅପାର ଆନନ୍ଦ ଲାଭ କରିବେ।''

## କଳାଦିଅଁ, କାଳିଆ ପୁଅ

ଶିବ ମିଶ୍ର

ଲଘୁ ଗଳ୍ପ

ଗଜୁରା ଡେଣା ଟାଣ ହେଲାରୁ ପୁଅ ବିଧବା ମା'ର ପାଦତଳ ଛାଇ ଛାଡ଼ି ମଥା ଉପର ଆକାଶର ଆଲୁଅକୁ ଚାହିଁଲା। ତା' ପରେ ଘର ଅଗଣାରୁ ଗାଁ ଦାଣ୍ଡକୁ ବାହାରିଲା। କ୍ଷେତ ଖାଦାନରୁ ଦାନା ସାଉଁଟିଲା।

ଦିନେ ଜଣେ ଲୋକ ତାକୁ କହିଲା– ଏ ମାଟିରେ ଆଉ ରସ ନାହିଁ। ବିଦେଶ ଯା' ସେଇଠି ଗଛ ଚଢ଼ା ଲୋଡ଼ା ନାହିଁ, ହାତପାହାନ୍ତାରେ କାନ୍ଦି କାନ୍ଦି ନଡ଼ିଆ, ମନଇଚ୍ଛା ଖାଇବୁ, ଯେତେ ପାରୁ ସେତେ ବୋହି ଆଣିବୁ।

ସେ ଲୋକର କଥାକୁ ଗୁରୁବଚନ ମାନି ପୁଅ ଫୁର୍‌କିନା ଉଡ଼ିଗଲା।

ମା' ବୁଢ଼ୀର ତ ଆଗରୁ ଦିହ ବଳ ଖସିଥିଲା। ପୁଅ ପଳେଇଲାରୁ ତା' ମନ ଦମ୍ଭ ଭାଙ୍ଗିଗଲା। ସିଏ ଘର କୋଣରେ ପଡ଼ି ଲୁହ ଗଡ଼େଇଲା।

ଖରାଦିନିଆ ମେଘ। ଥରେ ଥରେ ଅସରେ ବର୍ଷିଦେଇ ଖଇଫୁଟା ବସୁଧାକୁ ଶୀତଳେଇ ଦେଲା ପରି ପୁଅର ଚିଠି ଆସିବ, ଉହଡହ ଦହକୁଥିବା ତା' ଆତ୍ମାକୁ ଥଣ୍ଡାକରି ଦେବ ବୋଲି ଭାବି ବୁଢ଼ି ଦାଣ୍ଡଦୁଆର ଖୋଲା ରଖି ଚାହିଁ ରହିଲା। ହେଲେ ମାସେ ଯାଇ ଦି' ମାସ ପୂରିଲା ସିନା ଦୁଆରେ ଡାକବାଲା ଦିଶିଲାନି କି ଚିଠି ଆସିଲାନି। ଏଥର ବୁଢ଼ୀ ପୁଅର ଛବିକୁ ଛାତିରେ ଛାପି, ତା' ଚିନ୍ତାକୁ ମନରେ ମାରି ଠାକୁରଙ୍କୁ ନିଜ ପାଇଁ ମରଣ ମାଗିଲା।

ଏବେ ଦିନେ ସଞ୍ଜବେଳେ କିଏ ଜଣେ ଲୋକ ଆସି ବୁଢ଼ୀକୁ କହିଲା– ତୋର ପୁଅ କାଠକଟା କଳରେ କାମ କଲାବେଳେ କରତ ପାଡିଆ ଲାଗି ଖଣ୍ଡିଆଖାବରା ହୋଇ ମାସେ ହେଲା ସେଇ ବିଦେଶର କୋଉ ଡାକ୍ତରଖାନାରେ ପଡ଼ିଛି।

ଏକଥା ଶୁଣି ବୁଢ଼ୀର ମଥା ଘାଉଁରିଗଲା। ସିଏ ସେଇ ବସିଲା ଥାନରେ ଗଡ଼ିପଡ଼ିଲା। ରାତି ପାହିଲାବେଳକୁ ବୁଢ଼ୀର ଦିହ ସାଂଘାତିକ ହୋଇଯାଇଥିଲା। ସିଏ ବାଉଳି ହୋଇ କେମିତି ଗୋଟେ ଗଡ଼ିଆ ତୁଡ଼ିଆ, ଅଡୁଆ ସ୍ୱରରେ ଥରକୁଥର କହୁଥିଲା– ହେ କଳାଦିଅଁ, ଥରେ ଦେଖାଦିଅ। ଏ ଅଲୋଡ଼ା ପିଣ୍ଡରୁ ପ୍ରାଣ ନିଅ। ସେତିକିବେଳେ କିଏ ଜଣେ ସତକୁ ସତ ତା' ଦାଣ୍ଡକବାଟ ଠେଲି ସେ ଘରେ ପଶିଲା। ବୁଢ଼ୀ ପଡ଼ିଥିବା କତରା ପାଖେ ଯାଇ ବସିଲା। ତା' ଦେହରେ ହାତ ବୁଲାଇଲା। ଲେଞ୍ଚୋରା ବୋଳା ମିଞ୍ଜିମିଞ୍ଜିଆ ଆଖି ମେଲେଇ ବୁଢ଼ୀ ଚାହିଁଲା। ଦେଖିଲା– ତାକୁ ଆଉଁଶୁଥିବା ଲୋକର ହାତରେ ପାପୁଲି ନ ଥିଲା। ବୁଢ଼ୀ ସେ ମୁଣ୍ଡା ହାତ ଦି'ଟାକୁ ମୁଠେଇ ଧରି କହିଲା– ମୁଁ ଜାଣିଥିଲି, କଳାଦିଅଁ ଦଗାଦିଆ ନୁହେଁ, ସିଏ ମୋ' ଡାକକୁ ଅଶୁଣା କରିବ ନାହିଁ। ନିଶ୍ଚେ ଆସିବ।

ବୁଢ଼ୀର ମୁଠାରୁ ମୁଣ୍ଡା ହାତ ଦି'ଟା ଭିଡ଼ି ନେଇ ସେ ଆଗନ୍ତୁକ କହିଲା– କଳାଦିଅଁ ନୁହେଁ, ମୁଁ କାଳିଆ, ତୋ' ପୁଅ।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



''ପ୍ରଜାପତିର ସୌନ୍ଦର୍ଯ୍ୟରେ ଆମେ ମୁଗ୍ଧ ହେଉ, କିନ୍ତୁ ଏହି ସୌନ୍ଦର୍ଯ୍ୟ ହାସଲ ପାଇଁ ସେ ଯେଉଁ ସବୁ ପରିବର୍ତ୍ତନ ଦେଇ ଆସିଛି, ତାକୁ କ୍ୱଚିତ୍ ମନେପକାଉଁ।''

– ମାୟା ଏଞ୍ଜେଲୁ

ମାୟା ଏଞ୍ଜେଲୁଙ୍କ ଜନ୍ମ ୪ ଏପ୍ରିଲ ୧୯୨୮ରେ, ଆମେରିକାର ସେଣ୍ଟ ଲୁଇସ୍‌ରେ ଓ ପରଲୋକ ୨୮ ମେ ୨୦୧୪ରେ, ସେଇ ଆମେରିକାର ଉଇନ୍‌ଷ୍ଟୋନ୍–ସାଲେମ୍‌ରେ। କବିତା, ଆତ୍ମଜୀବନୀ, ପ୍ରବନ୍ଧ ଓ ନାଟକ ରଚନା ପାଇଁ ବିଶ୍ୱବିଦିତା ଏଇ ଲେଖିକାଙ୍କ ୭ଟି ଆତ୍ମଜୀବନୀ ଗ୍ରନ୍ଥ, ୩ଟି ନିବନ୍ଧ ଗ୍ରନ୍ଥ ଓ ଏକାଧିକ କବିତା ଗ୍ରନ୍ଥ ପ୍ରକାଶିତ। ଦୀର୍ଘ ୫୦ ବର୍ଷର ସୃଜନ–ଜୀବନରେ ସେ ବହୁ ପୁରସ୍କାର ବିଜୟିନୀ। ୫୦ରୁ ଊର୍ଦ୍ଧ୍ୱ ସମ୍ମାନଜନକ ଉପାଧିରେ ଭୂଷିତା ମାୟାଙ୍କର ସବୁଠୁଁ ପ୍ରସିଦ୍ଧ ଗ୍ରନ୍ଥ ମଧ୍ୟରେ ଅନ୍ତର୍ଭୁକ୍ତ ''I know why the Caged Bird Sings'' ଓ "On the Pulse of Morning." ସେ କହନ୍ତି: ''ନିଜ ଭିତରେ ଏକ ଅକୁହା କାହାଣୀକୁ ଧରି ରଖିବାଠାରୁ ବଡ଼ ପୀଡ଼ା ଜୀବନରେ ଆଉ କିଛି ନାହିଁ।''

## ସମ୍ପର୍କ

ମୂଳ ରଚନା: ୱାଇ. ହାଲ୍‌ବରଷ୍ଟାମ୍ ଓ ଜେ. ଲେଭେଣ୍ଟ୍‌ବଲ୍
ମର୍ମାନୁବାଦ: ନିରୁପମା ଆଚାର୍ଯ୍ୟ

ଅନୁବାଦ ଗଳ୍ପ

ସମୟ ୧୯୬୯ ମସିହା– ଭୟଙ୍କର ସଦୌରାତ୍ମ୍ୟ ଭିତରେ ଭିଏତ୍‌ନାମ ଯୁଦ୍ଧ ବେଳର କଥା। ଗୋଟିଏ 'ଥାଇ' ଯୁବତୀ ଏବଂ କୋଡ଼ିଏ ବର୍ଷ ବୟସର ଜଣେ ଏୟାରଫୋର୍ସ ସର୍ଜେଣ୍ଟ ପରସ୍ପରର ପ୍ରେମରେ ପଡ଼ିଲେ। ସେମାନେ ଏକାଠି ରହିଲେ। ତାଙ୍କର ପୁଅଟିଏ ହେଲା। ପୁଅଟିର ନାଁ ଦେଲେ ନୁଏଙ୍ଗ।

ଯୁଦ୍ଧ ସରିଗଲା। ବାପ ସର୍ଜେଣ୍ଟ ଜନ୍ ଜର୍‌ସିଆ ଓ ମାଆ ପ୍ରାଟୋର୍ଣ୍ଣ ଭାରାନୁଟ୍ ପରସ୍ପରକୁ ଚାହିଁ ଜାଣିଲେ ତାଙ୍କ ଭବିଷ୍ୟତ ଅସ୍ଥିର ଓ ଅନ୍ଧକାରମୟ। ଜନ୍ ପୁଣି ବଦଳି ହୋଇ ଆମେରିକା ଫେରିଗଲାବେଳକୁ ଦୁହିଁଙ୍କ ଯିବା ଅସମ୍ଭବ ମନେହେଲା। କାରଣ ତାଙ୍କ ଏୟାରଫୋର୍ସ ସଂସ୍ଥା ଜନ୍‌ଙ୍କୁ ସେଠୁ ଜଣେ ଦେଶୀୟ ଯୁବତୀଙ୍କୁ ବିବାହ କରି ସାଙ୍ଗରେ ନେଇଯିବା କଥାକୁ ସ୍ୱୀକାର କଲା ନାହିଁ। ଏଣେ ପ୍ରାଟୋର୍ଣ୍ଣଙ୍କ ପରିବାର ତାଙ୍କର ବିଦେଶ ଯିବା କଥାରେ ସହମତ ହେଲେ ନାହିଁ।

ଜନ୍ ତାଙ୍କ ପ୍ରେମିକା ଓ ପୁଅ–ଦୁହିଁଙ୍କୁ ଛାଡ଼ି ଆମେରିକା ଫେରିଗଲେ। ସେ ବରାବର ଏମାନଙ୍କ ସହିତ ସମ୍ପର୍କ ରଖିବାକୁ ଚେଷ୍ଟା କରୁଥା'ନ୍ତି। କିନ୍ତୁ ସମୟ ଗଡ଼ିଚାଲିଲା ଓ ଏ କାମ ଆଉ ସହଜସାଧ ହେଲା ନାହିଁ।

ପ୍ରାଟୋର୍ଣ୍ଣ ଆଉ ଜଣଙ୍କୁ ବିବାହ କଲେ। ସେ ଜଣେ ଆମେରିକା ସେନା ବାହିନୀର ସୈନିକ, ଯିଏ ଜନ୍ ପଠାଉଥିବା ଚିଠି ସବୁକୁ ନ ଖୋଲି ଫେରାଇ ଦେଉଥିଲେ। ଜନ୍ ଥାଇ ଗଭର୍ନମେଣ୍ଟକୁ ଚିଠି ଲେଖି ଜଣାଇଲେ ଏମାନଙ୍କର ସନ୍ଧାନ ନେବା ପାଇଁ ଓ ତାଙ୍କ ପୁଅ ସହିତ ସମ୍ପର୍କ ସ୍ଥାପନର ବ୍ୟବସ୍ଥା କରିବାକୁ। କିନ୍ତୁ ସେ କେବେହେଲେ କିଛି ଉତ୍ତର ପାଇଲେ ନାହିଁ ଏବଂ ତାଙ୍କ ବାପ ପୁଅଙ୍କର ବନ୍ଧନ ଶେଷରେ କଠୋର ଦୁର୍ବିଷହ ଅବସ୍ଥାରେ ପହଞ୍ଚିଗଲା। ଜନ୍ ପୁଅଟି କଥା ଭୁଲିଯିବାକୁ ବାଧ୍ୟ ହେଲେ।

୧୯୯୬ ମସିହା– ଜଣେ ଲୋକ କଲୋରାଡ଼ୋର ପୁବଲୋର ହାଇୱେରେ ଗାଡ଼ି ଚଳାଇ ଫେରୁଥା'ନ୍ତି ଘରକୁ। ସେ ତାଙ୍କ ଗ୍ୟାସ୍ ଟାଙ୍କିକୁ ଲକ୍ଷ୍ୟ କଲେ, ଗ୍ୟାସ୍ ଅଧା ସରିଯାଇଥିଲା। ବାଟରେ ଗୋଟେ ବଡ଼ ଗ୍ୟାସ୍ ସର୍ଭିସ୍ ଷ୍ଟେସନ ପାଖରେ ଅଟକିଲେ। ପେଟ୍ରୋଲ ପୂରାଇଲା ପରେ ଟଙ୍କା ଦବା କଥା। ତାଙ୍କ ମନିବ୍ୟାଗ୍‌ରେ ୩୦ ଡଲାର ଥିବା ସତ୍ତ୍ୱେ ସେ ଚେକ୍‌ରେ ଟଙ୍କା ଦେଲେ, ଯାହା ସେ କେବେ କରନ୍ତି ନାହିଁ।

ଯେଉଁ ଯୁବକଟି ସର୍ଭିସ୍ କାଉଣ୍ଟରରେ ବସିଥିଲା ସେ ତଳକୁ ଚାହିଁ ଚେକ୍‌ରେ ଲେଖା ହୋଇଥିବା ନାଁଟିକୁ ଦେଖିଲା ଏବଂ ମୁଣ୍ଡ ଉଠାଇ ତା' ସାମ୍ନାରେ ଠିଆ ହୋଇଥିବା ଲୋକଟିକୁ ଚାହିଁ ପଚାରିଲା–

''ଆପଣ କ'ଣ ଜନ୍ ଗାର୍‌ସିଆ?''

'ହଁ' ଉତ୍ତର ମିଳିଲା।

''ଆପଣ କ'ଣ କେବେ ଏୟାରଫୋର୍ସରେ ଥିଲେ?'' ଯୁବକଟି ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ପଚାରିଲା।

ଜନ୍ ଏ ପ୍ରଶ୍ନ ବିଷୟରେ ବିଶେଷ କିଛି ନ ଭାବି ଉତ୍ତର ଦେଲେ– 'ହଁ'।

ସେ ପୁଣି ଆରମ୍ଭ କଲା–

''ଆପଣ କେବେ ଥାଇଲାଣ୍ଡରେ ଥିଲେ?''

'ହଁ' ଜନ୍ ପୁଣି ଉତ୍ତର ଦେଲେ ଓ ଯାଉ ଯାଉ ପୁଣି ଫେରିପଡ଼ି ଚିନ୍ତା କଲେ କ'ଣ ଏସବୁ ପଚାରୁଛି ଏ ଯୁବକ? ''ସେଠି କ'ଣ ଆପଣଙ୍କର ଗୋଟେ ପୁଅ ଅଛି?''

ଏକ ଜଟିଳ ପ୍ରଶ୍ନର ଉତ୍ତର ଦେଲାପରି ପୁଣି ଶୁଭିଲା–

'ହଁ'।

ବର୍ତ୍ତମାନ ନିଃଶ୍ୱାସ ରୁନ୍ଧି ହୋଇଗଲା ପରି ଓ ଛାତି ଧଡ଼ଧଡ଼ ହୋଇଯିବା ଅବସ୍ଥାରେ କାଉଣ୍ଟରରେ ବସିଥିବା ଯୁବକଟି ପୁଣି ଗୋଟିଏ ପ୍ରଶ୍ନ କଲା।

''ଆପଣଙ୍କର ସେ ପୁଅଟିର ନାଁ କ'ଣ?''

'ନୁଏଙ୍ଗ' ଏଥର ପ୍ରଶ୍ନଟିର ଉତ୍ତର ଆସିଲା। ହାଇୱେ ୫୦ର ଅଜସ୍ର ଗହଳିର ଶବ୍ଦ ଭିତରେ ଯୁବକଟି ତା' ଆଗରେ ଠିଆ ହୋଇଥିବା ସେ ଅପରିଚିତ ଲୋକଙ୍କ ଆଖିକୁ ଚାହିଁଲା ଓ ଧୀର ସ୍ୱରରେ କହିଲା– ''ମୁଁ ଆପଣଙ୍କର ସେଇ ପୁଅ।''

ମୋ: ୯୭୭୬୯୯୫୧୫୧



# ସୌମ୍ୟରଞ୍ଜନ ଚାମ୍ପିୟନ


ସୌମ୍ୟରଞ୍ଜନ ମିଶ୍ର

**ଭୁବନେଶ୍ୱର, ୧।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଭଗବାନ ପଣ୍ଡା ମେମୋରିଆଲ (ଅନ୍‌ଲାଇନ୍) ଓପନ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୬.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। ମହାରାଷ୍ଟ୍ରର ଓମ୍ ନିଲେଶ ଦେଓରୁଖାକର (୫.୫) ଦ୍ୱିତୀୟ ଏବଂ ଭୁବନେଶ୍ୱର କିସ୍‌ର ବାବୁଲା ଭୋଇ (୫ ପଏଣ୍ଟ/୨୦.୫) ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ଖଣ୍ଡଗିରି ସେଣ୍ଟ ଜାଭିୟର ସ୍କୁଲର ସତ୍ୟମ ସର୍ବଜିତ୍ ମିଶ୍ର (୫ପଏଣ୍ଟ/୧୯.୫) ଓ କଟକର ରମେନ କର୍ମାକାର (୫ପଏଣ୍ଟ/୧୮.୫) ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ଚାମ୍ପିୟନଶିପ୍‌ରେ ଭୁବନେଶ୍ୱରର ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଖେଳାଳି ଏବଂ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତା ଗୁଗୁଲ୍ ମିଟ୍ ଜରିଆରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଅତିଥି ଭାବେ ଇଞ୍ଜିନିୟର ଆହ୍ୱାନ ପାଢ଼ୀ, ମ୍ୟାନେଜର (ସଲ୍ୟୁଶନ କନ୍‌ସଲ୍ଟିଂ), ଇନ୍‌ଫୋସିସ୍, ହାଇଦ୍ରାବାଦ ଏବଂ ଇଞ୍ଜିନିୟର ଦୀପକ ତ୍ରିପାଠୀ, ଆର୍କିଟେକ୍ଟ, ଟେରାଡାଟା ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ବାଙ୍ଗାଲୋର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ରଞ୍ଜନ ଦାସ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ, ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ସର୍ବକନିଷ୍ଠ ପୁତ୍ର ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁପମା ଜିତିଲେ ବ୍ରୋଞ୍ଜ ପଦକ



ପଦକ ସହ ଅନୁପମା ସ୍ୱାଇଁ।

**ଭୁବନେଶ୍ୱର, ୧।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ବାହାରିନ୍‌ରେ ୬ଷ୍ଠ ଏସୀୟ ଜୁଜିତ୍‌ସୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଅନୁପମା ସ୍ୱାଇଁ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସେପ୍ଟେମ୍ବର ମାସରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଅନୁପମା ଅପାତତଃ ଯୋଗ୍ୟତା ହାସଲ କରିପାରିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଚାମ୍ପିୟନଶିପ୍‌ର ଗତ ସଂସ୍କରଣରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ସୂଚନାଯୋଗ୍ୟ, ଜୁଜିତ୍‌ସୁ ହେଉଛି ଏକ ସାମରିକ କ୍ରୀଡ଼ା। ଜାପାନରେ ଜନ୍ମ ନେଇଥିବା ଏହି କ୍ରୀଡ଼ା କ୍ରମେ ବ୍ରାଜିଲ ଏବଂ ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ଆଦୃତ ଲାଭ କରିବାରେ ଲାଗିଛି। ଏହି କ୍ରୀଡ଼ାରେ ଆକ୍ରମଣ ପ୍ରତି ଆକ୍ରମଣ ବ୍ୟତୀତ ପ୍ରତିପକ୍ଷକୁ ତଳେ ପକାଇବା ଏବଂ କାବୁ କରି ବିଭିନ୍ନ ଚେକ୍ ଜଏଣ୍ଟ ଲକ୍ ଦ୍ୱାରା ପରାସ୍ତ କରାଯାଇଥାଏ। ସମଗ୍ର ବିଶ୍ୱରେ

**୬ଷ୍ଠ ଏସୀୟ ଜୁଜିତ୍‌ସୁ ପ୍ରତିଯୋଗିତା**

ଲୋକପ୍ରିୟତା ଅର୍ଜନ କରିଥିବାରୁ ଏହି କ୍ରୀଡ଼ା ଗତ ଏସିଆନ ଗେମ୍ସରେ ପ୍ରଥମଥର ସ୍ଥାନ ପାଇଥିଲା। ଅନୁପମା ତାଙ୍କ ସଫଳତା ପାଇଁ ତାଙ୍କ ପ୍ରଶିକ୍ଷଣ ସ୍ଥଳ ଉତ୍କଳ କରାଟେ ସ୍କୁଲକୁ ଶ୍ରେୟ ପ୍ରଦାନ କରିଛନ୍ତି।






# ରାଜ୍ୟ ଭଲିବଲ ରେଫରି ପରୀକ୍ଷାରେ ୭୯ଜଣ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୧।୪ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟ ଭଲିବଲ୍ ରେଫରି କ୍ଲିନିକ୍ ଓ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶିତ ହୋଇଛି। ଏଥିରେ ମୋଟ ୭୯ ପରୀକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ଏ+, ୯ଜଣ ଏ', ୧୯ଜଣ ବି'+, ୧୪ଜଣ ବି', ୧୨ଜଣ ସି+, ୧୯ଜଣ ସି ଏବଂ ୧୯ଜଣ ସି'ଗ୍ରେଡ୍ ପାଇଛନ୍ତି। ରାଜ୍ୟ ଭଲିବଲ୍ ରେଫରି କ୍ଲିନିକ୍ ଓ ପରୀକ୍ଷା କିଟ୍ ୟୁନିଭର୍ସିଟି ପରିସରରେ ରହିଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଭଲିବଲ ଆସୋସିଏଶନ (ଓଭା) ସାଧାରଣ ସମ୍ପାଦକ ଡକ୍ଟର ଗଗନେନ୍ଦୁ ଦାଶ ପରୀକ୍ଷା ଫଳାଫଳ ଘୋଷଣା କରିଥିଲେ। ଏଥିରେ ମୟୂରଭଞ୍ଜ ଜିଲାର ପ୍ରଦୋଷ କୁମାର ଟିପିରିଆ ପ୍ରଥମ, ଭଦ୍ରକ ଜିଲାର ଆକାଶ କୁମାର ଡାଙ୍ଗୁଆ ଦ୍ୱିତୀୟ ଏବଂ ମୟୂରଭଞ୍ଜ ଜିଲାର ରାସରାଜ ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।





DADLS-80

## ବିକାଶର ନୂଆ ପରିଭାଷା, ଗଢ଼ିବା ନୂଆ ଓଡ଼ିଶା

ଓଡ଼ିଶା ସରକାର

- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ରାଜ୍ୟର ୯୬ ଲକ୍ଷ ପରିବାରକୁ ନୂଆ 'ସ୍ମାର୍ଟ ହେଲ୍‌ଥ କାର୍ଡ଼' ଯୋଗାଣ ।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ଜରିଆରେ ଘରୋଇ ହସପିଟାଲ୍‌ରେ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଦୈନିକ ହାରାହାରି ୨.୫ କୋଟି ଟଙ୍କା ବ୍ୟୟ କରାଯିବା ସହିତ ଏପର୍ଯ୍ୟନ୍ତ ମୋଟ ୨୩୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି ।
- ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କୁ ମେଡ଼ିକାଲ କଲେଜର ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସୁପର ସ୍ପେଶାଲିଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା'ର ଶୁଭାରମ୍ଭ ।
- ୨୦୨୧-୨୨ ଅଗ୍ରୀମ ଆକଳନ ଅନୁୟାୟୀ ଜାତୀୟ ଅର୍ଥନୀତି ଅଭିବୃଦ୍ଧି ହାର ୮.୮ ରହିଥିବା ସ୍ଥଳେ ଓଡ଼ିଶାର ଅଭିବୃଦ୍ଧି ହାର ୧୦.୦୧ ପ୍ରତିଶତ ରହିଛି ।
- ମହାମାରୀ ସତ୍ତ୍ୱେ ପୁଞ୍ଜି ନିବେଶ ଅଗ୍ରଣୀ କ୍ଷେତ୍ର ଭାବେ ପରିଗଣିତ ହୋଇ ଓଡ଼ିଶାରେ ବିଗତ ତିନିବର୍ଷ ମଧ୍ୟରେ ୪.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ସହ ୧.୫୩ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ।
- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସଶକ୍ତିକରଣ ପାଇଁ ଆରମ୍ଭ କରାଯାଇଥିବା ଐତିହାସିକ ଆନ୍ଦୋଳନ 'ମିଶନ ଶକ୍ତି'ରେ ୭୦ ଲକ୍ଷ ମହିଳା ସାମିଲ । 'ମିଶନ ଶକ୍ତି ସୁଧ ରିହାତି' ଉପକ୍ରମରେ ୧ ଲକ୍ଷ ୮୬ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୨୦୨୦-୨୧ ବର୍ଷରେ ୧୨୬ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ ।
- ଡିସେମ୍ବର ୨୦୨୧ ସୁଦ୍ଧା 'କାଳିଆ' ଯୋଜନାରେ ରାଜ୍ୟର ୫୭ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସହାୟତା ପ୍ରଦାନ ।
- '୫-ଟି' 'ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ'ର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧,୦୭୬ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ।
- ଷ୍ଟେଟ୍ ସାଚୁରେସନ୍ ପ୍ଲାନରେ ୫୦ ହଜାର ୨୬୩ କୋଟି ଟଙ୍କାର ପୁଞ୍ଜି ବରାଦ କରାଯାଇ ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ପାନୀୟ ଜଳ ସଂଯୋଗର ଲକ୍ଷ୍ୟ ।
- ରାଜ୍ୟର ୬୩ଟି ସହରାଞ୍ଚଳରେ ଶତପ୍ରତିଶତ ପାଇପ୍ ପାନୀୟ ଜଳ ସଂଯୋଗ କରି ଓଡ଼ିଶା ଆଜି ଦେଶର ଏକ ପଥ ପ୍ରଦର୍ଶକ ରାଜ୍ୟ । 'ସିଧାସଳଖ ଟ୍ୟାପ୍‌ରୁ ବିଶୁଦ୍ଧ ପିଇବା ପାଣି ମିଶନ'ରେ ଲଣ୍ଡନ, ଲସ୍‌ଏଞ୍ଜେଲ୍‌ସ ଓ ସିଙ୍ଗାପୁର ଭଳି ଅନ୍ତର୍ଜାତୀୟ ସହର ସହିତ ସମକକ୍ଷ ହୋଇଛି ପୁରୀ ସହର ।
- ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାରେ ପକ୍କାଘର ପାଇଥିବା ୩୧ ଲକ୍ଷ ହିତାଧିକାରୀ ପରିବାରଙ୍କୁ ଘର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ 'ବିଜୁ ପକ୍କାଘର ଯୋଜନା'ରେ ୧,୪୪୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ।
- 'ବସ୍ତି ଉନ୍ନତିକରଣ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ୧ ଲକ୍ଷ ୭୦ ହଜାର ଭୂମିହୀନ ପରିବାରଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇ ରାଜ୍ୟର ୮ଟି ସହରକୁ ବସ୍ତିଶୂନ୍ୟ କରାଯାଇଥିବାରୁ ରାଜ୍ୟକୁ 'ଏସିଆ ପାସିଫିକ୍ ହାଉସିଂ ଫୋରମ୍ ଇନୋଭେସନ୍ ପୁରସ୍କାର-୨୦୨୧' ପ୍ରଦାନ ।
- କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ ସହିତ କ୍ରୀଡ଼ାବିତ୍‌ମାନଙ୍କୁ ସଶକ୍ତ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ୧୨୦ କୋଟି ଟଙ୍କା ବ୍ୟୟରେ ରାଉରକେଲାଠାରେ ନିର୍ମାଣାଧିନ ଦେଶର ସର୍ବବୃହତ୍ 'ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍' ସହିତ କଳିଙ୍ଗ ଷ୍ଟାଡ଼ିୟମରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଆୟୋଜିତ ହେବ ।
- ଟୋକିଓ ଅଲମ୍ପିକ୍ସ ୨୦୨୦ରେ ଭାରତୀୟ ହକି ଦଳର ଚମତ୍କାର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆଗାମୀ ୧୦ ବର୍ଷ ପାଇଁ ଅର୍ଥାତ୍ ୨୦୩୩ ମସିହା ପର୍ଯ୍ୟନ୍ତ ଉଭୟ ଭାରତୀୟ ହକି ଦଳର ପ୍ରାୟୋଜକ ଆମ ରାଜ୍ୟ ଓଡ଼ିଶା ।
- କ୍ରୀଡ଼ା ଓ ଅନ୍ୟାନ୍ୟ ଜନ କଲ୍ୟାଣ ଉଦ୍ଦେଶ୍ୟ ସାଧନ ପାଇଁ ୭୦୦ କୋଟି ଟଙ୍କା ବ୍ୟୟରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୮୯ଟି 'ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ୍' ନିର୍ମାଣାଧୀନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0143/2122








4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରକ୍ ଓଲଟି ୨ ଆହତ

**ନୟାଗଡ ଅଫିସ,୧।୪:** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଘଡୁଆଳ ନିକଟରେ ଶୁକ୍ରବାର ଭୋରୁ ଏକ ତରଭୁଜ ବୋଝେଇ ଟ୍ରକ ଓଲଟି ପଡିଛି। ଟ୍ରକ ଡ୍ରାଇଭର ସୂର୍ଯ୍ୟକାନ୍ତ ବେହେରା ଗୁରୁତର ଥିବାବେଳେ ଟ୍ରକ ମାଲିକଙ୍କ ପୁଅ ଜ୍ଞାନେନ୍ଦ୍ର ବିଶ୍ୱାଳ ସାମାନ୍ୟ ଆହତ ହୋଇଛନ୍ତି। ନୟାଗଡ ଦମକଳ କେନ୍ଦ୍ରର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ଗଞ୍ଜାମ ଶ୍ରୀ ଉପାଧିରେ ବିଭୂଷିତ ହେଲେ ଜ୍ୟୋତି

**ବୁଗୁଡ଼ା,୧।୪(ଡି.ଏନ.ଏ.):** ଗଞ୍ଜାମ ଜିଲା ଆମେଚର୍ ବଡି ବିଲ୍ଡିଂ ଆସୋସିଏଶନ୍ ପକ୍ଷରୁ ବ୍ରହ୍ମପୁର ହିଲ୍ ପାଟଣାସ୍ଥିତ ସଂସ୍କୃତି ଭବନଠାରେ ଆୟୋଜିତ ୪୬ ତମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବୁଗୁଡ଼ାର ଜ୍ୟୋତି ରଞ୍ଜନ ପ୍ରଧାନ ଗଞ୍ଜାମ ଶ୍ରୀ ଉପାଧିରେ ଭୂଷିତ ହୋଇଛନ୍ତି। ଏଥିସହ ସେ ୭୫ କେଜି ବର୍ଗରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବୁଗୁଡାର ଜ୍ୟୋତି ରଞ୍ଜନ ଏପରି ଗୌରବ ହାସଲ କରିଥିବାରୁ ସ୍ଥାନୀୟ ଜଷ୍ଟ୍ ଫର୍ ଫିଟ୍ ବ୍ୟାୟାମ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ଅଞ୍ଚଳର କ୍ରୀଡାବିତ୍, ବୁଦ୍ଧିଜୀବୀ ଓ କ୍ରୀଡାପ୍ରେମୀଙ୍କ ତରଫରୁ ପ୍ରଶଂସାର ସୁଅ ଛୁଟିଛି।

### ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ

**ଭଞ୍ଜନଗର,୧।୪(ଡି.ଏନ.ଏ):** ଭଞ୍ଜନଗର-ବେଲଗୁଣ୍ଠା ମୁଖ୍ୟ ରାସ୍ତାରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏକ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ତାଙ୍କ ପରିଚୟ ମିଳିପାରିନାହିଁ । ସେ ତନରଡ଼ା ଠାରେ ରାସ୍ତା ପାର ହେଉଥିବା ବେଳେ ବାଇକ୍ ଧକ୍କା ଦେଇ ପଳାଇଥିଲା । ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭଞ୍ଜନଗର ମେଡ଼ିକାଲକୁ ନିଆଯାଇଥିଲେ ମଧ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି ।

### ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

**ଧରାକୋଟ,୧।୪(ଡି.ଏନ୍.ଏ):** ଧରାକୋଟ ବ୍ଲକ ସଭାଗୃହ ପରିସରରେ ସାମାଜିକ ସୁରକ୍ଷା ନେଇ ବ୍ଲକସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୦-୨୦୨୧ ପାଇଁ ସାମାଜିକ ସୁରକ୍ଷା ବିଷୟ ନେଇ ଜନଶୁଣାଣି ଆଗତ କରାଯାଇଥିଲା। ବିଡିଓ ଡେନିସ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସାମାଜିକ ଶୁଣାଣିର ଶୁଭାରମ୍ଭ କରିଥିଲେ। ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲାଣ ଯୋଗଦେଇଥିବା ବେଳେ ସରକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୋଦଣ୍ଡ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏମ୍‌ଜିଏନ୍‌ଆରଇଜିଏସ୍ ସହ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ମାଧମରେ ହୋଇଥିବା ବିଭିନ୍ନ କାର୍ଯ୍ୟ ଉପରେ ଶୁଣାଣି କରାଯାଇଥିଲା। ୨୦୨୦-୨୦୨୧ ଆର୍ଥିକ ବର୍ଷରେ ୧୫ କୋଟି ୪୨ଲକ୍ଷ ୮୨ ହଜାର ଟଙ୍କା ଶ୍ରମିକମାନଙ୍କୁ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ ସାମଗ୍ରୀ କିଣାବାବଦକୁ ୪ କୋଟି ୫୮ ଲକ୍ଷ ୩୪ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସମଗ୍ର ବ୍ଲକରେ ୨୯୧୮ ଶ୍ରମିକଙ୍କୁ କର୍ମ ନିଯୁକ୍ତି ପ୍ରଦାନ କରାଯାଇଥିଲା। ମୋଟ ୧୦ଲକ୍ଷ ୪୮ ହଜାର ୨୪୬ ଦିନ ଶ୍ରମ ଦିବସ ସୃଷ୍ଟି କରାଯାଇଛି।

# ଦୃଷ୍ଟିହୀନ କଳାକାରଙ୍କ ଭଜନରେ ଦର୍ଶକ ବିମୁଗ୍ଧ



ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ।

## ଜିଲା ପ୍ରତିଷ୍ଠା ଦିବସ ମଞ୍ଚରେ ଓଡ଼ିଶା ଦିବସ

**ନୟାଗଡ ଅଫିସ,୧।୪**

ନୟାଗଡ଼ ଜିଲା ସଦର ମହକୁମାର ଖେଳପଡିଆରେ ଜିଲା ପ୍ରତିଷ୍ଠା ଦିବସ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ତେବେ ଉଦ୍‌ଘାଟନ ଦିବସରେ ମଞ୍ଚରେ ନୟାଗଡ଼ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚରେ ଗଞ୍ଜାମ ଜିଲାର ଦୃଷ୍ଟୀହୀନ କଳାକାରଙ୍କ ଭଜନ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଅନ୍ୟପକ୍ଷେ ରାଗେଶ୍ରୀ ନିଳୟମ ନୟାଗଡ ପକ୍ଷରୁ ଦେଶାତ୍ମକ ଭଜନ ପରିବେଷଣ ହୋଇଥିଲା। ସେହିପରି ବର୍ଷା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୟାଗଡ଼ ବନ୍ଦନା ଆବୃତ୍ତି କରାଯାଇଥିଲା। ଏଥିରେ କଳାକାରମାନେ ଜିଲାର କଳା, ସଂସ୍କୃତି, ଐତିହ୍ୟକୁ ବଖାଣି ଥିଲେ। ଅନ୍ୟପକ୍ଷେ ରୟାଲ ଡ୍ୟାନ୍ସଗ୍ରୁପ ପକ୍ଷରୁ ସ୍ୱଚ୍ଛ ନୟାଗଡ଼ରେ ଆବର୍ଜନା ସଂଗ୍ରହର ଝଲକ ଦେଖିବାକୁ ମିଳିଥିଲ। ନୟାଗଡ଼ରୁ ଭୋର ସମୟରେ କିପରି ସଙ୍ଗୀତ ଦ୍ୱାରା ଲୋକମାନଙ୍କୁ ଉଠାଇ ଘରର ଆବର୍ଜନା ସଫେଇ କରାଯାଉଛି କଳାକାରମାନେ ପ୍ରଦର୍ଶନ କରିଥିଲେ।





ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ।

## ପରିତ୍ୟକ୍ତ କୂଅରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ

**ଧରାକୋଟ/ସୋରଡ଼ା,୧।୪(ଡି.ଏନ୍.ଏ.)**

ବଡ଼ଗଡ଼ ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମ ନିକଟ ବିଲ ମାଳରେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଖାରିଗୁମା ଗ୍ରାମର ରଙ୍କନିଧି ଗୌଡଙ୍କ ସାନ ଝିଅ ଅଭାବିନୀ(୨୦)। ବଡଗଡ ପୋଲିସ ସୂଚନା ପ୍ରକାରେ, ସୋମବାର ରାତିରେ ପରିବାର ଲୋକଙ୍କ ସହିତ ଖିଆପିଆ ସାରି ଅଭାବିନୀ ଘରେ ଶୋଇଥିଲେ। ପରିବାର ଲୋକ ବିଳମ୍ବିତ ରାତିରେ ଉଠି ଦେଖିଲା ବେଳେ ଝିଅ ଘରେ ନାହିଁ। ମଙ୍ଗଳବାର ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ଝିଅ ନ ମିଳିବାରୁ ବଡଗଡ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୨୫/୨୨ରେ ମାମଲା ରୁଜୁ କରି ଖୋଜାଖୋଜି କରିଥିଲା। ଗୁରୁବାର ବିଲମାଳରେ ଥିବା ପରିତ୍ୟକ୍ତ କୂଅରୁ ଅଭାବିନୀଙ୍କ ମୃତଦେହକୁ ଧରାକୋଟ ଅଗ୍ନିଶମ ବିଭାଗ ସାହାଯ୍ୟରେ ଆସିକା ଏ)ସ୍‌ଡିପିଓ ଧରାକୋଟ, ପାଟପୁର, ସୋରଡ଼ା ଏବଂ ବଡଗଡ ଥାନାଧିକାରୀଙ୍କ ଉପସ୍ଥିତିରେ ଜବତ କରିଛନ୍ତି। ଏହି ମାମଲାରେ ପୋଲିସ ବରଡାବାଲି ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ବ୍ୟାପକ କରିଛି। ପ୍ରେମଜନିତ ସମ୍ପର୍କକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି ପୋଲିସ କହିଛି।

## ଲକ୍ଷାଧିକ ଟଙ୍କା ଠକେଇ ମାମଲା, ୨ ଗିରଫ

**ଦିଗପହଣ୍ଡି,୧।୪(ଡି.ଏନ.ଏ.)**

ଦିଗପହଣ୍ଡିରେ ଥିବା ଏକ ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥାର ଶାଖା ପରିଚାଳକ ଏବଂ ଅନ୍ୟ ଜଣେ କର୍ମଚାରୀଙ୍କୁ ଶୁକ୍ରବାର ଦିଗପହଣ୍ଡି ପୋଲିସ ଠକେଇ ଏବଂ ଅର୍ଥ ଆତ୍ମସାତ ମାମଲାରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କଟକ ଜିଲା ଗୁରୁଣ୍ଡିଝାଟିଆ ଥାନା ଅଧିନ ଗୋବରା ମଣ୍ଡପସାହିର ନଗେନ ନାୟକ ଏବଂ ଶିବ ବାରିକ। ମାମଲା ନଂ.୧୧୮/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍.ଆଇ ଗୌତମ ସାହୁଙ୍କ ସୂଚନା ପ୍ରକାରେ, ବ୍ରହ୍ମପୁର ଗାନ୍ଧୀନଗରର ସ୍ଥିତ ଏକ ଘରୋଇ ଅର୍ଥ ଲଗାଣ କାରି ସଂସ୍ଥା ଦିଗପହଣ୍ଡିରେ ଶାଖା କାର୍ଯ୍ୟାଳୟ ଖୋଲି ଗଣିଆନାଳ, ଫାସିଗୁଡା, ପୋଡ଼ାମାରି, ଦେଉଳିଆପଡ଼ା ଆଦି ବିଭିନ୍ନ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଗ୍ରୁପ୍ ଲୋନ ପ୍ରଦାନ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ଚୁକ୍ତି ମୁତାବକ ଋଣ ସହ ସୁଧ ଆଦାୟ କରି ଆସୁଥିଲେ। ଦିଗପହଣ୍ଡି ଶାଖା ପରିଚାଳକ ନଗେନ ଏବଂ ତାଙ୍କ ସହଯୋଗୀ ଶିବଙ୍କ ସମେତ ଅନ୍ୟ କିଛି କର୍ମଚାରୀ ପୂର୍ବ ଯୋଜନା ପ୍ରକାରେ ସଂସ୍ଥାର ୩,୨୩,୯୯୯ ଟଙ୍କା ଆତ୍ମସାତ କରି ଫେରାର ହୋଇଯାଇଥିଲେ। ଏନେଇ ବ୍ରହ୍ମପୁର ସ୍ଥିତ ଉକ୍ତ ସଂସ୍ଥାର ଆଞ୍ଚଳିକ ପରିଚାଳକ ଚନ୍ଦ୍ରକାନ୍ତ ରାଉତ ଦିଗପହଣ୍ଡି ଶାଖା କାର୍ଯ୍ୟାଳୟରେ ପହଞ୍ଚି କ୍ୟାସ ବୁକ୍ ଏବଂ ଲକର ପ୍ରଭୃତି ତନଖି କରିବା ପରେ ଶାଖା ପରିଚାଳକଙ୍କ ସମେତ ଅବସ୍ଥାପିତ ଅନ୍ୟ ୩ କର୍ମଚାରୀ ସଂସ୍ଥାର ଆଦାୟ କରାଯାଇଥିବା ଟଙ୍କା ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟକୁ ସେ ଏନେଇ ଅବଗତ କରିବା ପରେ ଗତ ମାର୍ଚ୍ଚ ୧୬ରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଦିଗପହଣ୍ଡି ପୋଲିସ ଅଭିଯୁକ୍ତମାନଙ୍କୁ ଧରିଥିଲା।

## ଜିଲାସ୍ତରୀୟ ଭାରତ ସ୍କାଉଟ୍ସ, ଗାଇଡ୍ସର କ୍ୟାମ୍ପୋରୀ

**ରଣପୁର, ୧।୪(ସ୍ୱ.ପ୍ର.)**

ନୟାଗଡ଼ ଦ୍ୱାରା ରଣପୁର ବିଜ୍ଞାପିତ ପରିଷଦ ଅନ୍ତର୍ଗତ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଚତୁର୍ଥ କ୍ୟାମ୍ପୋରୀ କ୍ୟାମ୍ପ ଶୁକ୍ରବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ପୂର୍ବାହ୍ନରେ ଅନୁଷ୍ଠିତ ଦୁଃଶାସିକ କାର୍ଯ୍ୟକ୍ରମର ଉଦ୍‌ଘାଟନ ସଭାରେ ରଣପୁର ତହସିଲଦାର ଯୁଗଳ କିଶୋର ମିଶ୍ର, ରଣପୁର ଅତିରିକ୍ତ ତହସିଲଦାର ଅବିନାଶ ମାହାର, ଖଣ୍ଡପଡ଼ା ବ୍ଲକ ଶିକ୍ଷା ଅଧିକାରୀ ପ୍ରତାପ କିଶୋର ପଟ୍ଟନାୟକ, ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ନୀଳାମ୍ବର ତ୍ରିପାଠୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଦୟାନିଧି ରାୟଗୁରୁ, ସଙ୍ଗଠନ ସମ୍ପାଦିକା ବନଲତା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରେ ପିଲାମାନେ ବିଭିନ୍ନ ଦୁଃଶାସିକ କାର୍ଯ୍ୟରେ ଭାଗ ନେଇ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଅପରାହ୍ନରେ କ୍ୟାମ୍ପ ଫାୟାର ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ଡ. କାଳି ପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ରାଜ୍ୟ ସମ୍ପାଦକ ଶରତ କୁମାର ପାଇକରାୟ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ନୟାଗଡ ଜିଲା ସମ୍ପାଦକ ପ୍ରକାଶ କୁମାର ଶାନ୍ତ, କ୍ୟାମ୍ପୋରୀ କାମାଣ୍ଡାଣ୍ଟ ଡ. ପ୍ରଶାନ୍ତ କୁମାର ମିଶ୍ର, ସଙ୍ଗଠନ ସମ୍ପାଦିକା ତଥା ରଣପୁର ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ସ୍କାଉଟ୍ସ ଏବଂ ଗାଇଡ୍ସର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରାମ୍ପ ଶୋ, ବିଭିନ୍ନ ପାରମ୍ପରିକ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବସନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ, ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସ୍କାଉଟ୍ସ ଓ ଗାଇଡ୍ସ ଶିକ୍ଷୟତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



କ୍ୟାମ୍ପୋରୀରେ ଯୋଗ ଦେଇଥିବା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପିଲାମାନେ।

## ଦାରିଙ୍ଗବାଡ଼ି ଆଇଆଇସିଙ୍କୁ ସମ୍ବର୍ଦ୍ଧନା

**ଦାରିଙ୍ଗବାଡ଼ି,୧।୪(ଡି.ଏନ.ଏ) :** ଉତ୍କଳ ଦିବସ ଏବଂ ୮୭ ତମ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟରେ ପ୍ରାୟ ୧୦୦ ପୋଲିସ ଅଫିସର, କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝିଙ୍କୁ ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ କରାଯାଇଛି। କଟକରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଜିପି ସୁନୀଲ କୁମାର ବଂଶଲଙ୍କ ହାତରୁ ଆଇଆଇସି ମାଝିଙ୍କୁ ସମ୍ବର୍ଦ୍ଧନା ସହ ମାନପତ୍ର ପ୍ରଦାନ କରାଯାଇଛି । ଏହି ଦିବସରେ ଡିଜିପିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଦାରିଙ୍ଗବାଡ଼ି ଥାନାର ପ୍ରଥମ ପୋଲିସ ଅଫିସର ଭାବେ ଆଇଆଇସି ମାଝି ଏହି ସମ୍ମାନ ପାଇଥିବାରୁ ଦାରିଙ୍ଗବାଡ଼ି ଅଞ୍ଚଳ ସମେତ ଥାନା କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି ।

## ରାମଗିରିରେ ଖୋଲିଲା ମିଲେଟ ଟିଫିନ ସେଣ୍ଟର

**ଆର.ଉଦୟଗିରି,୧।୪(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକର ରାମଗିରି ହାଟପଦାଠାରେ ରାମଗିରି ସ୍ଥିତ ଗାୟତ୍ରୀ ମହିଳାମଣ୍ଡଳ ଦ୍ୱାରା ଖୋଲାଯାଇଥିବା ମିଲେଟ ଟିଫିନ୍ ସେଣ୍ଟରକୁ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀ ନାରାୟଣ ଶବର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ନାୟକ, ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ଆର.ଉଦୟଗିରି ସିଡିପିଓ ଆବିଦା ପରୱିନ୍, ବ୍ଲକ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀ, ଓଏଲ୍‌ଏମ୍, ମିଶନ ଶକ୍ତି କର୍ମକର୍ତ୍ତା, ରାମଗିରି ସରପଞ୍ଚ ସମିତା କାର୍ଯ୍ୟୀ, ସରପଞ୍ଚ ରାଜୁ ମାଝୀ, ଗାୟତ୍ରୀ ମହିଳା ମଣ୍ଡଳର ସଭ୍ୟା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଓଡ଼ିଶା ମିଲେଟ୍‌ର ଜିଲା ସଂଯୋଜିକା ସାକ୍ଷୀ ଯସ୍ମିନ ଓ ସ୍କିମ୍ ଅଫିସର ସଂଘମିତ୍ରା ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଚେୟାରମ୍ୟାନ ଓ ବିଡିଓ ଗାୟତ୍ରୀ ମହିଳା ମଣ୍ଡଳକୁ ହାଟପଦା ଠାରେ ବ୍ୟବସାୟ ନିମନ୍ତେ ଏକ ସ୍ଥାୟୀ ରୁମ୍‌ର ବ୍ୟବସ୍ଥା କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶା ମିଲେଟ ମିଶନ ପ୍ରକଳ୍ପ ସହାୟତାରେ କ୍ଷୁଦ୍ରଦାନା ଜାତୀୟ ଶସ୍ୟରୁ ବିଭିନ୍ନ ଖାଦ୍ୟ ଜିନିଷ ପ୍ରସ୍ତୁତ କରି ବ୍ୟବସାୟୀକରଣ କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା ସହ ଯୋଗାଯୋଗ ରକ୍ଷାକରି ମହିଳାମାନଙ୍କର ଆର୍ଥିକ ଉନ୍ନତିକରିବାର ଲକ୍ଷ୍ୟ ରଖାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସୁରକ୍ଷା ସଂଗଠନର ବ୍ଲକ ସଂଯୋଜିକା ସସ୍ମିତା ସ୍ୱାଇଁ, ଅତିରିକ୍ତ ସଂଯୋଜକ ଘନଶ୍ୟାମ ଜେନା ଓ ମା' କୁରେଇଶୁଣୀ ପ୍ରଡ୍ୟୁସର କମ୍ପାନୀର ସିଇଓ ପଣ୍ଡିତ କୁମାର ପାଣିଗ୍ରାହୀ ଆୟୋଜନ କରିଥିଲେ।

## ଏନ୍‌ଡିପିଏସ୍ ଗୋଦାମ ଗୃହ ଉଦ୍‌ଘାଟିତ



ଜିଲାପାଳ ଗୋଦାମକୁ ଉଦ୍‌ଘାଟନ କରୁଛନ୍ତି।

**ଛତ୍ରପୁର ୧।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁରଠାରେ ଏନ୍‌ଡିପିଏସ୍ ଗୋଦାମ ଗୃହକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଉଦଘାଟନ କରିଛନ୍ତି । ଏଠାରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବ୍ରହ୍ମପୁର ଅବକାରୀ ଜିଲାରୁ ୪ ଜିଲାରୁ ଉଭୟ ଅବକାରୀ ଓ ପୋଲିସ ଜବତ କରୁଥିବା ଗଞ୍ଜେଇ, ଅଫିମ ଓ ଡ୍ରଗ୍ସ ଜାତୀୟ ମାଦକ ଦ୍ରବ୍ୟ ରଖାଯିବ। ପୂର୍ବରୁ ଏସବୁ ବିଭିନ୍ନ ଥାନା ଓ ଅବକରୀ ବିଭାଗର ମାଲଖାନାରେ ରଖି କୋର୍ଟରେ ଦାଖଲ କରିବାରେ ଅସୁବିଧା ହେଉଥିଲା। ବର୍ତ୍ତମାନ ଏହି ସମସ୍ୟା ଦୂରୀଭୂତ ହେବ। ଉଦଘାଟନୀ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଉପଆୟୁକ୍ତ ତଥା ଗଞ୍ଜାମ ଅବକାରୀ ଅଧିକ୍ଷକ ରାଜେନ୍ଦ୍ର ଭଦ୍ରା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏନ୍‌ଡିପିଏସ୍ ଗୋଦାମ ଗୃହରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିଲାଗି ୪ ଜଣ ସୁରକ୍ଷା କର୍ମୀ ମୁତୟନ ଅଛନ୍ତି। ଅବକାରୀ ଓ ପୋଲିସ ବିଭାଗର ଜଣେ ଲେଖାଏ ଡ଼ିଏସପି ଏହି ଗୋଦାମ ଗୃହର ତଦାରଖ କରିବେ। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗୋଦାମ ଗୃହରେ ଡବଲ ଲକ ପଡ଼ିବ। ସେଠାରେ ସିସି କ୍ୟାମେରା ବ୍ୟବସ୍ଥା ମଧ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲୀନ କୁମାରୀ ଖେସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଠାକୁର ପ୍ରସାଦ ପାତ୍ର, ବ୍ରହ୍ମପୁର ଅବକାରୀ ଜିଲା ଅଧିକ୍ଷକ ରମେନ୍ଦ୍ର ନାରାୟଣ ନାୟକଙ୍କ ସମେତ ପୋଲିସ ଓ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା କର୍ମଶାଳା

**ଫୁଲବାଣୀ ଅଫିସ, ୧।୪**

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ବିଭାଗ କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦୁଲ ଯାଦବ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଯୋଗଦେଇ ମାଛ ଚାଷ କରି କିପରି ସ୍ୱାବଲମ୍ବୀ ହୋଇପାରିବା ତାହା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବୈଜ୍ଞାନିକ ସଂଘମିତ୍ରା ବିଶ୍ୱାଳ ମାଛ ଚାଷର ପ୍ରଣାଳୀ ଓ ଏହାକୁ କେଉଁ ପଦ୍ଧତିରେ ଚାଷ କଲେ ଭଲ ଉତ୍ପାଦନ ହୋଇପାରିବ ସେ ନେଇ ସୂଚନା ଦେଇଥିଲେ। ବ୍ରହ୍ମପୁର ମତ୍ସ୍ୟ ବିଭାଗ ସହକାରୀ ନିର୍ଦ୍ଦେଶକ ହେମନ୍ତ କୁମାର ଦାସ ଓ ଏନ୍‌ସିଡିସିର ପରାମର୍ଶଦାତା ପ୍ରତାପ କୁମାର ଷଡଙ୍ଗୀ ଉପସ୍ଥିତ ରହିଥିଲେ। କ୍ଷେତ୍ରୀୟ ନିର୍ଦ୍ଦେଶକ ଯାଦବ କନ୍ଧମାଳ ଜିଲା ଆକାଂକ୍ଷା ଜିଲାରେ ଆସୁଥିବାରୁ ଏହି ଜିଲାରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା କାର୍ଯ୍ୟକାରୀ କରାଯାଇ କିଭଳି ଚାଷୀ ମାନେ ଉପକୃତ ହେବେ ସୂଚନା ପ୍ରଦାନ କରିଥିଲେ। ଫିସ ଫାର୍ମର ପ୍ରଡ୍ୟୁସର ସଂସ୍ଥା ଏହି ଯୋଜନାରେ ୩୫ ଲକ୍ଷ ପର୍ଯ୍ୟନ୍ତ ସବସିଡ଼ି ନେବାର ବ୍ୟବସ୍ଥା ରହିଛି। କାର୍ଯ୍ୟକର୍ମରେ ଜିଲାର ୧୨ ବ୍ଲକର ୩୦୦ରୁ ଊର୍ଦ୍ଧ୍ୱ ଚାଷୀ, ଗୋଷ୍ଠୀମାନେ ଯୋଗ ଦେଇଥିଲେ।

## ହିତାଧିକାରୀଙ୍କୁ କିରୋସିନ ମିଳୁ ନ ଥିବା ଅଭିଯୋଗ

**କବିସୂର୍ଯ୍ୟନଗର,୧।୪(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବ୍ଲକ ବୁଢ଼ାମ୍ବ ପଞ୍ଚାୟତରେ ହିତାଧିକାରୀଙ୍କୁ ଦିଆଯାଉନି କିରୋସିନ। କାହାକୁ ଦୁଇ ମାସର ମିଳିନି ତ ଆଉ କାହାକୁ ପାଞ୍ଚ ମାସର ମିଳିନି। ପଞ୍ଚାୟତକୁ କିରୋସିନଆସୁଛି କିନ୍ତୁ ଲୋକଙ୍କୁ ଦିଆଯାଉନି ବୋଲି ଲୋକେ ଅଭିଯୋଗ କରିଛନ୍ତି। ବୁଢ଼ାମ୍ବ ପଞ୍ଚାୟତ ଚମ୍ପେଇତପୁର ଗାଁରେ ଲୋକଙ୍କ ପାଖରେ କାର୍ଡ ଅଛି। ଚାଉଳ, ଗହମ ଦେଉଥିବା ଲେଖା ହୋଇଛି। କିନ୍ତୁ କିରୋସିନ ଆସିଲେ ଦିଆଯିବ ବୋଲି ପଞ୍ଚାୟତରେ କୁହାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ଲୋକେ ଅପେକ୍ଷା କରିଥିଲେ କିରୋସିନ ମିଳିବ। କିନ୍ତୁ ମିଳିଲା ନାହିଁ। ଟଙ୍କା ଜମା କରାଯାଇଛି ହେଲେ ୨ ମାସର କିରୋସିନ ଦିଆଗଲା ନାହିଁ ବୋଲି ଲୋକେ କହିଛନ୍ତି। ଯୋଗାଣ ଅଧିକାରୀ ନିଖିଳ ମୋହନ ବଡ଼ିଆଙ୍କୁ ପଚାରିବାରୁ ଦର ବୃଦ୍ଧି ଯୋଗୁ କିରୋସିନ ଉଠାଯାଉନି ବୋଲି କହୁଛନ୍ତି।

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ସମାରୋହ

**ଛତ୍ରପୁର/ଭଞ୍ଜନଗର/ଆସିକା/ପୋଲସରା/ଗୋପାଳପୁର/ବୁଗୁଡ଼ା/ପାରଳାଖେମୁଣ୍ଡି/କାଶୀନଗର/ଜି.ଉଦୟଗିର,୧।୪(ଡି.ଏନ.ଏ)**

ଛତ୍ରପୁରସ୍ଥିତ ସଂସ୍କୃତି ଭବନଠାରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗଞ୍ଜାମ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳନ କରାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଯୋଗଦେଇ ଓଡିଶାର ବରପୁତ୍ରମାନଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଉତ୍କଳ ଆଶ୍ରମର ସମ୍ପାଦକ ଡଃ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭଞ୍ଜନଗର ବ୍ଲକ ଏବଂ ଏନ୍‌ଏସିର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି।





ପାରଳାଖେମୁଣ୍ଡିଠାରେ ଓଡିଶା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ।

ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଡିଓ ଅନିଲ କୁମାର ସେଠୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତୀବାସ ବିଶାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ସଭାକୁ ସଂଯୋଜନା କରିଥିଲେ। ସେହିଭଳି କେଏସ୍‌ୟୁବି କଲେଜରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଭଞ୍ଜ ଗବେଷକ ଡଃ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆସିକା ବ୍ଲକ ସଭାକକ୍ଷରେ ବିଡିଓ ରୋସନ ଶତପଥୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ସେହିପରି ଏନଏସି ପକ୍ଷରୁ ବାଣୀବିହାରସ୍ଥିତ କଲ୍ୟାଣ ମଣ୍ଡପଠାରେ ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ପାଳିତ ହୋଇଥିଲା । ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଉଭୟ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଓ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ବ୍ଲକରେ ଆୟୋଜିତ ଉତ୍ସବରେ ଉଲ୍ଲେଖନୀୟ କାର୍ଯ୍ୟଲାଗି ବ୍ଲକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ପୋଲସରା ବ୍ଲକରେ ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍କଳ ଦିବସରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଏସ.ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ କୁମାର ପାତ୍ର, ବିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ବୁଗୁଡ଼ାରେ ମଧ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ପାରାଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଯୋଗଦେଇଥିଲେ। କାଶୀଗନଗର ବ୍ଲକ ଶିକ୍ଷାଧିକାରୀ ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଲକ୍ଷ୍ମୀପ୍ରସାଦ ସାହୁ, ତହସିଲଦାର ସୀମାଞ୍ଚଳ ମହାନ୍ତି, ବ୍ଲକ ଅଧ୍ୟକ୍ଷା ବାଲା ସାୟାଆମ୍ମା ଯୋଗଦେଇଥିଲେ। ଜି.ଉଦୟଗିରରେ ଅତିରିକ୍ତ ଉପ ଜିଲାପାଳ କାର୍ଯ୍ୟାଳୟ ପରିସରରେ ସୂଚନା ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏନଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଜୁ ପକ୍କାଘର ଆବଣ୍ଟନକୁ ଅଣଦେଖା

**ନୟାଗଡ଼ ଅଫିସ,୧।୪**



- ୩ ବର୍ଷ ହେଲା ନୟାଗଡ଼ ଜିଲାର ନାଁ ନାହିଁ
- ଗରିବ ବାସହୀନଙ୍କୁ ଉପହାସ
- ଭଙ୍ଗାଘରେ ଝୁଲୁଛି କେବଳ ଫଳକ

ବିଜୁ ପକ୍କା ଘର ଆବଣ୍ଟନରେ ନୟାଗଡ଼ ଜିଲା ପରି ରାଜ୍ୟର ୧୫ ଜିଲାକୁ କ୍ରମାଗତ ଭାବେ ଉପେକ୍ଷା କରାଯାଇଛି। ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଡାଟାବେଶ ପରସଂଖ୍ୟାନରୁ ଏପରି ତଥ୍ୟ ଜଣାପଡ଼ିଛି। ୩ ବର୍ଷରେ ୬,୬୧୮ ପରିବାରକୁ ବିଜୁ ପକ୍କାଘର ଯୋଗାଇବାକୁ ସରକାରୀ ଲକ୍ଷ୍ୟ ଥିଲା। ତେବେ ୩ ବର୍ଷରେ ୩୮୮ ଘର ନିର୍ମାଣ ହୋଇଥିବା ଜଣାପଡ଼ିଛି। ସରକାରୀ ରିପୋର୍ଟକୁ ଅନୁଧ୍ୟାନ କଲେ ଗତ ୩ ବର୍ଷ ଧରି ନୟାଗଡ଼ ଜିଲାକୁ ଅଣଦେଖା କରାଯାଇ ଆସୁଥିବା ଅଭିଯୋଗ ଉଠିଛି। ଯାହାକି ଜିଲାର ମନ୍ତ୍ରୀ, ବିଧାୟକ, ଏମ୍‌ପିଙ୍କର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି। ଏକଥା ଜଣାପଡ଼ିବା ପରେ ଗରିବ, ଖଟିଖିଆ, ବାସହୀନ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ନୟାଗଡ଼ ଜିଲାର କେତେଜଣ ଗରିବଙ୍କ ଘର ସମ୍ମୁଖରେ ବିଜୁ ପକ୍କାଘର ନାମଫଳକ ଝୁଲୁଛି। ହେଲେ ଫଳକ ଲାଗିଥିବା ଘର ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ଘର ନ କରି ଫଳକ ଝୁଲାଇବା ମଧ୍ୟ ଅନ୍ୟପକ୍ଷେ ଅସନ୍ତୋଷର କାରଣ ପାଲଟିଛି।

ଗରିବଗୁରୁବାଙ୍କୁ ମାଗଣାରେ ଘର ଯୋଗାଇବା ପାଇଁ ଗ୍ରାମୀଣ ଗୃହ ଯୋଜନା ସରକାର କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ବିଜୁ ପକ୍କାଘର ବ୍ୟବସ୍ଥା କରିଥିବାବେଳେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିଛନ୍ତି। ହେଲେ ଗରିବଙ୍କ ପାଖରେ ଆବାସ ଯୋଜନା ଅପହଞ୍ଚ ହୋଇ ରହୁଛି ବୋଲି ଅଭିଯୋଗ ହୋଇଆସୁଛି। ଏଭଳିସ୍ଥଳେ ରାଜ୍ୟ ସରକାରଙ୍କର ୨୦୧୯-୨୦ ଆର୍ଥିକ ବର୍ଷରେ ୯୧୯, ୨୦୨୦-୨୧ରେ ୨୩୯୦ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୩୩୦୯ ଜଣଙ୍କୁ ବିଜୁ ପକ୍କାଘର ଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ତେବେ ଏହି ତାଲିକାରେ ନୟାଗଡ଼ ଜିଲା ପାଇଁ ୩ ବର୍ଷରେ ଆଦୌ ବିଜୁ ପକ୍କାଘର ମଞ୍ଜୁର ହୋଇନାହିଁ। ସେହିପରି ଅନୁଗୋଳ, ବାଲେଶ୍ୱର, ଦେବଗଡ, ଢେଙ୍କାନାଳ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡା, କନ୍ଧମାଳ, ଖୋର୍ଦ୍ଧା, ରାୟଗଡ଼ା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ ପରି ୧୫ ଜିଲାକୁ ମଧ୍ୟ ବିଜୁ ପକ୍କାଘର ଆବଣ୍ଟନ କରାଯାଇନି। ପୁରୀ ଜିଲା ପାଇଁ ୩ ବର୍ଷରେ ୨ଟି ବିଜୁ ପକ୍କାଘର ଆବଣ୍ଟନ ହୋଇଛି। ନବରଙ୍ଗପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି ଓ କଟକ ଜିଲା ପାଇଁ ୩ ବର୍ଷରେ ୨ଟି ଲେଖାଏ ଗୃହ ପ୍ରଦାନ କରାଯାଇ ସନ୍ତୁଷ୍ଟ କରାଯାଉଛି। ଗଞ୍ଜାମ ଜିଲା ୩ ବର୍ଷରେ ୭ଟି ପାଇଛି। ଅନ୍ୟ ଜିଲାଗୁଡିକରେ ଅଧିକ ସଂଖ୍ୟକ ବିଜୁ ପକ୍କାଘର ଆବଣ୍ଟନ କରାଯାଇଛି। ସବୁଠାରୁ ଅଧିକ ବିଜୁପକ୍କା ଘର ନୂଆପଡ଼ା ଜିଲା ପାଇଛି। ଏହି ଜିଲା ୩ ବର୍ଷରେ ୪୦୪୦ ବିଜୁ ପକ୍କାଘର ପାଇଛି। ସରକାରଙ୍କର ଏହି ତଥ୍ୟ ପ୍ରଘଟ ପରେ ସାଧାରଣ ଲୋକ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ନୂଆଗାଁର ରାଘବ ନାୟକ, ଦଶପଲ୍ଲାର ଉଦ୍ଧବ ପ୍ରଧାନ, ରଣପୁରର ଶାରଙ୍ଗ ସ୍ୱାଇଁ, ଓଡ଼ଗାଁର ବିମଳ ସାହୁ କୁହନ୍ତି, ବିଜେଡି ସରକାରଙ୍କର ୫ମ ପାଳିରେ ଏପରି ତ୍ରୁଟି ନଜରକୁ ଆସିଛି। ଯାହାକି ଗରିବଙ୍କ ପାଇଁ ଉପହାସ। ଯୋଜନା ଥାଇ ଗରିବଙ୍କୁ ଘର ମିଳୁନି। ସରକାର ଏପରି ଅଣଦେଖା କରିବା ନୟାଗଡ଼ ଜିଲା ପାଇଁ ଠିକ୍ ନୁହେଁ ବୋଲି କହିଛନ୍ତି।



ଭଙ୍ଗା ଘରେ ଲାଗିଛି ବିଜୁ ପକ୍କାଘର ଫଳକ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ନୂଆଗାଁ, ୧।୪ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ଅଞ୍ଚଳରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖାଲମଡା ଗାଁର ଅମର ନାୟକ (୩୫)। ପୋଲିସ ସୂଚନା ଅନୁସାରେ, ଅମର ଓ ତାଙ୍କ ସ୍ତ୍ରୀ ଦୁହେଁ ମିଶି ଗୁରୁବାର ସନ୍ଧ୍ୟାରେ ଘରଠାରୁ ଅଳ୍ପ ଦୂରରେ ଥିବା ଗୋଡ଼ିବନ୍ଧକୁ ଶୌଚ ହେବାକୁ ଯାଇଥିଲେ। ସ୍ତ୍ରୀ ପୋଖରୀ କୂଳରେ ଠିଆ ହୋଇଥିବା ବେଳେ ଅମର ପ୍ରଥମେ ପୋଖରୀ ମଧ୍ୟରେ ପଶିଥିଲେ। ତେବେ ଅମରଙ୍କର ଗୋଡ ଖସିଯିବାରୁ ପୋଖରୀର ଅଧିକ ପାଣି ଥିବା ସ୍ଥାନରେ ପଡି ଯାଇଥିବା ବେଳେ ଆଉ ବାହାରି ପାରି ନ ଥିଲେ। ସ୍ୱାମୀ ବୁଡି ଯାଉଥିବା ଦେଖି ସ୍ତ୍ରୀ ଚିତ୍କାର କରି ଡାକିବାରେ ଅମରଙ୍କ ଶ୍ୱଶୁରଙ୍କ ସହ ଗ୍ରାମବାସୀ ଯାଇ ପୋଖରୀ ଭିତରୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅମରଙ୍କର ୭ ବର୍ଷର ଝିଅ ଓ ୫ ବର୍ଷର ପୁଅ ଅଛନ୍ତି। ତାଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଶ୍ରୀନୀଳମାଧବ ପୀଠରେ ବାସନ୍ତିକ ଦୁର୍ଗାପୂଜା



**ଖଣ୍ଡପଡ଼ା,୧।୪(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ପୀଠରେ ଶୁକ୍ରବାରଠାରୁ ମା' ବିମଳାଙ୍କ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ପୂଜା ୯ଦିନ ବ୍ୟାପୀ ପାରମ୍ପରିକ ରୀତିରେ ପାଳନ ହେବ। ଏ ଅବସରରେ ଠାକୁରାଣୀଙ୍କ ମହାସ୍ନାନ, ପଞ୍ଚବ୍ରତ ସ୍ନାନ ପରେ ମା'ଙ୍କୁ ନବବସ୍ତ୍ର ଲାଗି କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ଦୟାନିଧି ମିଶ୍ର ପାରମ୍ପରିକ ପୂଜା ରୀତିନୀତି ସମ୍ପନ୍ନ କରିଥିଲେ।

### ଡିଜିପି ଡିସ୍କ ମେଡାଲ ପାଇଲେ ଥାନା ଅଧିକାରୀ

**ନୟାଗଡ ଅଫିସ,୧।୪:** ଜିଲାରେ ଶ୍ରେଷ୍ଠ ଏସ୍‌ଆଇ ଭାବେ ଇଟାମାଟି ଥାନା ଭାରପ୍ରାପ୍ତ ଅଧିକାରୀ ରମେଶ କୁମାର ଦେବତା ସମ୍ବର୍ଦ୍ଧିତ ହୋଇଛନ୍ତି। ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ ତାଙ୍କୁ ପୋଲିସ ପ୍ରତିଷ୍ଠା ଦିବସରେ ପ୍ରଦାନ କରିଛନ୍ତି। ସେହିପରି ଶ୍ରେଷ୍ଠ ଡିଜିପ ଡିସ୍କ ମେଡାଲ ଡିଜିପିଙ୍କଠାରୁ ମଧ ଅନୁରୂପ ଭାବେ ପାଇଛନ୍ତି।

## ଶ୍ରୀଅରବିନ୍ଦଙ୍କ ଅତିମାନସ ଚେତନା ଜାଗରଣ ଯାତ୍ରା

**ଓଡଗାଁ,୧।୪ (ସ୍ୱ.ପ୍ର.)**

ଭାରତ ସ୍ୱାଧୀନତାର ଅଗ୍ରଦୂତ, ଶିକ୍ଷାବିତ୍ ମହଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଅତିମାନସ ଚେତନା ଜାଗରଣ ରଥ ନୟାଗଡ଼ ଜିଲା ପରିକ୍ରମା କରିଥିଲା। ବୁଧବାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଗୁରୁବାର କୁରାଳସ୍ଥିତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପହଞ୍ଚ ଥିଲା। ଉକ୍ତ ରଥକୁ ଓଡ଼ଗାଁଠାରେ ଶିକ୍ଷକେନ୍ଦ୍ର କର୍ମକର୍ତ୍ତା, କୁରାଳଠାରେ ସରପଞ୍ଚ ବିଜନ କୁମାର ପାଇକରାୟ ସ୍ୱାଗତ କରିଥିଲେ। ସର୍ବଶ୍ରୀ ସାଧକ ବିପିନାନନ୍ଦ ମିଶ୍ର, ପ୍ରଫୁଲ୍ଲ କୁମାର ମିଶ୍ର, ଭାଗୀରଥି ମହାପାତ୍ର, ସୁନିଲ କୁମାର ପୃଷ୍ଟି, ପୁଷ୍ପାଞ୍ଜଳି ସାହୁ, ସୁକାନ୍ତ ଭାଇ, ଶିବ ଭାଇଙ୍କ ସହ ଅନ୍ୟ ସାଧିକାସାଧକ ଗଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଶାସନ, ଜନପ୍ରତିନିଧି, ଶିକ୍ଷାକେନ୍ଦ୍ର ଅପା ଭାଇ, ପାଠଚକ୍ର ସଭ୍ୟାସଭ୍ୟ, ଜନସାଧାରଣଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ସମ୍ବର୍ଦ୍ଧନା କମିଟି ପକ୍ଷରୁ ଓଡ଼ଗାଁ ବ୍ଲକ ଆବାହକ ସୁକାନ୍ତ ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପ୍ଲାଟିନମ୍ ଜୁବିଲି ପାଇଁ ମଶାଲ ଶୋଭାଯାତ୍ରା

**ଖଣ୍ଡପଡ଼ା,୧।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ସର୍ବପୁରାତନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉତ୍ସବ ୨ରୁ ଆରମ୍ଭ ହୋଇ ୪ ତାରିଖରେ ଉଦ୍‌ଯାପିତ ହେବ। ପ୍ଲାଟିନମ ଜୁବିଲି ଉତ୍ସବ ପାଳନର ଅବ୍ୟବହିତ ପୂର୍ବରୁ ଓଡ଼ିଶା ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିସରରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠାନର ଛାତ୍ରୀଛାତ୍ର, ପୁରାତନ ଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ପ୍ଲାଟିନମ୍ ଜୁବିଲି ପାଳନ କମିଟିର କର୍ମକର୍ତ୍ତା ଓ ମୋ ସ୍କୁଲ ଅଭିଯାନର ସଦସ୍ୟମାନେ ସମିଲ ହୋଇଥିଲେ। ସହରର ବଜାର ଓ ରଥଗଡା ଛକରେ ଅବସ୍ଥିତ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ମଶାଲ ଶୋଭାଯାତ୍ରା ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ପ୍ଲାଟିନମ୍ ଜୁବିଲି ଉତ୍ସବ ପାଳନର ବାର୍ତ୍ତା ନେଇ ଅୟୋଜିତ ମଶାଲ ଶୋଭାଯାତ୍ରାରେ ସମସ୍ତେ ସାମିଲ ହୋଇଥିଲେ। ସହର ପରିକ୍ରମା କରିସାରିବା ପରେ ମଶାଲ ଧରି ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ଉତ୍ସବ ପାଳନର ପ୍ରଥମପର୍ବ ମଶାଲ ଶୋଭାଯାତ୍ରା ପୁରାତନ ଛାତ୍ରଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି। ଅପରପକ୍ଷେ ପ୍ଲାଟିନମ୍ ଜୁବିଲି ପାଳନ ନେଇ ନୂଆ ରୂପରେ ବିଦ୍ୟାଳୟଟି ଶୋଭା ପାଉଥିବାରୁ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।



ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

# ପୋଲିସ ପ୍ରତିଷ୍ଠା ଦିବସ

**ନୟାଗଡ଼ ଅଫିସ,୧।୪**

ନୟାଗଡ଼ ଜିଲା ପୋଲିସ ପକ୍ଷରୁ ରିଜର୍ଭ ପୋଲିସ ପଡ଼ିଆରେ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ନୟାଗଡ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ପାରେଡ ଅଭିଭାଦନ ଗ୍ରହଣ କରିଥିଲେ। ଅନ୍ୟପକ୍ଷେ ଏସ୍‌ପି ନିଜ ବାର୍ତ୍ତା ପଠିବା ସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ଶାନ୍ତି ଓ ଶୃଙ୍ଖଳା ପାଇଁ ପୋଲିସ ବାହିନୀ କାମ କରୁଛନ୍ତି। କର୍ତ୍ତବ୍ୟ ସମ୍ପାଦନା ସମୟରେ ଶହୀଦ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଗରୀବ ଲୋକ, ମହିଳା, ଶିଶୁଙ୍କୁ ନ୍ୟାୟ ଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ପୋଲିସ ପ୍ରଶାସନ ଉପରେ ଲୋକଙ୍କ ଭରସା ରହୁ। ପୋଲିସ ବାହିନୀକୁ ଆଦର୍ଶ ଜାତୀୟ ସଙ୍ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ସହଯୋଗ ଲୋଡିଥିଲେ। ଏଥିରେ ମହୀପୁର ଫାଣ୍ଡିର ଶରତ ଚନ୍ଦ୍ର ବେହେରା, ରିଜର୍ଭ ଅଫିସ ନୟାଗଡ଼ର ସର୍ବେଶ୍ୱର ମଙ୍ଗରାଜ, ପ୍ରତିମା ରାଉତ ଓ ସନ୍ତୋଷ କୁମାର ବେହେରା, ଟ୍ରାଫିକ କନଷ୍ଟେବଲ ପ୍ରମୋଦ କୁମାର ପଟ୍ଟନାୟକଙ୍କୁ ଶ୍ରେଷ୍ଠ ପୋଲିସ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ନୟାଗଡ଼ ଟାଉନ ଥାନାର ସବ୍‌ଇନ୍ସପେକ୍ଟର ଧର୍ମେନ୍ଦ୍ର ସିଆଳ, ଚାନ୍ଦପୁର ଥାନାର ସବ୍‌ଇନ୍ସପେକ୍ଟର ଅଞ୍ଜଳି ସା, ଓଡ଼ଗାଁ ଆଦର୍ଶ ଥାନାର ସବ୍‌ଇନ୍ସପେକ୍ଟର ସ୍ନେହଲତା ପ୍ରଧାନ, ଇଟାମାଟି ଥାନାର ସବ୍ ଇନ୍ସପେକ୍ଟର ପ୍ରମୋଦ କୁମାର ବେହେରା, ନୟାଗଡ଼ ସଦର ଥାନାର ସବ୍‌ଇନ୍ସପେକ୍ଟର ରାଜେନ୍ଦ୍ର କହଁର, ରଣପୁର ଥାନାର ସବ୍‌ଇନ୍ସପେକ୍ଟର ବିଶ୍ୱଭୂଷଣ ସିଂ, ରିଜର୍ଭ ଅଫିସ ନୟାଗଡ଼ର ଅତିରିକ୍ତ ସବ୍‌ଇନ୍ସପେକ୍ଟର ସୀମାଞ୍ଚଳ ନାୟକ, ଡିଆଇବିର ସହକାରୀ ସବ୍‌ଇନ୍ସପେକ୍ଟର ଅକ୍ଷୟ ପ୍ରଧାନଙ୍କୁ ଏସ୍‌ପି ଅନୁରୂପ ଭାବେ ସମ୍ବର୍ଦ୍ଧିତ କରିଥିଲେ।



ପରେଡରେ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୧।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତର ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ(ଖ)ରେ ଶିକ୍ଷାଦାନ କରି ଅବସର ନେଇଥିବା ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡାଙ୍କୁ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅୟୋଜିତ ସଭାରେ ଶିକ୍ଷାବିତ୍ ଭଗବାନ ଦାଶ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଆରସିସି ରବୀନ୍ଦ୍ର କୁମାର ରାଉତରାୟ, ଏବିଓ କଳିଙ୍ଗ ଚନ୍ଦ୍ର ନାୟକ। ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନଙ୍କ ସମେତ ଶିକ୍ଷୟତ୍ରୀଶିକ୍ଷକ ଯୋଗଦେଇ ଶିକ୍ଷକ ପଣ୍ଡା ଏକାଧାରରେ ଜଣେ ଶିକ୍ଷାବିତ୍, ସାମାଜିକ କର୍ମୀ, ସଙ୍ଗଠକ ସହ ନୟାଗଡ଼ ଜିଲାର ଏକମାତ୍ର ବୌଦ୍ଧପୀଠ ଯୋଗିଆଣୀ ପ୍ରର୍ଯ୍ୟଟନ ପୀଠର ବିକାଶ ତଥା ଉନ୍ନତି ଦିଗରେ ତାଙ୍କର ପ୍ରୟାସ ପ୍ରସଂଶନୀୟ ବୋଲି ମତ ଦେଇଥିଲେ। ଶିକ୍ଷକ ଶେଷଦେବ ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ରବୀନ୍ଦ୍ର ନାୟକ ଧନ୍ୟବାଦ ଜଣାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପଣ୍ଡାଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ରାକମାରେ ଖୋଲିଲା ଅଧ୍ୟୟନ କେନ୍ଦ୍ର



**ନୟାଗଡ଼ ଅଫିସ ,୧।୪**

ନୟାଗଡ ଜିଲା ଭାପୁର ବ୍ଲକ ରାକମା ପଞ୍ଚାୟତକୁ ଶିଶୁ ସୈନିକ ତଥା ଶିଶୁ ଉପଯୋଗୀ ପଞ୍ଚାୟତ ଗଠନ ପାଇଁ ଓଡ଼ିଶା ଦିବସରେ ଅଧ୍ୟୟନ କେନ୍ଦ୍ର ଖୋଲିଛି। ଶିକ୍ଷା ହେଉଛି ଆଲୋକ ବର୍ତ୍ତିକା, ଶିକ୍ଷା ସ୍ୱଜନଶୀଳତାର ଅଙ୍ଗ, ଶିକ୍ଷା ହେଉଛି ମଣିଷର ତୃତୀୟ ନୟନ। ଶିକ୍ଷାବିନା ଜୀବନରମାନେ କିଛି ନାହିଁ ଜୀବନ ଅନ୍ଧକାର ପୂର୍ଣ୍ଣ। ଓଡ଼ିଶା ଦିବସ ଉପଲକ୍ଷେ ସେଚ୍ଛାସେବୀ ଅନୁଷ୍ଠାନ ଆକ୍ସନ ଏଡର ଓ ଇନିସେଫ୍ ନୟାଗଡ଼ ଓ ମହିଳା ଶିଶୁ ବିଭାଗ ଭାପୁରର ସହଭାଗୀତାରେ ରାକମାଠାରେ ଏକ ଅଧ୍ୟୟନ କେନ୍ଦ୍ର ଖୋଲିଲା। ଅଧାରୁ ପାଠ ଛାଡୁଥିବା ଗରିବ ଅସହାୟ ଓ ହରିଜନ ଆଦିବାସୀ ପିଲାମାନଙ୍କୁ ପାଠ ପଢାଇ ଶିକ୍ଷିତ ମଣିଷ କରିବା ଏହାର ମୂଳଲକ୍ଷ୍ୟ। ଉକ୍ତ ଉଦ୍‌ଘାଟନ ଉତ୍ସବରେ ରାକମା ପଞ୍ଚାୟତର ସରପଞ୍ଚ ସନ୍ତୋଷୀ ବେହେରା, ୱାର୍ଡମେମ୍ବର ପିଙ୍କି ବେହେରା, ଆକ୍ସନ ଏଡର ଭାପୁର ବ୍ଲକ ସଂଯୋଜକ ସୁରେଶ ଚନ୍ଦ୍ର ସ୍ୱାଇଁ ଓ ସ୍ୱାସ୍ଥ୍ୟ ସେବୀ ଅଶାନ୍ତି ଉକ୍ତ ପିଲାମାନଙ୍କ ନାମ ଲେଖାଇ ଥିଲେ। ପ୍ରଥମ ଦିନର ଅଧ୍ୟୟନ କେନ୍ଦ୍ରରେ ପ୍ରାୟ ୨୦ ଜଣ ଗରିବ ଅସହାୟ ପିଲା ପାଠ ପଢିବାକୁ ଆଗ୍ରହ ପ୍ରକାଶ କରି ନାମ ଲେଖାଇଥିଲେ। ପିଲାମାନଙ୍କୁ ପାଠ ପଢାଇବା ପାଇଁ ଜଣେ ଶିକ୍ଷିତ ଯୁବକ ଦାଶରଥି ବେହେରାଙ୍କୁ ସମସ୍ତଙ୍କ ସର୍ବସମ୍ମତିକ୍ରମେ ନିଯୁକ୍ତି ଦିଆଯାଇଥିଲା। ରାକମା ଗାଁର ଅଙ୍ଗନବାଡି କର୍ମୀ ନମିତା ପାଟଯୋଶୀ ଓ ସସ୍ମିତା ବେହେରା ସହଯୋଗ କରିଥିଲେ।

### ଶିଶୁ ଉପଯୋଗୀ ପଞ୍ଚାୟତ ଗଠନ

ପ୍ରକାଶ ଥାଉକି, ଭାପୁର ବ୍ଲକର ରାକମା ଓ ବାଘୁଆପଲ୍ଲୀ ପଞ୍ଚାୟତକୁ ବାଲ୍ୟ ବିବାହ ମୁକ୍ତ ଓ ଶିଶୁ ସୈନିକ ତଥା ଶିଶୁ ଉପଯୋଗୀ ପଞ୍ଚାୟତ ଭାବେ ଗଠନ କରିବା ପାଇଁ ନିଆଯାଇଛି। ମାର୍ଚ୍ଚ ୨୬ ରେ ଏ ନେଇ ପଞ୍ଚାୟତରେ ଶପଥ ପାଠ କରାଯାଇଥିଲା।

## ମାମୁଡିହରେ ଦୁଇପକ୍ଷ ହାତାହାତି: ୪ ଗିରଫ

**ଆସିକା,୧।୪(ଡି.ଏନ.ଏ.)**

ଆସିକା ଥାନା ଅନ୍ତର୍ଗତ ମାମୁଁଡିହ ଗାଁରେ ଗୁରୁବାର ରାତିରେ ଦୁଇପକ୍ଷ ମଧ୍ୟରେ ହାତାହାତି ହୋଇଥିଲା। ଏ ନେଇ ଶୁକ୍ରବାର ଉଭୟପକ୍ଷ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ପରସ୍ପର ବିରୋଧରେ ମାମଲା ରୁଜୁ କରିଛି। ଗୋଟିଏ ପକ୍ଷର ସଞ୍ଜୟ କୁମାର ନାୟକଙ୍କ ଅଭିଯୋଗକ୍ରମେ ନଂ.୧୫୫/୨୨ରେ ମାମଲା ରୁଜୁ କରାଯାଇ ଚନ୍ଦ୍ରଶେଖର ମହାରଣାଙ୍କୁ ଗିରଫ କରାଯାଇଛି। ସେହିଭଳି ଚନ୍ଦ୍ରଶେଖରଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୧୫୬/୨୨ରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ପୋଲିସ ଗାଁର ସଞ୍ଜୟ, ଅଜୟ ନାୟକ ଓ ରମେଶ ନାୟକଙ୍କୁ ଗିରଫ କରିଛି। ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କହିଛନ୍ତି।

## ଗାଡ଼ି ସହ ୨୨ପେଟି ମଦ ଜବତ

**ନୟାଗଡ଼ ଅଫିସ,୧।୪**

ନୟାଗଡ଼ ସଦର ଥାନା ପୋଲିସ ଶୁକ୍ରବାର ଶିମିଳିସାହି ନିକଟରୁ (ନଂ.ଓଡି୦୨ ଆର ୫୫୨୮) ଟାଟା ଏସସି ଗାଡି ସହ ୧୯୦ ଲିଟର ୪୪୦ ମିଲି ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ବାଣିଗୋଛା ଥାନା ଗଣିକୁମ୍ପା ଗାଁର ଉପେନ୍ଦ୍ର ଭଞ୍ଜ ମଲ୍ଲିକ(୨୬)ଙ୍କୁ ଗିରଫ କରାଯାଇଛି। ଉପେନ୍ଦ୍ରଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ। ଏ ନେଇ ସଦର ଥାନାରେ ନଂ. ୪୨/୨୨ରେ ମାମଲା ରୁଜୁ ହୋଇଛି।

# କଳାହାଣ୍ଡି ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଲା

**ଖଣ୍ଡପଡ଼ା,୧।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ମେଳଣ ପଡିଆରେ ପ୍ରଥମ କରି ୩ ଦିନ ଧରି ଚାଲିଥିବା ଦଶଦୋଳ ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ପୂର୍ବତନ ବ୍ଲକ ଅଧକ୍ଷା ସୀତା ସ୍ୱାଇଁ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ମହୋତ୍ସବ କମିଟିର କର୍ମକର୍ତ୍ତା ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କଳାକାରମାନଙ୍କ ଦ୍ୱାରା କଳାହାଣ୍ଡି ଲୋକନୃତ୍ୟ ପରିବେଷଣ ପରେ ଶିଶୁ କଳାକାର ପ୍ରିୟାଂଶୀ ନୃତ୍ୟ ଓ ଗୀତ ପରିବେଷଣ କରି ଦର୍ଶକଙ୍କ ମନ ଜିଣି ପାରିଥିଲେ। ପରେ ସୁରତାଳ ମେଲୋଡି ଗ୍ରୁପ ଭୁବନେଶ୍ୱରର କଳାକାରମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଧୁନିକ ଗୀତ ପରିବେଷଣ କରିଥିଲେ। ଅଞ୍ଚଳବାସୀଙ୍କ ସହଯୋଗ, ସ୍ନେହ ଓ ଶ୍ରଦ୍ଧାକୁ ପାଥେୟକରି ପ୍ରତିବର୍ଷ ଦଶଦୋଳ ଯାତ୍ରା ଅବସରରେ ମହୋତ୍ସବ ପାଳିତ ହେବ ବୋଲି ଅନୁଷ୍ଠାନ ସଭାପତି ସୁଦର୍ଶନ ସାହୁ ଓ ସମ୍ପାଦକ ଶରତ କୁମାର ସାହୁ ମଞ୍ଚ ଉପରେ ଘୋଷଣା କରିଥିଲେ। କଣ୍ଠଶିଳ୍ପୀ ଅଶୋକ କୁମାର ଗଣ୍ଡିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଦୋଳ ମହୋତ୍ସବରେ କଳାହାଣ୍ଡିର ଲୋକ ନୃତ୍ୟ ପରିବେଷିତ ହେଉଛି।

# ବାଣ ରୋଶଣିରୁ ଆରମ୍ଭ, ଫଗୁଖେଳରେ ଶେଷ

### ଖଳିସାହି ଦଶଦୋଳ ମେଳଣ ଉଦ୍‌ଯାପିତ

**ଖଣ୍ଡପଡ଼ା,୧।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଳିସାହି ଦଶଦୋଳ ମେଳଣ ମଙ୍ଗଳବାର ମଧ୍ୟରାତ୍ରରୁ ବାଣ ରୋଶଣିରେ ଆରମ୍ଭ ହୋଇ ଗୁରୁବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ସହ ଫଗୁ ଖେଳରେ ଶେଷ ହୋଇଛି। ବିଭିନ୍ନ ରଙ୍ଗ ବେରଙ୍ଗ ଫଗୁ ଖେଳରେ ମେଳଣ ପଡିଆ ସହ ମୁଖ୍ୟ ପୂର୍ତ୍ତବିଭାଗ ରାସ୍ତାରେ ହଜାର ହଜାର ଭକ୍ତଙ୍କ ଗହଣରେ ହରିବୋଲ ହୁଳହୁଳି ଧ୍ୱନିରେ ସଂପୃକ୍ତ ଅଞ୍ଚଳ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରକାଶ ଯେ, ଖଳିସାହି ଦଶଦୋଳ ମେଳଣ ପଡିଆଠାରେ ଦଶଦୋଳ ମେଳଣ କମିଟି ଆନୁକୂଲ୍ୟରେ ଗତ ୨୮ ତାରିଖ ମଧ୍ୟରାତ୍ରରୁ ମେଳଣ ଉତ୍ସବ ଆରମ୍ଭ ହୋଇଥିଲା । ପରମ୍ପରା ଅନୁଯାୟୀ ଉକ୍ତ ଉତ୍ସବରେ ଖଳିସାହି ଗ୍ରାମର ସ୍ଥାନାଧିପତି ନୀଳକଣ୍ଠେଶ୍ୱରଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ୨୨ ଠାକୁରଙ୍କ ମେଳଣ ହୋଇଥିଲା। ୭୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ଏଠାରେ ପ୍ରଚଳିତ ପରମ୍ପରା ଅନୁଯାୟୀ ଦୋଳ ପୂର୍ଣ୍ଣମୀର ୧୦ ଦିନ ପରେ ଏହି ଯାତ୍ରା ଆରମ୍ଭ ହୋଇଥାଏ । ଖଳିସାହି ଗ୍ରାମର ସ୍ଥାନାଧିପତି ନୀଳକଣ୍ଠେଶ୍ୱରଙ୍କଠାରୁ ନିମନ୍ତ୍ରଣ ପାଇ ଏହାର ଆଖପାଖ ମର୍ଦ୍ଦରାଜପୁର, ପୁଆଣିଆ, ବୋଦଶା, ସିଙ୍ଘାପଡା, କୋଟପୋଖରୀ, ଖଣ୍ଡୁବନ୍ଧ ଆଦି ଗ୍ରାମର ୨୧ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଦଶଦୋଳ ପଡିଆରେ ଏକତ୍ରିତ ହୋଇଥିଲେ । ଗୁରୁବାର ଅପରାହ୍ନରେ ଠାକୁରଙ୍କ ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଠାକୁରଙ୍କ ପାଖରେ ହୋମ କାର୍ଯ୍ୟ ସମାପନ କରାଯାଇଥିଲା । ସମସ୍ତ ଠାକୁରଙ୍କୁ ସ୍ୱ ସ୍ୱ ବିମାନରେ ଦଶଦୋଳ ପଡିଆ ଚତୁଃପାର୍ଶ୍ୱରେ ୭ ଘେରା ପରିକ୍ରମା କରାଯାଇ ଫଗୁଖେଳ ଆରମ୍ଭ ହୋଇଥିଲା। ପରେ ସମସ୍ତ ବିଗ୍ରହ ନିଜ ନିଜ ଗ୍ରାମକୁ ଫେରିଯାଇଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଠାକୁରମାନଙ୍କ ମେଳଣ ଓ ପ୍ରତ୍ୟାବର୍ତ୍ତନ ଉତ୍ସବ ଦେଖିବାକୁ ସମାଗମ ହୋଇଥିଲେ।



ମେଳଣ ଶେଷ ପରେ ବିମାନରେ ଠାକୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି।